ଧରିତ୍ରୀ 50 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜାନୁଆରୀ ୨୦/୨୦୨୪ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, January 20/2024 | Page 20 | ₹ 7.00 | SAMBALPUR
୫୦ଶ ଭାଗ ୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 58 | ମୂଲ୍ୟ ₹୭/-


# ୨୦ ନାବାଳିକାଙ୍କୁ ଚେଙ୍କ

## ଅନାଥାଶ୍ରମରେ ଓଲଟା ଝୁଲାଇ ଲଙ୍କାଧୂଆଁ ଦେଲେ

**ଇନ୍ଦୋର,୧୯।୧**

ମଧ୍ୟପ୍ରଦେଶର ଇନ୍ଦୋରସ୍ଥିତ ଏକ ଅନାଥାଶ୍ରମରେ ଅନ୍ୟୂନ ୨୦ ନାବାଳିକାଙ୍କୁ ଗରମ ଲୁହାରେ ଚେଙ୍କ ଦିଆଯାଇଛି। ସେମାନଙ୍କୁ ବାନ୍ଧି ଓଲଟା ଝୁଲାଇ ଦିଆଯାଇଥିଲା। ଏପରି କି ୪ରୁ ୧୪ ବର୍ଷର ଅନାଥ ଝିଅମାନଙ୍କୁ ଲଙ୍କାଧୂଆଁ ମଧ୍ୟ ଦିଆଯାଇଥିଲା। ସେମାନେ ଏହି ଅକଥନୀୟ ନିର୍ଯାତନା ସମ୍ପର୍କରେ ସ୍ଥାନୀୟ ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ପ୍ରଘଟ କରିଛନ୍ତି। ଅନାଥାଶ୍ରମର ୫ ମହିଳା କୁନିଝିଅମାନଙ୍କୁ ଦଣ୍ଡ ଦେବାକୁ ଯାଇ ଏପରି ବର୍ବର ଆଚରଣ କରିଥିବା ସିଡବ୍ଲ୍ୟୁସି ଅଭିଯୋଗ କରିଛି। ଅଭିଯୋଗ ଆଧାରରେ ମହିଳାମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଶୁକ୍ରବାର ପୋଲିସ କହିଛି।

ଇନ୍ଦୋରର ବିଜୟନଗର ଅଞ୍ଚଳରେ 'ବାତ୍ସଲ୍ୟପୁରମ୍' ଅବସ୍ଥିତ। ରାଜସ୍ଥାନ ଓ ଗୁଜରାଟରୁ ଉଦ୍ଧାର ହୋଇଥିବା ୨୦ ନାବାଳିକା ସେଠାରେ ରହୁଥିଲେ। ଜଣେ ୪ ବର୍ଷୀୟା ଝିଅ ମଇଳା ପୋଷାକ ପିନ୍ଧିଥିବାରୁ ତାଙ୍କୁ ଅନାଥାଶ୍ରମର ୫ ମହିଳା ମାଡ଼ ମାରିଥିଲେ। ଅନେକ ଘଣ୍ଟା ପର୍ଯ୍ୟନ୍ତ ଗାଧୁଆଘରେ ତାଲା ପକାଇ ରଖିଥିଲେ। ଏପରି କି ତାଙ୍କୁ ୨ ଦିନ ଧରି ଖାଇବାକୁ ମଧ୍ୟ ଦେଇ ନ ଥିଲେ। ଝିଅମାନଙ୍କୁ ଲୁହା ଚେଙ୍କ ଦେଇଥିଲେ। ସେମାନଙ୍କୁ ତଳମୁହାଁ କରି ଝୁଲାଇବା ସହ ଲଙ୍କାଧୂଆଁ ଆଘ୍ରାଣ କରିବାକୁ ବାଧ୍ୟ କରିଥିଲେ। ୨ ଜଣ ଝିଅଙ୍କ ହାତରେ ଚେଙ୍କ ଦେବା ପରେ ଉଭୟଙ୍କ ଦେହରୁ ପୋଷାକ କାଢ଼ି ଦେଇଥିଲେ। ଏପରି କି ନିଆଁରେ ଜାଳିଦେବାକୁ ଧମକ ମଧ୍ୟ ଦେଇଥିଲେ। ୪ ବର୍ଷୀୟା ନିର୍ଯାତିତା ଏସବୁ ସିଡବ୍ଲ୍ୟୁସି ଆଗରେ କହିବା ପରେ ବେଆଇନ ଭାବେ ଚାଲିଥିବା ଉକ୍ତ ଅନାଥାଶ୍ରମକୁ ସ୍ଥାନୀୟ ପ୍ରଶାସନ ଗତ ୧୨ରେ ସିଲ୍ କରିଥିଲା। ୧୭ ତାରିଖ ରାତିରେ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ଏବଂ ଜୁଭେନାଇଲ ଜଷ୍ଟିସ୍ ଆଇନ ବଳରେ ମାମଲା ରୁଜୁ ହୋଇଥିବା ସିଡବ୍ଲ୍ୟୁସି ଅଧ୍ୟକ୍ଷା ପଲ୍ଲବୀ ପୋରୱାଲ କହିଛନ୍ତି। ପୀଡ଼ିତାମାନଙ୍କୁ ମଧ୍ୟପ୍ରଦେଶ ସରକାରଙ୍କ ଦ୍ୱାରା ପରିଚାଳିତ ଶିଶୁ ସୁରକ୍ଷା ଗୃହ ଓ ଅନ୍ୟ ଅନୁଷ୍ଠାନକୁ ସ୍ଥାନାନ୍ତର କରାଯାଇଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। ପ୍ରଶାସନର କାର୍ଯ୍ୟାନୁଷ୍ଠାନକୁ ସମ୍ପୃକ୍ତ ଏନ୍‌ଜିଓ ମଧ୍ୟପ୍ରଦେଶ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛି।












ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁଆରୀ ୨୦/୨୦୨୪ Bhubaneswar, Saturday, January 20/2024


# ରାଜ୍ୟ ସରକାର, ଓପିଏସ୍‌ସିକୁ ନୋଟିସ

### ସୁପ୍ରିମକୋର୍ଟରେ ଏଏସ୍‌ଓ ନିଯୁକ୍ତି ମାମଲା

**ନୂଆଦିଲ୍ଲୀ,୧୯।୧**

ସହକାରୀ ସେକ୍ସନ ଅଫିସର(ଏଏସ୍‌ଓ) ନିଯୁକ୍ତିରେ ଅନିୟମିତତାକୁ ନେଇ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ଆବେଦନକାରୀ ରଜତ ମିଶ୍ରଙ୍କ ସ୍ୱତନ୍ତ୍ର ଲିଭ୍ ପିଟିଶନ (ଏସ୍‌ଏଲ୍‌ପି)କୁ ସୁପ୍ରିମକୋର୍ଟ ଗ୍ରହଣ କରି ଓଡ଼ିଶା ସରକାର ଏବଂ ଓଡ଼ିଶା ଜନସେବା ଆୟୋଗ (ଓପିଏସ୍‌ସି)କୁ ନୋଟିସ ଜାରି କରିଛନ୍ତି। ଓପିଏସ୍‌ସି ଦ୍ୱାରା ପରିଚାଳିତ ଏଏସ୍‌ଓ ଚୟନ ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇ ନ ଥିବା ଗତ ଡିସେମ୍ବର ୨୨ରେ ଓଡ଼ିଶା ହାଇକୋର୍ଟ ତାଙ୍କ ରାୟରେ କହିଥିଲେ। କମିଶନଙ୍କ ଦ୍ୱାରା ପ୍ରକାଶିତ ୧,୧୦୪ ପ୍ରାର୍ଥୀଙ୍କ ମେଧା ତାଲିକାକୁ ହାଇକୋର୍ଟ କାଏମ ରଖିଥିଲେ।

ଓଡ଼ିଶା ସଚିବାଳୟରେ ୭୯୬ ଏଏସ୍‌ଓ ପଦବୀ ପାଇଁ ଓପିଏସ୍‌ସି ପ୍ରସ୍ତୁତ କରିଥିବା ମେଧା ତାଲିକାକୁ ଗତବର୍ଷ ମେ' ୧୯ରେ ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ଖାରଜ କରିଦେଇ ଲିଖିତ ପରୀକ୍ଷା ନମ୍ବର ଆଧାରରେ ସାନି ତାଲିକା ପ୍ରସ୍ତୁତି ଲାଗି ନିର୍ଦ୍ଦେଶ ଦେଇଥିଲେ। ଫଳାଫଳ ନଭେମ୍ବର ୭ରେ ପ୍ରକାଶ ପାଇଥିଲା। ଲିଖିତ ପରୀକ୍ଷାରେ ୧,୧୦୪ ପ୍ରାର୍ଥୀ ଉତ୍ତୀର୍ଣ୍ଣ ହେବା ସହ ସାର୍ଟିଫିକେଟ ଯାଞ୍ଚ ଏବଂ ଦକ୍ଷତା ପରୀକ୍ଷା ପାଇଁ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ ହୋଇଥିଲା। ତେବେ ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଧିକାଂଶ ଆଶାୟୀ ଅଭିଯୋଗ କରିଥିଲେ। ଏପରିକି ପ୍ରତି ଏଏସ୍‌ଓ ପଦବୀ ୧୫ରୁ ୨୦ ଲକ୍ଷ ଟଙ୍କାରେ ବିକ୍ରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ତେବେ ଆଶାୟୀମାନଙ୍କ ଅଭିଯୋଗ ଭିତ୍ତିହୀନ ଓ ମିଥ୍ୟା ବୋଲି ଓପିଏସ୍‌ପି କର୍ତ୍ତୃପକ୍ଷ ଏକ ବିବୃତି ଜରିଆରେ ଜଣାଇଥିଲେ।



# ରାତିରେ ବୁଲି ହେବ ଭରତପୁର ଜଙ୍ଗଲ

### ୨୯ରୁ 'ନକ୍‌ଚରାଲ ଟ୍ରେଲ୍'

**ଭୁବନେଶ୍ୱର, ୧୯।୧(ଅସମାପିକା ସାହୁ)**

ଚନ୍ଦକାରେ ଆରମ୍ଭ ହେବ 'ନକ୍‌ଚରାଲ ଟ୍ରେଲ୍'। ରାତିରେ ଜଙ୍ଗଲ ବୁଲିବାର ମଜା ନେବେ ଲୋକେ। ଚନ୍ଦକା ବନଖଣ୍ଡ ଅଧୀନ ଭରତପୁର ଜଙ୍ଗଲରେ ରାତିରେ ସଫାରି ଚାଲିବ। ଏହା ଆସନ୍ତା ୨୯ ତାରିଖରୁ ଆରମ୍ଭ ହେବ। ପୂର୍ବରୁ ଗୋଡିବାରି ଏବଂ ଭରତପୁରରୁ ଦିନ ସମୟରେ ଜଙ୍ଗଲ ସଫାରି ଚାଲୁଛି। ଏବେ ଭରତପୁରରୁ ରାତିରେ ସଫାରି ଆରମ୍ଭ ହେବ। ଏହା ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ଚାଲିବ। ୮ ସିଟର ଗାଡ଼ିରେ ଏକଘଣ୍ଟା ବୁଲିବା ପାଇଁ ଟିକେଟ ଦାମ୍ ୧ ହଜାର ଟଙ୍କା ରହିଥିବାବେଳେ ଦେଢ଼ଘଣ୍ଟା ପାଇଁ ୧୫ଶହ ଟଙ୍କା ରହିଛି। ଏହି ନାଇଟ ନକ୍‌ଚରାଲ ଟ୍ରେଲ ଦ୍ୱାରା ଛାତ୍ରୀଛାତ୍ର ଓ ରିସର୍ଚ୍ଚ ସ୍କଲାର ଅଧିକ ଉପକୃତ ହେବେ ବୋଲି ବନ ବିଭାଗ ଆଶା ରଖିଛି। ଏଠାରେ ଲୋକେ ହରିଣ, ବାର୍‌ହା, ହାତୀ ଦେଖିପାରିବେ। ଆଗକୁ ବନ ବିଭାଗ ଭରତପୁର ଜଙ୍ଗଲରେ ବାଇସନ ଆଣି ଛାଡ଼ିବାର ଯୋଜନା ରଖିଛି।

**ଆଜିର ସମ୍ପାଦକୀୟ**

**ସମ୍ଭାବ୍ୟ ପ୍ରତିଦ୍ୱନ୍ଦ୍ୱୀ**

# ରଣ ଶୁଝି ନ ପାରି ଜୀବନ ହାରିଲେ ଚାଷୀ

**କାମାକ୍ଷାନଗର,୧୯।୧ (ଅମଜାଦ ଖାନ)**

ଚାଷ ପାଇଁ ଆଣିଥିବା ରଣ ଅର୍ଥ ଶୁଝି ନ ପାରି ଶୁକ୍ରବାର ଜୀବନ ହାରିଛନ୍ତି ଜଣେ ଚାଷୀ। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଖୁରୁସିଆ ଗାଁରେ ଘଟିଛି ଏହି ଅଭାବନୀୟ ଘଟଣା। ମୃତ ଚାଷୀ ହେଉଛନ୍ତି ଗାଁର କେଶବ ମଳିକ। ସୂଚନା ଅନୁଯାୟୀ, କେଶବ ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାରୁ ରଣ ଆଣି ଚାଷରେ ଖର୍ଚ୍ଚ କରିଥିଲେ। କିନ୍ତୁ ନିର୍ଦ୍ଧାରିତ ସମୟରେ ରଣ ବାବଦ କିସ୍ତି ଦେଇପାରୁ ନ ଥିଲେ। ଫଳରେ ବିଭିନ୍ନ ସମୟରେ ଉକ୍ତ ଅର୍ଥଲଗାଣକାରୀ ସଂସ୍ଥା କର୍ମଚାରୀମାନେ ତାଙ୍କ ଘରକୁ ଆସି କିସ୍ତି ଟଙ୍କା ମାଗୁଥିଲେ। ଏହାକୁ ନେଇ ସେ କିଛି ମାସ ଧରି ମାନସିକ ଚାପରେ ଥିଲେ। ଶେଷରେ ରଣ ପରିଶୋଧ କରିବାର ଉପାୟ ନ ପାଇ କେଶବ ପାଇଖାନା ଭିତରେ ରଶି ଲଗାଇ ଝୁଲି ପଡିଥିଲେ। ଖବରପାଇ କାମାକ୍ଷାନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ମେଡିକାଲକୁ ପଠାଇ ଦେଇଛି।

ମୃତ କେଶବଙ୍କ ପୁଅ ସପନ କହିଛନ୍ତି, ୪ଟି ଅର୍ଥଲଗାଣକାରୀ ସଂସ୍ଥାରୁ ରଣ ସହିତ ସ୍ଥାନୀୟ ଲୋକଙ୍କଠାରୁ ଧାର କରଜ କରି ବାପା ଧାନଚାଷ କରିଥିଲେ। ହେଲେ ଭଲ ଅମଳ ନ ହେବାରୁ କରଜ ଶୁଝି ପାରି ନ ଥିଲେ। ଅର୍ଥଲଗାଣକାରୀ ସଂସ୍ଥାର କର୍ମଚାରୀମାନେ ରଣ ଆଦାୟ ପାଇଁ ଆସି ଘର ଆଗରେ ବସି ରହୁଥିଲେ। ତେଣୁ ବାଧ ହୋଇ ବାପା ଆତ୍ମହତ୍ୟା କରିଛନ୍ତି ବୋଲି ପୁଅ ସପନ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। କାମାକ୍ଷାନଗର ଥାନା ଅଧିକାରୀ ଦାୟିତ୍ୱରେ ଥିବା ସର୍ଣ୍ଣଲତା ସାହୁ କହିଛନ୍ତି, ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ। ଚାଷୀ କେଶବଙ୍କ ଆତ୍ମହତ୍ୟା ଖବରପାଇ ଭୁବନ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡ଼ା ମୃତକଙ୍କ ଘରେ ପହଞ୍ଚି ସମବେଦନା ଜଣାଇଥିଲେ। ଭୁବନ ଗୋଷ୍ଠୀ ଉନ୍ନୟନ ଅଧିକାରୀ କଲ୍ୟାଣ ସୌରଭ ଦାସ ମୃତ ଚାଷୀଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିବା ସୂଚନା ମିଳିଛି।

# ଆଣ୍ଟିବାୟୋଟିକ୍ସ ଲେଖିବାର କାରଣ ଦର୍ଶାଇବେ ଡାକ୍ତର

### ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅପିଲ୍

**ନୂଆଦିଲ୍ଲୀ,୧୯।୧**

ଡାକ୍ତରମାନେ ରୋଗୀଙ୍କୁ ଆଣ୍ଟିବାୟୋଟିକ୍ସ ଔଷଧ ଲେଖିବାବେଳେ ପ୍ରେସ୍‌କ୍ରିପ୍‌ଶନରେ ଏହାର କାରଣ ଦର୍ଶାଇବାକୁ ପଡ଼ିବ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏନେଇ ଡାକ୍ତରମାନଙ୍କୁ ଅନୁରୋଧ କରିଛି। ଶରୀରରେ ଆଣ୍ଟିବାୟୋଟିକ୍ ପ୍ରତିରୋଧ କ୍ଷମତା ବଢ଼ୁଛି, ଯାହା ଜନସ୍ୱାସ୍ଥ୍ୟ ପ୍ରତି ଚିନ୍ତାଜନକ। ଏହାକୁ ପ୍ରତିହତ କରିବାକୁ ହେଲେ ଆଣ୍ଟିବାୟୋଟିକ୍ସର ବ୍ୟବହାରକୁ ନିୟନ୍ତ୍ରଣ କରିବାକୁ ହେବ। ଏ ଦିଗରେ ମନ୍ତ୍ରଣାଳୟର ଉଦ୍ୟମ ଏକ ବଡ଼ ପଦକ୍ଷେପ ହୋଇପାରିବ ବୋଲି କୁହାଯାଇଛି। ଆଣ୍ଟିମାଇକ୍ରୋବିଆଲ୍ ଲେଖିବା ସମୟରେ ରୋଗର ପ୍ରକୃତ ଲକ୍ଷଣ ଏବଂ ଉକ୍ତ ଔଷଧ ଲେଖିବାର କାରଣ ଓ ଯଥାର୍ଥତା ସମ୍ପର୍କରେ ଉଲ୍ଲେଖ କରିବା ବାଧ୍ୟତାମୂଳକ ବୋଲି ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକ ଡ. ଅତୁଲ ଗୋଏଲ ମେଡିକାଲ କଲେଜଗୁଡ଼ିକର ସମସ୍ତ ଡାକ୍ତରଙ୍କୁ ପତ୍ର ଲେଖି ଅପିଲ୍ କରିଛନ୍ତି। କେବଳ ଡାକ୍ତର ନୁହନ୍ତି, ଫାର୍ମାସିଷ୍ଟମାନଙ୍କୁ ମଧ୍ୟ ଡ୍ରଗ୍ସ ଏବଂ କସ୍‌ମେଟିକ୍ସ ନିୟମାବଳୀର ଅନୁଚ୍ଛେଦ ଏଚ୍ ଏବଂ ଏଚ୍୧କୁ କାର୍ଯ୍ୟକାରୀ କରିବାକୁ ଏବଂ କେବଳ ବୈଧ ଡାକ୍ତରୀ ଚିଠା ଉପରେ ଔଷଧ ବିକ୍ରି କରିବାକୁ କୁହାଯାଇଛି।



ଆଣ୍ଟିମାଇକ୍ରୋବିଆଲ୍‌ଗୁଡ଼ିକ ପ୍ରତି ପ୍ରତିରୋଧ ଶକ୍ତି ବଢ଼ୁଥିବାରୁ ଏହାକୁ ହ୍ରାସ କରାଇବାରେ ଉକ୍ତ ଔଷଧର ଉଚିତ ବ୍ୟବହାରକୁ ପ୍ରୋତ୍ସାହିତ କରିବାକୁ ହେଲେ ଡାକ୍ତର ଓ ଫାର୍ମାସିଷ୍ଟମାନଙ୍କ ସହଯୋଗ ଆବଶ୍ୟକ ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି।

ଡ୍ରାଗ୍ସ ଆଣ୍ଡ କସ୍‌ମେଟିକ୍ସ ନିୟମାବଳୀ, ୧୯୪୫ ଅନୁଯାୟୀ ଆଣ୍ଟିବାୟୋଟିକ୍ସକୁ ଏଚ୍ ଅନୁଚ୍ଛେଦରେ ରଖାଯାଇଛି, ଅର୍ଥାତ୍ ଏହାର ବିକ୍ରି ପାଇଁ ପଞ୍ଜୀକୃତ ଡାକ୍ତରଙ୍କ ପ୍ରେସ୍‌କ୍ରିପ୍‌ଶନ ଜରୁରୀ। କେତେକ ଦାମୀ ଆଣ୍ଟିବାୟୋଟିକ୍ସକୁ ଏଚ୍୧ ଡ୍ରଗ୍ସ ତାଲିକାରେ ରଖାଯାଇଛି। ନିୟମାବଳୀର ଅନୁଚ୍ଛେଦ ଏଚ୍ ଏବଂ ଏଚ୍୧କୁ କଡ଼ାକଡ଼ି ଅନୁପାଳନ କରି କାଉଣ୍ଟରରେ ବିନା ଡାକ୍ତରୀ ଚିଠାରେ ଆଣ୍ଟିବାୟୋଟିକ୍ସ ବିକ୍ରି ବନ୍ଦ କରିବା ପାଇଁ ଦେଶର ସମସ୍ତ ଫାର୍ମାସିଷ୍ଟଙ୍କୁ ଜରୁରୀ ନିବେଦନ କରାଯାଇଛି।




ଧରିତ୍ରୀ
DHARITRI
50 Years

ଭୁବନେଶ୍ୱର, ଶନିବାର, ଜାନୁଆରୀ ୨୦/୨୦୨୪ | Bhubaneswar, Saturday, January 20/2024


# ୨ ଛାତ୍ରୀଙ୍କୁ ସ୍କୁଲ ମାଲିକଙ୍କ ବଳାତ୍କାର

## ଚାପ କାମ ଦେଲାନି, ୩ ଦିନ ପରେ ଅଭିଯୁକ୍ତ ଗିରଫ

**ରାଜନଗର, ୧୯।୧ (ଭାସ୍କର ରାଉତରାୟ)**

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅନ୍ତର୍ଗତ ଘଡିଆମାଳ ଅଞ୍ଚଳର ଏକ ଘରୋଇ ବିଦ୍ୟାଳୟରେ ୨ ଛାତ୍ରୀଙ୍କୁ ସ୍କୁଲ ମାଲିକ ତଥା ପ୍ରଧାନ ଶିକ୍ଷକ ବଳାତ୍କାର କରିଛନ୍ତି। ୩ ଦିନ ଧରି ଘଟଣାକୁ ଚପେଇ ଦେବା ପାଇଁ ଜଣେ କୁଜିନେତା ଉଦ୍ୟମ କରିଥିଲେ। କିନ୍ତୁ ପରିବାର ଲୋକେ ଚାପରେ ଦବି ନ ଯାଇ ଶେଷରେ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୁକ୍ତ ସ୍କୁଲ ମାଲିକ ପ୍ରଦୀପ ପ୍ରଧାନଙ୍କୁ ଗିରଫ କରିଛି। ଏପରି ଲଜ୍ୟାଜନକ ଘଟଣା ଶିକ୍ଷକ ସମାଜ ପାଇଁ କଳଙ୍କ ବୋଲିଦେଇଛି।

ବଳାତ୍କାରର ଶିକାର ୨ ନାବାଳିକା ଛାତ୍ରୀଙ୍କ ମଧ୍ୟରୁ ଜଣେ ୬ଷ୍ଠ ଏବଂ ଜଣେ ୭ମ ଶ୍ରେଣୀରେ ପଢ଼ନ୍ତି। ସେମାନଙ୍କ ବାପା ରାଜନଗର ଥାନାରେ କରିଥିବା ଅଭିଯୋଗ ମୁତାବକ, ସ୍କୁଲ ମାଲିକ ପ୍ରଦୀପ ପ୍ରଧାନ ଅନେକଥର ଛାତ୍ରୀଦ୍ୱୟଙ୍କ ସହିତ ଖରାପ କାର୍ଯ୍ୟ କରି ଆସିଛନ୍ତି। ସେ ପ୍ରଧାନ ଶିକ୍ଷକ ଥିବାରୁ ଏବଂ ନାନା ଧମକ ଦେଉଥିବାରୁ ପିଲା ଭୟରେ କାହାରିକୁ କିଛି ନ କହି ତାଙ୍କ ଅତ୍ୟାଚାରକୁ ସହିଆସୁଥିଲେ। କିନ୍ତୁ ଗତ ୧୬ ତାରିଖରେ ୨ ପୀଡ଼ିତାଙ୍କୁ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଅନ୍ୟ ଶ୍ରେଣୀଗୃହରେ ନେଇ ବସାଇଥିଲେ। ସେଠାରେ ଅଭିଯୁକ୍ତ ପ୍ରଧାନ ପହଞ୍ଚି ଛାତ୍ରୀଙ୍କ ସମ୍ବେଦନଶୀଳ ସ୍ଥାନରେ ହାତ ମାରିବା ସହ ଡ୍ରେସ ଖୋଲି ଖରାପ କାମ କରିଥିଲେ। ଛାତ୍ରୀଦ୍ୱୟ ବିରୋଧ କରିବାରୁ ଅଭିଯୁକ୍ତ ଧମକ ଦେଇ ଚୁପ୍ କରାଇଥିଲେ। ସନ୍ଧ୍ୟାରେ ଘରକୁ ଫେରିବା ପରେ ପୀଡ଼ିତା ଛାତ୍ରୀଦ୍ୱୟ ନ ଖାଇ କାନ୍ଦିଥିଲେ। ଏହାପରେ ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ୧୭ ତାରିଖରେ ପରିବାର ଲୋକେ ଅନ୍ୟ ଅଭିଭାବକଙ୍କ ସହ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। କିନ୍ତୁ ଥାନାରେ ପହଞ୍ଚିବା ପୂର୍ବରୁ ଘଡିଆମାଳ ପଞ୍ଚାୟତର ଜଣେ ନେତା ସେମାନଙ୍କୁ ଭେଟି ବିଭିନ୍ନ ଉପାୟରେ ଚାପ ପକାଇବା ସହ ଫେରାଇ ନେବାରେ ସକ୍ଷମ ହୋଇଥିଲେ। ଘଟଣାକୁ ଚପାଇଦେବା ପାଇଁ ସେହି ନେତା ୧୮ ତାରିଖ ସନ୍ଧ୍ୟାରେ ଏକ ବୈଠକ କରିଥିଲେ। କିନ୍ତୁ ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କୁ କଠିନରୁ କଠିନ ଦଣ୍ଡ ଦେବା ପାଇଁ ପୀଡ଼ିତାଙ୍କ ପରିବାର ଲୋକେ ଓ ଅଭିଭାବକମାନେ ଅଡ଼ି ବସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ୨ ପୀଡ଼ିତା ଓ ସେମାନଙ୍କ ଅଭିଭାବକ ରାଜନଗର ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାକୁ ନିଜ ଆଖିରେ ଦେଖିଥିବା ସେହି ବିଦ୍ୟାଳୟର ୨ଜଣ ଛାତ୍ରୀ ମଧ୍ୟ ପୀଡ଼ିତାଙ୍କ ସହ ଥାନାକୁ ଯାଇ ସବୁ କଥା କହିଛନ୍ତି। ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ସ୍କୁଲ ମାଲିକ ପ୍ରଧାନଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛୁ ବୋଲି ଆଇଆଇସି ଅଜୟ କମାର ଜେନା କହିଛନ୍ତି। ଏନେଇ ଥାନାରେ ଆଇପିସି ଦଫା ୩୫୪(ଏ), ୩୭୬(୨)(ଏ), ୫୦୬ ଏବଂ ପୋକ୍‌ସୋ ଆକ୍ଟ ୪ ଅନୁଯାୟୀ ୩୧/୨୦୨୪ ନମ୍ବରରେ ଏକ ମାମଲା ରୁଜୁ ହୋଇଛି।

# ଫେବୃଆରୀ ୫ରୁ ବିଧାନସଭା, ୮ରେ କାମଚଳା ବଜେଟ

**ଭୁବନେଶ୍ୱର,୧୯।୧(ଅନିଲ ଦାସ)**

ଆସନ୍ତା ଫେବୃଆରୀ ୫ରୁ ଷୋଡ଼ଶ ବିଧାନସଭାର ପଞ୍ଚଦଶ ଅଧିବେଶନ ଆରମ୍ଭ ହେବ। ଏହି ଅଧିବେଶନ ଫେବୃଆରୀ ୧୩ ପର୍ଯ୍ୟନ୍ତ ଚାଲିବ। ଶୁକ୍ରବାର ବିଧାନସଭା ସଚିବାଳୟ ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ଆସନ୍ତା ୮ ତାରିଖରେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ଲେଖାନୁଦାନ(କାମଚଳା ବଜେଟ) ଉପସ୍ଥାପନ କରାଯିବ। ଅଧିବେଶନର ପ୍ରଥମ ଦିବସରେ ରାଜ୍ୟପାଳଙ୍କ ଅଭିଭାଷଣ କାର୍ଯ୍ୟକ୍ରମ ରହିଛି। ଫେବୃଆରୀ ୬ ଓ ୭ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ହେବ। ୮ ତାରିଖରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ୨୦୨୪-୨୫ ଆର୍ଥିକବର୍ଷ ପାଇଁ କାମଚଳା ବଜେଟ ଗୃହର ଅନୁମୋଦନ ପାଇଁ ଉପସ୍ଥାପନ କରିବେ। ଏହା ମୋଶନ ଆକାରରେ ଗୃହରେ ଆଗତ ହୋଇ ଆଲୋଚନା ହେବ। ୯ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ( କାମଚଳା ବଜେଟ) ପାରିତ ହେବ। ୧୦ ଓ ୧୧ ଦ୍ୱିତୀୟ ଶନିବାର ଏବଂ ରବିବାର ପାଇଁ ବିଧାନସଭା ଛୁଟି ରହିବ। ୧୨ ତାରିଖରେ ଗୃହରେ ସରକାରୀ କାର୍ଯ୍ୟଦିବସ ଥିବାବେଳେ ୧୩ ତାରିଖରେ ବେସରକାରୀ କାର୍ଯ୍ୟଦିବସ ରହିଛି। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଏହା ହେବ ବିଧାନସଭାର ଶେଷ ଅଧିବେଶନ।

# ରାମଲାଲାଙ୍କ ପ୍ରଥମ ଫଟୋ



**ଅଯୋଧ୍ୟା,୧୯।୧**

୨୨ରେ ହେବାକୁ ଥିବା ପ୍ରାଣ ପ୍ରତିଷ୍ଠା ପାଇଁ ଅଯୋଧ୍ୟା ସହର ଉତ୍ସବମୁଖର। ଏହି ଭବ୍ୟ ଆୟୋଜନର ୩ ଦିନ ପୂର୍ବରୁ ରାମଲାଲାଙ୍କ ବିଗ୍ରହର ପ୍ରଥମ ଫଟୋ ସାମ୍ନାକୁ ଆସିଛି। ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ଶୁକ୍ରବାର ଏହାକୁ ସାର୍ବଜନୀନ କରାଯାଇଛି। କଳାମୁଗୁନି ପଥରରେ ନିର୍ମିତ ମୂର୍ତ୍ତିରେ ପୂର୍ବରୁ ରାମଲାଲାଙ୍କ ଆଖିରେ ଏକ ହଳଦିଆ ରଙ୍ଗର କପଡ଼ା ଢଙ୍କାଯାଇଥିଲା, ଯାହାକୁ ଏବେ ଖୋଲି ଦିଆଯାଇଛି। ରାମଲାଲାଙ୍କ ଗଳାରେ ଏକ ଗୋଲାପ ଫୁଲମାଳ ପିନ୍ଧାଯାଇଥିବା ବିଶ୍ୱ ଭିଏଚ୍‌ପି ପଦାଧିକାରୀ ଶରଦ ଶର୍ମା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୫୧ ଇଞ୍ଚ ବିଶିଷ୍ଟ ଏହି ମୂର୍ତ୍ତିକୁ ମହୀଶୂରର ସ୍ଥପତି ଅରୁଣ ଯୋଗୀରାଜ ନିର୍ମାଣ କରିଛନ୍ତି। ମୂର୍ତ୍ତିକୁ ବୁଧବାର ରାତିରେ ରାମମନ୍ଦିରକୁ ଅଣାଯାଇଥିବାବେଳେ ଗୁରୁବାର ଅପରାହ୍ନରେ ଗର୍ଭଗୃହରେ ସ୍ଥାପନ କରାଯାଇଥିଲା। ଏହି ସମୟରେ ଭକ୍ତଙ୍କ ଜୟ ଶ୍ରୀରାମ ଧ୍ୱନିରେ ମନ୍ଦିର ପ୍ରକମ୍ପିତ ହୋଇଥଲା ବୋଲି ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୨ରେ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଯୋଗଦେବେ। ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅପରାହ୍ନ ୧୨ଟା ୨୦ରୁ ଗୋଟାଏ ମଧ୍ୟରେ ହେବ। ଏହି ଦିନକୁ ଉତ୍ତର ପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ଛୁଟି ଘୋଷଣା କରିଛନ୍ତି। କେନ୍ଦ୍ର ସରକାର ମଧ୍ୟ ଅଧା ଦିନ ଛୁଟି ଘୋଷଣା କରିଛନ୍ତି।




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଟାକୁ ପଟା, ଚଉଦ ପଟା**
**ତହିଁରେ ଲାଗିଛି ଖଞ୍ଜିର ମୁଠା**
**ଯାଉଥିଲେ ସିନା ପାଆନ୍ତା**
**ଅର୍ଜୁନ ଗଛରେ ଫୁଲ ଫୁଟିଛି**
**ତୋଳି ଦେଲେ ସିନା ଦିଅନ୍ତା।**

ପରିଶ୍ରମ କରିବା ଦ୍ୱାରା ଫଳପ୍ରାପ୍ତି ହୋଇଥାଏ। ବିନା ଶ୍ରମରେ ଫଳପ୍ରାପ୍ତିର ଆଶା କରିବା ବୃଥା। ସୁନ୍ଦର ସାମଗ୍ରୀ ହସ୍ତଗତ କରିବାକୁ ହେଲେ କଷ୍ଟ କରିବାକୁ ପଡେ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ପିଉସା ହେଉ ମଉସା ହେଉ**
**ବାପ ଠାରୁ ବଡ଼ ନୁହନ୍ତି କେହୁ।**

ପିତାର ସ୍ଥାନ କେହି ନେଇପାରିବେ ନାହିଁ। ଦୁନିଆରେ ଜନ୍ମକର୍ତ୍ତା ପିତାଠାରୁ ଆଉ କେହି ବଡ଼ ନୁହନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:





ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୨୨ରୁ ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ ଆୟୋଜନ

**ଭୁବନେଶ୍ୱର,୧୯।୧(ଅନିଲ ଦାସ)**

ରାଜ୍ୟ ସରକାର ୫-ଟି ଅଧୀନରେ ଅନେକ ଯୋଜନା ଏବଂ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି। ଆସନ୍ତା ୨୨ ତାରିଖଠାରୁ ସମସ୍ତ ପୌରାଞ୍ଚଳରେ ଆମ ଓଡ଼ିଶା ନବୀନ ଓଡ଼ିଶା(ସହରୀ) ଆୟୋଜନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ଫେବୃଆରୀ ୭ ଯାଏ ଚାଲିବ। ଏ ସଂକ୍ରାନ୍ତରେ ଶୁକ୍ରବାର ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ପୌର ସଂସ୍ଥାକୁ ବିସ୍ତୃତ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି।

ଏ ନେଇ ପୌର ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ସମସ୍ତ ଜିଲାପାଳ, ପିଡି ଜୁଡା, ମହାନଗର ନିଗମ କମିଶନର ଏବଂ ସମସ୍ତ ମ୍ୟୁନିସିପାଲିଟି ଓ ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖି ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ପରାମର୍ଶ ଦେଇଛନ୍ତି।

ଆମ ଓଡ଼ିଶା ନବୀନ ଓଡ଼ିଶା(ସହରୀ) କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ବିଭିନ୍ନ ଶିବିର ଆୟୋଜନ କରାଯିବ ଏବଂ ନାଗରିକମାନଙ୍କୁ ସରକାରଙ୍କ ବିଭିନ୍ନ ଗୋଷ୍ଠୀକେନ୍ଦ୍ରିକ ପଦକ୍ଷେପ ବିଷୟରେ ଅବଗତ କରାଯିବ। ବିଭିନ୍ନ ଯୋଜନା ଅନ୍ତର୍ଗତ ଲାଭ ହିତାଧିକାରୀଙ୍କ ନିକଟରେ ପହଞ୍ଚିବା ସୁନିଶ୍ଚିତ କରିବା ସହ ସରକାରଙ୍କ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରି ନାଗରିକଙ୍କୁ ସଶକ୍ତ କରିବାକୁ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରଖାଯାଇଛି। ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ, ଜାନୁଆରୀ ୨୨ରୁ ଫେବୃଆରୀ ୭ ମଧ୍ୟରେ ସଚେତନତା ଶିବିର ସହରାଞ୍ଚଳ ବିକାଶ ସଂସ୍ଥା(ଜୁଡା) ଦ୍ୱାରା ପ୍ରସ୍ତୁତ କ୍ୟାଲେଣ୍ଡର ଅନୁଯାୟୀ ସମସ୍ତ ୱାର୍ଡକୁ ଅନ୍ତର୍ଭୁକ୍ତ କରାଯିବ। କାର୍ଯ୍ୟସୂଚୀ ଅନୁଯାୟୀ, ସଂପୃକ୍ତ ଯୋଜନାଗୁଡ଼ିକର ହିତାଧିକାରୀଙ୍କୁ ପୌରାଞ୍ଚଳର ସମ୍ପୃକ୍ତ ଲାଇନ ବିଭାଗର ଅଧିକାରୀମାନେ ଚିହ୍ନଟ କରିବା ସହ ସୂଚନା ପ୍ରଦାନ କରିବେ ଏବଂ ସହାୟତା ନିମନ୍ତେ କ୍ୟାମ୍ପ ସମୟରେ ଉପସ୍ଥିତ ରହିବେ।

ବିଭାଗଗୁଡ଼ିକ ସେମାନଙ୍କ ବିଭାଗର ନିର୍ଦ୍ଦିଷ୍ଟ ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ସୁବିଧା ଯୋଗାଇବା ପାଇଁ କ୍ୟାମ୍ପ ଦିନରେ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଶିବିର ସମୟରେ ସ୍ଥାନୀୟ ପ୍ରଦର୍ଶନକାରୀ ଗୋଷ୍ଠୀ ଏବଂ ସମ୍ପ୍ରଦାୟର ଅଂଶଗ୍ରହଣକାରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା କରାଯିବ। ରାଜ୍ୟସ୍ତରୀୟ କମିଟିର ସଦସ୍ୟ, ଗୃହ ଓ ନଗର ଉନ୍ନୟନ ବିଭାଗର ଅଧିକାରୀମାନେ ଏହି ଶିବିର ପରିଦର୍ଶନ କରିବେ। ଜିଲାସ୍ତରୀୟ କମିଟି ସଚେତନତା ଅଭିଯାନର କାର୍ଯ୍ୟକାରିତାକୁ ତଦାରଖ କରି ସମୀକ୍ଷା କରିବ ଏବଂ ଆବଶ୍ୟକ ଅନୁଯାୟୀ କାର୍ଯ୍ୟକ୍ରମର ଉନ୍ନତି ପାଇଁ ପରାମର୍ଶ ଦେବ। ପୌରପରିଷଦ ସ୍ତରରେ ଥିବା କମିଟି(ମ୍ୟୁନିସିପାଲିଟି କର୍ପୋରେଶନ/ ମ୍ୟୁନିସିପାଲିଟି/ ଏନ୍ଏସି) ଏହି କାର୍ଯ୍ୟକ୍ରମର ଆୟୋଜନ ପାଇଁ ସମସ୍ତ ଆବଶ୍ୟକ ବ୍ୟବସ୍ଥା କରିବ। ଜିଲାସ୍ତରୀୟ କମିଟି ତରଫରୁ ଗ୍ରହଣ କରାଯାଇଥିବା ପରାମର୍ଶ ଏବଂ ସମୟକ୍ରମେ ସରକାରଙ୍କ ତରଫରୁ ଅନ୍ୟ କୌଣସି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବ। ଶିବିରଗୁଡ଼ିକର ସମସ୍ତ କାର୍ଯ୍ୟ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଭିଡିଓଗ୍ରାଫ୍ ହେବ। ସମସ୍ତ ଶିବିର ଶେଷ ହେବା ପରେ ସରକାରଙ୍କୁ ଏକ ବିସ୍ତୃତ ରିପୋର୍ଟ ଦାଖଲ କରିବ। ଗୃହ ଏବଂ ନଗର ଉନ୍ନୟନ ବିଭାଗ ପ୍ରଶାସନିକ ସୁବିଧାକୁ ଦୃଷ୍ଟିରେ ରଖି ଯେକୌଣସି ବ୍ୟବସ୍ଥାକୁ ସଂଶୋଧନ କରିପାରିବ।

# ବିଷ ଦେଇ ୭ କୁକୁରଙ୍କୁ ହତ୍ୟା

## ରାଜଧାନୀରେ ଅମାନୁଷିକତା ସୀମା ଟପିଲା

**ଭୁବନେଶ୍ୱର,୧୯।୧ (ସୂର୍ଯ୍ୟକାନ୍ତ ବେହେରା)**

ରାଜଧାନୀ ଭୁବନେଶ୍ୱରରେ ଅମାନୁଷିକତାର ଚିତ୍ର ସାମ୍ନାକୁ ଆସିଛି। ଖାଦ୍ୟରେ ବିଷ ଦେଇ ୭ କୁକୁରଙ୍କୁ ହତ୍ୟା କରାଯାଇଛି। ତମାଣ୍ଡୋ ଥାନା ଅନ୍ତର୍ଗତ ଭଗବାନପୁରରେ ଏଭଳି ନୃଶଂସ ଘଟଣା ଘଟିଥିବାବେଳେ ପ୍ରାଣୀପ୍ରେମୀ ଏହାକୁ ନିନ୍ଦା କରିବା ସହ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ ୨୨/୨୪) ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏଥିସହ ମୃତ କୁକୁରମାନଙ୍କୁ ବ୍ୟବଚ୍ଛେଦ ପାଇଁ ପ୍ରାଣୀ ଚିକିତ୍ସାଳୟକୁ ପଠାଇଦେଇଛି। ତେବେ ମରିଯାଇଥିବା କୁକୁରଙ୍କ ମଧ୍ୟରେ ୩ଟି ବଡ ଥିବାବେଳେ ୪ଟି ଛୁଆ ଥିବା ସୂଚନା ମିଳିଛି। ଏଭଳି ବର୍ବରକାଣ୍ଡ ଘଟାଇଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରାଣୀପ୍ରେମୀମାନେ ଦାବି କରିଛନ୍ତି।

# ‘ଜଳବାୟୁ ପରିବର୍ତ୍ତନରେ ଧାନ ଉତ୍ପାଦନ ବୃଦ୍ଧି ପ୍ରମୁଖ ଆହ୍ୱାନ’

## ଏନ୍ଆର୍ଆର୍ଆଇରେ ଆନ୍ତର୍ଜାତିକ ବୈଜ୍ଞାନିକ ସମ୍ମିଳନୀ ଉଦ୍‌ଘାଟିତ

**କଟକ,୧୯।୧ (କାର୍ତ୍ତିକ ସାହୁ)**

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ପାଇଁ ଖାଦ୍ୟ ଉପଲବ୍ଧ କରାଇବା ଜରୁରୀ ହୋଇଛି। କୃଷକମାନଙ୍କ ପାଇଁ ଜୀବିକା ଯୋଗାଇବାକୁ ଭଲ ଫସଲ ଅମଳର ଆବଶ୍ୟକତା ରହିଛି। ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଯୋଗୁ ଉତ୍ପନ୍ନ ହେଉଥିବା ପରିବେଶଜନିତ ସମସ୍ୟାଗୁଡିକର ସମାଧାନ ସହ ଧାନ ଉତ୍ପାଦନ ବୃଦ୍ଧି ବୈଜ୍ଞାନିକମାନଙ୍କ ପାଇଁ ପ୍ରମୁଖ ଆହ୍ୱାନ ପାଲଟିଛି। କଟକସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍ଆର୍ଆର୍ଆଇ) ସମ୍ମିଳନୀ କକ୍ଷରେ ଆୟୋଜିତ ୩ ଦିନିଆ ଆନ୍ତର୍ଜାତିକ ବୈଜ୍ଞାନିକ ସମ୍ମିଳନୀକୁ ମୁଖ୍ୟ ଅତିଥି ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଫସଲ ବିଜ୍ଞାନ ବିଭାଗ ଉପ ମହାନିର୍ଦ୍ଦେଶକ ଡ. ତିଲକରାଜ ଶର୍ମା ଉଦ୍‌ଘାଟନ କରି ଏହି ମତବ୍ୟକ୍ତ କରିଛନ୍ତି।


ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ଓ କୃଷି ଅନୁସନ୍ଧାନ ପରିଚାଳନା ସମାଜ (ଏସ୍ଏଆର୍ଏମ୍)ର ମିଳିତ ସହଯୋଗରେ ଶୁକ୍ରବାରଠାରୁ ସ୍ଥାୟୀ କୃଷି ପଦ୍ଧତି ମାଧ୍ୟମରେ ଆର୍ଥିକ ବିକାଶ ଶୀର୍ଷକରେ ଷଷ୍ଠ ଆନ୍ତର୍ଜାତିକ ବୈଜ୍ଞାନିକ ସମ୍ମିଳନୀ ଏଗ୍ରିଭିଜନ୍-୨୦୨୪ ଆରମ୍ଭ ହୋଇଛି। ଏଥିରେ ବିଶିଷ୍ଟ ଅତିଥି ଭାବେ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦିକ ବିଜ୍ଞାନ ଅନୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକ ପ୍ରଫେସର ଡ. ରବିନାରାୟଣ ଆଚାର୍ଯ୍ୟ ଯୋଗଦେଇ କହିଛନ୍ତି, ଔଷଧୀୟ ବୃକ୍ଷଲତାର ବହୁତ ଚାହିଦା ରହିଛି ଓ କୃଷକମାନେ ଏହା ଉପରେ ଧ୍ୟାନ ଦେଇପାରିବେ। ସମ୍ମାନିତ ଅତିଥି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି, କୃଷି କହିଲେ ଧାନ ଓ ଧାନ କହିଲେ କୃଷିକୁ ବୁଝାଏ। କୃଷକମାନେ ଗୋଷ୍ଠୀଗତ ଭାବେ ଚାଷକାର୍ଯ୍ୟ କଲେ ଅଧିକ ସୁଫଳ ମିଳିପାରିବ। ଏନ୍ଆର୍ଆର୍ଆଇର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ଅଧ୍ୟକ୍ଷତା କରି କହିଛନ୍ତି, ଜଳବାୟୁ ପ୍ରତିରୋଧକ, ବାୟୋଫର୍ଟିଫାଏଡ୍ ଓ ହର୍ବିସାଇଡ୍ ପ୍ରତିରୋଧକ କିସମ ସହ ୧୭୯ଟି ଅଧିକ ଅମଳକ୍ଷମ ଧାନ ଏଠାକାର ବୈଜ୍ଞାନିକମାନେ ବିକଶିତ କରିପାରିଛନ୍ତି। ସ୍ଥାୟୀ କୃଷି ପ୍ରଥାକୁ ପ୍ରୋତ୍ସାହିତ କରିବା, ମିଥେନ୍ ଓ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବା ଏବଂ ଜଳବାୟୁ ସ୍ମାର୍ଟ କୃଷିକୁ ସୁହାଇବା ନିମନ୍ତେ ଏବେ ଗବେଷଣା ଅବିରତ ଜାରି ରହିଛି।

ମୁଖ୍ୟ ଅତିଥି ଡ. ଶର୍ମା ଏନ୍ଆର୍ଆର୍ଆଇ ପରିସରରେ ନୂତନ ଜୈବ-ସାର ୟୁନିଟ୍, ପକ୍ଷୀ-ପଶୁ ଜୈବବିବିଧତା ୟୁନିଟ୍ ଓ କାଫେଟେରିଆର ଉଦ୍‌ଘାଟନ କରିଥିଲେ। ଏଥିସହିତ ଫାର୍ମପ୍ଲଟ୍, ଜିନୋମିକ୍ସ ଗବେଷଣାଗାର ପରିଦର୍ଶନ କରିବା ସହ ପ୍ରକାଶନ, ପେଟେଣ୍ଟ, ପ୍ରକ୍ରିୟା ଏବଂ ସହଭାଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ଅନୁଷ୍ଠାନ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ସୁନାମଧନ୍ୟ ବୈଜ୍ଞାନିକ, ଗବେଷକ, ଛାତ୍ରୀଛାତ୍ରମାନେ ସମ୍ମିଳନୀରେ ଯୋଗଦେଇଛନ୍ତି। ୩ ଦିନିଆ ସମ୍ମିଳନୀରେ ସେମିନାର, ବୈଜ୍ଞାନିକ ଅଧିବେଶନ, ପ୍ୟାନେଲ୍ ଆଲୋଚନା, କର୍ମଶାଳା, ବକ୍ତୃତା, ମୌଖିକ ଏବଂ ପୋଷ୍ଟର ଉପସ୍ଥାପନା, କୃଷକ ସମ୍ପର୍କ, ପ୍ରଦର୍ଶନୀ ଆଦି ଆୟୋଜନ କରାଯାଇଛି। ଏହି ଅବସରରେ ଡ. ଅମରେଶ କୁମାର ନାୟକ, ପ୍ରଫେସର ଚିତ୍ତରଞ୍ଜନ କୋଲେ, ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସମେତ ପ୍ରଖ୍ୟାତ ବୈଜ୍ଞାନିକମାନଙ୍କୁ ଏସ୍.ଏ.ଆର୍.ଏମ୍ ସଂସ୍ଥା ଦ୍ୱାରା ଆଜୀବନ ସିଦ୍ଧି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ମିଳନୀର ଆବାହକ ଡ. ଏମ୍. ଜେ. ବେଗ୍ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିବ୍ୟାଂଶୁଦାସ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶାରେ ଜୈବିକ କୃଷିର ସମ୍ଭାବନା

## ‘ଓଡ଼ିଶା ଅର୍ଗାନିକ୍ସ-୨୦୨୪’ କନ୍‌କ୍ଲେଭ୍



**ଭୁବନେଶ୍ୱର,୧୯।୧ (ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶା କୃଷିପ୍ରଧାନ ରାଜ୍ୟ। ଏହାର ଚାଷୀମାନେ ବିଶେଷକରି ଜଳବାୟୁଭିତ୍ତିକ କୃଷି ଉପରେ ନିର୍ଭରଶୀଳ। ଏହି ଜଳବାୟୁଭିତ୍ତିକ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ‘ଓଡ଼ିଶା ଅର୍ଗାନିକ୍ସ-୨୦୨୪’ ଶୀର୍ଷକ ଦିନିକିଆ କନ୍‌କ୍ଲେଭ ଭୁବନେଶ୍ୱରଠାରେ ଶୁକ୍ରବାର ଆୟୋଜିତ ହୋଇଯାଇଛି। ସିୱାଇଏସ୍‌ଡିର ସହ ପ୍ରତିଷ୍ଠାତା ଜଗଦାନନ୍ଦ, କୃଷି ସମ୍ପ୍ରସାରଣର ନିର୍ଦ୍ଦେଶକ ପି. ଚନ୍ଦ୍ରଶେଖର, ନାବାର୍ଡ ସିଜିଏମ୍ ସୁଧାଂଶୁ କେ. କେ. ମିଶ୍ର ପ୍ରମୁଖ ଯୋଗଦେଇ ଓଡ଼ିଶାରେ ଜୈବିକ କୃଷିର ସଫଳ ସମ୍ଭାବନା ନେଇ ମତ ରଖିଛନ୍ତି। ବର୍ତ୍ତମାନ ଅତ୍ୟାଧୁନିକ ଚାଷ ପ୍ରଣାଳୀରେ ଚାଷୀମାନେ ଅଧିକ ଅମଳ ଆଶା ରଖି ରାସାୟନିକ ସାର ପ୍ରୟୋଗ ଉପରେ ଗୁରୁତ୍ୱ ଦେଉଛନ୍ତି। ମାତ୍ର ଏହାଦ୍ୱାରା ଜମିର ଉର୍ବରତା ନଷ୍ଟ ହେଉଛି। ଏପରିକି ଫସଲ ମାନରେ ମଧ୍ୟ ଉତ୍କୃଷ୍ଟତା ପରିଲକ୍ଷିତ ହେଉନାହିଁ। ଜଳବାୟୁଜନିତ ସମସ୍ୟା ମଧ୍ୟ ଏହି ରାସାୟନିକ ସାରଯୁକ୍ତ ଚାଷ ଉପରେ ଅଧିକ କୁପ୍ରଭାବ ପକାଇଥାଏ। ତେଣୁ ଜୈବିକ ସାର ପ୍ରୟୋଗକରି ପୁନର୍ବାର ପାରମ୍ପରିକ କୃଷିକୁ ପ୍ରତ୍ୟାବର୍ତ୍ତନ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ଏହାଦ୍ୱାରା ଜମିର ଉର୍ବରତା ବଜାୟ ରହିବା ସହ ଅମଳ ମଧ୍ୟ ଭଲ ହେବ। ଓଡ଼ିଶାରେ ଜୈବିକ କୃଷିର ସମ୍ଭାବନାକୁ ଚିହ୍ନଟ, ପରୀକ୍ଷଣ ଏବଂ ଉପଯୋଗ କରିବାକୁ ଉଦ୍ୟମ କରିବା ଆଦି ସମ୍ବନ୍ଧରେ କନ୍‌କ୍ଲେଭରେ ଆଲୋଚନା କରାଯାଇଥିଲା। ୨୦୨୦ରେ ଜୈବିକ କୃଷିକ୍ଷେତ୍ର ୨୦ହଜାର ୮୦୦ ହେକ୍ଟର ରହିଥିଲା। ୨୦୨୫ ସୁଦ୍ଧା ଏହାକୁ ୨ଲକ୍ଷ ହେକ୍ଟରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଥିବା ସୂଚନା ଦିଆଯାଇଛି।

# ଡ୍ୟାମ୍ ସୁରକ୍ଷା ଚିନ୍ତା

**୩୦ ବର୍ଷ ଟପିଲାଣି ୬୦ ପ୍ରତିଶତ ଡ୍ୟାମ୍**

**ଓଡ଼ିଶାର ଭୂମିକାକୁ ବିଶ୍ୱବ୍ୟାଙ୍କ ସମେତ ବିଭିନ୍ନ ସଂଗଠନର ପ୍ରଶଂସା**

**ଭୁବନେଶ୍ୱର,୧୯।୧(ଅନିଲ ଦାସ)**

ଓଡ଼ିଶାରେ ୨୧୦ରୁ ଅଧିକ ଡ୍ୟାମ୍ ରହିଛି, ସେଥିମଧ୍ୟରୁ ୬୦ ପ୍ରତିଶତ ଡ୍ୟାମ୍ ୩୦ ବର୍ଷ ଅତିକ୍ରମ କରିଛି। ଡ୍ୟାମ୍ ସୁରକ୍ଷା ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗ ଅତିରିକ୍ତ ସଚିବ ଅନୁ ଗର୍ଗ କହିଛନ୍ତି। ନଦୀବନ୍ଧ ପୁନର୍ବାସ ଓ ଉନ୍ନତୀକରଣ ପ୍ରକଳ୍ପ (ଡିଆର୍ଆଇପି)ର କାର୍ଯ୍ୟଧାରାର ସମୀକ୍ଷା ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ଭୁବନେଶ୍ୱରରେ ଜାନୁଆରୀ ୧୮ ଓ ୧୯ ତାରିଖ ଦୁଇଦିନ ଧରି ମଧ୍ୟବର୍ତ୍ତିକାଳୀନ ସମୀକ୍ଷା ମିଶନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅନୁ ଗର୍ଗ କହିଛନ୍ତି ଯେ ନିକଟ ଅତୀତରେ ଏଭଳି ଅନେକ ଘଟଣା ଘଟିଛି, ଯାହା ଡ୍ୟାମ୍ ସୁରକ୍ଷା ପ୍ରସଙ୍ଗରେ ଅଧିକ ଧ୍ୟାନ ଦେବାକୁ ଡ୍ୟାମ୍ ବିଶେଷଜ୍ଞମାନଙ୍କୁ ବାଧ୍ୟ କରିଛି। ନିକଟରେ ସିକିମ୍ ଓ ଲିବିୟାରେ ଡ୍ୟାମ୍ ଅଚଳ ହେବା ସମ୍ପର୍କରେ ଉଦାହରଣ ଦେଇଥିଲେ। ରାଜ୍ୟରେ ୪୦% ମହିଳାଙ୍କୁ ନେଇ ଏକ ପୂର୍ଣ୍ଣାଙ୍ଗ ଡ୍ୟାମ୍ ସେଫ୍ଟି ସଂଗଠନ ରହିଛି, ଯେଉଁମାନେ ଡ୍ୟାମ୍ ସୁରକ୍ଷା ଉପରେ ଦକ୍ଷତା ରଖିଛନ୍ତି। ରାଜ୍ୟରେ ଡ୍ୟାମ୍‌ଗୁଡ଼ିକର ସୁରକ୍ଷା କାର୍ଯ୍ୟକଳାପ ଉପରେ ନିରନ୍ତର ତଦାରଖ ଏବଂ ରକ୍ଷଣାବେକ୍ଷଣରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ଅତ୍ୟନ୍ତ ଖରାପ ସ୍ଥିତିରେ ଥିବା ଡ୍ୟାମ୍ ଗୁଡ଼ିକର ସ୍ଥିତିରେ ଉନ୍ନତି ଓ ରକ୍ଷଣାବେକ୍ଷଣ ପାଇଁ ଏକ ପୃଥକ ରାଜ୍ୟ ବଜେଟ୍ ଡିପିଆଇଡବ୍ଲ୍ୟୁ ସୃଷ୍ଟି କରାଯାଇଛି। ଦୀର୍ଘ ଦିନ ଧରି ଅଟକି ରହିଥିବା ସୁବର୍ଣ୍ଣରେଖା ପ୍ରକଳ୍ପ, ଦେଓ ଡ୍ୟାମ, ଲୋୟର ଇନ୍ଦ୍ରା ଡ୍ୟାମ୍ ଓ ଲୋୟର ସୁକଟେଲ ଡ୍ୟାମ୍ ନିର୍ମାଣ ଶେଷ ହେବା ଠାରୁ ଆରମ୍ଭ କରି ସେ ଜଳସମ୍ପଦ ବିଭାଗର ବିଭିନ୍ନ ସଫଳତାର କାହାଣୀ ବର୍ଣ୍ଣନା କରଛନ୍ତି। ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟର (ନଦୀବିକାଶ ଓ ପ୍ରକଳ୍ପ ନୀତି ସଂପର୍କିତ) ଯୁଗ୍ମ ସଚିବ ଆନନ୍ଦ ମୋହନ, କେନ୍ଦ୍ର ସରକାରଙ୍କ ସିଡବ୍ଲୁସିର ଡ୍ରିପ୍ -୨ ଏବଂ ଡ୍ରିପ୍ -୨ ୩ର ପ୍ରକଳ୍ପର ନିର୍ଦ୍ଦେଶକ ରାକେଶ କଶ୍ୟପ, ବିଶ୍ୱ ବ୍ୟାଙ୍କର ଟିଟିଏଲ ଚାବୁଙ୍ଗବାମ ରାଜ ଗୋପାଳ ସିଂ,ଏଆଇଆଇବିର ଟିଟିଏଲ ରାଜେଶ ଯାଦବ ସେମାନଙ୍କ ଭାଷଣରେ ଓଡିଶାର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନସଚିବଙ୍କ ଦକ୍ଷ ତତ୍ତ୍ୱାବଧାନରେ ଜଳ ସମ୍ପଦ ବିଭାଗ ଦ୍ୱାରା କରାଯାଇଥିବା କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ଡ୍ୟାମ୍ ସୁରକ୍ଷା କ୍ଷେତ୍ରରେ ଓଡ଼ିଶାର ମଡେଲ ଅନ୍ୟ ରାଜ୍ୟ ପାଇଁ ଆଦର୍ଶ ବୋଲି ସେମାନେ ପ୍ରକାଶ କରିଥିଲେ `। ଏହି ବୈଠକରେ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ଡିଭିସି, ୟୁଜେଭିଏନଏଲ ଏବଂ ଓଡିଶାର ୮ଟି କାର୍ଯ୍ୟାନ୍ୱୟନ ଏଜେନ୍ସିଙ୍କ ସହିତ ପ୍ରମୁଖ ଅନ୍ତର୍ଜାତୀୟ ଏବଂ ଜାତୀୟ ସଂସ୍ଥା, ଏମଓଜେଏସ୍, ସିଡବ୍ଲୁସି,ବିଶ୍ୱ ବ୍ୟାଙ୍କ ଏବଂ ଏଆଇଆଇବି ଯୋଗ ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶାରୀରିକ ସ୍ୱାସ୍ଥ୍ୟ, ଜମିଜମା, ବନ୍ଧୁ ଓ କୁଟୁମ୍ବ ସମ୍ପର୍କୀୟ ଚିନ୍ତାର ସମାଧାନ ହୋଇଯିବ। ଅଶ୍ୱିନୀ ନକ୍ଷତ୍ର କୌଣସି ଖବର ପାଇ ବିବ୍ରତ ହୋଇପାରନ୍ତି। ପାରିବାରିକ ସମସ୍ୟାକୁ ସୁଧାରି ନେବା ସକାଶେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି। ଭ୍ରମଣ ସମୟରେ ପାଦରେ ଆଘାତ ଲାଗିପାରେ।

**ବୃଷ** ସକାଳୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେବ ମାତ୍ର ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ। ଆଲୋଚନା କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କୃତ୍ତିକା ନକ୍ଷତ୍ରର ପାରିବାରିକ ସମସ୍ୟା ଗୁରୁତର ହୋଇପାରେ।

**ମିଥୁନ** ଅତୀତର ବାଦବିବାଦ କ୍ରମେ ଜଟିଳ ହେବ, ମାତ୍ର ଆପଣ ବନ୍ଧୁଙ୍କ ସହାୟତା ଲାଭକରି ସଫଳତା ହାସଲ କରିବେ। ମୃଗଶିରା ନକ୍ଷତ୍ର ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି। ଆକସ୍ମିକ ପ୍ରତିରୋଧରେ ବ୍ୟବସାୟକୁ ସଙ୍କୁଚିତ କରିନେଇ ପାରନ୍ତି। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ** ଆପଣଙ୍କ ପ୍ରତି ପରୋକ୍ଷ ଶତ୍ରୁତା କାରଣରୁ ଆକସ୍ମିକ ଭାବରେ ମିତ୍ରମାନେ ଈର୍ଷାପରାୟଣ ହୋଇପାରନ୍ତି। କୌଣସି ମୂଲ୍ୟବାନ ଜିନିଷ ଖରିଦ କରିବା ସକାଶେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ। ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ସମର୍ଥ ହେବେ। ପୁନର୍ବସୁ ନକ୍ଷତ୍ର ପାଇଁ ଦୂର ବାଣିଜ୍ୟ, ବ୍ୟବସାୟ ଆଦି ବାଧାପ୍ରାପ୍ତ ହୋଇପାରେ।

**ସିଂହ** ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ, କିନ୍ତୁ କୌଣସି ଅସୁବିଧା ହେବ ନାହିଁ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ। ବହୁତ ଦିନ ହେଲା ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କନ୍ୟା** ବନ୍ଧୁମାନଙ୍କ ସାହାଯ୍ୟକ୍ରମେ ବହୁତ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ହସ୍ତା ନକ୍ଷତ୍ରର ପିତାଙ୍କ ସ୍ୱାସ୍ଥ୍ୟ ଦୁଶ୍ଚିନ୍ତାର କାରଣ ହୋଇପାରେ। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। ଯୋଜନାବଦ୍ଧ କାମ କରି ଉପକୃତ ହେବେ ନାହିଁ।

**ତୁଳା** ସ୍ୱାତୀ ନକ୍ଷତ୍ରର ସତ୍‌ସଙ୍ଗ, ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିବ। ମନକଥା ମନରେ ରଖିପାରିବେ ନାହିଁ, ଅନ୍ୟମାନଙ୍କ ନିକଟରେ ପ୍ରକାଶ କରି ସମସ୍ୟାକୁ ଡାକି ଆଣିପାରନ୍ତି। ନୂତନ ଯାନ କିମ୍ବା ମୂଲ୍ୟବାନ ଜିନିଷ କିଣିବାକୁ ଆଗ୍ରହ ବଢ଼ିପାରେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ସୂଚନା ରହିଛି।

**ବିଛା** ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଲକ୍ଷ୍ୟ ହାସଲ କରିବେ। ଅନୁରାଧା ନକ୍ଷତ୍ର ଆକସ୍ମିକ ଭାବରେ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**ଧନୁ** ଆଜି ସକାଳୁ ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ୍ ବୁଝିବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ମିତ୍ରତା ଛଳରେ ପାଖେଇ ଆସିବେ ସିନା କୌଣସି କ୍ଷତି ଘଟାଇପାରିବେ ନାହିଁ। ବ୍ୟବସାୟରୁ ଲାଭବାନ ହେବେ ଏବଂ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ମୂଳା ନକ୍ଷତ୍ର କୌଶଳ ପ୍ରୟୋଗ କରି ବାକି ଅର୍ଥ ଆଦାୟରେ ସକ୍ଷମ ହେବେ।

**ମକର** ମନ ଚାହୁଁ ନ ଥିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବେ। ଶ୍ରବଣା ନକ୍ଷତ୍ର ସକାଶେ ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସାହାଯ୍ୟ ଲାଭକରିବା କାରଣରୁ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବାରେ ସମର୍ଥ ହେବେ।

**କୁମ୍ଭ** ଆଜି ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ସହ ଅଫିସରେ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। କିନ୍ତୁ ପୂର୍ବଭାଦ୍ରବ ନକ୍ଷତ୍ର ସାମାଜିକ ସ୍ତରରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ପରକଥାକୁ ବିଶ୍ୱାସ କରି ନିଜ ଲୋକମାନଙ୍କୁ ସନ୍ଦେହ କରିବାକୁ ପଡ଼ିପାରେ। ଆର୍ଥିକ ସ୍ଥିତି ପୂର୍ବପରି ରହିବା ହେତୁ ସାମୟିକ ଖୁସି ରହିବେ।

**ମୀନ** ଅନ୍ୟମାନଙ୍କ ଖଳ କଥାରୁ ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳକୁ ଠିକ୍ ସମୟରେ ଯାଇପାରିବେ ନାହିଁ। ବିଳମ୍ବ ଘଟିଲେ ମଧ୍ୟ ହାତ ଦେଇଥିବା କାମରେ କିଛି ଅସୁବିଧା ହେବନାହିଁ। ରେବତୀ ନକ୍ଷତ୍ର ସକାଶେ ଆଇନ ଅଦାଲତର ରାୟ ସପକ୍ଷରେ ଯିବାର ସମ୍ଭାବନା ରହିଛି।

ଆଜି ଜାନୁଆରୀ ୨୦ ତାରିଖ, ପୌଷ ଶୁକ୍ଳପକ୍ଷର ଶାମ୍ୟଦଶମୀ, ଶନିବାର, ମହାନ୍ ବିପ୍ଳବୀ ଚକରା ବିଷୋୟୀଙ୍କ ଜୟନ୍ତୀ, ବିଛନ୍ଦ ଚରଣ ପଟ୍ଟନାୟକଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-କୃତ୍ତିକା/ମେଷ, ଦିବା ଘ.୦୮।୫୩ ଗତେ ବୃଷଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୧୦।୩୫ ଗତେ, ଘ.୦୧।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୧୨ ମି. ଗତେ ଘ.୧୦।୩୫ ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜାନୁଆରୀ ୨୦/୨୦୨୪ | Bhubaneswar, Saturday, January 20/2024 | ପୃଷ୍ଠା-୧

# ଜମି ପାଇଁ ଦାଦା, ଭାଉଜଙ୍କୁ ହତ୍ୟା

**ଖଲ୍ଲିକୋଟ,୧୯।୧(ପ୍ରଶାନ୍ତ କୁମାର ମିଶ୍ର)** ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ସାକିରି ଗ୍ରାମରେ ଶୁକ୍ରବାର ଡବଲ୍ ମର୍ଡର ହୋଇଛି। ଜମିବାଡ଼ିକୁ କେନ୍ଦ୍ରକରି ଦୁଇଜଣଙ୍କୁ ଏକ କାତିରେ ହାଣି ହତ୍ୟା କରାଯାଇଛି। ଦାଦା ଶିବ ଡାକୁଆ(୬୫) ଓ ଭାଉଜ ଜୟନ୍ତୀ ଡାକୁଆ(୪୦)ଙ୍କୁ ପୁତୁରା ତଥା ଦିଅର ହତ୍ୟା କରିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଅଭିଯୁକ୍ତ ଡାକ୍ତର ଡାକୁଆଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଏକ କାତି ଜବତ କରିଛି। ଦୁଇଜଣଙ୍କ ମୃତଦେହ ଜବତ କରି ପୋଲିସ ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, ଖଲ୍ଲିକୋଟ ଥାନା ଡିମିରିଆ ପଞ୍ଚାୟତର ପାଳଧୂଆପଲ୍ଲୀ ଗ୍ରାମରେ ରୁହନ୍ତି ଶିବ ଡାକୁଆ। ତେବେ ଜମିବାଡିକୁ କେନ୍ଦ୍ରକରି ଦାଦା ଶିବ ଓ ତାଙ୍କ ଭାଇ ବାଉରୀ ଡାକୁଆଙ୍କ ପୁଅ ଡାକ୍ତରଙ୍କ ମଧ୍ୟରେ ପ୍ରାୟ ସମୟ ଝଗଡା ହୁଏ। ଶୁକ୍ରବାର ଶିବ ନିକଟସ୍ଥ ସାକିରି ଗ୍ରାମରେ ଥିବା ପୈତୃକ କାଜୁ ଜଙ୍ଗଲକୁ ଯାଇଥିଲେ। ସେଠାରେ ଘର କରି ରହୁଥିବା ଡାକ୍ତରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଡାକ୍ତର ଶିବଙ୍କୁ ଏକ କାତିରେ ଆକ୍ରମଣ କରିଥିଲେ। ବହୁ ସମୟ ପରେ ଶିବ କାହିଁକି ଫେରିନାହାନ୍ତି ବୋଲି ତାଙ୍କ ବୋହୂ ଜୟନ୍ତୀ ଖୋଜାଖୋଜି କରି ସେଠାରେ ପହଞ୍ଚିଥିଲେ। ଜୟନ୍ତୀଙ୍କୁ ଦେଖି ପୂର୍ବରୁ ସେଠାରେ ଲୁଚି ରହିଥିବା ଡାକ୍ତର ତାଙ୍କୁ ବି କାତିରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ☞ପୃଷ୍ଠା-୯

# ପୁରୀରେ ପହଞ୍ଚିଲା ୧୨ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍

**ପୁରୀ, ୧୯।୧(ଅଜିତ୍ ମହାନ୍ତି)** ରାଜ୍ୟ ସରକାର ପୁରୀରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ଜାରି ରଖିଛନ୍ତି। ବିଶେଷକରି ଭକ୍ତଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଉଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ହେଉ କି ଶ୍ରୀସେତୁ, ଶ୍ରୀ ଦାଣ୍ଡ, ଗାଡ଼ି ପାର୍କିଂ ପ୍ରଭୃତି ଗୋଟିକ ପରେ ଗୋଟିଏ ଯୋଜନା ସରକାର ଭକ୍ତଙ୍କ ନିମନ୍ତେ କରୁଛନ୍ତି। ଏହି କ୍ରମରେ ଆଉ ଏକ ଯୋଜନା ଯୋଡ଼ିହୋଇଛି। ରାଜ୍ୟର ବିଭିନ୍ନ ଜିଲାରୁ ଭକ୍ତଙ୍କୁ ନେଇ ପୁରୀକୁ ଗଡ଼ିଛି ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍। ଶୁକ୍ରବାର ପୁରୀରେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍‌ଗୁଡ଼ିକ ପହଞ୍ଚିବା ପରେ ଓଡ଼ିଶା ରାଜ୍ୟ ପରିବହନ ନିଗମର ଅଧ୍ୟକ୍ଷ ତଥା ନିର୍ଦ୍ଦେଶକ ଦୀପ୍ତେଶ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସାଧାରଣ ପରିଚାଳକ ବିଶିକେଶନ ଦେହୁରୀ, ଜିଲା ପରିବହନ ପରିଚାଳକ (ସଞ୍ଚାଳନ) ପ୍ରଶାନ୍ତ କୁମାର ହୋତା, ପୁରୀ ଜିଲା ପରିଚାଳିକା ରଶ୍ମି ସାହୁଙ୍କ ସହିତ ଏକ ସ୍ୱତନ୍ତ୍ର ଟିମ୍ ସ୍ଥାନୀୟ ପୌର ପରିଷଦଠାରେ ଉପସ୍ଥିତ ରହି ସମସ୍ତ ଯାତ୍ରୀ ତଥା ନିଗମର ବସ୍ କର୍ମଚାରୀଙ୍କୁ ଫୁଲ ଚନ୍ଦନ ଲଗାଇ ସ୍ୱାଗତ କରିଥିଲେ।


ପୁରୀ ବସ୍‌ଷ୍ଟାଣ୍ଡରେ ଶ୍ରଦ୍ଧାଳୁଙ୍କୁ ସ୍ୱାଗତ କରାଯାଉଛି।

ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହୋଇଛି। ଏହାକୁ ନେଇ ଶ୍ରୀକ୍ଷେତ୍ର ସହିତ ପ୍ରତି ଜିଲାକୁ ଯୋଡ଼ିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ବସ୍ ବ୍ୟବସ୍ଥା କରିଛନ୍ତି। କିଭଳି ରାଜ୍ୟର କୋଣଅନୁକୋଣରୁ ☞ପୃଷ୍ଠା-୯

DSPL - 563
ଓଡ଼ିଶା ସରକାର
ଆମ ଓଡ଼ିଶା ନବୀନ ଓଡ଼ିଶା

ଅମ୍ଳାନ
(ଆନିମିଆ ମୁକ୍ତ ଲକ୍ଷ୍ୟ ଅଭିଯାନ)
ସୁସ୍ଥ ଓଡ଼ିଶା, ସୁଖି ଓଡ଼ିଶା



▶ 'ଅମ୍ଳାନ' କାର୍ଯ୍ୟକ୍ରମ ଅନ୍ତର୍ଗତ ନିମ୍ନ ଲିଖିତ ବୟସ ବର୍ଗର ଉପଭୋକ୍ତା ମାନଙ୍କର ରକ୍ତହୀନତାର ପରୀକ୍ଷା, ଚିକିତ୍ସା ଓ ପରାମର୍ଶ ସେବା ମାଗଣାରେ ଉପଲବ୍ଧ।
- ୬-୫୯ ମାସର ପିଲାମାନଙ୍କର ଅଙ୍ଗନୱାଡି କେନ୍ଦ୍ରରେ
- ୫-୯ ବର୍ଷର ପିଲାଙ୍କର ସରକାରୀ ପ୍ରାଥମିକ ବିଦ୍ୟାଳୟରେ
- ୧୦-୧୯ ବର୍ଷର ପିଲାଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟରେ
- ପ୍ରଜନନକ୍ଷମ ମହିଳା (୨୦-୨୪ ବର୍ଷ), ଗର୍ଭବତୀ ମହିଳା ଓ ପ୍ରସୂତୀ ମହିଳାଙ୍କର ମମତା ଦିବସରେ (ଗ୍ରାମ ଓ ସହରାଞ୍ଚଳ ଉଭୟ)

▶ ରକ୍ତହୀନତା ଯୋଗୁଁ ଶାରିରୀକ, ମାନସିକ ଓ ବୌଦ୍ଧିକ ବିକାଶରେ ବାଧା, ଥକ୍କାପଣ, ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ଓ ଗର୍ଭ ସମୟରେ ବିଭିନ୍ନ ପ୍ରକାର ଜଟିଳତା ଦେଖା ଦେଇଥାଏ।
ସମସ୍ତ ଉପଭୋକ୍ତାଙ୍କୁ ଅନୁରୋଧ ସେମାନେ ରକ୍ତହୀନତାର ସ୍ଥିତି ଜାଣିବା ପାଇଁ ରକ୍ତ ପରୀକ୍ଷା କରି ନିଜର ସମ୍ପୂର୍ଣ୍ଣ ଚିକିତ୍ସା କରାଇ ନିଅନ୍ତୁ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
http://www.health.odisha.gov.in/
@HFWOdisha
OIPR-10003/13/0158/2324

DSPL-560
ଓଡ଼ିଶା ସରକାର
ଆମ ଓଡ଼ିଶା ନବୀନ ଓଡ଼ିଶା
ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ
୧୩ଟି ଜିଲ୍ଲାରେ
୪୬୦୦ କୋଟି ଟଙ୍କା ବ୍ୟୟରେ
୧୯ଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
କରକମଳରେ
ଭିତ୍ତିପ୍ରସ୍ତର ସ୍ଥାପନ
୨୦ ଜାନୁଆରୀ ୨୦୨୪
ପୂର୍ବାହ୍ନ ୧୧ଟା ୩୦ ମିନିଟ୍

ଜଳସମ୍ପଦ ବିଭାଗ
OIPR-32520/13/0014/2324

# ସମ୍ଭାବ୍ୟ ପ୍ରତିଦ୍ୱନ୍ଦ୍ୱୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଇନ୍ଲାଣ୍ଡ ୱାଟରୱେଜ୍ ଅଥରିଟି ଅଫ୍ ଇଣ୍ଡିଆ (ଆଇଡବ୍ଲ୍ୟୁଏଆଇ) ଚେୟାରମ୍ୟାନ ପଦବୀରୁ ବରିଷ୍ଠ ଆଇଏଏସ୍ ଅଧିକାରୀ ସଞ୍ଜୟ ବନ୍ଦ୍ୟୋପାଧ୍ୟାୟ ମୂଳ କ୍ୟାଡରକୁ ଅକସ୍ମାତ୍ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଅପ୍ରତ୍ୟାଶିତ ପଦକ୍ଷେପର ମୂଳ କାରଣକୁ ନେଇ ପର୍ଯ୍ୟବେକ୍ଷକ ତଥା ବାବୁଙ୍କ ମଧ୍ୟରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ପୂର୍ବରୁ କେନ୍ଦ୍ରରେ ସଚିବ ସ୍ତରୀୟ ସମାନ ପଦବୀରେ ଅବସ୍ଥାପିତ ବନ୍ଦ୍ୟୋପାଧ୍ୟାୟଙ୍କୁ ତୁରନ୍ତ ତାଙ୍କ ମୂଳ ମଧ୍ୟପ୍ରଦେଶ କ୍ୟାଡରରେ ପୁନଃ ନିଯୁକ୍ତି ଦିଆଯାଇ ତୁରନ୍ତ ଯୋଗଦେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ମଧ୍ୟପ୍ରଦେଶର ବାବୁ ପରିସରରେ ଗୁଞ୍ଜରଣ ଉଠୁଛି ଯେ, ପରବର୍ତ୍ତୀ ତଥା ସମ୍ଭାବ୍ୟ ରାଜ୍ୟ ମୁଖ୍ୟ ଶାସନ ସଚିବ ନିଯୁକ୍ତି ସହ ତାଙ୍କ ପ୍ରତ୍ୟାବର୍ତ୍ତନର ସମ୍ପର୍କ ରହିଛି। ତେବେ ଚଳିତ ବର୍ଷ ମାର୍ଚ୍ଚରେ କାର୍ଯ୍ୟରତ ମୁଖ୍ୟ ଶାସନ ସଚିବ ବୀରା ରାଣାଙ୍କ ଅବସର ଗ୍ରହଣକୁ ନେଇ ଅନିଶ୍ଚିତତା ଦେଖାଦେଇଛି। କାରଣ ତାଙ୍କ କାର୍ଯ୍ୟକାଳ ବୃଦ୍ଧି ହେବା ଆଶଙ୍କା ରହିଛି। ନିକଟରେ ଅନୁଷ୍ଠିତ ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲକରିବା ସହ ମଧ୍ୟପ୍ରଦେଶରେ ନେତୃତ୍ୱରେ ପରିବର୍ତ୍ତନ ଘଟିଛି ଓ ଜଣେ ନୂଆ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଏଣୁ ସେଠାକାର ସ୍ଥିତି ଉପରେ କେନ୍ଦ୍ର ନଜର ରଖିଛି। ବିଧାନସଭା ନିର୍ବାଚନ ପୂର୍ବରୁ ରାଣାଙ୍କ ନିଯୁକ୍ତିକୁ ନେଇ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ଦେଖିଲେ ସେ ମୁଖ୍ୟ ଶାସନ ସଚିବ ଭାବରେ ରହିବା ଅଧିକ ଅନିଶ୍ଚିତତା ଭିତରେ ଅଛି। ଅନ୍ୟ ଏକ ବିକଳ୍ପ ଦୃଷ୍ଟିକୋଣକୁ ବିଚାରକଲେ ଜଣାପଡ଼େ ଯେ, ତାଙ୍କଠାରୁ ଜୁନିୟର ପରିବହନ ସଚିବମାନଙ୍କ ଅଧୀନରେ ବନ୍ଦ୍ୟୋପାଧ୍ୟାୟଙ୍କୁ କ୍ରମାଗତ ଭାବେ ନିଯୁକ୍ତ କରାଯାଉଥିବାରୁ ତାଙ୍କୁ ମୂଳ କ୍ୟାଡରକୁ ଫେରାଇ ଆଣିବା ନିଷ୍ପତ୍ତି ନିଆଯାଇଥାଇପାରେ। ଏହା ସତ୍ତ୍ୱେ, କ୍ୟାଡରର ଜଣେ ବରିଷ୍ଠ ଅଧିକାରୀ ଏବଂ ଚାକିରି କାର୍ଯ୍ୟକାଳ ଅଗଷ୍ଟ ୨୦୨୪ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିବାରୁ ବନ୍ଦୋପାଧ୍ୟାୟ ମଧ୍ୟପ୍ରଦେଶର ମୁଖ୍ୟ ଶାସନ ସଚିବ ପଦବୀ ପାଇଁ ଜଣେ ସମ୍ଭାବ୍ୟ ପ୍ରତିଦ୍ୱନ୍ଦ୍ୱୀ।

### ଦକ୍ଷତାର ଉପଯୋଗ

ଜମ୍ମୁ କଶ୍ମୀର ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ଜେକେଆର୍ଇଆର୍ଏ)ର ଅଧ୍ୟକ୍ଷ ଭାବେ ଆଇଏଏସ୍ ଅଧିକାରୀ ସତୀଶ ଚନ୍ଦ୍ରାଙ୍କୁ ନିଯୁକ୍ତକରି କେନ୍ଦ୍ର ତାଙ୍କ ଉପରେ ପୁନଃ ଆସ୍ଥା ସ୍ଥାପନ କରିଛି। ଜୁନ୍ ୨୦୨୧ରେ ଆରମ୍ଭ କରାଯାଇଥିବା ଜମ୍ମୁକଶ୍ମୀର ଲୋକ ସେବା ଆୟୋଗର ଅଧ୍ୟକ୍ଷ ଭାବେ ସେ ତାଙ୍କ କାର୍ଯ୍ୟକାଳ ଶେଷ କରିଥିଲେ। ଆର୍ଇଆର୍ଏର ପ୍ରଥମ ଅଧ୍ୟକ୍ଷ ପରିମଳ ରାୟ ନିଯୁକ୍ତି ପାଇବାର ୫୦ ଦିନ ମଧ୍ୟରେ ଇସ୍ତଫା ଦେବା ପରେ ୨୦୨୨ ସେପ୍ଟେମ୍ବରରୁ ଖାଲି ପଡ଼ିଥିବା ଏହି ଗୁରୁତ୍ୱପୂର୍ଣ୍ଣ ପଦବୀର ଦାୟିତ୍ୱ ନେଇଛନ୍ତି ଚନ୍ଦ୍ରା। ଆନ୍ଧ୍ରପ୍ରଦେଶର କ୍ୟାଡର ଆଇଏଏସ୍ ଚନ୍ଦ୍ରାଙ୍କୁ ଏକ ପ୍ରମୁଖ ପଦବୀକୁ ଫେରାଇ ଆଣିବା ନିଷ୍ପତ୍ତି ସୂଚିତ କରୁଛି ଯେ, ଏହି ସମ୍ବେଦନଶୀଳ ଅଞ୍ଚଳରେ ଚନ୍ଦ୍ରାଙ୍କ ଦକ୍ଷତା, ଉପଯୋଗିତା ଏବଂ ପ୍ରଭାବକୁ କେନ୍ଦ୍ର ସ୍ୱୀକାର କରିଛି। ସୂତ୍ରରୁ ଜଣାପଡ଼ିଛି, ବାହାରର ଜଣେ ଅଧିକାରୀଙ୍କୁ ନିଯୁକ୍ତି ଦେଇ ଜଣେ ପ୍ରଶାସକଙ୍କ ଦକ୍ଷତା ବଢ଼ାଇପାରିବ ବୋଲି କେନ୍ଦ୍ର ଲକ୍ଷ୍ୟ ରଖିଛି। ପ୍ରଥମେ ଜମ୍ମୁ କଶ୍ମୀର ଲୋକ ସେବା ଆୟୋଗ ଏବଂ ଏବେ ଆର୍ଇଆର୍ଏର ଅଧ୍ୟକ୍ଷ ଭାବେ ଚନ୍ଦ୍ରାଙ୍କ ଲଗାତର ନିଯୁକ୍ତି ଜମ୍ମୁ କଶ୍ମୀର ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନର ସମାଧାନ ପାଇଁ ତାଜା ଦୃଷ୍ଟିକୋଣ ଏବଂ ପ୍ରଶାସନିକ ଦୃଢ଼ତା ପାଇଁ ଏକ ସୁଚିନ୍ତିତ ପ୍ରୟାସର ସଙ୍କେତ ଦିଏ। କେନ୍ଦ୍ର ଜମ୍ମୁ କଶ୍ମୀରରେ ଶାସନରେ ଜଟିଳ ସମସ୍ୟାର ସମ୍ମୁଖୀନ ହେଉଛି। ବିଶେଷକରି ସାଧାରଣ ନିର୍ବାଚନର କିଛି ମାସ ପରେ ସେଠାରେ ବିଧାନସଭା ନିର୍ବାଚନ ହେବାର ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ ତାଙ୍କ ଅନୁଭବ ଓ ଦକ୍ଷତାରୁ ଲାଭ ଉଠାଇବା ଏବଂ ବାହାରର ଅଧିକାରୀ ଦୃଷ୍ଟିକୋଣରୁ ତାଙ୍କ ଦ୍ୱାରା ପ୍ରଶାସନ ସଞ୍ଚାଳନ କରିବାକୁ କେନ୍ଦ୍ର ଚାହୁଁଥିବା ଚନ୍ଦ୍ରାଙ୍କ ନିଯୁକ୍ତିରୁ ସ୍ପଷ୍ଟ ହୁଏ।

### ନୂଆ ଆଭିମୁଖ୍ୟ

ଚଣ୍ଡିଗଡ଼ ପ୍ରଶାସକଙ୍କୁ ନିୟମିତ ପରାମର୍ଶଦାତା ଯୋଗାଇଦେବା ପାଇଁ କେନ୍ଦ୍ର ଏକ ନୂତନ ଆଭିମୁଖ୍ୟ ଗ୍ରହଣ କରୁଥିବା ଜଣାପଡ଼ିଛି। ପୁଡୁଚେରୀ ମୁଖ୍ୟ ସଚିବ ରାଜୀବ ବର୍ମାଙ୍କୁ ଚଣ୍ଡିଗଡ଼କୁ ସ୍ଥାନାନ୍ତର କରିବା ପାଇଁ ପ୍ରାରମ୍ଭିକ ପ୍ରସ୍ତାବ ରହିଥିଲା। କିନ୍ତୁ ବର୍ତ୍ତମାନ ଏହି ପଦବୀ ପାଇଁ ଅନ୍ୟ ଜଣେ ଆଇଏଏସ୍ ଅଧିକାରୀଙ୍କ ଉପରେ ଧ୍ୟାନ ଦିଆଯାଇଛି। ସୂତ୍ରରୁ ପ୍ରକାଶ ଯେ, ପୂର୍ବତନ ଡିଡିଏ ଉପାଧ୍ୟକ୍ଷ ତଥା ଦିଲ୍ଲୀ ସରକାରଙ୍କ ବର୍ତ୍ତମାନର ଅତିରିକ୍ତ ମୁଖ୍ୟ ଶାସନ ସଚିବ ୧୯୯୧ ବ୍ୟାଚ୍ ୟୁନିୟନ ଟେରିଟୋରି (ୟୁଟି) କ୍ୟାଡର ଅଧିକାରୀ ମନୀଷ କୁମାର ଗୁପ୍ତା ଚଣ୍ଡିଗଡ଼ ପାଇଁ ପରାମର୍ଶଦାତା ଦୌଡ଼ରେ ଆଗରେ ରହିଛନ୍ତି। ଗତବର୍ଷ ଅକ୍ଟୋବରରେ ଧରମ ପାଲଙ୍କ ଅବସର ପରେ ୟୁଟି ପରାମର୍ଶଦାତା ପଦବୀ ଅସ୍ଥାୟୀ ବ୍ୟବସ୍ଥାରେ ରହିଆସିଛି। କେତେଜଣ ବ୍ୟକ୍ତି ଏହି ନୂତନ ପଦ୍ଧତିର ସମ୍ଭାବ୍ୟତା ଉପରେ ସନ୍ଦେହ ପ୍ରକଟ କରୁଛନ୍ତି। ପ୍ରଶାସକ ତଥା ପଞ୍ଜାବର ରାଜ୍ୟପାଳ ବନ୍ୱାରିଲାଲ ପୁରୋହିତ କାର୍ଯ୍ୟନିର୍ବାହୀ ପରାମର୍ଶଦାତା ଭାବରେ କାର୍ଯ୍ୟ କରୁଥିବା ନୀତିନ କୁମାର ଯାଦବଙ୍କ ଉପରେ ସନ୍ତୁଷ୍ଟ ଥିବା ଦର୍ଶାଇ କେତେକେ ଯୁକ୍ତି କରନ୍ତି ଯେ,ପ୍ରଶାସନ ପାଇଁ ଅତିରିକ୍ତ ଦାୟିତ୍ୱ ବ୍ୟବସ୍ଥା ଠିକ୍ ଅଛି। ନୀତିନ କୁମାର ଏବେ ଗୃହ ବିଭାଗରେ ପ୍ରମୁଖ ସଚିବ ଅଛନ୍ତି ଓ ପଞ୍ଜାବ ପ୍ରଶାସକଙ୍କ କାର୍ଯ୍ୟନିର୍ବାହୀ ପରାମର୍ଶଦାତା ଭାବେ ଦାୟିତ୍ୱ ତୁଲାଉଛନ୍ତି। ସାମ୍ନାକୁ ଆସିଥିବା ଏଭଳି ଆଭିମୁଖ୍ୟ ସମ୍ଭାବ୍ୟ ନିଯୁକ୍ତି ପଛରେ ଥିବା ରଣନୀତିକ ବିଚାର ଏବଂ ଉପଯୁକ୍ତ ପ୍ରାର୍ଥୀ ବାଛିବାରେ ଜଡ଼ିତ ମନୋଭାବ ଉପରେ ପ୍ରଶ୍ନ ସୃଷ୍ଟିକରେ। ଅବଶ୍ୟ ଚୂଡ଼ାନ୍ତ ନିଯୁକ୍ତି ପାଇଁ କେନ୍ଦ୍ର ନିଷ୍ପତ୍ତି ନେବ, କିନ୍ତୁ ସେପର୍ଯ୍ୟନ୍ତ ବାବୁମାନେ ସଂଶୟରେ ରହିବେ।

Email: dilipcherian@gmail.com

# ପ୍ରଯୁକ୍ତି: ସମୟର ବିଶ୍ୱକର୍ମା



ଡ. ଗୌରୀଶଙ୍କର ସାହୁ

ଯନ୍ତ୍ରପାତି, କଳା ଓ କୌଶଳ ସାମଗ୍ରିକ ଭାବେ ପ୍ରଯୁକ୍ତିର ସ୍ୱରୂପ ନିଏ। ବସ୍ତୁ ଓ ପଦାର୍ଥ ସୃଷ୍ଟି କରେ। ଆବଶ୍ୟକୀୟ ସେବା ଯୋଗାଇଥାଏ। ଏମିତି ବି ହୁଏ, ଯନ୍ତ୍ରାଂଶରେ ପ୍ରଯୁକ୍ତି ନିହିତ ଥାଏ, ଯାହା ଯନ୍ତ୍ରାଂଶଟିକୁ ଚଳାଉଥିବା ଶ୍ରମଜୀବୀକୁ ଜଣା ନ ଥାଏ, ହେଲେ ସେ ଏହା କିପରି କାର୍ଯ୍ୟକ୍ଷମ ହେବ, କିପରି ଉତ୍ପାଦନ କରିବ, ଏତିକି ଜାଣିଥାଏ ଓ ଚଳାଇଥାଏ ବଡ଼ ବଡ଼ ଶିଳ୍ପ ସଂସ୍ଥା। କଞ୍ଚାମାଲ, ଶ୍ରମିକ,ବିଶେଷଜ୍ଞଙ୍କର ଶାରୀରିକ ଓ ବୌଦ୍ଧିକ ସମ୍ବଳ ତଥା କାର୍ଯ୍ୟଦକ୍ଷତା ବଳରେ ମୂଲ୍ୟଯୁକ୍ତ ହୁଏ ଓ ମୂଲ୍ୟବାନ ସମ୍ପଦ ସୃଷ୍ଟି ହୁଏ। ପରିଶ୍ରମ, କାର୍ଯ୍ୟଦକ୍ଷତା ଓ କୁଶଳୀ ହାତ କୋଇଲାକୁ କଳାହୀରା କରିପାରେ।

ନୋବେଲ୍ ବିଜେତା ରୋନାଲ୍ଡ କୋସ୍, ୧୯୩୭ ସାଲ୍‌ରେ 'The Nature of the Firm' ଶୀର୍ଷକ ସନ୍ଦର୍ଭଟିଏ ଲେଖିଥିଲେ। ଏହାକୁ ପଢ଼ିଲେ ଜାଣିପାରିବେ କିପରି ପ୍ରଯୁକ୍ତି କାର୍ଯ୍ୟ ଓ କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିଥାଏ। ବିନିମୟ ଓ ସୂଚନା, କାର୍ଯ୍ୟକ୍ଷେତ୍ର ମଧ୍ୟରେ ଓ କାର୍ଯ୍ୟକ୍ଷେତ୍ରମାନଙ୍କ ମଧ୍ୟରେ ଶ୍ରମିକର ଦକ୍ଷତା ବିକାଶ ସହ ସମ୍ବନ୍ଧିତ ଏବଂ ବ୍ୟବସାୟର ବୃଦ୍ଧିହ୍ରାସର କାରଣ ସାଜିଥାଏ। ପ୍ରଯୁକ୍ତି ଶ୍ରମିକର ପାରଦର୍ଶିତା ଓ କାର୍ଯ୍ୟଦକ୍ଷତାକୁ ବୃଦ୍ଧିକରିଥାଏ। କାମ କରିବାର ପରିବେଶ, ପରିସ୍ଥିତି ପରିବର୍ତ୍ତନ ପୂର୍ବକ କଠିନ କାମକୁ ସହଜ କରିଥାଏ। ତତ୍କାଳ ସୂଚନା ପ୍ରେରଣର ସୁବିଧା ଓ ମଜୁରି ପ୍ରଦାନ ବ୍ୟବସ୍ଥା ଏବେ ବ୍ୟବସାୟରେ ସର୍ବବ୍ୟାପୀ ହୋଇପାରିଛି। ଅନ୍‌ଲାଇନ୍ ଯୋଗାଯୋଗ ଶ୍ରମିକ ଓ ବିଶେଷଜ୍ଞମାନଙ୍କ ମଧ୍ୟରେ ଘନିଷ୍ଠ ସହଯୋଗ ଏବଂ ସହଭାଗିତା ବୃଦ୍ଧି କରିଥାଏ ତଥା ଦୂରରେ ଥିବା ଲୋକଙ୍କୁ ଏପରି ଲାଗିଥାଏ, ଯେମିତି ସେମାନେ ପାଖରେ ଅଛନ୍ତି। ଭିଡିଓ କନ୍‌ଫରେନ୍ସିଂ, କ୍ଲାଉଡ୍ ମାଧ୍ୟମରେ ତଥ୍ୟ ବିନିମୟ ଯୁଗରେ କାର୍ଯ୍ୟକ୍ଷେତ୍ରର ଭୌଗୋଳିକ ସଂଜ୍ଞାରେ ବ୍ୟାପକ ପରିବର୍ତ୍ତନ ଆସିପାରିଛି। ବାସ୍ତବରେ ସୂଚନା ପ୍ରଯୁକ୍ତି ଯୋଗାଯୋଗକୁ ସହଜ, ସରଳ ଓ ସମର୍ଥ କରିବା ସଙ୍ଗେ ସଙ୍ଗେ କାର୍ଯ୍ୟର ଧାରା ଓ ଧାରଣାକୁ ନୂତନ ସଂଜ୍ଞା ଦେଇଛି ତଥା ନୂତନ ରୂପରେ ରଙ୍ଗାୟିତ କରିଛି। ଶିଳ୍ପ ସଂସ୍ଥାର ରୂପ ଓ ସ୍ୱରୂପ ମଧ୍ୟ ପରିବର୍ତ୍ତିତ ହୋଇଛି। ସୂଚନା ପ୍ରଯୁକ୍ତିର ବିକାଶ ବଳରେ କମ୍ପ୍ୟୁଟର ନେଟ୍‌ୱର୍କ ମାଧ୍ୟମରେ ଦୂରରେ ରହି ନିୟନ୍ତ୍ରଣ କରିବା କଳା ଓ କୌଶଳ ଲାଭ କରିଛି ମଣିଷ। ଉତ୍ପାଦନ ମୂଲ୍ୟ, ଗୁଣବତ୍ତା ବୃଦ୍ଧି ସହ ପରିବେଶ ସୁରକ୍ଷା ଓ ବ୍ୟକ୍ତି ସୁରକ୍ଷା ସୁନିଶ୍ଚିତ କରାଯାଇପାରିଛି।



ଇଣ୍ଟରନେଟ୍‌ର ଆବିର୍ଭାବ ପରେ ତତ୍କାଳ ସୂଚନା ଆଦାନ ପ୍ରଦାନ ସହ ଘରେ ବସି ଦୁନିଆର ସବୁ ପାର୍ଥିବ ଓ ଅପାର୍ଥିବ ପାଠାଗାରରୁ ତଥ୍ୟ ଅଧିଗ୍ରହଣ ଓ ଜ୍ଞାନଲାଭ ସମ୍ଭବପର ହୋଇପାରିଛି। ଘରେ ବସି କାମ କରିବା ଧାରା ଶିଳ୍ପସଂସ୍ଥାର ସଂଜ୍ଞା ବଦଳାଇ ଦେଇଛି। ଉତ୍ପାଦନ ଶିଳ୍ପକୁ ପଛରେ ପକାଇ ଦେଇଛି ସେବା ପ୍ରଦାନକାରୀ ବ୍ୟବସାୟ ସବୁ।

ଆମେରିକାର ସତୁରି ପ୍ରତିଶତ ଶିଳ୍ପସଂସ୍ଥା ସ୍ଲାକ୍ ନାମକ ମେସେଜିଙ୍ଗ୍ ପ୍ଲାଟ୍‌ଫର୍ମରେ ସୂଚନା ଆଦାନ ପ୍ରଦାନ କରନ୍ତି। କଗ୍‌ନିଜାଣ୍ଟ, ଏଚ୍.ସି.ଏଲ୍.ଟି., ଇନ୍‌ଫୋସିସ୍, ଟି.ସି.ଏସ୍., ଟେକ୍ ମହିନ୍ଦ୍ରା, ୱିପ୍ରୋ ପ୍ରଭୃତି ବିଶ୍ୱର ଅଗ୍ରଣୀ ଆଇ.ଟି. ସଂସ୍ଥାଗୁଡ଼ିକର ବାର୍ଷିକ ଅଭିବୃଦ୍ଧି ହାର୨୫ ପ୍ରତିଶତରୁ ଅଧିକ ବୋଲି ୦୧ ଅଗଷ୍ଟ ୨୦୨୩ରେ ଇକନମିଷ୍ଟ ପତ୍ରିକାରେ ପ୍ରକାଶିତ ନିବନ୍ଧରୁ ଜଣାପଡ଼ିଛି। ଭାରୀ ଶିଳ୍ପଗୁଡ଼ିକ ସମ୍ପ୍ରତି ସ୍ଥିତାବସ୍ଥା ବଜାୟ ପାଇଁ ସଂଘର୍ଷ କରୁଛନ୍ତି। ସ୍ୱୟଂକ୍ରିୟତା(ଅଟୋମେସନ୍) ଗୋଟିଏ ପଟେ ଶିଳ୍ପ ସଂସ୍ଥାରେ ଛଟେଇର କାରଣ ସାଜିଥିବା ବେଳେ, ଆର ପଟେ ନୂଆ ଶିଳ୍ପସଂସ୍ଥା ଗଠନର ମାଧ୍ୟମ ହୋଇପାରିଛି। ଅନ୍‌ଲାଇନ୍ ଶିଳ୍ପ ଘରେ ବସି, ଗାଁରେ ବସି ବଡ଼ ଶିଳ୍ପସଂସ୍ଥାରେ କାମ କରିବାର ସୁଯୋଗ ସୃଷ୍ଟି କରିଛି। ଚାକିରିର ସ୍ୱରୂପ ମଧ୍ୟ ପରିବର୍ତ୍ତିତ ହୋଇଛି। ଜଣେ ଲୋକ ଏକାସାଥିରେ ଏକାଧିକ ସଂସ୍ଥାରେ କାମ କରି ଅଧିକ ରୋଜଗାର କରିପାରୁଛି। ଫ୍ରିଲାନ୍ସ କର୍ମଜୀବୀମାନଙ୍କ ମହତ୍ତ୍ୱ ବୃଦ୍ଧି ପାଇଛି। ସ୍ୱାଧୀନ କାମ, ସ୍ୱାଧୀନ କର୍ମଜୀବୀ ବର୍ତ୍ତମାନ ଅର୍ଥ ବ୍ୟବସ୍ଥାର ସିଂହଭାଗ ମାଡ଼ିବସିଲେଣି। ଏହାକୁ ଗିଗିଲିଙ୍ଗ (Giggling) କୁହାଯାଉଛି।

ପରିବର୍ତ୍ତିତ ପରିସ୍ଥିତିରେ ଜ୍ଞାନଲାଭ, କୌଶଳ ଅଧିଗ୍ରହଣ ଓ ଦକ୍ଷତା ବିକାଶର ମାଧ୍ୟମ ପାଲଟିଛି ଆଭାସୀ ଶ୍ରେଣୀଗୃହ। ମାସାଚୁସେଟ୍ ପ୍ରଯୁକ୍ତି ପ୍ରତିଷ୍ଠାନ (MIT)ର ''Circuit & Electronics' ପାଠ୍ୟକ୍ରମ ୧୬୦ଟି ଦେଶର ପାଖାପାଖି ଲକ୍ଷେ ଛାତ୍ରୀଛାତ୍ର ଗ୍ରହଣ କରିଛନ୍ତି। ମାସିଭଲି ଓପନ୍ ଅନ୍‌ଲାଇନ୍ କୋର୍ସ (ମୁକ୍) ଗୁଣବତ୍ତା ଦୃଷ୍ଟିରୁ ଯଥେଷ୍ଟ ଭଲ ଓ ଦେଶର କୋଣ ଅନୁକୋଣରେ ପହଞ୍ଚି ସାଧାରଣ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ଉଚ୍ଚମାନର ଶିକ୍ଷାଦାନ ଯୋଗାଇପାରିଛି।

ଶିଳ୍ପ ବିପ୍ଳବ ପୂର୍ବରୁ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ଭାରିମାତ୍ରାରେ କଞ୍ଚାମାଲ୍ ଠୁଳକରି କୌଳିକ ବୃତ୍ତିଧାରୀ କର୍ମଜୀବୀମାନଙ୍କୁ ଯୋଗାଉଥିଲେ। କର୍ମଜୀବୀମାନେ ଉତ୍ପାଦନ କଳାପରେ ବସ୍ତୁ ଓ ସେବା ପୁଣି ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ଖାଉଟିମାନଙ୍କ ପାଖରେ ପହଞ୍ଚୁଥିଲା। ବଡ଼ ବଡ଼ ଶିଳ୍ପସଂସ୍ଥା ଗଢ଼ିଉଠିଲା ପରେ କୌଳିକ ବୃତ୍ତିଗୁଡ଼ିକ ଚାପରେ ରହିଲେ। ପୁଞ୍ଜିବାଦୀ ଶିଳ୍ପ ବ୍ୟବସ୍ଥାରେ ଗୋଟିଏ ଶିଳ୍ପସଂସ୍ଥାରେ କେନ୍ଦ୍ରୀଭୂତ ହେଲେ ଶ୍ରମିକଗୋଷ୍ଠୀ। ଚାକିରିଆ ଗୋଷ୍ଠୀ ସୃଷ୍ଟି ହେଲେ ଓ ସୃଷ୍ଟି ହେଲେ ଶ୍ରମିକ ଶ୍ରେଣୀ। ଶୋଷଣ, କଷଣ, ସାହିତ୍ୟ, ସଂସ୍କୃତି ଓ ସାମାଜିକ ବ୍ୟବସ୍ଥାରେ ପ୍ରତିଫଳିତ ହେଲା।

ପ୍ରଯୁକ୍ତିର ବିକାଶ କେନ୍ଦ୍ରୀଭୂତ ଶିଳ୍ପ ବ୍ୟବସ୍ଥାକୁ ପୁଣି ରୂପାନ୍ତରିତ ହେଲା। ଆଇ.ଟି. ଶିଳ୍ପ ଓ ଅନ୍ୟାନ୍ୟ ସାମ୍ପ୍ରତିକ ଶିଳ୍ପ ଅର୍ଥନୀତିରେ ବିଛେଇ ହୋଇ ରହିଲେ କର୍ମଜୀବୀ ଭୌଗୋଳିକ ବନ୍ଧନକୁ ଛିଣ୍ଡାଇ, ପରସ୍ପରଠାରୁ ଦୂରରେ ରହି। ଆମାଜନ, ଫ୍ଲିପ୍‌କାର୍ଟ, ଓଲା ଓ ଉବର ଯୁଗରେ ଶିଳ୍ପସଂସ୍ଥାନର ସଂଜ୍ଞା ପରିବର୍ତ୍ତନ ହୋଇଗଲାଣି। ସ୍ୱାଧୀନତା, ସ୍ୱାଧୀନଚେତା ଓ କର୍ମକୁଶଳତା ସାମାଜିକ-ରାଜନୈତିକ-ସାଂସ୍କୃତିକ ଜୀବନରେ ପ୍ରତିଫଳିତ ସୋସିଆଲ୍ ମିଡିଆଯୁଗରେ।

ଆଦିମକାଳରୁ ପ୍ରତ୍ୟେକଟି ବୈଷୟିକ ବିକାଶ କାମ କରିବାର ପଦ୍ଧତିକୁ ପରିବର୍ତ୍ତିତ କରିଆସିଛି। ଲଙ୍ଗଳ ଆବିଷ୍କାର ହେବାପରେ ଧନୁଶର, ଚକ୍ର ଛାଡ଼ି ଶିକାରୀ ଚଷାପୁଅଟିଏ ହେଲା, ଚାଷବାସ କଲା, ଜଙ୍ଗଲ ଛାଡ଼ି ଗାଁରେ ରହିଲା। ମୁଦ୍ରଣ ଯନ୍ତ୍ର, ଘୂର୍ଣ୍ଣନ ଯନ୍ତ୍ର, ଜଳବିଦ୍ୟୁତ୍ ତଥା ତାପଜ ବିଦ୍ୟୁତ୍ ପ୍ରକଳ୍ପ, ସୂତାକଳ ଚାଷୀମାନଙ୍କୁ ଶ୍ରମିକ ସଜେଇ ସହରାଭିମୁଖୀ କଲା। ଡିଜିଟାଲ୍ ବିପ୍ଳବ ଶ୍ରମିକ ଶ୍ରେଣୀକୁ ସଫ୍ଟୱେର ଇଞ୍ଜିନିୟର ସଜାଇ ଘରୁ ମଧ୍ୟ କାମ କରାଇପାରେ, ଛୋଟ ସହର ମଧ୍ୟ ଅର୍ଥନୀତିର କେନ୍ଦ୍ରସ୍ଥଳୀ ହୋଇପାରେ ପ୍ରମାଣିତ କରିଛି। ୱେ ଥ୍ରୀ କାର୍ଯ୍ୟଶୈଳୀରେ ବୈପ୍ଳବିକ ପରିବର୍ତ୍ତନ ଆଣିବାର ସୁଯୋଗ ସୃଷ୍ଟି କରିଛି। ପ୍ରଯୁକ୍ତି କାମ କରିବାର କଳା ଓ କୌଶଳକୁ ପ୍ରଭାବିତ କରି ପରିବର୍ତ୍ତନର ବାର୍ତ୍ତା ଆଣିଛି ଆମ ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଜୀବନରେ। 'କର୍ମସୁ କୌଶଳମ୍'-ର ଅର୍ଥ ଧୀରେ ଧୀରେ ବୁଝାପଡୁଛି।

**ପ୍ରାଧ୍ୟାପକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ହିମାଚଳ ପ୍ରଦେଶ**

**ମୋ: ୭୯୭୮୪୨୧୮୩୫**

# ରାଜ୍ୟପାଳ ଓ ସରକାରିଆ କମିଶନ



ରବିନାରାୟଣ ସାମଲ

କେନ୍ଦ୍ର-ରାଜ୍ୟ ସଂଘୀୟ ବ୍ୟବସ୍ଥା ଭିତରେ ରାଜ୍ୟପାଳଙ୍କ ଭୂମିକା ବିବଦମାନ। ବିରୋଧୀ ଦଳ ଶାସିତ ରାଜ୍ୟରେ କେନ୍ଦ୍ର ଦ୍ୱାରା ନିଯୁକ୍ତ ରାଜ୍ୟପାଳମାନେ ପରୋକ୍ଷ ଭାବରେ କେନ୍ଦ୍ର ନିର୍ଦ୍ଦେଶରେ ପରିଚାଳିତ ହେଉଥିବା ଲକ୍ଷ୍ୟ କରାଯାଉଛି। ରାଜ୍ୟର ହିତକୁ ବିଚାରକୁ ନ ନେଇ ରାଜ୍ୟପାଳମାନେ ଯଥେଚ୍ଛାଚାରିତା ନୀତି ଅବଲମ୍ବନ କରୁଛନ୍ତି। ଫଳରେ ଏ ସଂକ୍ରାନ୍ତରେ ଏକାଧିକ ମାମଲା ବର୍ତ୍ତମାନ ସର୍ବୋଚ୍ଚ ନ୍ୟାୟାଳୟର ବିଚାରାଧୀନ ଅଛି।

ରାଜ୍ୟର ସୁପରିଚାଳନା ପାଇଁ ସାଧାରଣତଃ ରାଜ୍ୟ ସରକାର ବିଧାନସଭାରେ ବିଲ୍ ଆଗତ କରିଥାନ୍ତି। ବିଧାନସଭାରେ ତାହା ଗୃହୀତ ହେବା ପରେ ରାଜ୍ୟପାଳଙ୍କ ସ୍ୱୀକୃତି ପାଇଁ ପଠାଯାଇଥାଏ। ରାଜ୍ୟପାଳ ସେହି ବିଲ୍‌କୁ ସ୍ୱୀକୃତି ଦେଇଥାନ୍ତି, ପୁନର୍ବିଚାର ପାଇଁ ବିଧାନସଭାକୁ ଫେରାଇ ପାରନ୍ତି କିମ୍ବା ଅନୁମୋଦନ ପାଇଁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇପାରନ୍ତି। ସମ୍ବିଧାନର ଧାରା ୨୦୦ରେ ରାଜ୍ୟପାଳଙ୍କ ଏହି କ୍ଷମତା ଲିପିବଦ୍ଧ ହୋଇ ରହିଛି। ଉଲ୍ଲେଖଯୋଗ୍ୟ ଯେ 'ଯେତେ ଶୀଘ୍ର ସମ୍ଭବ' ପୁନର୍ବିଚାର ପାଇଁ ରାଜ୍ୟପାଳ ବିଲ୍‌ଟିକୁ ବିଧାନସଭାକୁ ଫେରାଇଦେଇ ପାରିବେ। ମାତ୍ର ଏହି ନୀତି ଆଦୌ କାର୍ଯ୍ୟକାରୀ ହେଉନାହିଁ। ରାଜ୍ୟପାଳମାନେ ବିଲ୍‌କୁ ପକାଇ ରଖୁଛନ୍ତି।

ତାମିଲନାଡୁ ସରକାର ୨୦୨୦ରେ ୧୧ଟି ବିଲ୍ ବିଧାନସଭାରେ ପାସ୍ କରାଇ ରାଜ୍ୟପାଳଙ୍କ ନିକଟକୁ ପଠାଇଥିଲେ। ମାତ୍ର ରାଜ୍ୟପାଳ ଆର୍.ଏନ୍. ରବି ଏଯାବତ୍ ସେଗୁଡ଼ିକୁ ନିଜ ପାଖରେ ପକାଇ ରଖିଛନ୍ତି। ପଞ୍ଜାବ ରାଜ୍ୟପାଳ ବନ୍ୱାରିଲାଲ ପୁରୋହିତ ରାଜ୍ୟ ସରକାରଙ୍କ ୪ଟି ବିଲ୍‌କୁ ସ୍ୱୀକୃତି ଦେଇନାହାନ୍ତି। ସେହିପରି କେରଳ ସରକାରଙ୍କ ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍ ୮ଟି ବିଲ୍‌କୁ ନିଜ ପାଖରେ ରଖିଛନ୍ତି। ଫଳରେ କେରଳ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପଶ୍ଚିମବଙ୍ଗରେ ବିଶ୍ୱବିଦ୍ୟାଳୟର ଭାଇସ୍-ଚାନ୍‌ସେଲର୍ ନିଯୁକ୍ତିକୁ ନେଇ ରାଜ୍ୟ ସରକାର ଏକ ଅଧ୍ୟାଦେଶ ଆଗତ କରିଥିଲେ। ମାତ୍ର ରାଜ୍ୟପାଳ ସି.ଭି.ଆନନ୍ଦ ବୋଷ୍ ଏହି ଅଧ୍ୟାଦେଶରେ ସ୍ୱାକ୍ଷର କରୁନାହାନ୍ତି। ପ୍ରସଙ୍ଗତଃ ରାଜ୍ୟ ସରକାର ଓ ରାଜ୍ୟପାଳଙ୍କ ମଧ୍ୟରେ ବିବାଦ ଘନୀଭୂତ ହେବାରେ ଲାଗିଛି। ଝାଡ଼ଖଣ୍ଡରେ 'ଆଦିବାସୀ ଉପଦେଷ୍ଟା ପରିଷଦ'ରେ ମୁଖ୍ୟମନ୍ତ୍ରୀ ଚେୟାରମ୍ୟାନ୍ ହେବାକୁ ଏକ ବିଲ୍ ବିଧାନସଭାରେ ଆଗତ ହୋଇଥିଲା। ମାତ୍ର ରାଜ୍ୟପାଳ ସି.ପି.ରାଧାକ୍ରିଷ୍ଣନ୍ ଏହାକୁ ବିରୋଧ କରି ସ୍ୱୀକୃତି ଦେଇନାହାନ୍ତି।

୨୦୨୨ ଜୁଲାଇରେ ମହାରାଷ୍ଟ୍ରରେ ଉଦ୍ଧବ ଠାକେର୍‌ଙ୍କ ମନ୍ତ୍ରିମଣ୍ଡଳରୁ ଏକନାଥ ଶିନ୍ଦେ ସମର୍ଥନ ପ୍ରତ୍ୟାହାର କରିନେଇ ନୂଆ ମନ୍ତ୍ରିମଣ୍ଡଳ ଗଢ଼ିବାକୁ ପଦକ୍ଷେପ ନେଇଥିଲେ। ସେତେବେଳେ ରାଜ୍ୟପାଳ ଭଗତ୍ ସିଂ କୋଶିୟାରୀ ଏକନାଥ ଶିନ୍ଦେଙ୍କୁ ମନ୍ତ୍ରିମଣ୍ଡଳ ଗଢ଼ିବାକୁ ସୁଯୋଗ ଦେଇଥିଲେ ଏବଂ ଭାଜପା ସଭ୍ୟ ରାହୁଲ ନର୍ଭେକରଙ୍କୁ ବାଚସ୍ପତି କରାଇଥିଲେ। ଏଥିରେ ରାଜ୍ୟପାଳଙ୍କ ଭୂମିକା ଅତ୍ୟନ୍ତ ବିବାଦୀୟ ହୋଇପଡ଼ିଥିଲା।

ଦିଲ୍ଲୀ, ଲଦାଖ, ଜମ୍ମୁ-କଶ୍ମୀର, ଆଣ୍ଡାମାନ ନିକୋବର ଓ ପୁଡୁଚେରୀରେ କେନ୍ଦ୍ର ସରକାର ଉପରାଜ୍ୟପାଳଙ୍କୁ ନିଯୁକ୍ତ କରିଛନ୍ତି। ଦିଲ୍ଲୀରେ ଦ୍ୱୈତ ଶାସନ। ସେଠାରେ ସରକାର ଗଢ଼ିବ ରାଜ୍ୟ, ଶାସନ କରିବ କେନ୍ଦ୍ର। ଉପରାଜ୍ୟପାଳ ବିନୟ କୁମାର ସାକ୍ସେନା ରାଜ୍ୟର 'ଶିଶୁ ସୁରକ୍ଷା ଅଧିକାର କମିଶନ'କୁ ପାଣ୍ଠି ଯୋଗାଣ ବନ୍ଦ କରିଦେଇଛନ୍ତି। ମାମଲା ବର୍ତ୍ତମାନ ସୁପ୍ରିମ୍‌କୋର୍ଟଙ୍କ ପାଖରେ ରହିଛି।



୨୦୧୮ ନଭେମ୍ବର ୨୧ରେ ଜମ୍ମୁ-କଶ୍ମୀରର ତତ୍କାଳୀନ ଉପ-ରାଜ୍ୟପାଳ ସତ୍ୟପାଲ ମଲ୍ଲିକ ରାଜ୍ୟ ବିଧାନସଭାକୁ ହଠାତ୍ ନିଲମ୍ବନ କରିଦେଲେ। ୨୦୧୯ ଅଗଷ୍ଟ ୫ରେ ଧାରା ୩୭୦ ଓ ୩୫(କ)କୁ ଉଚ୍ଛେଦ କରିବାକୁ ପଥ ପରିଷ୍କାର ହୋଇଗଲା। ବର୍ତ୍ତମାନ ଜମ୍ମୁ-କଶ୍ମୀର୍ ଭାଗ ହୋଇ କେନ୍ଦ୍ର ସରକାରଙ୍କ ଅଧୀନକୁ ଚାଲିଯାଇଛି। ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଜମ୍ମୁ-କଶ୍ମୀର୍‌ରେ ନିର୍ବାଚନ ଶେଷ କରିବାକୁ ମାନ୍ୟବର ସୁପ୍ରିମ୍‌କୋର୍ଟ ନିର୍ବାଚନ କମିଶନକୁ ନିର୍ଦ୍ଦେଶ ଦେଇଛନ୍ତି।

ଉକ୍ତ ଘଟଣାଗୁଡ଼ିକରୁ ଏକଥା ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ରାଜ୍ୟପାଳ ଓ ଉପ-ରାଜ୍ୟପାଳମାନେ କେନ୍ଦ୍ର ସରକାରଙ୍କ ଏଜେଣ୍ଟ ଭଳି କାମ କରୁଛନ୍ତି। ସେଠି ଗଣତାନ୍ତ୍ରିକତା-ଅଗଣତାନ୍ତ୍ରିକତାର ବାଛବିଚାର ରହୁନାହିଁ। କେବଳ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଶାସନରେ ରାଜ୍ୟପାଳ- ଉପରାଜ୍ୟପାଳମାନେ ନିଜ କ୍ଷମତାର ଅପପ୍ରୟୋଗ କରୁଛନ୍ତି ତାହା ନୁହେଁ, କଂଗ୍ରେସ ସରକାରଙ୍କ ଶାସନକାଳରେ ଏପରି ଘଟଣା ମଧ୍ୟ ଘଟୁଥିଲା। ଫଳରେ କେନ୍ଦ୍ର-ରାଜ୍ୟ ମଧ୍ୟରେ ଅଧିକାଂଶ ସମୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଏହାର ସମାଧାନ ପାଇଁ ୧୯୬୬ ରେ ମୋରାରଜୀ ଦେଶାଇଙ୍କ ନେତୃତ୍ୱରେ ପ୍ରଶାସନିକ ସଂସ୍କାର ନିମିତ୍ତ ଏକ ୬ ଜଣିଆ କମିଟି ଗଠିତ ହୋଇଥିଲା। ତାହା ଅପୂର୍ଣ୍ଣାଙ୍ଗ ରହିଗଲା। ପୁନଶ୍ଚ ୧୯୮୩ରେ ନ୍ୟାୟମୂର୍ତ୍ତି ଆର୍.ଏସ୍.ସରକାରିଆଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର-ରାଜ୍ୟ ସମ୍ପର୍କ ସମ୍ବନ୍ଧରେ ଏକ କମିଶନ ୧୯୮୭ ଅକ୍ଟୋବର ୨୭ରେ ତାଙ୍କ ରିପୋର୍ଟ ଦାଖଲ କରିଥିଲେ। ସମ୍ବିଧାନର ୧୫୫ ଧାରାରେ ରାଷ୍ଟ୍ରପତି ରାଜ୍ୟପାଳଙ୍କୁ ନିଯୁକ୍ତି ଦେବାର ବିଧି ରହିଛି। ମାତ୍ର ସରକାରିଆ କମିଶନ ତାଙ୍କ ରିପୋର୍ଟରେ ସୁପାରିସ କରିଥିଲେ ଯେ, ଉପରାଷ୍ଟ୍ରପତି ଓ ଲୋକ ସଭାର ବାଚସ୍ପତିଙ୍କ ସହ ପ୍ରଧାନମନ୍ତ୍ରୀ ମନ୍ତ୍ରଣା କରି ରାଜ୍ୟପାଳଙ୍କୁ ନିଯୁକ୍ତି ଦେବେ।

ସମ୍ବିଧାନର ୧୫୭ ଓ ୧୫୮ ଧାରାରେ ରାଜ୍ୟପାଳଙ୍କ ଯୋଗ୍ୟତା ସମ୍ପର୍କରେ ଉଲ୍ଲେଖ ରହିଛି। ତଦନୁଯାୟୀ ଶାସକ ଦଳର ଜଣେ ସକ୍ରିୟ ସଭ୍ୟଙ୍କୁ ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଉଛି। ସେମାନେ ରାଜ୍ୟର ସ୍ୱାର୍ଥ ଅପେକ୍ଷା କେନ୍ଦ୍ର ସ୍ୱାର୍ଥକୁ ଅଗ୍ରାଧିକାର ଦେଉଛନ୍ତି। ଫଳରେ ରାଜ୍ୟ-କେନ୍ଦ୍ର ମଧ୍ୟରେ ସମ୍ପର୍କ ତିକ୍ତତାପୂର୍ଣ୍ଣ ହେଉଛି। ସରକାରିଆ କମିଶନ ଏହି ଧାରା ଦୁଇଟିରେ ସଂଶୋଧନ ନିମିତ୍ତ ପ୍ରସ୍ତାବ ଦେଇଥିଲେ। କମିଶନଙ୍କ ପ୍ରସ୍ତାବ ଅନୁଯାୟୀ ରାଜ୍ୟପାଳ ପଦବୀ ନିମିତ୍ତ ଜଣେ ଯୋଗ୍ୟ ବ୍ୟକ୍ତି ରାଜ୍ୟ ବାହାରର ସମ୍ମାନାସ୍ପଦ ବ୍ୟକ୍ତି ହୋଇଥିବେ, ରାଜନୀତିରେ ସକ୍ରିୟ ନ ଥିବେ, ରାଜ୍ୟ ରାଜନୀତିର ଊର୍ଦ୍ଧ୍ୱରେ ରହିବେ, ଶାସକ ଦଳର ସଭ୍ୟ ହୋଇ ନ ଥିବେ ଏବଂ କାର୍ଯ୍ୟକାଳ ପରେ ଆଉ କୌଣସି ପଦପଦବୀରେ ରହିବେ ନାହିଁ। ଇତିମଧ୍ୟରେ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇଗଲାଣି। ସରକାରିଆ କମିଶନଙ୍କ ସୁପାରିସ କାର୍ଯ୍ୟକାରୀ ହୋଇପାରିଲା ନାହିଁ।

ବିଳମ୍ବ ସତ୍ତ୍ୱେ ଏବେ ବି ସମୟ ଅଛି। ସରକାର ସରକାରିଆ କମିଶନଙ୍କ ସୁପାରିସକୁ କାର୍ଯ୍ୟକାରୀ କରି ଦେଶର ସଂଘୀୟ ବ୍ୟବସ୍ଥାକୁ ଅତୁଟ ରଖନ୍ତୁ।

**ମୋ: ୭୯୭୫୦୪୬୪୮୬**

## ଏଇ ଭାରତରେ

ଶିକ୍ଷା କ୍ଷେତ୍ରରେ ମହତ୍ ସେବା ଯୋଗାଉଥିବା ଯେଉଁ କେତେଜଣ ବ୍ୟକ୍ତି ଅଛନ୍ତି ସେମାନଙ୍କ ମଧ୍ୟରେ ମୁମ୍ବାଇର ପୋର୍ଟିଆ ପୁଟାତୁଣ୍ଡା ଅନ୍ୟତମ। ସେ ଭାରତର ସବୁଠୁ ଉଚ୍ଚରେ ଥିବା ହିମାଚଳପ୍ରଦେଶ କୋମିକ ଗାଁରେ ଅସହାୟ ପିଲାମାନଙ୍କୁ ଶିକ୍ଷା ଦେବାର ବ୍ୟବସ୍ଥା କରିଛନ୍ତି। ପୋର୍ଟିଆ ତାଙ୍କ ସାମ୍ବାଦିକ କ୍ୟାରିୟରକୁ ପଛ କରିଦେଇ ଏହି କାର୍ଯ୍ୟ କରୁଛନ୍ତି। ପିଲାମାନଙ୍କୁ ମାଗଣାରେ ରଖି ସେମାନଙ୍କୁ ପଢାଇବା ସହ ଅନ୍ୟ ସମସ୍ତ ଖର୍ଚ୍ଚ ମଧ୍ୟ ବହନ କରୁଛନ୍ତି। ଏହି କାର୍ଯ୍ୟର ସୁପରିଚାଳନା ପାଇଁ ସେ 'ପ୍ଲାନେଟ ସ୍ପିତି ଫାଉଣ୍ଡେଶନ' ଗଠନ କରିଛନ୍ତି। ପିତାଙ୍କ ଦେହାନ୍ତ ପରେ ପୋର୍ଟିଆ ବିଷାଦଗ୍ରସ୍ତ ହୋଇପଡ଼ିଥିଲେ। ପରେ ଏଥିରୁ ମୁକୁଳିବା ଲାଗି ସ୍ପିତି ଭ୍ୟାଲିର କାଜା ଅଞ୍ଚଳକୁ ବୁଲିବାକୁ ଯାଇ ଶିକ୍ଷାର ଅବ୍ୟବସ୍ଥା ଦେଖିବାକୁ ପାଇଥିଲେ। ପରେ ୨୦୨୦ରେ ଚାକିରି ଛାଡ଼ି କାଜାକୁ ଯାଇ ସେଠାରେ ପିଲାଙ୍କୁ ମାଗଣାରେ ପଢ଼ାଇବା ଆରମ୍ଭ କରିଥିଲେ। ସମୟକ୍ରମେ ସେ ସେହି ଅଞ୍ଚଳରେ ଥିବା ସବୁଠୁ ଉଚ୍ଚ ଗାଁ କୋମିକରେ ପହଞ୍ଚି ସେଠାକାର ପିଲାଙ୍କ ଦୁର୍ଦ୍ଦଶା ଦେଖି ସେମାନଙ୍କ ରହିବା, ଖାଇବା ଓ ପଢ଼ିବା ବ୍ୟବସ୍ଥା କରିଥିଲେ, ଯାହା ଏଯାବତ ଚାଲିଛି। ପୋର୍ଟିଆ ଏବେ ସେହି ପିଲାମାନଙ୍କ ପାଇଁ 'ମା' ପାଲଟିଯାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୦ ଜାନୁଆରୀ ୧୯୭୫**

- ନବକୁମାର ଦାଶ ହାଇକୋର୍ଟର ନୂତନ ଅତିରିକ୍ତ ବିଚାରପତି ନିଯୁକ୍ତ।
- ବଙ୍ଗଳାଦେଶ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ସେନାବାହିନୀ ଗୁଳିରେ ୫୦ ଜଣ ଚୋରା ଚାଲାଣକାରୀ ମୃତ।
- ସୋଭିଏତ୍ ୟୁନିୟନ ଓ ଫ୍ରାନ୍ସ ସହିତ ଇରାକର ଆଧୁନିକ ଇତିହାସରେ ସର୍ବବୃହତ୍ ସାମରିକ ଚୁକ୍ତି ସ୍ୱାକ୍ଷରିତ।
- ସଂଶୋଧିତ ସମ୍ବିଧାନ ଅନୁଯାୟୀ ଚୀନ୍ ସାଧାରଣତନ୍ତ୍ରରେ ରାଷ୍ଟ୍ରପତି ପଦବୀକୁ ଉଠାଇ ଦିଆଯାଇଛି।

## ସୁ-ଡୋ-କୁ

sudoku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | 4 | | 2 | |
| | | 8 | | | 5 | | 6 | |
| | | 1 | | | 9 | | | |
| | | | | 6 | | | 8 | 4 |
| | 5 | | | | | 2 | | |
| | | | 9 | | 3 | | | |
| | 9 | | | | | 7 | | |
| | | 2 | 3 | | 6 | | | |
| | 6 | | 1 | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 1 | 2 | 3 | 8 | 7 | 9 | 6 |
| 3 | 9 | 2 | 1 | 6 | 7 | 5 | 8 | 4 |
| 8 | 6 | 7 | 4 | 9 | 5 | 1 | 2 | 3 |
| 7 | 1 | 4 | 5 | 2 | 3 | 9 | 6 | 8 |
| 6 | 2 | 8 | 9 | 1 | 4 | 3 | 5 | 7 |
| 9 | 3 | 5 | 7 | 8 | 6 | 4 | 1 | 2 |
| 1 | 8 | 9 | 3 | 4 | 2 | 6 | 7 | 5 |
| 2 | 7 | 3 | 6 | 5 | 9 | 8 | 4 | 1 |
| 5 | 4 | 6 | 8 | 7 | 1 | 2 | 3 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସଙ୍କଟରେ ଜୀବନ

ମହାଶୟ,

ରାଜଧାନୀ ଭୁବନେଶ୍ୱରରେ ଜୀବନ ଏବେ ସଙ୍କଟରେ। ସତର୍କତାରୁ ଟିକିଏ ଦୃଷ୍ଟି ହଟିଲେ ଆଘାତ ଲାଗିବା ନିଶ୍ଚିତ। ଚୋର, ଲୁଟେରାଙ୍କ ଟାର୍ଗେଟ୍‌ରେ ଏବେ ଆମ ସହର। କାହାର ତଣ୍ଟି କାଟିଲେଣି ତ ପୁଣି ଧମକଚମକ । କାହାର ଘରେ ପଶି କଳାକନା ବୁଲାଉଛନ୍ତି ତ ପୁଣି କାହା ବେକରୁ ଚେନ୍ ଝାମ୍ପି ନେଉଛନ୍ତି। ସିରିଜ ଚୋରିର ଯେମିତି ପ୍ରଚାର ଚାଲିଛି। ଏତେ କଡ଼ା ପ୍ରହରା ସତ୍ତ୍ୱେ ଅପରାଧ କମିବାର ନାଁ ନେଉନାହିଁ। ସ୍ଥିତି ଏମିତି ହେଲାଣି ଯେ ଲୋକେ ଆଉ ନିଜକୁ ଏଠି ସୁରକ୍ଷିତ ମଣୁନାହାନ୍ତି। ନିତିଦିନ କିଛି ନା କିଛି ଅପରାଧ ସହରର ନିରାପତ୍ତାକୁ ନେଇ ଆଙ୍ଗୁଳି ଉଠାଇଛି। କିଏ ଥାନାର ଦ୍ୱାରସ୍ଥ ହେଉଛି ତ ପୁଣି କିଏ ଭୟର ବାତାବରଣ ମଧ୍ୟରେ ଥାନାକୁ ଯାଉନାହିଁ। ପ୍ରଶାସନ ସାଧାରଣ ନାଗରିକଙ୍କ ସୁରକ୍ଷା ନିମିତ୍ତ ପଦକ୍ଷେପରେ କଠୋର ହେଉ।

**-ସତ୍ୟସିଂହ ଶତପଥୀ, ହାଉସିଂବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଷାଢ଼ ସନ୍ଧ୍ୟା ପଥେ ଉଦାସ ପ୍ରାଣ ମମ
ତୁମରି ଆଶେ ବଞ୍ଚେ ହେ ମୋର ପ୍ରିୟତମ!
ପଉଷ ଶୀତ ନିଶି
ତୁମରି ଅଙ୍ଗେ ମିଶି
ଉଦାସ ପ୍ରାଣ ମମ
ହେ ମୋର ପ୍ରିୟତମ।
-(ଆଶ୍ୱାସନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଝାରସୁଗୁଡ଼ାରେ ୨୩,୩୮୯.୪୩ କୋଟିର ନିବେଶ ପ୍ରସ୍ତାବ

ଭୁବନେଶ୍ୱର,୧୯।୧ (ଅଭୟ ଦାଶ)




ଓଡ଼ିଶା ସରକାରଙ୍କ ସହଯୋଗରେ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ଓଡ଼ିଶା ଚାପ୍ଟର ପକ୍ଷରୁ ପ୍ରଥମ ଥର ପାଇଁ ଓଡ଼ିଶାର ଝାରସୁଗୁଡ଼ାଠାରେ ସିଆଇଆଇ ୨୪ତମ ଏଣ୍ଟରପ୍ରାଇଜ୍ ଓଡ଼ିଶା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ମହତ୍ତ୍ୱକାଂକ୍ଷୀ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ସହିତ ୨୩,୩୮୯.୪୩ କୋଟି ଟଙ୍କାର ନିବେଶ ପ୍ରସ୍ତାବ (ପୁଞ୍ଜିନିବେଶ ପ୍ରତିଶ୍ରୁତି) ଥିବା ୧୧ଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଉକ୍ତ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୧୫,୧୬୮ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଉକ୍ତ ସମ୍ମିଳନୀରେ ବହୁ ସଂଖ୍ୟାର ଜିଟୁବି ଓ ବିଟୁବି ବୈଠକ ଆୟୋଜନ ହେବା କାର୍ଯ୍ୟକ୍ରମ ଥିବାରୁ ପୁଞ୍ଜିନିବେଶ ପ୍ରସ୍ତାବ ପରିମାଣ ଆହୁରି ବଢ଼ିବ ବୋଲି ଆୟୋଜକଙ୍କ ପକ୍ଷରୁ ଆଶା କରାଯାଉଛି।

ଉଲ୍ଲେଖଯୋଗ୍ୟ, ୨୦୨୪ ଜାନୁଆରୀ ୧୯ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୨୪ତମ ଏଣ୍ଟରପ୍ରାଇଜ୍ ଓଡ଼ିଶା-୨୦୨୪କୁ ଝାରସୁଗୁଡ଼ା ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜନ କରାଯାଇଛି।

ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି, ଶିଳ୍ପ ବିକାଶକୁ ରାଜ୍ୟର କୋଣ ଅନୁକୋଣରେ ପହଞ୍ଚାଇବା ଲାଗି ଆମ ପ୍ରତିବଦ୍ଧତାର ପ୍ରମାଣ ହେଉଛି ଏହି କାର୍ଯ୍ୟକ୍ରମ। ଏହାଦ୍ୱାରା ରାଜ୍ୟରେ ଅନ୍ତର ଦୂର ହେବ ଏବଂ ଅଭିବୃଦ୍ଧି ଆହୁରି ସୁଦୃଢ଼ ହେବ। ବିଶେଷକରି ଝାରସୁଗୁଡ଼ା, ରାଉରକେଲା କିମ୍ବା ସମ୍ବଲପୁର ନୁହେଁ ଦେଶରେ ବିକାଶର ମୂଳଦୁଆ ଭାବେ ସାରା ଓଡ଼ିଶା ବର୍ତ୍ତମାନ ଉଭା ହୋଇଛି। ବିଗତ ୨ ଦଶନ୍ଧି ଧରି ଏହି ଅଞ୍ଚଳ ସମୃଦ୍ଧ ଓଡ଼ିଶାର ପ୍ରତୀକ ହୋଇପାରିଛି। ସାରା ଭାରତରେ ଓଡ଼ିଶା ବର୍ତ୍ତମାନ ଏକ ମାନୁଫାକ୍ଚରିଂ ମହାଶକ୍ତିରେ ପରିଣତ ହୋଇଛି। ରାଜ୍ୟରେ ବିପୁଳ ଖଣି ସମ୍ପଦ ରହିଥିବା ବେଳେ ମାନବ ସମ୍ବଳ ଆମ ପାଇଁ ମଧ୍ୟ ବିଶେଷ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଝାରସୁଗୁଡ଼ା, ସମ୍ବଲପୁର ଓ ରାଉରକେଲା ସହ କୋରାପୁଟକୁ ଯୋଡୁଥିବା ବିଜୁ ଅର୍ଥନୈତିକ କରିଡର ଏହି ଅଞ୍ଚଳରେ ଉଦ୍ୟୋଗୀମାନଙ୍କ ପାଇଁ ଆଗକୁ ବଢ଼ିବା ଲାଗି ବିପୁଳ ସୁଯୋଗ ପ୍ରଦାନ କରିବ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି,ଭାରତୀୟ ଅର୍ଥନୀତି ଦ୍ରୁତଗତିରେ ଆଗକୁ ବଢୁଥିବା ବେଳେ କିଛି ବର୍ଷ ଭିତରେ ଏହା ୫ ଟ୍ରିଲିଅନ ଏବଂ କିଛି ବର୍ଷ ମଧ୍ୟରେ ୨୫-୩୦ ଡଲାର ଅର୍ଥନୀତିରେ ପରିଣତ ହେବାକୁ ଯାଉଛି ବୋଲି ବିଭିନ୍ନ ସଂସ୍ଥା ଆକଳନ କରିଛନ୍ତି। ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଛନ୍ତି,ଝାରସୁଗୁଡ଼ା ବର୍ତ୍ତମାନ ଓଡ଼ିଶାର ଶିଳ୍ପାୟନ ଓ ଅର୍ଥନୈତିକ ପ୍ରଗତିର ପ୍ରତିନିଧିତ୍ୱ କରୁଛି। ଓଡ଼ିଶାକୁ ଆସୁଥିବା ପୁଞ୍ଜିନିବେଶର ସିଂହ ଭାଗ ଝାରସୁଗୁଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ନିବେଶ ହେଉଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ କହିଛନ୍ତି, ଦ୍ରୁତଗତିରେ ବହୁ ଆଗକୁ ବଢ଼ିବା ଲାଗି ଝାରସୁଗୁଡ଼ା ପାଖରେ ବ୍ୟାପକ ସୁଯୋଗ ରହିଛି। ଓଡ଼ିଶାର ଶିଳ୍ପ ମାନଚିତ୍ରରେ ଏହା ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ପଶ୍ଚିମ ଓଡ଼ିଶାରେ ଥିବା ୧୧ଟି ଜିଲାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାଥମିକତା ପ୍ରଦାନ କରିଛନ୍ତି। ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଶଶିଶେଖର ମହାନ୍ତି କହିଛନ୍ତି, ଭାରତର ୪୦ତମ ଧନୀ ଜିଲା ଝାରସୁଗୁଡ଼ାରେ ପ୍ରଥମ ଥର ପାଇଁ ଆୟୋଜନ କରାଯାଇଥିବା ଏଣ୍ଟରପ୍ରାଇଜ୍ ଓଡ଼ିଶା-୨୦୨୪ରେ ବିଟୁବି, ଜିଟୁବି ବୈଠକ ଆୟୋଜନ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ୧୦୦ ପ୍ରଦର୍ଶନକାରୀ, ୧୫୦ ସିଇଓ ଓ ସିଏକ୍ସଓ ଯୋଗ ଦେଇଛନ୍ତି।

# ବ୍ୟବସାୟ ସମ୍ପ୍ରସାରଣ କରିବ ଅଶୋକ ଲେଲାଣ୍ଡ

ଭୁବନେଶ୍ୱର,୧୯।୧



ସଞ୍ଜୀବ କୁମାର

ହିନ୍ଦୁଜା ଗ୍ରୁପ୍‌ର ଅଂଶ ତଥା ଦେଶର ଅଗ୍ରଣୀ ବାଣିଜ୍ୟିକ ଯାନ ନିର୍ମାତା ଅଶୋକ ଲେଲାଣ୍ଡ ପୂର୍ବ ଭାରତରେ ଅର୍ଥନୈତିକ ଅଭିବୃଦ୍ଧି ତଥା ଭିତ୍ତିଭୂମି ସମ୍ପ୍ରସାରଣ କରିବାକୁ ଲକ୍ଷ୍ୟ ରଖିଛି। ବଜାର ସ୍ଥିତିକୁ ସୁଦୃଢ଼ କରିବା ଏବଂ ଗ୍ରାହକମାନଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ କରିବା ପାଇଁ କମ୍ପାନୀ ଏହି ପଦକ୍ଷେପ ଗ୍ରହଣ କରିଛି। ଏନେଇ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଶୋକ ଲେଲାଣ୍ଡ ଲିମିଟେଡ୍‌ର ସଭାପତି (ଏମ୍ ଆଣ୍ଡ ଏଚ୍‌ସିଭି) ସଞ୍ଜୀବ କୁମାର ବିସ୍ତୃତଭାବେ ସୂଚନା ଦେଇଛନ୍ତି। ସେ କହିଛନ୍ତି,'ଓଡ଼ିଶା ଓ ପୂର୍ବ ଭାରତ ଅଶୋକ ଲେଲାଣ୍ଡ ପାଇଁ ଏକ ପ୍ରମୁଖ ବଜାର। ଉନ୍ନତମାନର ଏମ୍‌ଏଚ୍‌ସିଭି ଉତ୍ପାଦ ଏବଂ ସେବା ପ୍ରଦାନ କରିବା ପାଇଁ ଆମେ ପ୍ରତିବଦ୍ଧ ରହିଛୁ ବୋଲି ସେ କହିଛନ୍ତି। ଅନ୍ୟପଟେ ରାଜ୍ୟର ଅର୍ଥନୈତିକ ବିକାଶରେ କମ୍ପାନୀର ଯୋଗଦାନ ରହିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସଞ୍ଜୀବ କୁମାରଙ୍କ ସୂଚନାନୁସାରେ, ଅଶୋକ ଲେଲାଣ୍ଡର ଓଡ଼ିଶାରେ ୫୧ଟି ଆଉଟଲେଟ୍ ରହିଛି। କମ୍ପାନୀ ଗ୍ରାହକଙ୍କୁ ସୁଲଭ ଦରରେ ଯାନ ବିକ୍ରୟ କରୁଥିବାବେଳେ ସର୍ଭିସିଂ ପାଇଁ ବ୍ୟାପକ ବ୍ୟବସ୍ଥା କରିଛି। ଏଥିପାଇଁ କମ୍ପାନୀ ପକ୍ଷରୁ ୧୨ଟି ସର୍ଭିସ୍ ଟ୍ରେନିଂ ଷ୍ଟେଶନ ସହ ମୋବାଇଲ୍ ସର୍ଭିସିଂ ତଥା ମୋବାଇଲ୍ ସର୍ଭିସ୍ ଟ୍ରେନିଂ ବ୍ୟବସ୍ଥା ମଧ୍ୟ ରହିଛି। ଭାରିଯାନ ଚାଳକଙ୍କ ବିକାଶ କ୍ଷେତ୍ରରେ କାର୍ଯ୍ୟ କରିଆସୁଥିବା ଏହି କମ୍ପାନୀ ପକ୍ଷରୁ ୧୬ଟି ଡ୍ରାଇଭର ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ମଧ୍ୟ ରହିଛି। ଓଡ଼ିଶାରେ ବ୍ରହ୍ମପୁର, ଛତିଆ, ବଣାଇରେ ଡ୍ରାଇଭିଂ ଇନ୍‌ଷ୍ଟିଚ୍ୟୁଟ୍ ରହିଥିବାବେଳେ କେନ୍ଦୁଝରରେ ଖୁବ୍‌ଶୀଘ୍ର ଏକ ଇନ୍‌ଷ୍ଟିଚ୍ୟୁଟ୍ ଖୋଲିବ। ଏଏଲ୍ କେୟାର ମାଧ୍ୟମରେ ସର୍ଭିସିଂ ସୁବିଧା ଉପଲବ୍ଧ ହେଉଥିବାବେଳେ ୨.୪ଲକ୍ଷ ୟୁଜର୍ସ ଯୋଡ଼ିହୋଇସାରିଛନ୍ତି। ରି-ଏଲରେ ପୁରୁଣାଗାଡ଼ି କିଣାବିକା କରିବା ସହ ଲେକାର୍ଟ ମାଧ୍ୟମରେ ଅନ୍‌ଲାଇନରେ ସ୍ପେୟାର୍ ପାର୍ଟସ୍ କିଣିପାରିବେ।

# ସନସାଇନ୍ ହସ୍ପିଟାଲ ଆଡଭାନସ କ୍ଲିନିକ ଉଦଘାଟିତ

ଭୁବନେଶ୍ୱର,୧୯।୧

ସନସାଇନ ହସପିଟାଲରେ ଆଡଭାନସ ଅସ୍ଥିଶଲ୍ୟ ଓ ଜଏଣ୍ଟ ରିପ୍ଲେସମେଣ୍ଟ, ଡାଇବେଟିସ, ହୃଦ ରୋଗ ଓ ନ୍ୟୁରୋ ବିଭାଗର କ୍ଲିନିକ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ଏ ଅବସରରେ ପୁରୀ ଭିଆଇପି ରୋଡସ୍ଥିତ, ସ୍ୱାପୁ କେୟାର ମେଡିକାଲ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କ୍ଲିନିକର ଉଦଘାଟନୀ ଉତ୍ସବରେ ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ପୁରୀ ଆଇଏମଏର ଅଧ୍ୟକ୍ଷ ଡ. ବାମଦେବ ମହାନ୍ତି, ସନସାଇନ ହସପିଟାଲର ସିଇଓ, ଡ. ମନୋଜ ନାଗପାଲ, ଡେପୁଟି ଜେନେରାଲ ମ୍ୟାନେଜର ସନ୍ଦୀପ ପୃଷ୍ଟି ଏବଂ ସ୍ୱାପୁ କେୟାରର ପ୍ରତିଷ୍ଠାତା ତପନ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏହି ଆଡଭାନସ କ୍ଲିନିକରେ ଉନ୍ନତ ସ୍ୱାସ୍ଥ୍ୟସେବା ହସ୍ପିଟାଲର ବରିଷ୍ଠ ବିଶେଷଜ୍ଞମାନଙ୍କ ଦ୍ୱାରା ସୁଲଭ ମୂଲ୍ୟ ରେ ଯୋଗାଇ ଦିଆଯିବବୋଲି ହସ୍ପିଟାଲର ସିଇଓ ଡ. ନାଗପାଲ କହିଥିଲେ। ସେହିପରି ହସ୍ପିଟାଲର ଡିଜିଏମ୍ ପୃଷ୍ଟିଙ୍କ କହିବା ଅନୁସାରେ ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡକ୍ଟର ଚନ୍ଦନ ପଣ୍ଡା, ଅଭିଜ୍ଞ ହୃଦରୋଗ ବିଶେଷଜ୍ଞ ଡ. ବଦ୍ରୀ ଦଣ୍ଡପାଣି, ବରିଷ୍ଠ ଡାଇବେଟିସ ବିଶେଷଜ୍ଞ ଡକ୍ଟର ରମେଶ କୁମାର ଗୋଏଙ୍କା ଚିକିତ୍ସା ସେବା ପ୍ରଦାନ କରିବେ । ପରିଶେଷରେ ହସ୍ପିଟାଲ ତରଫରୁ ଅୟୋଜିତ ଏକ ମାଗଣା ସ୍ୱାସ୍ଥ୍ୟସେବାରେ ଶତାଧିକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।



ବିନୋଦ ହ୍ୟୁଣ୍ଡାଇ ଅନୁଗୋଳ ଶୋ'ରୁମ୍‌ଠାରେ ହ୍ୟୁଣ୍ଡାଇ ମୋଟରର 'ଦି ନ୍ୟୁ ହ୍ୟୁଣ୍ଡାଇ କ୍ରେଟା'କୁ ଆନୁଷ୍ଠାନିକ ଭାବେ ଅନାବରଣ ସହ ବଜାର ପ୍ରବେଶ କରାଯାଉଛି। ଏହି ପରିପ୍ରେକ୍ଷୀରେ ଅନୁଗୋଳ ଆର୍‌ଟିଓ ନିଖିଳ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ କରିଥିଲେ। ଏହି ଅବସରରେ ବିନୋଦ ହ୍ୟୁଣ୍ଡାଇର ଏମ୍‌ଡି କ୍ଷୀରୋଦ ପଟ୍ଟନାୟକ,ବରିଷ୍ଠ ଜିଏମ୍ ସୁଶାନ୍ତ କୁମାର ଦାସ, ଜିଏମ୍ ସେଲ୍‌ସ ଶୁସ୍ମିତାପଟ୍ଟନାୟକ, ଜିଏମ୍ କର୍ପୋରଟ ସମୀର କୁମାର କବି ଏବଂ ଏଜିଏମ୍ ସର୍ଭିସ୍ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଏକ୍ସଆଇଏମ୍ ୟୁନିଭର୍ସିଟି ପକ୍ଷରୁ ବାର୍ଷିକ ସସ୍‌ଷ୍ଟେନବିଲିଟି ସମିଟ୍

ଭୁବନେଶ୍ୱର,୧୯।୧

ଏକ୍ସଆଇଏମ୍ ୟୁନିଭର୍ସିଟି ପକ୍ଷରୁ ୯ମ ବାର୍ଷିକ ସସ୍‌ଷ୍ଟେନବିଲିଟି ସମିଟ୍ ଅନୁଷ୍ଠିତ ହୋଇଯାଇଛି। ସସ୍‌ଷ୍ଟେନବିଲିଟି ସମଗ୍ର ବିଶ୍ୱ ପାଇଁ ଆହ୍ୱାନ ପାଲଟିଥିବାବେଳେ ୨୦୭୦ ସୁଦ୍ଧା ଭାରତ ଶୂନ୍ୟ କାର୍ବନ ହାସଲ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ବେଦାନ୍ତ ସମେତ ବିଶ୍ୱର ଖଣି କମ୍ପାନୀଗୁଡ଼ିକ ମଧ୍ୟ ଏ ଦିଗରେ ଦିଗରେ ପ୍ରୟାସ କରୁଥିବା କୁହାଯାଇଛି। କାର୍ଯ୍ୟକ୍ରମରେ ଡିନ୍ ତଥା ପ୍ରଫେସର ଡ. ସୁତପା ପାଟି ସ୍ୱାଗତ ଭାଷଣ ଦେଇଥିଲେ। ନିର୍ଦ୍ଦେଶକ ଡ. ଅଦିତି ହାଲ୍‌ଦର ସସ୍‌ଷ୍ଟେନବିଲିଟି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଥ୍ୟ ରଖିଥବାବେଳେ ଟାଟା ମାଇନ୍ସର ଏମ୍‌ଡି ପଙ୍କଜ ସତଲେଜା ବିଭିନ୍ନ ଉଦାହରଣ ଦେଇ ସସ୍‌ଷ୍ଟେନବିଲଟି ଉପରେ ମତ ରଖିଥିଲେ। ଡ. ଟି. କେ. ଚାନ୍ଦ କହିଥିଲେ, ବିକାଶ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମଧ୍ୟରେ ମାଇନିଂ ସମନ୍ୱୟ ରକ୍ଷା କରିପାରିବ। ଏହି ପରିପ୍ରେକ୍ଷୀରେ ସେ କହିଥିଲେ, ଆଲୁମିନିୟମ ହେଉଛି ଭବିଷ୍ୟତର ଧାତୁ ଏବଂ ଏହାର ଚାହିଦା କ୍ରମଶଃ ବଢ଼ିବାକୁ ଲାଗିବ। ସସ୍‌ଷ୍ଟେନବିଲିଟି ଏକ କିଲୋଗ୍ରାମ ଭାରି ଧାତୁ ସ୍ଥାନରେ ବ୍ୟବହୃତ ଏକ କିଲୋଗ୍ରାମ ଆଲୁମିନିୟମ ଓଜନ ୨୩ କିଲୋଗ୍ରାମ ଅଙ୍ଗାରକାମ୍ଳ ହ୍ରାସ କରିବ।

# ସିପେଟ-ଏଲ୍‌ଏଆର୍‌ପିଏମ୍ ପକ୍ଷରୁ 'ଇନୋଇନସାଇଟ୍-୨୦୨୪'



ଭୁବନେଶ୍ୱର,୧୯।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୬ ଜାନୁଆରୀକୁ ଜାତୀୟ ଷ୍ଟାର୍ଟଅପ୍ ଦିବସ ଭାବେ ଘୋଷଣା କରିଛନ୍ତି। ଏହି କ୍ରମରେ ପଟିଆସ୍ଥିତ ସିପେଟ-ଏଲ୍‌ଏଆର୍‌ପିଏମ୍ ପକ୍ଷରୁ କର୍ମଶାଳା ଇନୋଇନସାଇଟ୍-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ଯୁବକଯୁବତୀମାନଙ୍କୁ ଦୃଷ୍ଟିରେ ରଖି ନୂତନ ଉଦ୍ୟମର ସୃଷ୍ଟି, ଜ୍ଞାନର ଆଦାନପ୍ରଦାନ, ପୁଞ୍ଜିନିବେଶ ଉପରେ ଆଲୋକପାତ କରିଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଭାଗର ପ୍ରତିନିଧି ରାକେଶ ଗୁପ୍ତା, ଡ. କମଲେଶ ମିଶ୍ର, ସୋନି ସାମଲ, ରାଜନ ପ୍ରଧାନ, ପରିତୋଷ ଆନନ୍ଦ ଓ ସନ୍ତୋଷ ଦାଶ, ସେକ୍ ମୁଜୀବ୍ ଯୋଗଦେଇଥିଲେ। କର୍ମଶାଳାରେ ପ୍ରାୟ ୧୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

# 'ବ୍ୟାଙ୍କମାନେ ରେରା ନିୟମ ଅନୁପାଳନ କରିବା ଉଚିତ୍'

ଭୁବନେଶ୍ୱର,୧୯।୧(ଅନୁରାଧା ମହାରଣା)

ବ୍ୟାଙ୍କମାନେ ଗୃହ ନିର୍ମାଣ ପ୍ରକଳ୍ପ ଗୁଡିକର ହିସାବ ରଖିବା ବେଳେ ରେରା ନିୟମ ଅନୁପାଳନ କରିବାକୁ ପରାମର୍ଶ ଦିଆଯାଇଛି। ରିଅଲ୍ ଇଷ୍ଟେଟ୍ ରେଗୁଲାର ଅଥରିଟି (ରେରା) ପକ୍ଷରୁ ବିଭିନ୍ନ ସରକାରୀ ଓ ବେସରକାରୀ ବ୍ୟାଙ୍କମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରେରାର ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ ବୈଠକରେ ଉଦବୋଧନ ଦେଇ ବ୍ୟାଙ୍କମାନେ ସର୍ବଦା ରେରାର ନିୟମ ଅନୁପାଳନ କରିବାକୁ ପରାମର୍ଶ ଦେଇଥିଲେ। ରେରାର ପ୍ରଶାସନିକ ସଦସ୍ୟ ପ୍ରଦୀପ କୁମାର ବିଶ୍ୱାଳ ପ୍ରକଳ୍ପର ହିସାବ କିତାବରେ ସ୍ୱଚ୍ଛତା ରକ୍ଷା ସହ ଗୃହକ୍ରେତାମାନଙ୍କ ସ୍ୱାର୍ଥରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବ୍ୟବସାୟିକ ସଦସ୍ୟ ଗୋପାଳ ଚନ୍ଦ୍ର ପଟ୍ଟନାୟକ ଆଇନର ବିଭିନ୍ନ ଦିଗ ସମେତ ଏ କ୍ଷେତ୍ରରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଉପରେ ଆଲୋକପାତ କରିଥିଲେ । ଅର୍ଥ ବିଭାଗର ନିର୍ଦ୍ଦେଶିକା ଡ. ପ୍ରଜ୍ଞାସ୍ମିତା ସାହୁ ବ୍ୟାଙ୍କମାନେ ଆବଶ୍ୟକ ସତର୍କତା ଅବଲମ୍ବନ କରିବା ସହ ରିଜଭ ବ୍ୟାଙ୍କର ମାର୍ଗଦର୍ଶିକା ପାଳନ କରିବାକୁ କହିଥିଲେ। ସ୍ୱତନ୍ତ୍ର ପଦାଧିକରୀ ରବି ନାରାୟଣ ପାଢୀ ରେରାର ବିଭିନ୍ନ ନିୟମ ସଂକ୍ରାନ୍ତରେ ଏକ ବିସ୍ତୃତ ଉପସ୍ଥାପନା ରଖିଥିଲେ। ସଚିବ ବିଜୟ କୁମାର ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୁଗ୍ମ ସଚିବ ଦୀପକ କୁମାର ବେଶ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ସଚିବ ଶ୍ରାବଣୀ ପଟ୍ଟନାୟକ ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ସେଞ୍ଚୁରିଅନ୍ ୟୁନିଭର୍ସିଟିକୁ ଅଷ୍ଟ୍ରେଲିଆ କନ୍‌ସୁଲ ଜେନେରାଲଙ୍କ ପ୍ରଶଂସା

ଭୁବନେଶ୍ୱର,୧୯।୧

ଅଷ୍ଟ୍ରେଲିଆ କନ୍‌ସୁଲ ଜେନେରାଲ ରୋଓ୍ୱନ ଆଇନସୱର୍ଥ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି। କଲିକତାର ଅଷ୍ଟ୍ରେଲୀୟ କନ୍‌ସୁଲେଟ ବରିଷ୍ଠ ଗବେଷକ ଏବଂ ପରିଦର୍ଶନ ଅଧିକାରୀ ଆଞ୍ଜେଲିନା ନାୟାରଙ୍କ ସହ ଏହି ପ୍ରଦର୍ଶନ କରିଥିଲେ। ଶିକ୍ଷା କ୍ଷେତ୍ରରେ ଅନୁଷ୍ଠାନର ଅନନ୍ୟ ଆଭିମୁଖ୍ୟ ଓ ଏହାର ଅଭିନବ କାର୍ଯ୍ୟ ପାଇଁ ସେ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ। ଛାତ୍ରମାନଙ୍କୁ ବାସ୍ତବ ଜୀବନ କୌଶଳ ପ୍ରଦାନ କରିବାର ସ୍ୱତନ୍ତ୍ର ଏବଂ ବ୍ୟବହାରିକ ଉପାୟ ସୁନିଶ୍ଚିତ କରିବା ଏବଂ ସ୍ନାତକୋତ୍ତର ପରେ ସେମାନେ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜଗୁଡ଼ିକ ପାଇଁ ପିଲାମାନେ ପ୍ରସ୍ତୁତ ଥିବାରୁ ରୋଓ୍ୱନ ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ଶିକ୍ଷାର ପ୍ରତ୍ୟେକ ଦିଗରେ ବ୍ୟବହାରିକ ଦକ୍ଷତା ତାଲିମ ଏବଂ ଉତ୍ପାଦନର ଏକୀକରଣ ଉପରେ ଗୁରୁତ୍ୱ ଦେଇ ଛାତ୍ରମାନଙ୍କୁ ଉଦ୍ୟୋଗ ପାଇଁ ପ୍ରସ୍ତୁତ କରିବାକୁ ବିଶ୍ୱବିଦ୍ୟାଳୟ ଉଦ୍ୟମ କରୁଥିବା ସେ କହିଥିଲେ। ଅଷ୍ଟ୍ରେଲିଆ ଏବଂ ଭାରତ ମଧ୍ୟରେ ଉପଯୁକ୍ତ, ପ୍ରାସଙ୍ଗିକ ଏବଂ ଗୁଣବତ୍ତା ଯୋଗାଇବା ପାଇଁ ସେଞ୍ଚୁରିଅନ ୟୁନିଭର୍ସିଟି ପ୍ରତିଶ୍ରୁତିବଦ୍ଧ ବୋଲି ରୋଓ୍ୱନ୍ ମତ ଦେଇଛନ୍ତି।

# ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ଯଶସ୍ୱୀ ବୃତ୍ତି ପ୍ରଦାନ

ଭୁବନେଶ୍ୱର,୧୯।୧


ଶାଲୁ ଜିନ୍ଦଲ

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ସାମାଜିକ ଶାଖା ଜେଏସପି ଫାଉଣ୍ଡେସନ ପକ୍ଷରୁ ଂଶସ୍ୱୀ ବଉତ୍ତି ପ୍ରଦାନ କରାଯାଇଛି। ଏପଣିକି ଫାଉଣ୍ଡେଶନର ଫ୍ଲାଗସିପ୍ କାର୍ଯ୍ୟକ୍ରମ ଯଶସ୍ୱୀର ୩ୟ ସଂସ୍କରଣକୁ ଶୁଭାରମ୍ଭ କରି ଓଡ଼ିଶା, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ର ସାମାଜିକ-ଅର୍ଥନୈତିକ ଦୁର୍ବଳ ବର୍ଗର ୪୩୫୪ ଜଣ ମନୋନୀତ ବାଳିକା ଓ ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜେଏସପି ଫାଉଣ୍ଡେସନର ଅଧକ୍ଷା ଶାଲୁ ଜିନ୍ଦଲ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଉଚ୍ଚଶିକ୍ଷା ଓ ଦକ୍ଷତା ବିକାଶରେ ସହଯୋଗ କରିବା ଉଦ୍ଦେଶ୍ୟରେ ଛାତ୍ରବୃତ୍ତି ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପରିକଳ୍ପନା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜେଏସପି ଫାଉଣ୍ଡେସନର ଉପଦେଷ୍ଟା ସୁଶ୍ରୀ ଯଶସ୍ୱିନୀ ଜିନ୍ଦଲ ଯୋଗଦେଇ ମନୋନୀତ ମହିଳା ଓ ବାଳିକାମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିଥିଲେ। ଏହି ଅବସରରେ ଶାଲୁ ଜିନ୍ଦଲ କହିଥିଲେ, ସମାଜରେ ଅନ୍ତର୍ଭୁକ୍ତୀକରଣ ଏବଂ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ପାଇଁ ଜେଏସପି ଫାଉଣ୍ଡେସନ ପ୍ରତିଶ୍ରୁତିବଦ୍ଧ। ଯଶସ୍ୱୀ କାର୍ଯ୍ୟକ୍ରମ ମହିଳାଙ୍କ ଅଭିବୃଦ୍ଧି ତଥା ସେମାନଙ୍କୁ ନିଜ ମନୋନୀତ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବାର ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟରେ ପରିକଳ୍ପନା କରାଯାଇଛି। ସେ ମନୋନୀତ ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଚୟନ କରାଯାଇଥିବା ୪୨୫୪ଜଣଙ୍କ ମଧ୍ୟରୁ ୨୬୮୯ ଜଣ ଓଡିଶାରୁ ୯୩୪ ଜଣ ଛତିଶଗଡ଼ରୁ ଏବଂ ୬୩୧ ଜଣ ଝାଡ଼ଖଣ୍ଡର ବାସିନ୍ଦା ବୋଲି ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୨ରେ ଆରମ୍ଭ ହୋଇଥିବା ଉକ୍ତ କାର୍ଯ୍ୟକ୍ରମ ବର୍ତ୍ତମାନ ଆର୍ଥିକ ଅଭାବ ଯୋଗୁଁ ନିଜର ଶିକ୍ଷାଗତ କିମ୍ବା ଦକ୍ଷତା ବିକାଶ ଆକାଂକ୍ଷା ହାସଲ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ୧୦ହଜାରରୁ ଅଧିକ ମହିଳା ଓ ବାଳିକା ସାମିଲ ହୋଇଛନ୍ତି ଆବେଦନକାରୀଙ୍କ ଅତୀତର ଶିକ୍ଷାଗତ ପ୍ରଦର୍ଶନ ଏବଂ ସେମାନଙ୍କ ପରିବାର ଆର୍ଥିକ ସ୍ଥିତି ଆଧାରରେ ଶିକ୍ଷାର୍ଥୀ ମାନଙ୍କୁ ଚୟନ କରାଯାଇଛି । ଜେଏସପିର ପ୍ରେସିଡେଣ୍ଟ ତଥା ଗ୍ରୁପ ହେଡ (ସିଏସଆର) ପ୍ରଶାନ୍ତ କୁମାର ହୋତା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁମାତ୍ରାରେ ଭାଗନେଇଥିବାରୁ ସେ ମହିଳା, ବାଳିକା ଏବଂ ବିଭିନ୍ନ ଅନୁଷ୍ଠାନକୁ ଧନ୍ୟବାଦ ଜଣାଇଥିଲେ। ଜେଏସପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଅନୁଗୁଳ ୟୁନିଟ୍ ହେଡ୍ ପଙ୍କଜ ମଲହାନ୍, ବଡବିଲ ୟୁନିଟ୍ ହେଡ୍ ପୁରୁଷୋତ୍ତମମ୍ ଏମ୍ ଡି, ସଭାପତି ତଥା ସିଏଫ୍‌ଓ (ରାୟଗଡ ୟୁନିଟ୍) ହନୁମାନ ଶର୍ମା, ପତ୍ରାତୁ ୟୁନିଟ୍ ହେଡ୍ ଆଶିଷ ଜୈନ୍ ଓ ଜେପିଏଲ୍‌ର ତମନାର ୟୁନିଟ୍ ହେଡ୍ ଛବି ନାଥ ସିଂହଙ୍କ ସମେତ କମ୍ପାନିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ନେଟ ଲାଭରେ ୧୦.୯% ବୃଦ୍ଧି

ଭୁବନେଶ୍ୱର,୧୯।୧




ଭାରତର ସର୍ବବୃହତ ଘରୋଇ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ୨୨୩ ଅକ୍ଟୋବରରୁ ଡିସେମ୍ବର ତ୍ରୈମାସରେ କମ୍ପାନୀର ନେଟ ଲାଭ ପୂର୍ବ ବର୍ଷ ସମାନ ଅବଧି ତୁଳନାରେ ୧୦.୯% ବୃଦ୍ଧି ପାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷ କରି କମ୍ପାନୀର ତୈଳ ବ୍ୟବସାୟ କ୍ଷେତ୍ରରେ ପଡିଥିବା ପ୍ରଭାବ ଆୟ ଉପରେ ପୂର୍ବ ନିର୍ଦ୍ଧାରିତ ମେଣ୍ଟେନାନ୍ସ (ରକ୍ଷଣାବେକ୍ଷଣ) କାର୍ଯ୍ୟ ପାଇଁ ହୋଇଥିବା ହ୍ରାସର ପ୍ରଭାବ ରିଟେଲ ଏବଂ ଟେଲିକମ ବ୍ୟବସାୟର ସ୍ଥିର ପ୍ରଦର୍ଶନ ବଳରେ ଭରଣା ହୋଇପାରିଛି। ଏପରିକି ୨୦୨୩ଅକ୍ଟୋବରରୁ ଡିସେମ୍ବର ତ୍ରୈମାସରେ କମ୍ପାନୀର ନେଟ ଲାଭ ପୂର୍ବ ବର୍ଷ ସମାନ ଅବଧି ତୁଳନାରେ ୧୦.୯% ବୃଦ୍ଧି ପାଇ ୧୯,୬୪୧ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି। ଗତ ଆର୍ଥିକ ବର୍ଷର ସମାନ ତ୍ରୈମାସରେ କମ୍ପାନୀର ନେଟ ଲାଭ ୧୭,୭୦୬ କୋଟି ଟଙ୍କା ରହିଥିଲା। ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମୋଟ ଆୟ ପୂର୍ବ ବର୍ଷ ତୁଳନାରେ ୩.୨% ବୃଦ୍ଧି ସହିତ ୨.୪୮ଲକ୍ଷ କୋଟି ରହିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଅବଧିରେ ରିଲାଏନ୍ସ ରିଟେଲର ନେଟ ଲାଭ ପୂର୍ବ ବର୍ଷ ତୁଳନାରେ ୩୧.୯% ବୃଦ୍ଧି ପାଇ ୩୧୬୫ କୋଟି ଟଙ୍କା ହୋଇଥିବା ବେଳେ ତ୍ରୈମାସିକ ରାଜସ୍ୱ ୨୨.୮% ବୃଦ୍ଧି ପାଇ ରେକର୍ଡ ୮୩୦୮୩ କୋଟି ଟଙ୍କା ହୋଇଛି।

## ଜିଓର ୩ୟ ତ୍ରୈମାସିକ ଫଳାଫଳ

ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ୨୦୨୩ ଅକ୍ଟୋବରରୁ ଡିସେମ୍ବର ତ୍ରୈମାସରେ କମ୍ପାନୀର ନେଟ୍ ଲାଭ ପୂର୍ବ ବର୍ଷର ସମାନ ଅବଧି ତୁଳନାରେ ୧୨.୨% ବୃଦ୍ଧି ପାଇ ୫୨୦୮କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଗତ ଆର୍ଥିକ ବର୍ଷର ସମାନ ତ୍ରୈମାସରେ କମ୍ପାନୀର ନେଟ୍ ଲାଭ ୪୬୩୮କୋଟି ଟଙ୍କା ରହିଥିଲା। ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ ଜିଓର ପରିଚାଳନାଗତ ରାଜସ୍ୱ ଗତ ବର୍ଷ ସମାନ ତ୍ରୈମାସ ତୁଳନାରେ ୧୦.୩% ବୃଦ୍ଧି ପାଇ ୨୫,୩୬୮ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ ଜିଓ ନେଟ୍‌ୱାର୍କର ମୋଟା ଡାଟା ଟ୍ରାଫିକ ଗତ ବର୍ଷ ତୁଳନାରେ ୩୧.୫% ବୃଦ୍ଧି ପାଇ ୩୮.୧ ବିଲିଅନ ଜିବି ହୋଇଥିବା ବେଳେ ଭଏସ୍ ଟ୍ରାଫିକ ୭.୯% ବୃଦ୍ଧି ପାଇ ୧.୩୭ ଟ୍ରିଲିଅନ ମିନିଟ୍ ହୋଇଥିବା ଜଣାପଡିଛି। ତୃତୀୟ ତ୍ରୈମାସରେ ଜିଓ ସର୍ବାଧିକ ୧୧.୨ମିଲିଅନ ଗ୍ରାହକ ସଂଯୋଗ ସହିତ ଦେଶରେ ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ଜିଓର ମୋଟ ଗ୍ରାହକ ସଂଖ୍ୟା ୪୭କୋଟି ଅତିକ୍ରମ କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ଅଧ୍ୟକ୍ଷ ଆକାଶ ଅମ୍ବାନୀ କହିଛନ୍ତି, ବିଶ୍ୱର ଯେକୌଣସି ସ୍ଥାନରେ ଜିଓ ସବୁଠାରୁ ଦ୍ରୁତତମ ୫ଜି ନେଟ୍‌ୱର୍କ ପ୍ରଚଳନର ସଫଳତା ହାସଲ କରିଥିଲାବେଳେ ସାରା ଦେଶରେ ବର୍ତ୍ତମାନ ଜିଓ ଉପଲବ୍ଧ ହୋଇଛି। ଏପରିକି ଜିଓ ଏୟାର ଫାଇବରର ପ୍ରାରମ୍ଭିକ ଚାହିଦା ଓ ଗ୍ରାହକ ସମ୍ପର୍କ ବେଶ୍ ଦୃଢ଼ ତଥା ଉତ୍ସାହଜନକ ରହିଛି।

## ସଂକ୍ଷେପରେ

### ମହିଳା କୈନ୍ଦ୍ରିକ ହେବ ସାଧାରଣତନ୍ତ୍ର ଦିବସ

**ନୂଆଦିଲ୍ଲୀ,୧୯।୧:** ଆସନ୍ତା ୨୬ରେ କର୍ତ୍ତବ୍ୟପଥରେ ପାଳିତ ହେବାକୁ ଥିବା ୭୫ତମ ସାଧାରଣତନ୍ତ୍ର ଦିବସ ମହିଳା କୈନ୍ଦ୍ରିକ ହେବ। ପ୍ରଥମ ଥର ପାଇଁ ପରେଡ୍‌ରେ ୧୦୦ ମହିଳା କଳାକାର ଭାରତୀୟ ବାଦ୍ୟଯନ୍ତ୍ର ସହ ସାମିଲ ହେବେ ବୋଲି ଶୁକ୍ରବାର ପ୍ରତିରକ୍ଷା ସଚିବ ଗିରିଧର ଆରାମଣେ ସୂଚନା ଦେଇଛନ୍ତି। ପରେଡ୍‌ରେ ସ୍ଥଳସେନା, ବାୟୁସେନା ଓ ନୌସେନାର ମହିଳା କଣ୍ଟିନ୍‌ଜେଣ୍ଟ ଭାଗନେବେ। ସେହିପରି କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳର କଣ୍ଟିନ୍‌ଜେଣ୍ଟରେ ମଧ୍ୟ ମହିଳାମାନେ ରହିବେ। ଫ୍ରାନ୍ସର ଏକ ୯୫ ସଦସ୍ୟ ବିଶିଷ୍ଟ ମାର୍ଚ୍ଚିଂ ଟିମ୍ ଏବଂ ୩୩ ସଦସ୍ୟ ବିଶିଷ୍ଟ କଣ୍ଟିନ୍‌ଜେଣ୍ଟ ମଧ୍ୟ ପରେଡ୍‌ରେ ସାମିଲ ହେବ। ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ଏଥର ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ହେବେ।

### ଲାଲୁ, ତେଜସ୍ୱୀଙ୍କୁ ପୁଣି ଇଡି ସମନ

**ପାଟନା,୧୯।୧:** ରେଲ୍‌ୱେରେ ନିଯୁକ୍ତି ପାଇଁ ଜମି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ପୁନର୍ବାର ଆର୍‌ଜେଡି ଅଧ୍ୟକ୍ଷ ଲାଲୁପ୍ରସାଦ ଯାଦବ ଏବଂ ତାଙ୍କ ପୁଅ ତଥା ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ସମନ ଜାରି କରିଛନ୍ତି। ଇଡିର ପାଟନା କାର୍ଯ୍ୟାଳୟରେ ଜାନୁଆରୀ ୨୯ରେ ଲାଲୁ ଏବଂ ୩୦ରେ ତେଜସ୍ୱୀଙ୍କୁ ହାଜର ହୋଇ ଜେରାର ସମ୍ମୁଖୀନ ହେବାକୁ କୁହାଯାଇଛି। ସମନ ଦେବା ଲାଗି ଇଡି ଅଫିସରମାନଙ୍କର ଏକ ଟିମ୍ ଲାଲୁଙ୍କ ସ୍ତ୍ରୀ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀଙ୍କ ପାଟନା ବାସଭବନକୁ ଯାଇଥିଲେ। ଉପା ପ୍ରଥମ ପାଳି ସରକାରରେ ଲାଲୁ ରେଳମନ୍ତ୍ରୀ ଥିବାବେଳେ ରେଲ୍‌ୱେରେ ଚାକିରି ବଦଳରେ ପ୍ରାର୍ଥୀମାନଙ୍କଠାରୁ ଦାମୀ ଜମି ନିଆଯାଇଥିଲା। ଏହି ମାମଲାର ମନିଲଣ୍ଡରିଂ ଦିଗ ଉପରେ ଇଡି ତଦନ୍ତ ଚଳାଇଛି। ପୂର୍ବରୁ ଉଭୟେ ଲାଲୁ ଓ ତେଜସ୍ୱୀଙ୍କୁ ସମନ ହୋଇଥିଲେ ହେଁ ସେମାନେ ଇଡି କାର୍ଯ୍ୟାଳୟରେ ହାଜର ହୋଇ ନ ଥିଲେ।

### ବଙ୍ଗଳା ଖାଲିକଲେ ମହୁଆ



**ନୂଆଦିଲ୍ଲୀ,୧୯।୧:** ଅନୈତିକ କାର୍ଯ୍ୟ ପାଇଁ ଗତ ମାସରେ ଲୋକ ସଭାରୁ ବହିଷ୍କୃତ ହୋଇଥିବା ତୃଣମୂଳ କଂଗ୍ରେସ ନେତ୍ରୀ ମହୁଆ ମୋଇତ୍ର ଶୁକ୍ରବାର ସରକାରୀ ବଙ୍ଗଳା ଖାଲି କରିଛନ୍ତି। ଟେଲିଗ୍ରାଫ୍ ଲେନ୍‌ରେ ଥିବା ୯ବି ବଙ୍ଗଳା ତୁରନ୍ତ ଖାଲି କରିବା ପାଇଁ ପୂର୍ବତନ ଏମ୍‌ପିଙ୍କୁ ନୋଟିସ ହୋଇଥିଲା। ସେ ଶୁକ୍ରବାର ପୂର୍ବାହ୍ନ ୧୦ଟା ସୁଦ୍ଧା ଘର ଖାଲି କରି ଇଷ୍ଟେଟ୍ ନିର୍ଦ୍ଦେଶାଳୟ ଜିମା ଦେଇଛନ୍ତି। ଯଦି ମହୁଆ ନିର୍ଦ୍ଧାରିତ ସମୟ ମଧ୍ୟରେ ଘର ଖାଲି ନ କରନ୍ତି, ତେବେ ବଳପୂର୍ବକ ବାହାର କରାଯିବ ବୋଲି ନିର୍ଦ୍ଦେଶାଳୟ କହିଥିଲା। ଘର ଛାଡ଼ିବା ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଗୁରୁବାର ଖାରଜ କରିଦେଇଥିଲେ। ସୂଚନାଯୋଗ୍ୟ, ଲୋକ ସଭାରେ ପ୍ରଶ୍ନ ପଚାରିବା ପାଇଁ ମହୁଆ ଜଣେ ବ୍ୟବସାୟୀଙ୍କଠାରୁ ଅର୍ଥ ନେଇଥିବା ପ୍ରମାଣିତ ହେବା ପରେ ତାଙ୍କ ସଭ୍ୟପଦ ରଦ୍ଦ କରାଯାଇଥିଲା।







ବ୍ରିଟେନ୍ ରାଜା କିଙ୍ଗ୍ ଚାର୍ଲ୍ସ ୩ୟଙ୍କ ଗାର୍ଡମାନଙ୍କୁ କ୍ୟାପ୍‌ରେ କାନାଡୀୟ କଳାଭାଲୁର ଲୋମ ବ୍ୟବହାରକୁ ପିପୁଲ୍ସ ଫର୍ ଏଥିକାଲ ଟ୍ରିଟ୍‌ମେଣ୍ଟ ଅଫ୍ ଆନିମଲ୍ (ପେଟା) ସଦସ୍ୟମାନେ ବିରୋଧ କରିଛନ୍ତି। ଗୋଟିଏ ଟୋପି ପ୍ରସ୍ତୁତ କରିବା ପାଇଁ ଗୋଟିଏ ଭାଲୁକୁ ମରାଯାଉଛି ବୋଲି ପ୍ରାଣୀ ଅଧିକାରୀ ଗୋଷ୍ଠୀ ସମାଲୋଚନା କରିଛି। ଏହାର ପ୍ରତିବାଦରେ ଲଣ୍ଡନସ୍ଥିତ ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖ୍ୟାଳୟ ବାହାରେ ୟୁନିୟନ୍ ଜ୍ୟାକ୍ ଉପରେ ପେଟା ପକ୍ଷରୁ ଶୁକ୍ରବାର 'ଡାଏ-ଇନ୍' ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ରାମ କ'ଣ ମନ୍ଦିରରେ ସୀମିତ

**ଫାରୁକ୍ ଅବ୍‌ଦୁଲ୍ଲାଙ୍କ ବିବାଦୀୟ ମନ୍ତବ୍ୟ**



ଜମ୍ମୁ/ଅଯୋଧ୍ୟା/ନୂଆଦିଲ୍ଲୀ,୧୯।୧

ରାମ କ'ଣ ଗୋଟିଏ ମନ୍ଦିରରେ ସୀମିତ। ସେ କେବଳ ଭାରତୀୟ ଜନତା ପାର୍ଟି (ଭାଜପା) ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର। ନିମନ୍ତ୍ରଣ କରିବାକୁ ସେମାନେ କିଏ। ଅଯୋଧ୍ୟାସ୍ଥିତ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ୩ ଦିନ ବାକି ଥିବାବେଳେ ଶୁକ୍ରବାର ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା ଏହି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା ଜମ୍ମୁରେ ଖବରଦାତାଙ୍କୁ ସମ୍ବୋଧିତ କରି ରାମମନ୍ଦିର ଉପରେ ନୂଆ ବିତର୍କ ସୃଷ୍ଟି କରିଛନ୍ତି। ସେ କହିଛନ୍ତି, ଶ୍ରୀରାମଙ୍କର କେହି ତତ୍ତ୍ୱାବଧାରକ ନାହାନ୍ତି। ପ୍ରଭୁ ରାମ ସର୍ବବ୍ୟାପୀ। ସେ ସବୁଠି ବିରାଜମାନ କରନ୍ତି। ଯେଉଁଠି ରାମମନ୍ଦିର ନାହିଁ, ସେଠାରେ ମଧ୍ୟ ରାମ ଅଛନ୍ତି। ସେ ସାରା ବ୍ରହ୍ମାଣ୍ଡର ରାମ। ତାଙ୍କୁ କେବଳ ଗୋଟିଏ ମନ୍ଦିରରେ ସୀମିତ ରଖାଯାଇ ପାରିବ ନାହିଁ। ରାମ କୌଣସି ଏକ ଧର୍ମର ନୁହନ୍ତି। ତାଙ୍କୁ 'ହିନ୍ଦୁ' ରୂପେ ଚିତ୍ରିତ କରିବା ଭୁଲ୍। ଭାଜପା ଏବଂ ଆର୍‌ଏସ୍‌ଏସ୍ ରାମଙ୍କୁ କେବଳ ନିଜର ବୋଲି ଦାବି କରିବା ଅନୁଚିତ। ମନ୍ଦିରକୁ ନିମନ୍ତ୍ରଣ କରିବା ପାଇଁ ସେମାନେ କିଏ। ମନ୍ଦିରକୁ ଯିବା ପାଇଁ ନିମନ୍ତ୍ରଣ ଅନାବଶ୍ୟକ। ଏହା ଏକ ଭୁଲ୍ ପ୍ରକ୍ରିୟା। ମୁଁ ଉମ୍‌ରାହରେ ଯାଉଥିବାବେଳେ ନିମନ୍ତ୍ରଣ କାହିଁକି ଆଶା କରିବି ବୋଲି ଫାରୁକ୍ ପ୍ରଶ୍ନ କରିଛନ୍ତି। ସେହିପରି ଜାନୁୟାରୀ ୨୨ରେ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ କେନ୍ଦ୍ର ସରକାର ଅଧାଦିନ ଛୁଟି କରିବା ସମ୍ବିଧାନ ଓ ସୁପ୍ରିମକୋର୍ଟ ଗାଇଡ୍‌ଲାଇନ୍ ବିରୋଧୀ ବୋଲି ଭାରତୀୟ (ମାର୍କ୍ସବାଦୀ) କମ୍ୟୁନିଷ୍ଟ ପାର୍ଟି ଏକ ବିବୃତି ଜାରି କରି ସମାଲୋଚନା କରିଛି। ଉତ୍ତର ପ୍ରଦେଶ ସରକାର ମଧ୍ୟ ଏକ ଧର୍ମୀୟ କାର୍ଯ୍ୟକ୍ରମ ପାଇଁ ଛୁଟି ଘୋଷଣା କରିପାରିବେ ନାହିଁ ବୋଲି ସିପିଆଇଏମ୍ ପଲିଟ୍‌ବ୍ୟୁରୋ ପକ୍ଷରୁ କୁହାଯାଇଛି।

### କିଷ୍କିନ୍ଧାରୁ ଅଯୋଧ୍ୟା ଆସିଲା ହନୁମାନଙ୍କ ରଥ

ହନୁମାନଙ୍କ ଜନ୍ମସ୍ଥାନ କିଷ୍କିନ୍ଧା (କର୍ନାଟକର ହାମ୍ପି)ରୁ ବାହାରିଥିବା ରଥ ଶୁକ୍ରବାର ଅଯୋଧ୍ୟାରେ ପହଞ୍ଚିଛି। ଏହି ରଥ ସାରା ଦେଶରେ ଭ୍ରମଣ କରିବା ପରେ ଶତାଧିକ ଭକ୍ତଙ୍କ ସହ ନେପାଳର ଜନକପୁରୀ (ସୀତାଙ୍କ ଜନ୍ମସ୍ଥାନ)କୁ ଯାଇଥିଲା। ସେଠାରୁ ଗୀତ, ନୃତ୍ୟ ଓ ଜୟ ଶ୍ରୀରାମ ଧ୍ୱନୀ ସହ ରାମଙ୍କ ଛବି ଥିବା ଗୈରିକ ପତାକା ଉଡ଼ାଇ ଅଯୋଧ୍ୟା ସରଜୂ ନଦୀକୂଳକୁ ଅଣାଯାଇଛି। ରଥରେ ଶ୍ରୀରାମ ହନୁମାନଙ୍କୁ ଆଲିଙ୍ଗନ କରୁଥିବା ଏକ ମୂର୍ତ୍ତି ମଧ୍ୟ ରହିଛି।



ପ୍ରାଣ ପ୍ରତିଷ୍ଠା ଉତ୍ସବ ପୂର୍ବରୁ ଶ୍ରୀରାମ ମନ୍ଦିର।

### ଅଯୋଧ୍ୟା ରାୟ ଦେଇଥିବା ବିଚାରପତିମାନଙ୍କୁ ନିମନ୍ତ୍ରଣ

୨୦୧୯ ନଭେମ୍ବର ୯ରେ ଐତିହାସିକ ଅଯୋଧ୍ୟା ରାୟ ଆସିଥିଲା। ବିବାଦୀୟ ବାବ୍ରୀ ମସ୍‌ଜିଦ ସ୍ଥଳ ରାମଲାଲାଙ୍କର ବୋଲି ରାୟ ଦେଇଥିବା ସାମ୍ବିଧାନିକ ପୀଠର ସମସ୍ତ ବିଚାରପତିଙ୍କୁ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ନିମନ୍ତ୍ରଣ କରାଯାଇଛି। ତତ୍କାଳୀନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ପୂର୍ବତନ ସିଜେଆଇ ଏସ୍.ଏ. ବୋବ୍‌ଡେ, ବର୍ତ୍ତମାନର ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ସମେତ ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଅବ୍‌ଦୁଲ ନଜିର ପୀଠରେ ସାମିଲ ଥିଲେ। ସାମ୍ବିଧାନିକ ପୀଠଙ୍କ ୧,୦୪୫ ପୃଷ୍ଠା ସମ୍ବଳିତ ରାୟ ଯୋଗୁ ରାମମନ୍ଦିର ନିର୍ମାଣର ପଥ ପରିଷ୍କାର ହୋଇଥିଲା। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଓ ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି। ମନ୍ଦିର ଟ୍ରଷ୍ଟ ପକ୍ଷରୁ ରାଜନେତା, ସେଲିବ୍ରିଟି, ଶିଳ୍ପପତି, ସନ୍ଥଙ୍କ ସମେତ ୭,୦୦୦ରୁ ଅଧିକ ଅତିଥିଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ କରାଯାଇଛି। ମେଗା ଷ୍ଟାର ଅମିତାଭ ବଚ୍ଚନ, ଶିଳ୍ପପତି ମୁକେଶ ଅମ୍ବାନୀ, ଅଭିନେତା ଅଜୟ ଦେବଗନ, ଅକ୍ଷୟ କୁମାର, ସରୋଦ ବାଦକ ଅମଜଦ ଅଲୀ, ଗୀତିକାର ମନୋଜ ମୁନ୍ତଶିର, ଲେଖକ ପ୍ରସୂନ ଜୋଷୀ ପ୍ରମୁଖ ନିମନ୍ତ୍ରିତ ଅତିଥି ତାଲିକାରେ ଅଛନ୍ତି।

## ଇସ୍ରାଏଲ୍ ଆକ୍ରମଣରେ ଗାଜା ୟୁନିଭର୍ସିଟି ଧ୍ୱଂସ

ରାଫାହ, ୧୯।୧

ଇସ୍ରାଏଲ୍ ସେନାର ଏୟାରଷ୍ଟ୍ରାଇକ୍‌ରେ ଦକ୍ଷିଣ ଗାଜାରେ ଥିବା ଅଲ୍-ଇସ୍ରା ବିଶ୍ୱବିଦ୍ୟାଳୟ ବିଲ୍ଡିଂ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଆଖି ପିଛୁଳାକେ ବିଲ୍ଡିଂଟି ଭୁଶୁଡ଼ି ପଡୁଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି। ଏନେଇ ଇସ୍ରାଏଲ୍ ପ୍ରଶାସନ ପକ୍ଷରୁ କିଛି କୁହାଯାଇ ନ ଥିବାବେଳେ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସରକାରଙ୍କୁ ଆମେରିକା ସ୍ପଷ୍ଟୀକରଣ



ମାଗିଛି। ପାଲେଷ୍ଟିନୀୟ ଉଚ୍ଚଶିକ୍ଷା ଅନୁଷ୍ଠାନ ଉକ୍ତ ଭିଡିଓକୁ ପୋଷ୍ଟ କରିବା ସହ ଏହାକୁ ନିନ୍ଦା କରିଛି। ଅଲ୍-ଇସ୍ରା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ବୋମାମାଡ଼ ଏବଂ ବର୍ବର ଆକ୍ରମଣକୁ ବିର୍‌ଜିଟ୍ ୟୁନିଭର୍ସିଟି ନିନ୍ଦା କରିଛି। ଇସ୍ରାଏଲ୍ ସେନା ୭୦ ଦିନ ପୂର୍ବରୁ ଉକ୍ତ କ୍ୟାମ୍ପସ୍‌କୁ ଅକ୍ତିଆର କରି ସେଠାରେ ସେନା ଘାଟି କରିଥିଲା। ଦକ୍ଷିଣ ଗାଜାର ରାଫାହ ସହରରେ ଥିବା ଏକ ଘର ଉପରେ ଇସ୍ରାଏଲୀ ସେନା ଗୁରୁବାର ଆକାଶମାର୍ଗରୁ ଆକ୍ରମଣ କରିବାରୁ ୧୬ ଜଣଙ୍କ ମୃତ୍ୟୁ ଘଟିଥିଲା। ହମାସ ବିରୋଧରେ ଇସ୍ରାଏଲ୍‌ରୁ ଆକ୍ରମଣ ୧୦୦ ଦିନ ଟପିଥିବାବେଳେ ୨୪,୦୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟଙ୍କ ଜୀବନ ଗଲାଣି ଓ ଗାଜାରୁ ୮୫ ପ୍ରତିଶତ ଲୋକ ଘରଦ୍ୱାର ଛାଡ଼ି ପଳାଇଗଲେଣି।

## ରବିବାର ସୁଦ୍ଧା ଆତ୍ମସମର୍ପଣ କର

ନୂଆଦିଲ୍ଲୀ,୧୯।୧

**ବିଲ୍‌କିସ୍ ବଳାତ୍କାରୀଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ବିଲ୍‌କିସ ବାନୋ ଗଣବଳାତ୍କାର ଓ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା ମାମଲାରେ ମୁକ୍ତ ହୋଇଥିବା ୧୧ ଅପରାଧୀଙ୍କୁ ଆସନ୍ତା ରବିବାର ସୁଦ୍ଧା ଜେଲ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଆତ୍ମସମର୍ପଣ ସମୟସୀମା ବଢ଼ାଇବା ପାଇଁ ସେମାନଙ୍କ ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। କେତେଜଣ ଦୋଷୀ ପରିବାର ସଦସ୍ୟଙ୍କ ବିବାହ କାର୍ଯ୍ୟରେ ଯୋଗଦେବାକୁ ଏବଂ ଅନ୍ୟମାନେ ଅମଳ ଋତୁରେ ମାଆବାପାଙ୍କୁ ସାହାଯ୍ୟ କରିବା ପାଇଁ ଆତ୍ମସମର୍ପଣ ନିମନ୍ତେ ଅଧିକ ସମୟ ମାଗିଥିଲେ। ସେମାନଙ୍କର ନିବେଦନ ଗ୍ରହଣଯୋଗ୍ୟ, ନୁହେଁ ବୋଲି ଜଷ୍ଟିସ ବି.ଭି. ନାଗରତ୍ନାଙ୍କ ଖଣ୍ଡପୀଠ କହିବା ସହ ରବିବାର ସୁଦ୍ଧା ଜେଲ ଅଧିକାରୀଙ୍କ ନିକଟରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗୁଜରାଟ ସରକାର କ୍ଷମତାର ଦୁରୁପଯୋଗ କରି ୧୧ ଅପରାଧୀଙ୍କୁ କ୍ଷମା ଦେଇ ୨୦୨୨ ଅଗଷ୍ଟ ୧୫ରେ ଜେଲରୁ ମୁକ୍ତ କରିଦେଇଥିଲେ। ଏହାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

## ଏସ୍‌ପି-ଆର୍‌ଏଲ୍‌ଡି ମେଣ୍ଟ ଘୋଷଣା

ଲକ୍ଷ୍ନୌ,୧୯।୧(ପି.ଟି.)

**ୟୁପିରେ ୭ ଆସନରେ ଲଢ଼ିବ ଆର୍‌ଏଲ୍‌ଡି**

ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ଶୁକ୍ରବାର ସେମାନଙ୍କର ମେଣ୍ଟ ଘୋଷଣା କରିଛନ୍ତି। ପଶ୍ଚିମ ଉତ୍ତରପ୍ରଦେଶରେ ଆର୍‌ଏଲ୍‌ଡିକୁ ସମାଜବାଦୀ ପାର୍ଟି ୭ ଆସନ ଛାଡ଼ିଛି। ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ଆର୍‌ଏଲ୍‌ଡି ମୁଖ୍ୟ ଜୟନ୍ତ ଚୌଧରୀ ସୋସିଆଲ ମିଡିଆ ଜରିଆରେ ନିର୍ବାଚନୀ ମେଣ୍ଟ ଘୋଷଣା କରିଛନ୍ତି। ଉଭୟ ଦଳର ନେତା ଓ କର୍ମୀ ବିଜୟ ପାଇଁ ଏକାଠି କାମ କରିବାକୁ ଅଖିଳେଶ ଆହ୍ୱାନ ଦେଇଛନ୍ତି। ଏକ୍ସ'ରେ ଏହାକୁ ପୁନର୍ବାର ପୋଷ୍ଟ କରି ଜୟନ୍ତ ଲେଖିଛନ୍ତି, ଜାତୀୟ ଓ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ପାଇଁ ସେ ସବୁବେଳେ ପ୍ରସ୍ତୁତ। ଆମ ଅଞ୍ଚଳର ବିକାଶ ଓ ସମୃଦ୍ଧି ପାଇଁ ମେଣ୍ଟର ସମସ୍ତ କର୍ମୀ ଏକାଠି ଆଗେଇବାକୁ ସେ ଆଶାବ୍ୟକ୍ତ କରିଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ବୈଠକ ବସି ଆସନ ବୁଝାମଣା ଚୂଡ଼ାନ୍ତ ହୋଇଥିଲା ବୋଲି ଆର୍‌ଏଲ୍‌ଡି ମୁଖପାତ୍ର କହିଛନ୍ତି।

## 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ଅଗଣତାନ୍ତ୍ରିକ: କଂଗ୍ରେସ

ନୂଆଦିଲ୍ଲୀ,୧୯।୧(ପି.ଟି.)

ଏକ ଦେଶ ଏକ ନିର୍ବାଚନ ଚିନ୍ତାଧାରା ଅଗଣତାନ୍ତ୍ରିକ ଏବଂ ସମ୍ବିଧାନର ମୌଳିକ ଢାଞ୍ଚା ବିରୋଧୀ କହି କଂଗ୍ରେସ ଏହାର ଦୃଢ଼ ବିରୋଧ କରିଛି। ଏହା ସଂଘବାଦ ଗ୍ୟାରେଣ୍ଟିର ବିରୋଧ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଏଭଳି ଚିନ୍ତାଧାରାକୁ ପରିତ୍ୟାଗ କରିବା ସହ ଏହାର ଅନୁଧ୍ୟାନ ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟି ଭଙ୍ଗ କରିବାକୁ ଖାର୍ଗେ ଦାବି କରିଛନ୍ତି। ଦେଶର ସମ୍ବିଧାନ ଏବଂ ସଂସଦୀୟ ଗଣତନ୍ତ୍ରକୁ ବଦଳାଇଦେବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ପୂର୍ବତନ



ମଲ୍ଲିକାର୍ଜୁନ ଖାର୍ଗେ

ରାଷ୍ଟ୍ରପତି ତଥା କମିଟିର ଅଧ୍ୟକ୍ଷ ରାମନାଥ କୋବିନ୍ଦ ତାଙ୍କ ବ୍ୟକ୍ତିତ୍ୱ ଏବଂ ପୂର୍ବ ପଦବୀର ଅପବ୍ୟବହାର ହେବାକୁ ଦିଅନ୍ତୁ ନାହିଁ ବୋଲି ଖାର୍ଗେ ନିବେଦନ କରିଛନ୍ତି। ଏହି ମର୍ମରେ ସେ 'ୱାନ୍ ନେଶନ, ୱାନ୍ ଇଲେକ୍ସନ' କମିଟିର ସଚିବ ନୀତେନ ଚନ୍ଦ୍ରାଙ୍କୁ ପତ୍ର ଲେଖି ଜଣାଇଛନ୍ତି।

ଏକ ସଙ୍ଗେ ନିର୍ବାଚନ କରାଇବା ପାଇଁ ଭାଜପାର ଉଦ୍ୟମ ଅଗଣତାନ୍ତ୍ରିକ ହୋଇଥିବାରୁ କଂଗ୍ରେସ ଏହାର ଦୃଢ଼ ବିରୋଧ କରୁଛି। ଗଣତନ୍ତ୍ରକୁ ସଫଳ ଓ ସୁଦୃଢ଼ କରିବା ପାଇଁ ଏଭଳି ଚିନ୍ତାଧାରା ବର୍ଜନ କରାଯିବା ଜରୁରୀ ଏବଂ ଉଚ୍ଚସ୍ତରୀୟ କମିଟିକୁ ଭାଙ୍ଗିଦେବା ଆବଶ୍ୟକ ବୋଲି ଖାର୍ଗେ ଉକ୍ତ ପତ୍ରରେ ଲେଖିଛନ୍ତି। ଗତ ୧୮ ତାରିଖରେ ୱାନ୍ ନେଶନ, ୱାନ୍ ଇଲେକ୍ସନ କମିଟି ତରଫରୁ ଚନ୍ଦ୍ରା ପତ୍ର ଲେଖି କଂଗ୍ରେସର ମତାମତ ଲୋଡ଼ିଥିବାବେଳେ ଖାର୍ଗେ ଜବାବରେ ଏହା କହିଛନ୍ତି। ସେ କହିଛନ୍ତି, ଯାହା ଜଣାପଡୁଛି କମିଟି ଉକ୍ତ ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବା ପାଇଁ ମନ ସ୍ଥିର କରିନେଇଛି ଏବଂ କେବଳ ଲୋକଦେଖାଣିଆ ଭାବେ ପରାମର୍ଶ ମାଗୁଛି। ଜନାଦେଶ ପ୍ରତି ସମ୍ମାନକୁ ସୁନିଶ୍ଚିତ କରିବା ଦିଗରେ ସରକାର, ପାର୍ଲାମେଣ୍ଟ ଏବଂ ନିର୍ବାଚନ କମିଶନ ଏକାଠି କାମ କରିବା ଆବଶ୍ୟକ। ଏକକାଳୀନ ନିର୍ବାଚନ ଭଳି ଅଗଣତାନ୍ତ୍ରିକ କଥା କହି ଲୋକଙ୍କ ଦୃଷ୍ଟିକୁ ହଟାଇଦିଆ ନ ଯାଉ ବୋଲି ସେ କହିଛନ୍ତି। ବିଭିନ୍ନ ରାଜ୍ୟରେ ସରକାରରେ ଥିବା ବିରୋଧୀ ଦଳଗୁଡ଼ିକୁ ଉପଯୁକ୍ତ ପ୍ରତିନିଧିତ୍ୱ ଦିଆ ନ ଯାଇ କମିଟି ଗଠନରେ ପକ୍ଷପାତ କରାଯାଇଛି। କମିଟିର ସୁପାରିସ ସମ୍ପୃକ୍ତ ରାଜ୍ୟ ସରକାରକୁ ପ୍ରଭାବିତ କରିବ। ଗତ ୧୦ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀମାନେ ଗୃହ ଉପରେ ଆସ୍ଥା ହରାଇଥିବାବେଳେ ଏକ ନିର୍ଦ୍ଦିଷ୍ଟ ଦଳ ନିଜର ଫାଇଦା ହାସଲ ପାଇଁ ସରକାରୀ କଳର ଅପବ୍ୟବହାର କରିଆସୁଛି ଏବଂ ଜନାଦେଶକୁ ଚୋରି କରିବା ପାଇଁ ଦଳବଦଳ ଆଇନକୁ ବଦଳାଉଛି। ଦେଶରେ ଏକସଙ୍ଗେ ନିର୍ବାଚନ ଚିନ୍ତାଧାରାର କୌଣସି ସ୍ଥାନ ନାହିଁ। ତାହା ସଂଘବାଦ ଗ୍ୟାରେଣ୍ଟି ବିରୋଧରେ ଯିବ ବୋଲି ଖାର୍ଗେ ସ୍ପଷ୍ଟ କରିଛନ୍ତି।

**ସଂକ୍ଷେପରେ**

## ଭାଷା, ସାହିତ୍ୟ, ସୃଜନଶୀଳତା ଉତ୍ସବ

**ଲୋଇସିଂହା,୧୯।୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତ ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ତଥା ମୋ ସ୍କୁଲ ଅଭିଯାନ ସଭାପତି ଦୁଦୀପ କୁମାର ସା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ଅଶୋକ କୁମାର ମେହେରଙ୍କ ଅଧକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ସା ମୁଖ୍ୟ ଅତିଥି, ପରିଚାଳନା କମିଟି ସଭାପତି ରାଜେଶ କୁମାର ସାହୁ, ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ୟୋତିରଞ୍ଜନ ସା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ବିଦ୍ୟାଳୟର ନବମ ଶ୍ରେଣୀର ୪୭ ଏବଂ ଦଶମର ୫୨ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଦ୍ୟାଳୟର କନିଷ୍ଠ ସହାୟକ ରମେଶଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜୟ ଜଗନ୍ନାଥ ଏକ୍ସପ୍ରେସ୍ ବସ୍‌ସେବାର ଶୁଭାରମ୍ଭ

**ବଲାଙ୍ଗୀର,୧୯।୧(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲାରେ ଗୁରୁବାର ଶୁଭାରମ୍ଭ ହୋଇଛି ଜୟ ଜଗନ୍ନାଥ ଏକ୍ସପ୍ରେସ ବସସେବା। ସନ୍ଧ୍ୟାରେ ସ୍ଥାନୀୟ ନୂତନ ବସ ଟର୍ମିନାଲ ଠାରୁ ଏହି ସେବା ଆରମ୍ଭ ହେଇଛି। ସବୁଜ ପତାକା ଦେଖାଇ ଏହି ସେବାର ଆରମ୍ଭ କରିଥିଲେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା, ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଅଧକ୍ଷ କଳିକେଶ ନାରାୟଣ ସିଂଦେଓ, ବଲାଙ୍ଗୀର ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧକ୍ଷା ଲିକା ସାହୁ ଉପସ୍ଥିତ ଥିଲେ। ବସ ଜିଲା ସଦର ମହକୁମାରୁ ଭୁବନେଶ୍ୱର ଦେଇ ଶ୍ରୀକ୍ଷେତ୍ର ପୁରୀକୁ ଚାଲିଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ସାଧାରଣ ଲୋକଙ୍କ ପ୍ରତିଶ୍ରୁତି ପୂରଣ କରିବାରେ ମୁଖ୍ୟମନ୍ତ୍ରୀଙ୍କର ତୁଳନା ନାହିଁ। ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ଏକ ମାଇଲଷ୍ଟୋନ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମସ୍ତ କାର୍ଯ୍ୟକ୍ରମର ମଙ୍ଗ ଧରି ୫-ଟି ଅଧକ୍ଷ ସବୁ ଯୋଜନା ସଫଳ କରୁଛନ୍ତି ବୋଲି ସେ କହିଥିଲେ।

## ବ୍ଲକ୍ ବାରିକ ଭବନ ଉଦ୍‌ଘାଟିତ



**ଲୋଇସିଂହା,୧୯।୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା କର୍ଲିପାଟରେ ନବ ନିର୍ମିତ ବ୍ଲକ ବାରିକ ଭବନ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ରାଜ୍ୟ ସଭା ଏମ୍‌ପି ନିରଞ୍ଜନ ବିଶି ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋଠାର ଲୋକାର୍ପଣ କରିଥିଲେ। ଶିବପ୍ରସାଦ ବାରିକଙ୍କ ସଂଯୋଜନାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟସଭା ଏମପି ବିଶି ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ବ୍ରଜମୋହନ ବିଶୋଇ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ବରିହା, ଜିଲା ସଭାପତି କଙ୍ଗାଲୁ ବାରିକ, ରାଜ୍ୟ ସାଧାରଣ ସମ୍ପାଦକ କମ୍ଭୁପାଣି ପରିଛା, ରାଜ୍ୟ ଉପସଭାପତି ହୀରାଲାଲ ବେହେରା, ବ୍ଲକ ସଭାପତି କିଶୋର ବାରିକ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ଉପଲକ୍ଷେ ସମାଜର ୪ ଜଣଙ୍କୁ ମରଣତ୍ତୋର ସମ୍ମାନ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ସମାଜର ବରିଷ୍ଠ ଏବଂ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଭିନ୍ନ ପାଣ୍ଠିରୁ ୧୧ ଲକ୍ଷ ବ୍ୟୟରେ ଉକ୍ତ ବାରିକ ଭବନ ନିର୍ମାଣ ହୋଇଛି। ହେଲେ ଏକ ଅତିଥି ଭବନ ନିର୍ମାଣ ପାଇଁ ୩ ଲକ୍ଷ ସହାୟତା ପାଇଁ ରାଜ୍ୟସଭା ଏମପି ବିଶିଙ୍କୁ ସମାଜ ପକ୍ଷରୁ ନିବେଦନ କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସତ୍ୟନାରାୟଣ ବାରିକ, ନାରାୟଣ ବାରିକ, ଗୋବିନ୍ଦା ବାରିକ, ଋଷଭ ପଶାୟତଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉତ୍ସବରେ ଉପସ୍ଥିତ ଥିଲେ।



ବଲାଙ୍ଗୀର ମୁଖ୍ୟ ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାଣୀଧନ ଡାକ୍ତରଙ୍କ ଧାରଣା।

# ବଲାଙ୍ଗୀରରେ ପ୍ରାଣୀ ଚିକିତ୍ସକଙ୍କ ଧାରଣା

**ବଲାଙ୍ଗୀର,୧୯।୧(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲାରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନେ ଶୁକ୍ରବାର ସ୍ଥାନୀୟ ମୁଖ୍ୟ ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପ୍ରାଣୀଧନ ଚିକିତ୍ସାସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣର ଆବଶ୍ୟକତା ସମ୍ପର୍କରେ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ପକ୍ଷରୁ ବର୍ଷ ବର୍ଷ ଧରି ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ରାଜ୍ୟ ସରକାର ଏହାର କର୍ଣ୍ଣପାତ କରୁ ନ ଥିବାରୁ ପ୍ରାଣୀଧନ ଚିକିତ୍ସକମାନେ ଧାରଣା ଓ ଆନ୍ଦୋଳନ ଆରମ୍ଭ କରିଛନ୍ତି। ରାଜ୍ୟରେ ୧୯୧୦ ଡାକ୍ତରଙ୍କ କାର୍ଯ୍ୟକୁ ଏବେ ୧୩୦୦ ଡାକ୍ତର ତୁଲାଉଛନ୍ତି। ଚାକିରି କ୍ଷେତ୍ରରେ ପଦୋନ୍ନତିର ସୁବିଧା ନ ଥିବା ସେମାନଙ୍କୁ ହତୋତ୍ସାହିତ କରିଛି। ଦୀର୍ଘ ୨୨-୨୩ ବର୍ଷ ହେଲା ସେମାନଙ୍କୁ ଗୋଟିଏ ଦରମା ହାରରେ କାର୍ଯ୍ୟ କରିବାକୁ ପଡୁଥିବା ଅଭିଯୋଗ କରିଛନ୍ତି। ପାଖାପାଖି ୪୦ ପ୍ରତିଶତ ଅଧସ୍ତନ କର୍ମଚାରୀ ପଦବୀ ଖାଲି ପଡିଛି। ଫଳରେ ପ୍ରାଣୀ ଚିକିତ୍ସକମାନଙ୍କୁ ଅଧିକ ଚାପ ପଡୁଛି। ସେହିପରି କାର୍ଯ୍ୟ ସମୟ ପରେ ଓ ଛୁଟି ଦିନରେ ମଧ୍ୟ ସରକାରୀ କାମ ପାଇଁ ବାଧ କରାଯିବାକୁ ସେମାନେ ବିରୋଧ କରିଛନ୍ତି। କାର୍ଯ୍ୟ ସମୟ ପରେ ପ୍ରାଇଭେଟ ପ୍ରାକ୍ଟିସ କରୁଥିବା ପ୍ରାଣୀ ଚିକିତ୍ସକମାନଙ୍କୁ ବିଭିନ୍ନ ପ୍ରକାର ହଇରାଣ ହରକତ କରାଯାଉଥିବା ଅଭିଯୋଗ କରାଯାଇଛି। ରାଜ୍ୟର ପ୍ରାଣୀ ଚିକିତ୍ସକମାନେ ମାନସିକ ଦୁଶ୍ଚିନ୍ତାରେ ରହୁଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘ ପକ୍ଷରୁ ପ୍ରଦତ୍ତ ୪ ଦଫା ଦାବି ତୁରନ୍ତ ପୂରଣ କରିବାକୁ ସେମାନେ ଦାବି ଜଣାଇଛନ୍ତି। ଅନେକ ଥର ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। କେବଳ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହାର ବିରୋଧରେ ବଲାଙ୍ଗୀର ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ ସମୂହ ଛୁଟି ଘୋଷଣା କରି ଧାରଣାରେ ବସିଛନ୍ତି।

# ବିଦ୍ୟାଳୟର ଶତବାର୍ଷିକ ମହୋତ୍ସବ



ହଳଦୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

**ମୁରିବାହାଲ,୧୯।୧(ଶ୍ରୀବତ୍ସ ବେହେରା)**

**କବିତା ଆସର ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ୨ ଓ ୩ ଅଧିବେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କବିତା ଆସର ଅନୁଷ୍ଠିତ ହୋଇଛି।

ଶତବାର୍ଷିକ ମହୋତ୍ସବ କମିଟି ସଭାପତି ଚୈତନ୍ୟ ମହାନନ୍ଦ କର ସଭାପତିତ୍ୱରେ ୨ୟ ଅଧିବେଶନରେ କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ହାଜି ମହମ୍ମଦ ଆୟୁବ ଖାଁ ଉପସ୍ଥିତ ରହିଥିଲେ। ସମ୍ମାନିତ ଅତିଥି ରୂପେ ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର, ବିଶିଷ୍ଟ ସାମାଜିକ କର୍ମୀ ଡା. ଅମଜତ ଖାଁ, ସମିତି ସଭ୍ୟ ଚୁନାମନୀ ମହାନନ୍ଦ, ସନ୍ୟାସୀ ପୁଟେଲ, ବିଶିଷ୍ଟ ଶିକ୍ଷାବିତ ତରଣୀ ସେନ ଦୀପ ପ୍ରମୁଖ ଉପସ୍ଥିତ ରହି ସମାଜରେ ବିକାଶ କରିବାକୁ ହେଲେ ଶିକ୍ଷାର ଆବଶ୍ୟତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ଡିଏଭି ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡା. ଶିବପ୍ରସାଦ ବେହେରା ଉପସ୍ଥିତ ରହି ଛାତ୍ରୀଛାତ୍ର ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଅତିଥି କଳାକାର ନାଟ୍ୟକାର କେଶବ ରଞ୍ଜନ ପଧାନ, ମଧ୍ୟ ଉପସ୍ଥିତ ରହିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଜଗନ୍ନାଥ ସେଟଙ୍କର ନିର୍ଦ୍ଦେଶନା ଓ ଲେଖକରେ 'ରଙ୍ଗ ଭୂମି' ଡ୍ରାମା ଅନୁଷ୍ଠିତ ହୋଇଥିଲା। ଏହା ସହ ବୀଣାପାଣି ସାଂସ୍କୃତିକ ଅନୁଷ୍ଠାନ ଟିଟିଲାଗଡ଼ର 'ଭାଇଯୁଇଟିଆ' ଲୋକ ନୃତ୍ୟରେ ଝୁମିଥିଲେ ଦର୍ଶକ। ଶୁକ୍ରବାର ୩ୟ ଅଧିବେଶନରେ କୋଶଲି କବିତା ପାଠ ଆସର କାର୍ଯ୍ୟକ୍ରମରେ ବିଶିଷ୍ଟ କବି ଯୁଗଳ କିଶୋର ଷଡ଼ଙ୍ଗୀ, ଟିକେଲାଲ ବେହେରା, ବିନୟ କୁମାର ଦାସ, କ୍ଷୀରୋଦ୍ର ଷଡ଼ଙ୍ଗୀ, ମିନିକେତନ ହୋତା, ସଞ୍ଜୟ ଅଗସ୍ତି ପ୍ରମୁଖ ଉପସ୍ଥିତ ରହି କବିତା ଆସରରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ମହୋତ୍ସବ କମିଟି ସଂଯୋଜକ ଦିଲ୍ଲୀପ ପଶାୟତ, ଦୀପକ ରଞ୍ଜନ ବାଗ, ପୁରୋତ୍ତମ ବାଗ, ସୁବାସ ପୋଡ଼, ତରଣୀ ସେନ ଦୀପ, ରମାରଞ୍ଜନ ସେଟ, ଅଶ୍ୱିନୀ ଭୁକ୍ତା ପ୍ରମୁଖ ନେତୃତ୍ୱ ନେଉଥିଲେ। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଉକ୍ତ ମହୋତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ।

## ଚୋରି କରୁଥିବା ୩ ଯୁବକ ଗିରଫ: ୨ଟ୍ରକ୍ ସହ ଡିଆଇ ପାଇପ ଜବତ

**ଦେଓଗାଁ,୧୯।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗିର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ରତନପୁରଠାରେ ଡିଆଇ ପାଇପ ଚୋରି କରୁଥିବାବେଳେ ପୋଲିସ ତିନି ଜଣଙ୍କୁ କାବୁ କରିବା ସହ ଦୁଇଟି ଟ୍ରକକୁ ଜବତ କରିଛି। ସୂଚନା ମତେ, ଶନିବାର ପାହାନ୍ତିଆରେ ଦେଓଗାଁ ଥାନାଧିକାରୀ ତାରାବତୀ ପଧାନ ପାଟ୍ରୋଲିଂ କରୁଥିବାବେଳେ ରତନପୁରଠାରେ ଦୁଇଟି ଟ୍ରକରେ ପାଇପ ଲୋଡ ହେଉଥିବା ଦେଖି ସନ୍ଦେହ କରିଥିଲେ। ପରେ ପୋଲିସ ତିନି ଜଣ ଯୁବକଙ୍କୁ ଆଣି ଥାନାରେ ଅଟକ ରଖି ପଚରା ଉଚୁରା ଜାରି ରଖିଥିଲା । ପରେ ଖବର ପାଇ ପାଣି ପାଇପ କାମ କରୁଥିବା ଠିକାଦାର ଦିନେଶ ଅଗ୍ରୱାଲ ଥାନାକୁ ଆସି ଅଭିଯୋଗ କରିଥିଲେ। ପୋଲିସ ଚୋରି ଘଟଣାରେ ଯୋଧପୁର ଜିଲା ବାଲେଶ୍ୱର ଥାନାର ସଂଗ୍ରାମ, ବରମେର ଜିଲା ଗିଡା ଥାନାର ଗୌତମ ଗିରି ଓ ପ୍ରେମ ଗିରିଙ୍କୁ ଗିରଫ କରିଛି। ଏହା ସହ ଦୁଇଟି ଟ୍ରକକୁ ଜବତ କରିଛି। ଏହି ଚୋରି ଘଟଣାରେ ରାକେଟ କାମ କରୁଥିବା ପୋଲିସ ସନ୍ଦେହ କରୁଛି। ୩ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବାସହ ଉକ୍ତ ଘଟଣାରେ ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ପଧାନ ସୂଚନା ଦେଇଛନ୍ତି।

## ମହାବିଦ୍ୟାଳୟରେ ଓଡ଼ିଆ ଖାଦ୍ୟ ପ୍ରଦର୍ଶନୀ

**ଲୋଇସିଂହା,୧୯।୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଅବସରରେ ମହାବିଦ୍ୟାଳୟରେ ଓଡ଼ିଆ ଖାଦ୍ୟ ପ୍ରଦର୍ଶନୀ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ସଂସ୍କୃତିରେ ପ୍ରଚଳିତ ବିଭିନ୍ନ ଖାଦ୍ୟ ଏହି ପ୍ରଦର୍ଶନୀରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଅଧକ୍ଷ ଗୋବିନ୍ଦ ସାହୁଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ଜଗମୋହନ ଦର୍ଜି ଏବଂ ଅଧ୍ୟାପକ ହିମାଂଶୁ ମହାକୁର ପରିଚାଳନା କରିଥିଲେ।

# ୨୨ରେ ରାମଭକ୍ତିମୟ ହେବ ବଲାଙ୍ଗୀର

**ବଲାଙ୍ଗୀର,୧୯।୧(ବୀରେନ୍ଦ୍ର କୁମାର ଝାଙ୍କର)**

ଆସନ୍ତା ୨୨ରେ ଅଯୋଧ୍ୟାରେ ହେବାକୁ ଥିବା ଶ୍ରୀରାମ ଜନ୍ମଭୂମି ପ୍ରତିଷ୍ଠା ଉତ୍ସବ ତଥା ଶ୍ରୀରାମଲାଲା ପ୍ରାଣ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ବଲାଙ୍ଗୀର ଜିଲାରେ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ୨୨ ତାରିଖ ଜିଲାବ୍ୟାପୀ ହେବାକୁ ଥିବା ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମର କିଭଳି ଆୟୋଜନ କରାଯାଉଛି ତାକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ବଲାଙ୍ଗୀର ପେଲେସଲାଇନ୍ ସ୍ଥିତ ଦୁର୍ଗାପୂଜା ମଣ୍ଡପଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଶ୍ରୀରାମ ଜନ୍ମଭୂମି ପ୍ରତିଷ୍ଠା ଉତ୍ସବ ଜିଲା କମିଟି ସଂଯୋଜକ ଦୟାନିଧି କରନ୍, ସହ-ସଂଯୋଜକ ପବିତ୍ର ଦାଶ, ବଲାଙ୍ଗୀର ନଗର ସଂଯୋଜକ ଗୋବିନ୍ଦ ମିଶ୍ର ଓ ସହ-ସଂଯୋଜକ ବାବୁଲାଲ ମିଶ୍ର, ପେଲେସଲାଇନ୍ ସଂସ୍କୃତି ସଂସଦର କର୍ମକର୍ତ୍ତା ଉପସ୍ଥିତ ଥିଲେ। ନଗର ସହସଂଯୋଜକ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ସମ୍ମିଳନୀରେ ଜିଲା କମିଟି ସଂଯୋଜକ କରନ୍ ଆସନ୍ତା ୨୨ ତାରିଖ ବଲାଙ୍ଗୀର ଜିଲାରେ କିଭଳି ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜନ ପ୍ରସ୍ତୁତି କରାଯାଉଛି କହିଥିଲେ। ବଲାଙ୍ଗୀର ଜିଲାର ସମସ୍ତ ୧୪ଟି ବ୍ଲକ୍, ବଲାଙ୍ଗୀର, ଟିଟିଲାଗଡ ମ୍ୟୁନିସିପାଲିଟି, ପାଟଣାଗଡ, କଣ୍ଟାବାଞ୍ଜି, ତୁଷରା ଏନ୍‌ଏସି ସମେତ ଜିଲାର ୧୭୮୮ଟି ଗାଁର ପ୍ରାୟ ସମସ୍ତ ମଠ ଓ ମନ୍ଦିରରେ ଶ୍ରୀରାମ ଜନ୍ମଭୂମି ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳନ କରାଯିବ ବୋଲି କହିଥିଲେ।

# ମହାରାଷ୍ଟ୍ରରେ ନିର୍ଯାତିତ ଶ୍ରମିକଙ୍କୁ ଉଦ୍ଧାର ପାଇଁ ନିବେଦନ

**ଦେଓଗାଁ,୧୯।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗିର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅଧିନସ୍ଥ ଚୋରମରା ଗ୍ରାମର କେତେକ ବ୍ୟକ୍ତି ମହାରାଷ୍ଟ୍ର ଅମକପୁରଠାରେ ଶ୍ରମିକ ଭାବେ କାମ କରୁଥିଲେ। ସେମାନେ ସେଠାରେ ଫସି ଯାଇଥିବାରୁ ଉଦ୍ଧାର କରିବା ପାଇଁ ଶ୍ରମିକଙ୍କ ପରିବାର ଲୋକେ ପୋଲିସ ନିକଟରେ ନିବେଦନ କରିଛନ୍ତି। ବନ୍ଧପଡା ଫାଣ୍ଡିର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ମତେ ରୁଗୁଡିପାଲି ଗ୍ରାମର ରମାକାନ୍ତ ଦଣ୍ଡସେନା ମହାରାଷ୍ଟ୍ରରେ ଗୋଟିଏ ମାସ ଆଖୁ କଟା କାମ କରି ଫେରି ଆସିବ ବୋଲି ଚୋରମରା ଗ୍ରାମର ଦଶ ଜଣ ଶ୍ରମିକଙ୍କୁ ନେଇଯାଇଥିଲା। କିନ୍ତୁ ସେଠାରେ ଆଖୁ ଚାଷ ଠିକାଦାର ଅକଥନୀୟ ନିର୍ଯାତନା ଦେଉଥିବା ସେଠାରେ ଫସି ରହିଥିବା ଚୋରମରା ଗ୍ରାମର ସୁଦାମ ଦଣ୍ଡସେନା, ପଞ୍ଚାନନ ଭୋଇ, ଆନନ୍ଦ ବର୍ଗତ୍ତି, ଶ୍ରୀକାନ୍ତ ଭୋଇ, ଜବଦୁ ନାଏକ, ପବିତ୍ର ଚନ୍ଦନ ଫୋନ କରି ପରିବାର ଲୋକଙ୍କୁ ଜଣାଇଛନ୍ତି। ବର୍ତ୍ତମାନ ଶ୍ରମିକଙ୍କୁ ନେଇଥିବା ସର୍ଦ୍ଦାରଙ୍କୁ ଆଣିଦେବାପାଇଁ କହିଲେ ଅଗ୍ରିମ ଟଙ୍କା ନେଇଛ ବୋଲି ପରିବାର ଲୋକଙ୍କୁ ଧମକ ଦେଉଥିବା ଅଭିଯୋଗ କରିଛନ୍ତି। ସେଠାରେ ନିର୍ଯାତନା ସହି ନ ପାରି ଉକ୍ତ ଗ୍ରାମର ଲଳିତ ନାଏକ, ଯୁଗେଶ୍ୱର ଦଣ୍ଡସେନା, ପ୍ରେମ କ୍ଷେତି, କାର୍ତ୍ତିକ ସାହୁ ଲୁଚି ରାତିରେ ପଳାଇ ଆସିଛନ୍ତି । ଅନ୍ୟ ଛଅ ଜଣ ବ୍ୟକ୍ତିଙ୍କୁ ସେଠାର ଠିକାଦାର ଛାଡୁ ନ ଥିବାବେଳେ ନିର୍ଯାତନା ଦେଉଥିବା ଅଭିଯୋଗ ହେଉଛି। ତେଣୁ ଉକ୍ତ ଶ୍ରମିକମାନଙ୍କର ଶୈରେନ୍ଦ୍ରି ଦଣ୍ଡସେନା, ସୁଦା ଚନ୍ଦନ, ଜୟନ୍ତ ଭୋଇ, ଭୀମା ଭୋଇ, ସମାରି ନାଏକ, ଧବାଇ ନାଗ ବନ୍ଧପଡା ଫାଣ୍ଡିରେ ଲିଖିତ ଅଭିଯୋଗ କରି ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି ।



ମହାରାଷ୍ଟ୍ରରେ ନିର୍ଯାତିତ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଫାଣ୍ଡିର ଦ୍ୱାରସ୍ଥ ପରିବାର ।

# ଅଜୋବା ହୋଣ୍ଡା ଚାମ୍ପିୟନ

**ବେଲପଡ଼ା,୧୯।୧(ମନୋଜ କୁମାର ମିଶ୍ର)**

**ହରିଶଚନ୍ଦ୍ର ବୁଡେକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ବଲାଙ୍ଗିର ଜିଲା ବେଲପଡା ପୂର୍ବ ସରପଞ୍ଚ ସ୍ୱର୍ଗତ ହରିଶ ଚନ୍ଦ୍ର ବୁଡେକଙ୍କ ସ୍ମୃତିରେ ଚାଲିଥିବା ପ୍ରଥମ ହରିଶ ଚନ୍ଦ୍ର ବୁଡେକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଦିବସ ତଥା ଫାଇନାଲରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ତଥା ବର୍ତ୍ତମାନର ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ କଳିକେଶ ନାରାୟଣ ସିଂଦେଓ, ସମ୍ମାନିତ ଅତିଥି ଭାବେ ସମାଜସେବୀ ସଞ୍ଜୀବ ମିଶ୍ର, ଶିବାନନ୍ଦ ପରିଛା, ଆଲୋକ କୁମାର୍ ପାଣିଗ୍ରାହୀ, ବନମାଳୀ ଖମାରୀ , ପ୍ରତାପ ମେହେର, ମଧପୂର ସରପଞ୍ଚ ରାମଗୋପାଳ ନାୟକ, ମଣ୍ଡଳ ସରପଞ୍ଚ ସରୋଜ ସେଠ ଯୋଗ ଦେଇଥିଲେ। ଶୁକ୍ରବାର ପ୍ରଥମ ସେମିଫାଇନାଲ ଅଜୋବା ହୋଣ୍ଡା ଓ ପଲସର ୧୧ ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ଅଜୋବା ହୋଣ୍ଡା ବିଜୟ ଲାଭ କରିଥିଲା। ଦ୍ୱିତୀୟ ସେମି ଫାଇନାଲରେ ହରିଶ ବୁଡେକ ସ୍ପୋର୍ଟିଂ କ୍ଲବ ଓ ଟି.କେ ବ୍ଲାଷ୍ଟର ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ହରିଶ ବୁଡେକ ସ୍ପୋର୍ଟିଂ କ୍ଲବ ବିଜୟ ଲାଭ କରିଥିଲା। ଫାଇନାଲ ଖେଳ ହରିଶ ବୁଡେକ ସ୍ପୋର୍ଟିଂ କ୍ଲବ ଓ ଅଜୋବା ହୋଣ୍ଡା ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ହରିଶ ବୁଡେକ ସ୍ପୋର୍ଟିଂ କ୍ଲବକୁ ହରାଇ ଅଜୋବା ହୋଣ୍ଡା ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବିଜେତା ଅଜୋବା ହୋଣ୍ଡାକୁ ଅତିଥିଗଣ ଚାମ୍ପିୟନ କପ ସହ ୩୦ହଜାର ଟଙ୍କା ନଗଦ ରାଶି ଓ ରନର୍ସ ଅପ ଦଳ ହରିଶ ସ୍ପୋର୍ଟିଂ କ୍ଲବକୁ ରନର୍ସ କପ ସହ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ପ୍ରମୋଦ ବୁଡେକ, ରାକେଶ ବହୁକ, ପ୍ରଦୀପ ବୁଡେକ, ମୁନା ଠାକୁର, ଚନ୍ଦ୍ରୁ ବୁଡେକ ଓ ସାଥି ବିଶେଷ ସହଯୋଗ କରିଥିଲେ।



କ୍ରିକେଟ ଟୁର୍ନାମେଣ୍ଟରେ ବିଜୟୀ ଦଳର ଖେଳାଳି।

# ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

**ଖପ୍ରାଖୋଲ,୧୯।୧(ଅଭୟ ତ୍ରିପାଠୀ)**

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ସଦର ମହକୁମାଠାରୁ ୩କିମି ଦୂର ହରିଶଙ୍କର ଛକଠାରେ ନିର୍ମିତ ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ ଶୁକ୍ରବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧିକ ମହିଳା ପୁରୁଷ ଘଣ୍ଟ, ଶଙ୍ଖ, ସଙ୍କୀର୍ତ୍ତନର ତାଳେ ତାଳେ ଖପ୍ରାଖୋଲ ସରକାରୀ କଟାରୁ କଳସ ବୁଡ଼ାଇ କଳସ ଶୋଭାଯାତ୍ରାରେ ହନୁମାନ ମନ୍ଦିର ନିକଟରେ ପହଞ୍ଚିଥିଲେ। ପବିତ୍ର ବେଦମନ୍ତ୍ରରେ ଭକ୍ତିମୟ ପରିବେଶ ହୋଇଉଠିଥିଲା ମନ୍ଦିର ପରିସର। ପୂଜା କର୍ତ୍ତା ରୂପେ ଉପେନ୍ଦ୍ର ଭୋଇ ସସ୍ତ୍ରୀକ ନିୟୋଜିତ ହୋଇଥିବାବେଳେ ଆୟୋଜକ କମିଟି ବଜରଙ୍ଗବଲି ଟ୍ରଷ୍ଟର ସଭାପତି ପ୍ରମୋଦ ବାଗ, ସମ୍ପାଦକ ସଞ୍ଜୟ ବାରିକ ଓ କୋଷାଧକ୍ଷ କାହ୍ନୁ ଥନାପତି, ନାରାୟଣ ଦଣ୍ଡସେନା, ସନ୍ତୋଷ ଗଡତିଆ, ହରିବୋଲ ଦାସ, ବୁଲୁ ପଣ୍ଡା, ରାଜାରାମ ବେହେରା, ପୁରାନ ସାହୁ, ବାଦଲ ଦଣ୍ଡସେନା, ଗୋପାଳ ମେହେର, ଚଇତୁ ଛୁରା, ସନ୍ତୋଷ ବାଗ, ଡୋଲା ମଣି ସାଣ୍ଡ ସମେତ ମହିଳା ପୁରୁଷ ଉପସ୍ଥିତ ଥିଲେ। ପାଞ୍ଚ ଦିନ ଧରି ହେବାକୁ ଥିବା ପ୍ରତିଷ୍ଠା ଉତ୍ସବରେ ପଣ୍ଡିତ ରମେଶ ଦାଶ, ପଣ୍ଡିତ ସହଦେବ ମିଶ୍ର, ପଣ୍ଡିତ ଯୁବରାଜ ତ୍ରିପାଠୀ ପ୍ରମୁଖ ବ୍ରାହ୍ମଣ ନିୟୋଜିତ ହୋଇଛନ୍ତି। ଏହି ଅବସରରେ ସୁନ୍ଦରାକାଣ୍ଡ ପାରାୟଣ, ଷୋହଳପ୍ରହର ନାମ ଯଜ୍ଞ, ହୋମ ଯଜ୍ଞ ଆଦି ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପ୍ରକାଶ କରିଛନ୍ତି।



ହନୁମାନ ମନ୍ଦିରର ପ୍ରତିଷ୍ଠା ପାଇଁ ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

# ଡାକ୍ତରଖାନାର ନୂତନ ଷ୍ଟାଫ କ୍ୱାର୍ଟର୍ସ ଉଦ୍‌ଘାଟିତ

**ଟିଟିଲାଗଡ଼,୧୯।୧(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ ସହର ପିପଲପଦରଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ମାତୃ ଓ ଶିଶୁ ଡାକ୍ତରଖାନା କାର୍ଯ୍ୟକ୍ଷମ ହୋଇଛି। ଏପରିପ୍ରେକ୍ଷୀରେ ସେଠାରେ ଡାକ୍ତର, ଷ୍ଟାଫ ନର୍ସ ଏବଂ କର୍ମଚାରୀଙ୍କ ପାଇଁ ତିନି ମହଲା ବିଶିଷ୍ଟ ୬ଟି ବ୍ଲକରେ ୪୮ଟି ଗୃହ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ଶୁକ୍ରବାର ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନୂତନ ଷ୍ଟାଫ୍ କ୍ୱାର୍ଟର୍ସ କୋଠାର ଉଦ୍‌ଘାଟନ କରିଛନ୍ତି। ସୂଚନା ଯେ ସହର ମଧ୍ୟରେ ରହିଥିବା ଉପଖଣ୍ଡ ମୁଖ୍ୟ ସରକାରୀ ଡାକ୍ତରଖାନାରୁ ମାତୃ ଓ ଶିଶୁ ବିଭାଗ ପିପଲପଦରରେ ନିର୍ମିତ ନୂତନ କୋଠାକୁ ସ୍ଥାନାନ୍ତର ହୋଇସାରିଛି। ସମଗ୍ର ଡାକ୍ତରଖାନା, ରେଡକ୍ରସ ରକ୍ତ ଭଣ୍ଡାର, ନିରାମୟ ଔଷଧ ବିତରଣ କେନ୍ଦ୍ର କିଛି ଦିନ ମଧ୍ୟରେ ପିପଲପଦର ସ୍ଥାନାନ୍ତରିତ ହେବା କାର୍ଯ୍ୟକ୍ରମ ରହିଛି। ଏପରିପ୍ରେକ୍ଷିରେ ଆବଶ୍ୟକ ବ୍ୟବସ୍ଥା ମନ୍ତ୍ରୀ ତଦାରଖ କରିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ଉପଖଣ୍ଡ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ ନାୟକ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ବଳରାମ ସାହୁ, ଡା. ଓମକାର ହୋତା, ଶିଶୁ ରୋଗ ବିଶେଷଜ୍ଞ ଡା. ବିଜୁ ଅଗ୍ରୱାଲ, ଗୋପବନ୍ଧୁ ସାହୁ, ଏଏଚଏମ ଦିପ୍ତିକାନ୍ତ ପ୍ରଧାନ, ରେଡକ୍ରସ ରକ୍ତଭଣ୍ଡାର ବିଶେଷଜ୍ଞ ଗଜେନ୍ଦ୍ରନାଥ ରାଉତ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଲେଶ୍ୱର ମାଝି, କନିଷ୍ଠ ଯନ୍ତ୍ରୀ ଲୋକେଶ୍ୱର ପୁଟେଲ, ବାପି କଲ୍ୟାଣ ବୋଷ, ଏଏନଏସ ଅନିତା ଟେଟେ, ବନ୍ଦିତା ଦେଇ, ଲିଜା ସାହୁ, ସୁବଳୟା ବର୍ଗତ୍ତି, ଗିରିଜା ବାଗ, ସୁଷମା ସିପକା, ଦିପକ ମିଶ୍ର, ଅଶୋକ ବାଗ, ତିଲକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ସହରରୁ ଦୂର ଉକ୍ତ ସ୍ଥାନରେ କୌଣସି ପ୍ରକାର ଇଣ୍ଟରନେଟ ଚାଲୁ ନ ଥିବା ନେଇ ବିଭିନ୍ନ ବ୍ୟବସ୍ଥା ପରିଚାଳନାରେ ସମସ୍ୟା ଦେଖାଯାଇଥିବା ଡାକ୍ତରଖାନା କର୍ମଚାରୀ ମନ୍ତ୍ରୀଙ୍କ ଠାରେ ଅଭିଯୋଗ କରିଥିଲେ।



ମନ୍ତ୍ରୀ ଫିତାକାଟି ନୂତନ ଷ୍ଟାଫ କ୍ୱାର୍ଟର୍ସ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ଝାରବନ୍ଧ ସ୍ନାତକ କଲେଜରେ ନୂଆ ଓ କାର୍ଯ୍ୟକ୍ରମ

ଝାରବନ୍ଧ,୧୯।୧(ଦେବେନ୍ଦ୍ର ସାହୁ): ଝାରବନ୍ଧ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ଓଡିଶା ସରକାରଙ୍କ ପ୍ରାୟୋଜିତ ନୂଆ ଓ କାର୍ଯ୍ୟକ୍ରମ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ରଜନୀ କୁମାର ମହାନ୍ତି ମୁଖ୍ୟ ଅତିଥି, ଅଞ୍ଚଳ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ପ୍ରଭାତ କୁମାର ମହାପାତ୍ର ମୁଖ୍ୟବକ୍ତା, ସାନନ୍ଦ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ । ରୀତାଞ୍ଜଳି ଗୁରୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଯାଜ୍ଞସେନୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

ପଦ୍ମପୁର,୧୯।୧(ପ୍ରଦୀପ୍ତ ଦାଶ): ବରଗଡ଼ ଜିଲା ପଦ୍ମପୁର ବାନ୍ଧୁପାଲିସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ରୁଦ୍ର ନାରାୟଣ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଧନମାଳି ହାତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ହାତୀ ସଫଳତା ହାସଲ କରିବା ପାଇଁ କଠୋର ପରିଶ୍ରମ କରି ମା'ବାପାଙ୍କ ସ୍ୱପ୍ନକୁ ସାକାର କରି ଆଦର୍ଶ ମଣିଷ ହେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଦ୍ୱିଦିବସୀୟ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷକ ସୁଶାନ୍ତ ବଡେଇ, ଡମ୍ବରୁଧର ଗଡତିଆ, ଲିମେଶ ଦାସ, କ୍ରୀଡ଼ା ଶିକ୍ଷକ ସମୀର କୁମାର ସିଂଦେଓ ସହଯୋଗ କରିଥିଲେ।

### ଭେଡେନ ଖବରଦାତାଙ୍କ ମାତୃ ବିୟୋଗ

ବରଗଡ଼, ୧୯।୧(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଭେଡେନ ବ୍ଲକ ଅଧୀନ ଗଣ୍ଡତୁରୁମ ଅଞ୍ଚଳର ଜଣେ ଧର୍ମପରାୟଣା ମହିଳା ସୁଶୀଳା ମହାକୁର(୭୦)ଙ୍କ ଗୁରୁବାର ପରଲୋକ ହୋଇଛି। ତାଙ୍କୁ



୭୦ ବର୍ଷ ବୟସ ହୋଇଥିଲା। ସୁଶୀଳା ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ ଏବଂ ବ୍ରେନ ଷ୍ଟ୍ରୋକ୍ ଯୋଗୁ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ପରେ ସେ ଡାକ୍ତରଙ୍କ ପରାମର୍ଶ କ୍ରମେ ଘରେ ରହିଥିଲେ। ଗୁରୁବାର ରାତିରେ ତାଙ୍କର ପରଲୋକ ହୋଇଛି। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ତାଙ୍କ ଶେଷ ଶଯ୍ୟା ନିକଟରେ ସ୍ୱାମୀ, ୨ପୁଅ, ନାତି ନାତୁଣୀ ଉପସ୍ଥିତ ଥିଲେ। ବଡ଼ ପୁଅ ମଦନ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ମୃତା ମହିଳାଙ୍କ ସାନପୁଅ ସୂଦନ ମହାକୁର ଭେଡେନରେ ଧରିତ୍ରୀ ଖବରଦାତା ଭାବେ କାର୍ଯ୍ୟରତ ଅଛନ୍ତି।







ବରଗଡ଼ ଧନୁଯାତ୍ରାର ପଞ୍ଚମ ଦିବସରେ ବେଣୁବାବା ମଠରେ ଶ୍ରୀକୃଷ୍ଣ, ବଳରାମଙ୍କ ପୂଜାର୍ଚ୍ଚନା କରାଯାଉଛି (ବାମ)। ଶ୍ରୀକୃଷ୍ଣ, ବଳରାମଙ୍କୁ ଧରି ଗୋପବାସୀ ଗୋପପୁର ପରିକ୍ରମା କରୁଛନ୍ତି (ମଝି)। ମଥୁରା ଭ୍ରମଣ ବାଟରେ କଂସଙ୍କୁ ମଥୁରାବାସୀଙ୍କ ପୂଜାର୍ଚ୍ଚନା ।

# କାଳୀୟଦଳନ, କଂସ ମର୍ମାହତ

ମଥୁରାନଗରୀ/ଗୋପପୁର,୧୯।୧
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବର ଶୁକ୍ରବାର ପଞ୍ଚମ ଦିବସରେ ଉଭୟ ମଥୁରାନଗରୀ ଏବଂ ଗୋପପୁର ଦୃଶ୍ୟାଭିନୟ ଚିତ୍ତାକର୍ଷକ ଥିଲା। ମଥୁରାନଗରୀରେ ମହାରାଜ କଂସ ନିଜର ମନ୍ତ୍ରୀ, ସେନାପତି, ସୈନ୍ୟ ସାମନ୍ତଙ୍କ ଗହଣରେ ନଗର ଭ୍ରମଣ କରିଥିଲେ। ଅନ୍ୟପକ୍ଷେ ଗୋପପୁରରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ହୋଇଥିଲା। ଅନ୍ୟଦିନ ଭଳି ଅପରାହ୍ନରେ ମଥୁରାଧିପତି କଂସ ମହାରାଜ ମଥୁରା ଭ୍ରମଣ ତଥା ଦିଗ୍‌ବିଜୟ ପାଇଁ ମଥୁରା ଅଭିମୁଖେ ବାହାରିଥିଲେ। ବାଟରେ ମଥୁରାଧିପତିଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଦିଗ୍‌ବିଜୟ ସାରି କଂସ ମହାରାଜ ଲୋକମଣ୍ଡପ ପଡ଼ିଆସ୍ଥିତ ରଙ୍ଗମହଲକୁ ଆସିଥିଲେ। ସେଠାରେ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟରେ ମସଗୁଲ ହେବା ପରେ କଂସ ମହାରାଜ ରାଜଦରବାରକୁ ଯାଇଥିଲେ। ଗୋପପୁର ପ୍ରେରିତ ରାକ୍ଷସୀ, ରାକ୍ଷସ ନିଧନ ଖବର ପାଇ ସେ ମର୍ମାହତ ହୋଇପଡ଼ିଥିଲେ ଏବଂ ପାରିଷଦ ବର୍ଗଙ୍କ ସହିତ ଆପାତ ବୈଠକ କରିଥିଲେ। ସେପଟେ ଶ୍ରୀକୃଷ୍ଣ, ବଳରାମ ନଗର ପରିକ୍ରମା କରି ଜିରା ନଦୀ କୂଳ ବେଣୁବାବା ମଠକୁ ଯାଇଥିଲେ। ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ବେଣୁବାବା ମଠରେ ଦଧିଭାଣ୍ଡ ଭଙ୍ଗା, ଶ୍ରୀକୃଷ୍ଣଙ୍କୁ ଯଶୋଦାଙ୍କ ଆକଟ, ଯାମଳାର୍ଜ୍ଜୁନ ଭଞ୍ଜନ, କାଳୀୟ ଦଳନ, ବିଶ୍ୱରୂପ ଦର୍ଶନ ଆଦି ଦୃଶ୍ୟାଭିନୟ ହୋଇଥିଲା।



ବରଗଡ଼ ଧନୁଯାତ୍ରାରେ କାଳୀୟଦଳନର ଦୃଶ୍ୟାଭିନୟ ।

## —କିଛି କଥା, କିଛି ବ୍ୟଥା—

### କବି, କଳାକାର କେବେ ରାଜ ଅତିଥି

ଧନୁଯାତ୍ରାରେ ସମସ୍ତ ମଥୁରାବାସୀ ଏବଂ ମହୋତ୍ସବକୁ ଆସୁଥିବା ଦର୍ଶକମାନେ ଜଣେ ଲେଖାଏଁ କଳାକାର। ଏପରିକି ଧନୁଯାତ୍ରାରେ ସାମିଲ ହୋଇଥିବା ହାତୀ, ଘୋଡ଼ା କିମ୍ବା ଓଟ ମଧ୍ୟ ସେଥିରୁ ବାଦ୍ ପଡ଼ିନାହାନ୍ତି। ତେବେ ଧନୁଯାତ୍ରାର ରାଜଦରବାରରେ ରାଜ ଅତିଥି ସଭିଁଙ୍କ ଭାଗ୍ୟରେ ଜୁଟି ନ ଥାଏ। ଏଥର ମଧ୍ୟ ଧନୁଯାତ୍ରା ୩ ଦିନ ମଞ୍ଚରେ ରାଜ ଅତିଥିଙ୍କ ଅଭାବ ରହିଥିଲା। ଚତୁର୍ଥ ଓ ପଞ୍ଚମ ଦିବସରେ ୨ଜଣ ଲେଖାଏଁ ରାଜ ଅତିଥି ଜୁଟିଥିଲେ। ଏପରିକି ଏଥିପାଇଁ ମଧ୍ୟ ଲବି ଚାଲେ ବୋଲି ଚର୍ଚ୍ଚା ହୁଏ। ହେଲେ କଳା, ସଂସ୍କୃତି ଏବଂ ଐତିହ୍ୟ ସମ୍ପନ୍ନ ଧନୁଯାତ୍ରା କୁହାଯାଉଥିବାବେଳେ ସେମାନେ ନା ଥିଲେ କଳାକାର ନା ସଂସ୍କୃତି ବିଶାରଦ। ଏପରିକି ମହୋତ୍ସବରେ ପ୍ରଖ୍ୟାତ କଳାକାର, ସଂସ୍କୃତି ବିଶାରଦ ରାଜ ଅତିଥି ହେବା କ୍ୱଚିତ୍ ଦେଖାଯାଏ। ଏଥର କଳା, ସଂସ୍କୃତି ସମ୍ପନ୍ନ ଧନୁଯାତ୍ରା ମହୋତ୍ସବରେ କେବେ ଏବଂ କେତେଜଣ ପ୍ରଖ୍ୟାତ କଳାକାର, ସଂସ୍କୃତି ବିଶାରଦଙ୍କୁ ରାଜ ଅତିଥି କରାଯାଉଛି, ତାହା ଆଗାମୀ ଦିନ କହିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ଖବର ବିହୀନ ଖବରୀ ମାଲମାଲ

ଖବର ସଂଗ୍ରହ କରୁଥିବାରୁ ସାଧାରଣରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବରୀ ମଧ୍ୟ କୁହାଯାଏ। ହେଲେ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଏଭଳି କିଛି ଖବରୀ ଜୁଟିଛନ୍ତି, ସେମାନଙ୍କ ଖବର ପରିବେଷଣ ତ ଦୂରର କଥା, ଖବର ସଂଗ୍ରହରେ ମଧ୍ୟ ଜ୍ଞାନ ନାହିଁ। ଅନ୍ୟଥା ଆଗଧାଡ଼ିରେ ରହିଥିବା ଗଣମାଧ୍ୟମ ପ୍ରତିନିଧିମାନେ ସେମାନଙ୍କ ପାଇଁ ଠିକ୍ ଭାବେ ଫଟୋ କିମ୍ବା ଭିଜୁଆଲ ଉତ୍ତୋଳନ କରି ପାରୁନାହାନ୍ତି। ଅନ୍ୟପଟେ ସେହି ଆତ୍ମଘୋଷିତ ଖବରୀମାନେ ଦର୍ଶକଙ୍କ ସମ୍ମୁଖରେ ନିଜ ଚେହେରା ଦେଖାଇବାକୁ ବ୍ୟାକୁଳ ହୋଇ ପଡୁଥିବା ପରିଲକ୍ଷିତ ହେଉଛି। ଏହାକୁ ନେଇ ଦର୍ଶକ ମହଲରେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଛି। ମଥୁରା କାରାଗାରରେ ବିଜୁଳି କନ୍ୟା ଦୃଶ୍ୟାଭିନୟ ଚାଲିଥିବାବେଳେ ସେଭଳି କିଛି ଆତ୍ମଘୋଷିତ ଖବରୀଙ୍କ ଗତିବିଧି ଯୋଗୁ ସେଠାରେ ସମବେତ ଦର୍ଶକ ସେହି ଅଭିନୟକୁ ଠିକ୍ ଭାବେ ଉପଭୋଗ କରି ପାରି ନ ଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଥିଲା।

### ଦୃଶ୍ୟାଭିନୟରେ ବ୍ୟତିକ୍ରମ

ବରଗଡ଼ ଧନୁଯାତ୍ରା ମହୋତ୍ସବରେ କୃଷ୍ଣଙ୍କ ବାଲ୍ୟଲୀଳା ଅନ୍ୟତମ ଆକର୍ଷଣ। ଏହି ଦୃଶ୍ୟାଭିନୟ ଦେଖିବା ପାଇ ଗୋପପୁରରେ ଦର୍ଶକଙ୍କ ଗହଳି ମଧ୍ୟ ହୋଇଥାଏ। ତେବେ କଂସ ପ୍ରେରିତ ପୁତନା, ବକା, ଶକଟା, ତୃଣା, ଧେନୁ, ଷଣ୍ଢାସୁର ଆଦି ରାକ୍ଷସୀ, ରାକ୍ଷସ ବଧ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାର ପ୍ରମୁଖ ଦୃଶ୍ୟାଭିନୟ। ଏହି ଦୃଶ୍ୟାଭିନୟ ଦେଖିବା ପାଇଁ ଗୋପପୁରରେ ଭିଡ଼ ମଧ୍ୟ ଜମିଥାଏ। ଗୁରୁବାର ସେଥିପାଇଁ ଗୋପପୁରରେ ଦର୍ଶକଙ୍କ ଗହଳି ହୋଇଥିଲା। ହେଲେ ଦର୍ଶକମାନେ କିଛି ବ୍ୟତିକ୍ରମ ଦେଖିଥିଲେ। ଅନ୍ୟବର୍ଷ ଶେଷରେ ପୁତନା ବଧ ହେଉଥିବାବେଳେ ଏଥର ଆଗରୁ ସେହି ଦୃଶ୍ୟାଭିନୟ ହୋଇଥିଲା। ଏହା ସାଧାରଣରେ ଆଲୋଚନାର ବିଷୟ ହୋଇଥିବାବେଳେ କେଉଁ ପରିସ୍ଥିତିରେ ଏଥର ସେଭଳି ବ୍ୟତିକ୍ରମ ହେଲା, ତାକୁ ନେଇ ଗୋପ, ମଥୁରା ସବୁଠି ଚର୍ଚ୍ଚା ଚାଲିଛି।

ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ମଥୁରାନଗରୀ

# ମିଲର୍ସଙ୍କ ମର୍ଜିରେ ଚାଲିଛି ଧାନ କିଣା

ସୋନପୁର,୧୯।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ମଣ୍ଡି ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଧାନ ସଂଗ୍ରହରୁ କମିଶନ ଆକାରରେ ଆରଏମ୍‌ସି କୋଟି କୋଟି ଟଙ୍କା ସଂଗ୍ରହ କରୁଛି। କିନ୍ତୁ ସେହି ଅର୍ଥରେ ମଣ୍ଡି ଭିତ୍ତିଭୂମିକୁ ସୁଦୃଢ କରାଯାଉନି । ଖୋଲା ଆକାଶ ତଳେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଧାନ କିଣାଯାଉଛି। ଫଳରେ ସାମାନ୍ୟ ବର୍ଷାରେ ଧାନ ଭିଜି ଗଜା ହେବାର ଆଶଙ୍କା ରହିଛି। ସେହିପରି ଜିଲାରେ ଧାନ ସଂଗ୍ରହ ପ୍ରଶାସନର ନିୟନ୍ତ୍ରଣରେ ଆଉ ନାହିଁ । ମିଲର୍ସଙ୍କ ମର୍ଜିରେ ହିଁ ଧାନ କିଣା ଚାଲିଥିବା ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ସଂଗଠନର ଉପଦେଷ୍ଟା ରାଜେନ୍ଦ୍ର ମିଶ୍ର କହିଥିଲେ ପଡୋଶୀ ବଲାଙ୍ଗୀର ଜିଲାରେ ମଣ୍ଡି ସମସ୍ୟା କାରଣରୁ ଚାଷୀ ଆତ୍ମହତ୍ୟା ଉଦ୍ୟମ କରିଛି । ଏଥିରୁ ସୁବର୍ଣ୍ଣପୁର ଜିଲା ପ୍ରଶାସନକୁ କୌଣସି ଶିକ୍ଷା ମିଳିନି। ମିଲର୍ସମାନେ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କ କଥା ଶୁଣୁନାହାନ୍ତି। ଜିଲାରେ ବିଳମ୍ବରେ ଧାନ କିଣା ଆରମ୍ଭ ହେଲା। ଏବେ ଟାର୍ଗେଟ୍ ଥାଇ ମିଲର୍ସ ଠିକ୍ ସମୟରେ ମଣ୍ଡିକୁ ଟ୍ରକ୍ ପଠାଉ ନାହାନ୍ତି। ମିଲର୍ସଙ୍କ ପ୍ରତିନିଧି ନ ଆସିଲେ କଟ୍‌ନୀ ଛଟ୍‌ନୀ ନ ହେଲେ ମଣ୍ଡିରୁ ଧାନ ଉଠୁନି। ଅନ୍ୟପକ୍ଷେ ମିଲର୍ସଙ୍କ ନିକଟରେ ଆବଶ୍ୟକ ପରିମାଣର ଟ୍ରକ୍ ନ ଥିବାରୁ ଧାନ ସଂଗ୍ରହରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ସଂଗଠନର ଜିଲା ସଭାପତି ପ୍ରଦ୍ୟୁମ୍ନ ପାଢୀ କହିଥିଲେ ବିନିକାର ମହଦା, ବୀରମହାରାଜପୁର ଉପଖଣ୍ଡର ହିଲୁଙ୍ଗ, ଯାଲୋଏ, ସହରାପାଲି, ଖଣ୍ଡହତା, କଳାପଥର, କୋଟସମଲାଇ ଓ ଦୁର୍ଜନତଇଲା ଆଦି ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡିରହିଛି । ମାତ୍ର ଚାଷୀଙ୍କୁ ଧାନ ଏରାଇଭାଲ ସ୍ଲିପ୍ ଦିଆଯାଉନି। ଏଥିଯୋଗୁ ଟୋକନ୍ ଲାପ୍ସ ହେବାର ଆଶଙ୍କା ସୃଷ୍ଟି ହୋଇଛି । ନବନିର୍ମାଣ ମହିଳା ସଂଗଠନର ରାଜ୍ୟ ଉପସଭାପତି ସୋନାଲି ବିଶି କହିଥିଲେ ରାଜ୍ୟ ଓ କେନ୍ଦ୍ର ଉଭୟ ସରକାର ଚାଷୀମାରଣ ନୀତି ଅବଲମ୍ବନ କରି ଆସୁଛନ୍ତି । ଏଥିପାଇଁ ସଂଗଠନ ପକ୍ଷରୁ ମଣ୍ଡି ଚାଲ ଅଭିଯାନ ଆରମ୍ଭ ହୋଇଛି। ତେଣୁ ୮୦ ଭାଗ ଚାଷୀ ଏକତ୍ରିତ ହୋଇ ଚାଷୀ ପ୍ରତିନିଧିଙ୍କୁ ବିଧାନସଭା ଓ ଲୋକସଭାକୁ ପଠାଇ ନିଜ ଆଇନ ନିଜେ ପ୍ରସ୍ତୁତ କରିବାକୁ ଚାଷୀ ସରକାର ଗଠନ କରିବାକୁ ଆହ୍ୱାନ ଦେଇଥିଲେ।




ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

## ଗଣ୍ଡତୁରୁମରେ ଭାଷା ସାହିତ୍ୟ ସୃଜନଶୀଳତା କାର୍ଯ୍ୟକ୍ରମ

ଭେଡେନ,୧୯।୧(ସୂଦନ ମହାକୁର)

ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ଗଣ୍ଡତୁରୁମ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଭାଷା ସାହିତ୍ୟ ସୃଜନଶୀଳତା କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ପ୍ରମୋଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୪ଟି ବ୍ଲକର ଛାତ୍ରୀଛାତ୍ରମାନେ ନିଜ ନିଜର ପ୍ରକଳ୍ପ ଏବଂ ନୂତନ ସୃଜନୀଗୁଡ଼ିକ ପ୍ରଦର୍ଶନ ପୂର୍ବକ ଗଳ୍ପ ଓ କବିତା ପାଠ କରିଥିଲେ। ପରେ ବର୍ଷର ଶ୍ରେଷ୍ଠ ହାଉସ ଏବଂ ଶ୍ରେଷ୍ଠ ହାଉସ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଦେବରାଜ ହୋତା ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ତ୍ରିପାଠୀ, ମୋ ସ୍କୁଲ ଅଭିଯାନ କମିଟି ସଦସ୍ୟ ଦେବରାଜ ଦାଶ ଏବଂ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ଚୋଲଗଙ୍ଗ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଇଭିଏମ୍, ଭିଭି ପିଏଟି ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟିତ

ଅମରପାଲି,୧୯।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିର୍ବାଚନମଣ୍ଡଳୀ ପାଇଁ ଇଭିଏମ୍ ଓ ଭିଭି ପିଏଟି ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଅଞ୍ଜଲିନା ପଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ । ଏହାସହିତ ବୀରମହାରାଜପୁର ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଲଲାଟେନ୍ଦୁ ସି, ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ, ତହସିଲଦାର ଅମୃତ ଲାଲ ବେହେରା, ଡେପୁଟି କଲେକ୍ଟର ଉପେନ୍ଦ୍ର କୁମାର ଦାସ, ଆସିଷ୍ଟାଣ୍ଟ କଲେକ୍ଟର ଜୟକୃଷ୍ଣ ପାଣିଗ୍ରାହୀ ଓ ଏ.କେ.ମିର୍ଦ୍ଧା, ଥାନା ଅଧିକାରୀ ରାଜେଶରୀ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ବିଜେଡି ତରଫରୁ ବ୍ଲକ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ , ଜିଲା ବିଜେଡି ଉପସଭାପତି କିଶୋର କୁମାର ହୋତା, କଂଗ୍ରେସ ବ୍ଲକ ସଭାପତି ବସନ୍ତ ମହାକୁଡ଼, ଭାଜପା ପକ୍ଷରୁ ସତ୍ୟ ନାରାୟଣ ମିଶ୍ର, ପ୍ରମୋଦ କୁମାର ମହାନ୍ତିଙ୍କ ସମେତ ବୀରମହାରାଜପୁର ମହାବିଦ୍ୟାଳୟର ନୂତନ ଭୋଟର ହୋଇଥିବା ଅନେକ ଛାତ୍ରୀଛାତ୍ର ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ବିଶେଷ କରି ନୂତନ ଭାବରେ ଭୋଟର ହୋଇଥିବା ଛାତ୍ରୀଛାତ୍ରମାନେ କିଭଳି ଇଭିଏମ ସାହାଯ୍ୟରେ ମତଦାନ କରିବେ ସେଥିପ୍ରତି ସେମାନଙ୍କୁ ସଚେତନ କରାଯାଇଥିଲା।

## ଚନ୍ଦ୍ରଚୂଡ଼ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

ବୌଦ୍ଧ,୧୯।୧ ( ଅଜିତ କୁମାର ବାରିକ): ବୌଦ୍ଧ ସହରର ମହାନଦୀ କୂଳରେ ବାବା ଚନ୍ଦ୍ରଚୂଡ ମନ୍ଦିରର ହୁଣ୍ଡି ଭାଙ୍ଗି ଚୋରମାନେ ଟଙ୍କା ଚୋରି କରିନେଇଥିବା ବୌଦ୍ଧ ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ସୂଚନା ମୁତବାକ, ସବୁଦିନ ପରି ମନ୍ଦିରର ପୂଜକ ଗୁରୁବାର ସନ୍ଧ୍ୟାରେ ମନ୍ଦିରର ତାଲା ଦେଇ ଘରକୁ ଫେରିଥିଲେ। ପ୍ରତ୍ୟୁଷରୁ ଉଠି ମନ୍ଦିର ଖୋଲିବାକୁ ଗଲାବେଳେ ସମ୍ମୁଖ ଗ୍ରିଲ ଗେଟର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଭିତରକୁ ଯାଇ ମନ୍ଦିର ହୁଣ୍ଡିର ତାଲା ଭଙ୍ଗା ଯାଇଥିବା ଦେଖିଥିଲେ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମହୋତ୍ସବର କୀର୍ତ୍ତନ ଧାରା

ବରପାଲି,୧୯।୧ (ଚିତ୍ତରଞ୍ଜନ ସାହୁ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମହୋତ୍ସବ ପାଇଁ ବରପାଲି, କଟାପାଲି ଓ ଚିକିନିପାଲିରେ ଶୁକ୍ରବାର କୀର୍ତ୍ତନ ଧାରା ଅନୁଷ୍ଠିତ ହୋଇଥିଲା। ବରପାଲିରେ ବିଡ଼ିଓ ପ୍ରସନ୍ନ ପାଣ୍ଡେ, ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ସମସ୍ତ ଇଓ, ସରପଞ୍ଚ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ସେହିପରି କଟାପାଲି ଓ ଚିକିନିପାଲିରେ କୀର୍ତ୍ତନଧାରାରେ ଗାୟିକା ଗାୟକ ଯୋଗ ଦେଇଥିଲେ। ପ୍ରଦୀପ ସାହୁ ଓ ସୁଶାନ୍ତ ସାହୁଙ୍କ ଉଚ୍ଚକୋଟୀର ଗୀତରେ ଦର୍ଶକ ମନ୍ତ୍ରମୁଗ୍ଧ ହୋଇଥିଲେ। କଟାପାଲି ସରପଞ୍ଚ ଗଙ୍ଗା ଦଶ, ମହୁଲପାଲି ସରପଞ୍ଚ ରବୀନ୍ଦ୍ର ଭୋଇ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସାମିଲ ହୋଇଥିଲେ।

## ମାଣ୍ଡୋସିଲ ଡିଗ୍ରୀ କଲେଜରେ ଆଲୋଚନାଚକ୍ର

ପାଇକମାଲ,୧୯।୧(ବଡ ଶତପଥୀ)

ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଓ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ତଥା ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ଅବସରରେ ବରଗଡ ଜିଲା ମାଣ୍ଡୋସିଲ ଡିଗ୍ରୀ କଲେଜ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଏକଦିବସୀୟ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଷୟ ବିଶେଷଜ୍ଞ ଭାବେ ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ ପଶ୍ଚିମବଙ୍ଗର ଓଡ଼ିଆ ପ୍ରଫେସର ରବୀନ୍ଦ୍ର କୁମାର ଦାସ ଓ ଶ୍ରୀ ସାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଶୋକ କୁମାର ପଟ୍ଟନାୟକ ଯୋଗଦାନ କରି ଶ୍ରୀଜଗନ୍ନାଥ ସଂସ୍କୃତିର ମହାନତା ସମ୍ପର୍କରେ ଆଲୋଚନା କରିଥିଲେ। ପରିଚାଳନା କମିଟି ସଭାପତି ମହେନ୍ଦ୍ର କୁମାର ଖୁଣ୍ଟିଆ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସନ୍ତୋଷ ସିଂ ଠାକୁର ଅତିଥି ପରିଚୟ ପ୍ରଦାନ ଓ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ କୃଷ୍ଣଚନ୍ଦ୍ର ଦେବତା ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଆ ବିଭାଗ ଛାତ୍ରୀ ସୁଶ୍ରୀ ଦେବଜାନୀ ସାହୁ ଓ ସୁଶ୍ରୀ ନିଲିମି ସାହୁ ପ୍ରବନ୍ଧ ଉପସ୍ଥାପନ କରିଥିବାବେଳେ ଓଡ଼ିଆ ଅଧ୍ୟାପକ ଅମରେଶ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସୁମିତାଭ ନାୟକ, ଅଧ୍ୟାପକ ପୁଷ୍ପକାନ୍ତ ସାହୁ, ଅଧ୍ୟାପକ ବିଜୟ ମେହେର, ଅଧ୍ୟାପିକା ବବିତା ମଲ୍ଲିକ, ରୋହିତ ପ୍ରଧାନ, ଗୁରୁ ପ୍ରସାଦ ବଣ୍ଡା ପ୍ରମୁଖ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

### ବୋରାସମ୍ବର କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସେମିରେ ବିଳାସପୁର ରେଲୱେ

ପଦ୍ମପୁର,୧୯।୧(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର ଖେଳପଡିଆରେ ବୋରାସମ୍ବର ସ୍ପୋର୍ଟିଂ ଦ୍ୱାରା ଆୟୋଜିତ ୨୮ତମ ସର୍ବଭାରତୀୟ ବୋରାସମ୍ବର କ୍ରିକେଟ କପ୍‌ର ଶୁକ୍ରବାର ଗ୍ରୁପ 'ବି'ର ତୃତୀୟ ମ୍ୟାଚ୍ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଳବାଇ ଓ ଇଷ୍ଟ ସେଣ୍ଟ୍ରାଲ ରେଳବାଇ ବିଳାସପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆରମ୍ଭରେ ବିଳାସପୁର ଦଳ ପ୍ରଥମେ ଟସ୍ ଜିଣି ଫିଲ୍ଡିଂ କରିଥିଲା। ଖୋର୍ଦ୍ଧା ଦଳ ବ୍ୟାଟିଂ କରି ୨୬.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିଷେକ ଯାଦବ ୩୨(୩୮) ରନ କରିଥିବା ବେଳେ ଗିରିଜା ରାଉତ ୨୦(୧୮)ରନ କରିଥିଲେ। ବିଳାସପୁର ଦଳ ପକ୍ଷରୁ ସୁଧାଂଶୁ ବର୍ମା ଓ ସିଦ୍ଧାନ୍ତ ମୂଲାଇ ୩ଟି ଲେଖାଏ ଉଇକେଟ ନେଇଥିଲେ। ୧୨୭ ରନ୍‌ର ଲକ୍ଷ୍ୟ ନେଇ ବିଳାସପୁର ଦଳ ୨୨.୩ ଓଭରରେ ୪ ଉଇକେଟ ହରାଇ ୧୩୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଏମ୍‌ଡି ଇଫ୍ରାନ୍ ୫୬(୩୫)ରନ କରିଥିଲେ। ଖୋର୍ଦ୍ଧା ଦଳ ପକ୍ଷରୁ ସୌଭାଗ୍ୟ ରାଉତ ୩ଟି ଉଇକେଟ ନେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପଦ୍ମପୁର ଏନ୍‌ଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ସିଦ୍ଧାନ୍ତ ମୂଲାଇଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ଗ୍ରୁପ 'ବି'ର ସେମିଫାଇନାଲ ମ୍ୟାଚ୍ ସାଉଥ୍ ଇଷ୍ଟ ସେଣ୍ଟ୍ରାଲ ରେଳବାଇ ବିଳାସପୁର ଓ ବାପୁଜୀ କ୍ରିକେଟ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ବିଷ ଖାଇ ଚିକିତ୍ସାଧୀନ ଯୁବକ ମୃତ

ରାଉରକେଲା,୧୯।୧(ଦିନେଶ ମିଶ୍ର): ରାଉରକେଲା ହାତିବାରି ଥାନା ଅନ୍ତର୍ଗତ ପୋଡାଟଲିବସ୍ତିରେ ଜଣେ ଯୁବକ ବିଷ ଖାଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଶତ୍ରୁଘନ ବଡାଇକ(୨୫)। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ପୋଡାଟୋଲି ବସ୍ତିର ଶତ୍ରୁଘନ କୁଲୁଙ୍ଗା ସ୍ଥିତ ଏକ ଘରୋଇ କାରଖାନାରେ ଠିକା ଶ୍ରମିକ ଭାବେ କାମ କରନ୍ତି। ଗତ ରବିବାର କୌଣସି କଥାକୁ ନେଇ ପରିବାର ଲୋକଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ପରିବାର ଲୋକେ ଶୋଇପଡିଥିବାବେଳେ ଶତ୍ରୁଘନ ରାତିରେ କୀଟନାଶକ ଖାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ହାତୀବାରି ଗୋଷ୍ଠୀସ୍ୱାସ୍ଥ୍ୟ ଓ ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଶୁକ୍ରବାର ଭୋର୍ ସାଢେ ୫ଟାରେ ତାଙ୍କର ମୃତ୍ୟୁ ହୋଇଛି।

### ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ବେଦବ୍ୟାସ,୧୯।୧(ଆଲୋକ ସ୍ୱାଇଁ): ବେଦବ୍ୟାସ ସ' ମିଲ୍ ଛକରେ ଶୁକ୍ରବାର ପୂର୍ବାହ୍ନରେ ଏକ ଘରୋଇ ବସ୍ ଧକ୍କା ଦେବାରୁ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଲୁଙ୍ଗା ଅଞ୍ଚଳର ସୁମିତ୍ ଧରେଇ(୩୨)। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଏକ ମାମଲା (ନଂ.୪୦/୨୪) ରୁଜୁ କରିଛି। ସୂଚନାଯୋଗ୍ୟ, ସୁମିତ ସକାଳୁ ବାଇକ୍ (ନଂ.ଓଆର୧୪ଏସ୍/୪୨୯୯) ଯୋଗେ କଲୁଙ୍ଗାରୁ ସ' ମିଲ୍ ଛକ ଆଡକୁ ଆସୁଥିଲେ। ଏହି ସମୟରେ ରାଉରକେଲାରୁ କଲୁଙ୍ଗା ଅଭିମୁଖେ କାଶିଫ୍ ନାମକ ଏକ ଘରୋଇ ବସ୍ (ନଂ.ଓଆର୧୪ଇ/୦୦୩୪) ଯାଉଥବବା ବେଳେ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ସୁମିତ୍‌ଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଭାଷା, ସାହିତ୍ୟ, ସୃଜନଶୀଳତା ଉତ୍ସବ

ଲୋଇସିଂହା,୧୯।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତ ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ତଥା ମୋ ସ୍କୁଲ ଅଭିଯାନ ସଭାପତି ଦୁଦୀପ କୁମାର ସା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ଅଶୋକ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ସା ମୁଖ୍ୟ ଅତିଥି, ପରିଚାଳନା କମିଟି ସଭାପତି ରାଜେଶ କୁମାର ସାହୁ, ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ୟୋତିରଞ୍ଜନ ସା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

### କ୍ରିକେଟ୍: ସେମିରେ ଜିମ୍‌ଖାନା ଜୁନିୟର

ରାଉରକେଲା,୧୯।୧(ଦିନେଶ ମିଶ୍ର): ରାଉରକେଲା ସେକ୍ଟର-୧୭ ସ୍ଥିତ ଟାଟା ପଡିଆରେ ସେଞ୍ଚୁରୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ୨୯ତମ ସେଞ୍ଚୁରୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ରାଉରକେଲା ଜିମ୍‌ଖାନା ଜୁନିୟର ଦଳ ସେକ୍ଟର-୧୪ ସ୍ଥିତ ଆରୱାଇସିସି ଦଳକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚ୍ ଜିମ୍‌ଖାନା ଜୁନିୟର ଓ ଆରୱାଇସିସି ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଜିମ୍‌ଖାନା ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅନୁରାଗ ପ୍ରିୟଦର୍ଶନୀ ୪୧ଟି ବଲ ଖେଳି ସର୍ବାଧିକ ୫୩ ରନ କରିଥିଲେ। ଏହି ରନ୍‌ର ଲକ୍ଷ୍ୟ ନେଇ ଆରୱାଇସିସି ଦଳ ମାତ୍ର ୧୧୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଅମ୍ପାୟାର ଜମାଲ ଖାନ ଓ ପ୍ରଭାକର ମ୍ୟାଚ୍ ପରିଚାଳନା କରିଥିବା ବେଳେ ରିଜୱାନ ଅଲ୍ଲୀ ରନ ତଦାରଖ କରିଥିଲେ। କ୍ଲବର ଉପସଭାପତି ଚାନ୍ଦ ହୁସେନ୍, ସିକନ୍ଦର ଆଲାମ, ସାଧାରଣ ସମ୍ପାଦକ ନବାବ ଅଖତର, ସମିମ୍ ଅହମ୍ମଦ, ବାବର ଅଲ୍ଲୀଖାନ ପ୍ରମୁଖ ସହଯୋଗ କରିଥିଲେ।

# ନିଶା କାରବାରକୁ ଅଙ୍କୁଶ ନାହିଁ

ରାଉରକେଲା,୧୯।୧(ସଙ୍ଗୀତା ଜେନା)

**ରାଉରକେଲା ପୋଲିସ ଜିଲା**

ରାଉରକେଲା ସହରର ବିଭିନ୍ନ ସ୍ଥାନରେ ଖୋଲାଖୋଲି ଦେଶୀ ଓ ମାଦକ ଦ୍ରବ୍ୟ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ସହରର ସେକ୍ଟର-୨ ଖରିଆବାହାଲ ବସ୍ତି, ଆମ୍ବାଗାନ, ଏନ୍‌ଆଇଟି ବ୍ୟାକପୋଷ୍ଟ, ନୂଆବଜାର, ଗୋପବନ୍ଧୁପାଲି, ମଧୁସୂଦନପାଲି, ଟିମ୍ବର କଲୋନି ସମେତ ୨୦ରୁ ଊର୍ଦ୍ଧ୍ୱ ଜନବସତିରେ ଏପରି ଚୋରାମଦ ଓ ମାଦକ ଦ୍ରବ୍ୟ ବହୁଳ ମାତ୍ରାରେ ବିକ୍ରି ହେଉଛି। ଅନେକ ସମୟରେ ନିଶା କାରବାରକୁ ନେଇ ଅପରାଧ ଓ ଗଣ୍ଡଗୋଳ ମଧ୍ୟ ହେଉଛି। ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ଧରପଗଡ଼ ହେଉଥିଲେ ମଧ୍ୟ କିଛି ସୁଫଳ ମିଳୁନି। ଫଳରେ ସହରରେ ଉଦ୍‌ବେଗଜନକ ଭାବେ ଅପରାଧ ବୃଦ୍ଧି ପାଉଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମିଳା ଦାସ ଅଭିଯୋଗ କରିଛନ୍ତି, ଗୋପବନ୍ଧୁପାଲି ଅଞ୍ଚଳରେ ଦେଶୀମଦ, ଗଞ୍ଜେଇ ଓ ଡ୍ରଗ୍ସ ବ୍ୟବସାୟ ଅଧିକ ମାତ୍ରାରେ ହେଉଛି। ବିଶ୍ରା, ଲାଠିକଟା ଓ ଅନ୍ୟ ସୀମାବର୍ତ୍ତୀ ଅଞ୍ଚଳରୁ ଏହି ନିଶା ସାମଗ୍ରୀ ସହରକୁ ଆସୁଛି। ମଦ ପିଇବା ଲୋକଙ୍କ ସଂଖ୍ୟା ଅନୁପାତରେ ବିକ୍ରେତାଙ୍କ ସଂଖ୍ୟା ଅଧିକ ରହୁଛି। ନିଶା ଓ ମାଦକ ଦ୍ରବ୍ୟ ବିକ୍ରି ଉପରେ କଟକଣା ନ ଲାଗିଲେ ସହରରେ ଅପରାଧ ରୋକିବାରେ ଅନ୍ତରାୟ ସୃଷ୍ଟି ହେବ ବୋଲି ଦାସ କହିଥିଲେ। ଅପରପକ୍ଷେ ରାଉରକେଲା ଅବକାରୀ ବିଭାଗ ଗତବର୍ଷ ନକଲି ମଦ ଧରପଗଡ଼ରେ ରେକର୍ଡ ହାସଲ କରିଥିଲା। ଏପ୍ରିଲ ୨୦୨୩ ସୁଦ୍ଧା ବିଭାଗ ପକ୍ଷରୁ ନିକଲି ମଦ ଧରପଗଡ଼ ବ୍ୟତୀତ ୨୪୯୫ଟି ମାମଲା ରୁଜୁ ହୋଇଥିଲା। ୨୧୫୩ ଜଣ ଗିରଫ ହେବା ସହ ୬ଟି କାର, ୮୩ଟି ବାଇକ ସମେତ ୮କୋଟି ୨୭ ଲକ୍ଷ ଟଙ୍କାର ସାମଗ୍ରୀ ଜବତ ହୋଇଥିଲା। ନକଲି ମଦ ଧରପଗଡ଼ରେ ରାଉରକେଲା ଅବକାରୀ ବିଭାଗ ଆଗରେ ରହିଥିଲା। ହେଲେ ଚଳିତ ବର୍ଷ ନିଶା ବ୍ୟବସାୟୀଙ୍କୁ ନିୟନ୍ତ୍ରଣ କରିବାରେ ଶିଥିଳତା ପ୍ରକାଶ ପାଇଛି। ଫଳରେ ରାଉରକେଲା ଅପରାଧପ୍ରବଣ ସହର ହୋଇପଡ଼ିଛି।

ସ୍ଥାନୀୟ ଅବକାରୀ ବିଭାଗ ସୂଚନା ଅନୁଯାୟୀ, ଚଳିତବର୍ଷ ୧୧୨ଟି ମାମଲା ରୁଜୁ ହେବା ସହ ୯୪ଜଣଙ୍କୁ ଗିରଫ କରାଯାଇଛି। ୧୮ଟି ଅଜଣା ମାମଲା ରୁଜୁ ହୋଇଛି। ୩୯୬୯୦ କେଜି ପୋଚ ନଷ୍ଟ କରାଯାଇଛି। ଅନୁରୂପ ଭାବେ ଜାନୁଆରୀ ୧ରୁ ୧୫ ତାରିଖ ମଧ୍ୟରେ ରାଉରକେଲା ପୋଲିସ ଜିଲା ପକ୍ଷରୁ ସ୍ପେଶାଲ ସ୍କ୍ୱାଡ୍ ଦ୍ୱାରା ୨୦୮ଟି ମାମଲା ରୁଜୁ ହେବା ସହ ମାତ୍ର ୧୨୦୪ ଲିଟର ଦେଶୀମଦ ଜବତ ହୋଇଛି। ଯାହାକି ଗତ ବର୍ଷ ତୁଳନାରେ ନଗଣ୍ୟ। ଏ ସମ୍ପର୍କରେ ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଶେଖ୍ ଆସଫ ଅଲ୍ଲିଙ୍କୁ ପଚରାଯିବାରୁ ସେ କହିଲେ, ପୋଲିସ ତୁଳନାରେ ଅବକାରୀ କର୍ମଚାରୀଙ୍କ ସଂଖ୍ୟା ବେଶ୍ କମ୍ ରହିଛି। ଗତବର୍ଷ ଅପେକ୍ଷା ବିଭାଗ ପକ୍ଷରୁ ଅଧିକ ଧରପଗଡ଼ କରାଯାଇନାହିଁ। ନିଶା କାରବାର ହେଉଥିବା ଅଂଚଳରେ ପାଟ୍ରୋଲିଂ କରାଯାଉଛି। ରେଲୱେ ଷ୍ଟେଶନ୍, ବସଷ୍ଟାଣ୍ଡ ଗୁଡ଼ିକରେ ଯାଞ୍ଚ କରାଯାଉଛି। ଗୁପ୍ତ ସୂଚନା ଆଧାରରେ ଧରପଗଡ଼ କରାଯାଉଛି। ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୁପରିଣ୍ଟେଣ୍ଡେଣ୍ଟ ଅଲ୍ଲି କହିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ ଏବଂ ଅନ୍ୟମାନେ।

# ଆଭ୍ୟନ୍ତରୀଣ ହିସାବ ପରିଚାଳନା କାର୍ଯ୍ୟକ୍ରମ

ରାଉରକେଲା,୧୯।୧(ଦିନେଶ ମିଶ୍ର)

ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆଭ୍ୟନ୍ତରୀଣ ହିସାବ ପରିଚାଳନା ସମ୍ପର୍କୀତ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ. ବିଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ବିଭିନ୍ନ ସରକାରୀ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ହିସାବ ପରିଚାଳନା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷ କରି ରାଜ୍ୟ ସରକାରଙ୍କ ଦ୍ୱାରା ହିସାବ ଓ ବ୍ୟୟ ପରିଚାଳନା ମାନକ ମୁତାବକ ସୁନ୍ଦରଗଡ ଜିଲାର ମୋଟ ୭ଟି ମହାବିଦ୍ୟାଳୟର ହିସାବ ପରିଚାଳନା ବିଭାଗର କର୍ମଚାରୀମାନେ ଏଥିରେ ଯୋଗଦେଇ ସରକାରୀ ବ୍ୟବସ୍ଥା ମୁତାବକ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିଭିନ୍ନ କାରଣରୁ ଆଭ୍ୟନ୍ତରୀଣ ହିସାବ ବ୍ୟବସ୍ଥାରେ ହେଉଥିବା ସମସ୍ୟା ଓ ତତ୍‌ଜନିତ ସମାଧାନ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗର ମୁଖ୍ୟାଳୟରେ ଅବସ୍ଥାପିତ ଆର୍ଥିକ ପରାମର୍ଶଦାତା ତଥା ସ୍ୱତନ୍ତ୍ର ସଚିବ ମନୋରଞ୍ଜନ ନାୟକ ଓ ଉପସଚିବ ସୁଧୀର ଚନ୍ଦ୍ର ତ୍ରିପାଠୀ ଉପସ୍ଥିତ ରହି ଉପାଦେୟ ପରାମର୍ଶମାନ ଦେଇଥିଲେ। ହିସାବ ଅଧିକାରୀ ବିଭୁ କଲ୍ୟାଣ ମହାନ୍ତି ଓ ଜିତେନ୍ଦ୍ର ଖୁଣ୍ଟିଆ ମଧ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ନୋଡାଲ ଅଧିକାରୀ ଅଧ୍ୟାପିକା ମେରୀ କାଶ୍ମରୀ ନାଗ ଓ ମମତା ବାକ୍ସଲାଙ୍କ ସମେତ ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ସହଯୋଗ କରିଥିଲେ।

# ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଆରମ୍ଭ

ରାଉରକେଲା,୧୯।୧(ଦିନେଶ ମିଶ୍ର)

ସେକ୍ଟର-୨୦ ସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଲତା ଦେହୁରୀ ଯୋଗଦେଇ ଶିବିରର ଉପଯୋଗିତା ସମ୍ବନ୍ଧରେ ଅବଗତ କରାଇଥିଲେ। ଜୟା କୁମାର ସିଂ ଶିବିରରେ ପ୍ରଶିକ୍ଷିକା ଭାବେ ଛାତ୍ରୀମାନଙ୍କୁ ବିଭିନ୍ନ କୌଶଳ ଶିଖାଇଥିଲେ। ଶିବିରରେ




ଶିବିରରେ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଉଛି।

୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ସଭାରେ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ଦୂଷିତ ଜଳଯୋଗାଣ ଅଭିଯୋଗ




ପାଇପ ପୋତାସ୍ଥଳରେ ୱାଟକୋ ଅଧିକାରୀ ଯାଞ୍ଚ କରୁଛନ୍ତି।

ରାଉରକେଲା,୧୯।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ପାୱାର ହାଉସ ଅଞ୍ଚଳରେ ବିତରଣ କରାଯାଉଥିବା ପାଇପ ଜଳର ମାନକୁ ନେଇ ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ଏଠାରେ ପାଇପ ଜଳ ଅଶୋଧିତ ଓ ଗୋଳିଆ ରହୁଥିବା ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, ବ୍ରାହ୍ମଣୀ ଓ କୋଏଲ ହେଉଛି ରାଉରକେଲା ସହରର ଜୀବନରେଖା। ଉଭୟ ନଦୀରୁ ସହରରେ ବସବାସ କରୁଥିବା ବ୍ୟକ୍ତିଙ୍କ ମୁଣ୍ଡ ପିଛା ଦୈନିକ ୧୫୫ ଲିଟର ଜଳ ୱାଟକୋ ପକ୍ଷରୁ ଯୋଗାଇ ଦିଆଯାଏ। ୱାଟକୋ ଉଭୟ ନଦୀରୁ ଜଳକୁ ଉଠାଇ ବିଶୋଧନାଗାରରେ ବିଶୋଧନ ପରେ ପାଇପ ମାଧ୍ୟମରେ ସହରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଥାଏ। ଏଭଳି ଭାବେ ରାଉରକେଲା ସହରାଞ୍ଚଳ ଏବଂ ଶିଳ୍ପାଞ୍ଚଳ ବସ୍ତିର ୩ଲକ୍ଷ ୪୬ହଜାର ୫୩୬ ଲୋକଙ୍କ ଘରକୁ ଦୈନିକ ପାଇପ ଯୋଗେ ପାନୀୟ ଜଳ ଯୋଗାଣ କରାଯାଇଥାଏ। ୱାଟ୍‌କୋ ପକ୍ଷରୁ ଆବଶ୍ୟକତାଠାରୁ ଅଧିକ ଜଳ ମଧ ଯୋଗାଣ ହେଉଛି। କିନ୍ତୁ ପ୍ରାୟ ସମୟରେ ମାଟିତଳେ ପୋତା ଯାଇଥିବା ପାଇପ ସମସ୍ୟା ହେତୁ ସହରବାସୀ ଦୂଷିତ ପାନୀୟ ଜଳ ବ୍ୟବହାର କରିବାକୁ ବାଧ ହେଉଛନ୍ତି।

ଉଲ୍ଲେଖନୀୟ, ନିକଟରେ ରାଉରକେଲା ସହରରେ ୱାଟ୍‌କୋ ପାଇପ ଲିକେଜ ଯୋଗୁ ବହୁ ଲୋକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ତେଣୁ ୱାଟକୋ ବିଭାଗ ସର୍ବଦା ବିଶୁଦ୍ଧ ପାନୀୟ ଜଳ ଯୋଗାଣ କାର୍ଯ୍ୟରେ ତତ୍ପରତା ଦେଖାଇବା ଉଚିତ ବୋଲି ବିଜେଡିର ପୂର୍ବତନ ରାଜ୍ୟ ସମ୍ପାଦକ ପ୍ରକାଶ ପାଶୱାନ ପ୍ରକାଶ କରିଛନ୍ତି। ଅନ୍ୟପଟେ ୱାଟକୋ ବିଭାଗ ଅଧିକାରୀ କ୍ଷେତ୍ର ଅନୁଧାନ କରି ତୁରନ୍ତ ପାଇପ୍ ମରାମତି ପାଇଁ ବିଚାରବିମର୍ଶ କରିଛନ୍ତି।

### ଭାଷା, ସାହିତ୍ୟ, ସୃଜନଶୀଳ ପ୍ରଦର୍ଶନୀ କର୍ମଶାଳା

ରାଉରକେଲା,୧୯।୧(ଦିନେଶ ମିଶ୍ର)

ରାଉରକେଲା ତେଲି ମାର୍କେଟ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭାଷା, ସାହିତ୍ୟ ଓ ସୃଜନଶୀଳ ପ୍ରଦର୍ଶନୀ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ବିଶ୍ରା ବିଇଓ ବେଣୁଧର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ପୂର୍ବତନ ଅତିରିକ୍ତ ବିଇଓ ଶରତ ଚନ୍ଦ୍ର ସାହୁ, ଡ. କିଶୋର ଦାସ, ବିଇଡି ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପୂର୍ବତନ ଶିକ୍ଷୟିତ୍ରୀ ଅମିତା ଗଡନାୟକ, ସିଆରସିସି ଦୀପ୍ତିମୟୀ ପରିଡା, ଆର୍ତ୍ତତ୍ରାଣ ଜେନା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ପ୍ରମୋଦ କୁମାର ବାଡତିୟା ମଞ୍ଚ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍କ୍ରାଚ ଆନିମେଶନ, ଜିଜ୍ଞାସା, ସାହିତ୍ୟ ସୃଜନୀ ଓ କ୍ରୀଡ଼ାଙ୍ଗନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଯଶୋବନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଦୁର୍ବୃତ୍ତ ଠକିନେଲେ ୧ ଲକ୍ଷ

ରାଉରକେଲା,୧୯।୧(ସଙ୍ଗୀତା ଜେନା) ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୪ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କଠାରୁ ପ୍ରାୟ ଏକ ଲକ୍ଷ ୩୦ ହଜାର ଟଙ୍କା ଠକେଇ ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୨୧/୨୪) ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ଶୁକ୍ରବାର ସକାଳେ ସେକ୍ଟର-୪ ଏ/୩୪ରେ ରହୁଥିବା ଦିବ୍ୟରଞ୍ଜନ ପଟ୍ଟନାୟକ(୪୭)ଙ୍କ ମୋବାଇଲକୁ ଏକ କଲ୍ ଆସିଥିଲା। ସେଥିରେ କେହି ଦୁର୍ବୃତ୍ତ ଆଧାରକାର୍ଡ, ପ୍ୟାନକାର୍ଡ ନମ୍ବର ଆଦି ମାଗିଥିଲେ। କିଛି ସମୟ ପରେ ଦିବ୍ୟଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଇଥିବା ମେସେଜ୍ ଆସିଥିଲା।

# ଇଭିଏମ୍ ସଚେତନତା ସେଣ୍ଟର ଉଦ୍‌ଘାଟିତ




ଇଭିଏମ୍ କେନ୍ଦ୍ରକୁ ଉଦ୍‌ଘାଟନ କରାଯାଉଛି।

ରାଉରକେଲା,୧୯।୧(ଦିନେଶ ମିଶ୍ର)

ଚଳିତ ବର୍ଷ ନିର୍ବାଚନକୁ ନେଇ ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ରାଉରକେଲା ଉଦିତନଗର ସ୍ଥିତ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଇଭିଏମ୍ ପ୍ରଦର୍ଶନୀ କକ୍ଷର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହାକୁ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ଭିଭିପିଏଟି, ଇଭିଏମ୍ ମେଶିନ ସହିତ କିଭଳି ଭୋଟରମାନେ ଭୋଟଦେଇ ପାରିବେ ସେ ନେଇ ପ୍ରଦର୍ଶନୀ କରାଯାଇଥିଲା। ଭିଭିପିଏଟିଟି ପରଦାରେ ମୁଦ୍ରିତ କାଗଜ ଚିରକୁଟିରେ ଭୋଟରଙ୍କ ମନୋନିତ ପ୍ରାର୍ଥୀଙ୍କ କ୍ରମିକ ସଂଖ୍ୟା ସହ ନାମ ଓ ଚିହ୍ନକୁ ଏହି ମେଶିନ ୭ ସେକେଣ୍ଡ ପାଇଁ ପ୍ରଦର୍ଶିତ କରିଥିଲା। ଫଳରେ ଭୋଟରମାନଙ୍କୁ ଏହି ପ୍ରକ୍ରିୟା ବେଶ୍ ଆକୃଷ୍ଟ କରିଥିଲା। ସହରର ଭୋଟର ଏହି କକ୍ଷକୁ ଆସି ପ୍ରତିଦିନ ଭୋଟଦେବା ପଦ୍ଧତି ଓ ଭୋଟ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ବିଷୟରେ ଅବଗତ ହୋଇପାରିବେ ବୋଲି ଉପଜିଲାପାଳ ନାୟକ ସୂଚନା ଦେଇଥିଲେ। ଏହି କେନ୍ଦ୍ର ଆସନ୍ତା ଫେବୃଆରୀ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଇଭିଏମ୍ ପ୍ରଦର୍ଶନୀ କକ୍ଷରେ ଇଭିଏମ୍ ଅଫିସର ପ୍ରକାଶ ଦାସ ଓ ଭରତ ଗୁରୁ ପରିଚାଳନା ଦାୟିତ୍ୱରେ ରହି ଭୋଟରମାନଙ୍କୁ ସମସ୍ତ ବିବରଣୀ ପ୍ରଦାନ କରିବେ। ଏଥିସହ ଇଭିଏମ୍ ପ୍ରଦର୍ଶନୀ ପାଇଁ ପାନପୋଷ ଉପଜିଲାପାଳଙ୍କ ଅଧୀନ ୩ଟି ନିର୍ବାଚନ ମଣ୍ଡଳୀରେ ଇଭିଏମ୍ ସଚେତନତା ରଥ ବୁଲି ଭୋଟରଙ୍କୁ ସଚେତନ କରିଥିବା ଜଣାପଡିଛି।

# ଜଗନ୍ନାଥ ମନ୍ଦିରର ରତ୍ନମୁଦ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

ରାଉରକେଲା,୧୯।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବନ୍ଧପୋଷ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରର ରତ୍ନମୁଦ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗୁରୁବାର ଅଙ୍କୁର ରୋପଣ, କଳସ ସ୍ଥାପନ ଓ ଅଧିବାସ ହୋଇଥିଲା। ଶୁକ୍ରବାର ବ୍ରାହ୍ମ ମୁହୂର୍ତ୍ତରେ ରତ୍ନମୁଦ ପ୍ରତିଷ୍ଠା ପାଇଁ ପୂଜାବିଧି ସମ୍ପନ ହୋଇଥିଲା। ସକାଳ ୧୦ଟାରେ ମନ୍ଦିର ଦଧିନଉତିରେ ରତ୍ନମୁଦ ସହ ସର୍ବ ଦେବଦେବୀ ପ୍ରତିଷ୍ଠା ହୋଇଥିଲେ। ଏହି ଉତ୍ସବରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଯୋଗଦେଇ ବିଭୂକୃପା ଲାଭ କରିଥିଲେ। ଅଭିରାମ ସାହୁ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଆଚାର୍ଯ୍ୟ ଭାବେ ପଣ୍ଡିତ ଅଶୋକ କୁମାର ମିଶ୍ର ଶର୍ମା, ଜ୍ୟୋତି ପ୍ରକାଶ ତ୍ରିପାଠୀ ଓ ନୃସିଂହ ଚରଣ ଦାଶ ପୂଜାର୍ଚ୍ଚନା ଓ ଯଜ୍ଞ କରିଥିଲେ। ବୁଟୁ କିସାନ, ଜଗନ୍ନାଥ ଦାସ ଭାୟା, ପ୍ରମୋଦ କୁମାର ଭଞ୍ଜ, ବାବାଜି ଚରଣ ସାହୁ, ଧନେଶ୍ୱର ଗୁପ୍ତା, ସଞ୍ଜୟ କିଷାନ ଓ ଗିରିଜା ଲାକ୍ରା ପ୍ରମୁଖ ମନ୍ଦିରର କର୍ମକର୍ତ୍ତା ସହଯୋଗ କରିଥିଲେ।



ମନ୍ଦିର ଶିଖରରେ ଦଧି ନଉତି ପ୍ରତିଷ୍ଠା କରାଯାଇଛି।

# ଆଜି ଏନ୍‌ଆଇଟିର ୨୧ତମ ସମାବର୍ତ୍ତନ ଉତ୍ସବ

**୧୯୮୮ ଜଣ ପାଇବେ ଡିଗ୍ରୀ**

ରାଉରକେଲା,୧୯।୧(ସଙ୍ଗୀତା ଜେନା)




ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି)ର ୨୧ତମ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହେବ। ଚଳିତ ଥର ଉକ୍ତ ଉତ୍ସବରେ ୪୫୭ ଜଣ ଛାତ୍ରୀ ଓ ୧୫୩୧ ଜଣ ଛାତ୍ରଙ୍କ ସମେତ ମୋଟ ୧୯୮୮ ଜଣ ଡିଗ୍ରୀ ପାଇବେ। ଏ ନେଇ ଶୁକ୍ରବାର ପୂର୍ବାହ୍ନରେ ଏନ୍‌ଆଇଟି ସିନେଟ୍ ହଲ୍‌ରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଖବରଦାତା ସମ୍ମିଳନୀରେ ନିର୍ଦ୍ଦେଶକ ପ୍ରଫେସର କେ, ଉମା ମହେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଡିନ୍ ଏକାଡେମିକ୍ସ ପ୍ରଫେସର ସ୍ନେହାଶିଷ ଚକ୍ରବର୍ତ୍ତୀ, ଚେୟାରମ୍ୟାନ୍ ପିପିଆର୍‌ସି ଏସ୍. କେ. ବେହେରା, ଅନିନ୍ଦ୍ୟ ବସୁ ପ୍ରମୁଖ ମଞ୍ଚାସୀନ ଥିଲେ।

ନିର୍ଦ୍ଦେଶକ ରାଓ ସୂଚନା ଦେଇ କହିଥିଲେ, ୧୯୮୮ ଜଣ ଡିଗ୍ରୀଧାରୀଙ୍କ ମଧ୍ୟରୁ ୧୭ ଜଣ ବି. ଆର୍କିଟେକଚର, ୯୬୧ ଜଣ ବିଟେକ୍, ୩୮ ଡୁଆଲ ଡିଗ୍ରୀ, ୫୪ ଇଣ୍ଟିଗ୍ରେଟେଡ୍, ଏମ୍‌ଏସ୍‌ସି, ୧୯୮ ଏମଏସସି , ୫୨୦ ଜଣ ଏମ୍‌ଟେକ୍, ୩ ଏମଟେକ୍( ରିସର୍ଚ୍ଚ), ୨୧ ଜଣ ଏମ୍‌ଏ, ୩୯ ଏମ୍‌ବିଏ, ୧୬୭ ଜଣ ପିଏଚ୍‌ଡି ଡିଗ୍ରୀଧାରୀଙ୍କୁ ସମ୍ମାନିତ କରାଯିବ। ଚଳିତ ବର୍ଷ ଉଗାଣ୍ଡା, ବାଙ୍ଗଲାଦେଶ, ଶ୍ରୀଲଙ୍କା, ନେପାଳ, ସୁଦାନ, ଆମେରିକା, ଆଫଗାନିସ୍ଥାନ, ଭୁଟାନ୍ ଆଦି ଏସିଆ ଓ ୟୁରୋପ ଓ ଆଫ୍ରିକୀୟ ଦେଶରୁ ୬୬ ଜଣ ଛାତ୍ର ଓ ୧୬ ଜଣ ଛାତ୍ରୀଙ୍କୁ ବିଭିନ୍ନ ପାଠ୍ୟକ୍ରମର ଡିଗ୍ରୀ ପ୍ରଦାନ କରାଯିବ। ସେଥିମଧ୍ୟରୁ ୮ ଜଣଙ୍କୁ ସ୍ୱର୍ଣ୍ଣପଦକ ଓ ଅନ୍ୟ ୫ ଜଣଙ୍କୁ ଏଣ୍ଡୋମେଣ୍ଟ ଗୋଲ୍ଡ ମେଡ଼ାଲ ପ୍ରଦାନ କରାଯିବ। ସେହିପରି ବିଭିନ୍ନ ବିଭାଗର ୫୯ଜଣ ଟପ୍ପରଙ୍କୁ ପଦକ ପ୍ରଦାନ କରାଯିବ। ଶ୍ରେଷ୍ଠ ଟପ୍ପର ମାନଙ୍କ ମଧ୍ୟରେ ଜଣଙ୍କୁ ଏକ ଲକ୍ଷ ଟଙ୍କା ରାଶି ସମେତ ୭ଜଣଙ୍କୁ ୭ଟି ଏଣ୍ଡୋମେଣ୍ଟ ଆୱାର୍ଡ ପ୍ରଦାନ କରାଯିବ। ସେହିପରି ଏକାଡେମିକ କ୍ଷେତ୍ରରେ ଶିକ୍ଷାବିତ୍ ପ୍ରାକ୍ତନ ଛାତ୍ର ଡ. ଶରତ ମହାପାତ୍ର, ଶିଳ୍ପପତି ସାରିପୁତ୍ତ ମିଶ୍ର, ଦିଲୀପ ମହାନ୍ତି, ଡି.ବି. ସୁନ୍ଦରା ରମଣଙ୍କୁ ଆଲୁମିନିସ୍ ଆୱାର୍ଡ ପ୍ରଦାନ କରାଯିବ। ସମାବର୍ତ୍ତନ ଉତ୍ସବ ଦିଲୀପ ତିର୍କୀ ଷ୍ଟାଡିୟମ୍‌ରେ ଆୟୋଜିତ ହେବ। ଏଥିରେ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପୋଲାଭରାପୁ ମଲ୍ଲିକାର୍ଜ୍ଜୁନ ପ୍ରସାଦ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ପ୍ରତ୍ୟେକ ବର୍ଷ ଭଳି ପାରମ୍ପରିକ ସମ୍ବଲପୁରୀ ପରିଧାନରେ ଛାତ୍ରୀଛାତ୍ର ଡିଗ୍ରୀ ଗ୍ରହଣ କରିବେ। ଏନ୍‌ଆଇଟି ଦେଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଶିକ୍ଷାଦାନ ସହ ୭୦ଟି ଷ୍ଟାର୍ଟଅପ୍‌ରେ ଜିଲାର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗ ଯୁବତୀ ଯୁବକଙ୍କୁ ରୋଜଗାରକ୍ଷମ କରିପାରିଛି ବୋଲି ରାଓ ସୂଚନା ଦେଇଥିଲେ। ଏନ୍‌ଆଇଟି ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ୍, ଡିନ୍ ଆଲୁମିନି ହିମାଂଶୁ ସାହୁ, ଡିନ୍ ସି.ଏସ୍. କେ. ପ୍ରତିହାର, ସୁରକ୍ଷା ବିଭାଗ ମୁଖ୍ୟ ଏ.କେ. ସିଂହ, ଲୋକ ସମ୍ପର୍କ ଅଧିକାରୀ ଅର୍ଚ୍ଚନା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଭିନି ରାଉତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଅବ୍ୟବସ୍ଥା ମଧ୍ୟରେ ଚାଲିଛି ଉତ୍ସବ ପ୍ରଧାନପାଟ

- ଉତ୍ସବ ପ୍ରଧାନପାଟର କିଛି କଥା କିଛି ବ୍ୟଥା
- ଲକ୍ଷ୍ୟ,ଉଦ୍ଦେଶ୍ୟ, ଆଭିମୁଖ୍ୟଠାରୁ ଦୂରେଇ ଯାଉଛି ଉତ୍ସବ ପାଳନ

ଦେବଗଡ଼, ୧୯।୧(ଶଶାଙ୍କଶେଖର ଝାଙ୍କର)

ଦେବଗଡ଼ରେ ଚାଲିଛି ପ୍ରସିଦ୍ଧ ଉତ୍ସବ ପ୍ରଧାନପାଟ। ଗୁରୁବାର ଏହି ଉତ୍ସବ ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ପହଞ୍ଚିଛି। ହେଲେ ନାନା ଅବ୍ୟବସ୍ଥା ମଧ୍ୟରେ ଏହା ଚାଲିଥିବାରୁ ସବୁଠି ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି। ଲକ୍ଷ୍ୟ,ଉଦ୍ଦେଶ୍ୟ, ଆଭିମୁଖ୍ୟଠାରୁ ଦୂରେଇ ଯାଉଛି ଉତ୍ସବ ପାଳନ। ବିଭିନ୍ନ ଐତିହ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳର କଳାକାରମାନେ ମନପ୍ରାଣ ଦେଇ ପ୍ରଧାନପାଟ ଜଳପ୍ରପାତ ନିକଟରେ ନିର୍ମାଣ କରିଥିଲେ ଏକ ମଞ୍ଚ। ସେଇ ମଞ୍ଚରୁ ଆରମ୍ଭ ହୋଇଥିଲା ଉତ୍ସବ ପ୍ରଧାନପାଟ। କିନ୍ତୁ ଗତବର୍ଷଠାରୁ ଉକ୍ତ ମଞ୍ଚରେ ଆଉ ହେଉନି ଉତ୍ସବ ପାଳନ। କିଛି ଦୂରରେ ପ୍ରଧାନପାଟରୋଡ଼ ବଡ଼ବଗିଚାଠାରେ ହେଉଛି। ଫଳରେ ଉକ୍ତ ସ୍ଥାନକୁ ଗଲେ ଲାଗୁଛି ଅନୁଭବ ହେଉଛି ଯେ ମଞ୍ଚ କାନ୍ଦୁଛି। ଖାଁଖାଁ ଲାଗୁଛି ଉକ୍ତ ମଞ୍ଚ। ଟିକେ ଛାଡୁ ମାରି ସଫେଇ କରିଦେଇ ଚୁପ ପଡୁଛି ଜିଲା ପ୍ରଶାସନ। ଉକ୍ତ ସ୍ଥାନଙ୍କୁ ଟିକେ ମାତ୍ର ସାଜସଜ୍ଜା କରିବାକୁ ମଧ୍ୟ ଇଚ୍ଛା ନାହିଁ।

### ଉତ୍ସବ ଆରମ୍ଭ ଦିନ ହିଁ ମିଳିଛି ନିମନ୍ତ୍ରଣ କାର୍ଡ

ଆଶ୍ଚର୍ଯ୍ୟ କଥା ଉତ୍ସବ ଅନୁଷ୍ଠିତ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉ ଥିବା ବେଳେ ସାମାନ୍ୟ ନିମନ୍ତ୍ରଣ କାର୍ଡ ଦେବା ପାଇଁ ସମୟ ନାହିଁ ପ୍ରଶାସନର। ସ୍ଥାନୀୟ ବୁଦ୍ଧିଜୀବୀ, ଗଣମାଧ୍ୟମ, ଲୋକ ପ୍ରତିନିଧିମାନଙ୍କୁ ଉତ୍ସବ ଦିନ ନିମନ୍ତ୍ରଣ କାର୍ଡ ବଣ୍ଟନ କରାଯାଇଥିଲା। ଫଳରେ ଜିଲା ତଥା ସହରରେ ଏକ ପ୍ରକାର ଦୁଃଖ ଓ ମନ କଷ୍ଟ ହେଲା ପରି ବାତାବରଣ ସୃଷ୍ଟି ହୋଇଛି। କିଛି ବ୍ୟକ୍ତି ସୋସିଆଲ ମିଡିଆ ପୋଷ୍ଟ କରି ଆମର ନିମନ୍ତ୍ରଣ କାର୍ଡ ଫେରେଇ ନିଅ ବୋଲି ପୋଷ୍ଟ କରିଥିବା ବେଳେ ଉତ୍ସବ ପ୍ରଧାନପାଟ ୨୦୨୪ ର ହେଇଥିବା ହ୍ୱାଟ୍ସଆପ୍ ଗ୍ରୁପରେ ମଧ୍ୟ ସବକମିଟି ତଥା ସଂସ୍କୃତି ବିଭାଗର ସଦସ୍ୟମାନେ କାର୍ଡକୁ ଫେରେଇ ନେବା ପାଇଁ ଅନୁରୋଧ କରୁଥିବା ଦେଖିବାକୁ ମିଳିଛି।

### ଦିଗହରା ହେଉଛି ଉତ୍ସବ ପ୍ରଧାନପାଟ

ଦେବଗଡ଼ର ଭାଷା ସଂସ୍କୃତି ପରମ୍ପରା ଓ କଳାର ପ୍ରତୀକକୁ ନେଇ ଆରମ୍ଭ ହେଇଥିଲା ଦେବଗଡ଼ ଉତ୍ସବ ପ୍ରଧାନପାଟ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ବର୍ତ୍ତମାନ ଉକ୍ତ ଉତ୍ସବ ଦିଗହରା ହୋଇପଡିଛି। ତାର ଲକ୍ଷ୍ୟ ଉଦ୍ଦେଶ୍ୟ, ଆଭିମୁଖ୍ୟରେ ଆଉ ପାଳନ ହେଉ ନାହିଁ ଉତ୍ସବ ପ୍ରଧାନପାଟ।



ପ୍ରଧାନପାଟ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ।

### ଉତ୍ସବ ନୁହେଁ ହେଉଛି ମେଲୋଡି

ଦେବଗଡ଼ ଉତ୍ସବ ପ୍ରଧାନପାଟ ପାରମ୍ପାରିକ, ଲୋକନୃତ୍ୟ ଏମିତି ଅନେକ କଳା ସଂସ୍କୃତିକୁ ନେଇ ହେଉଥିବା ଉତ୍ସବ। ଏବେ ଇଭେଣ୍ଟ ମ୍ୟାନେଜର ଠିକା ହେଇଥିବା ଜିଲା ପ୍ରଶାସନ ପକ୍ଷରୁ ଆଉ ସେଭଳି କିଛି ନ ହୋଇ ଏବେ ହେଉଛି କିଛି କଣ୍ଠଶିଳ୍ପୀଙ୍କୁ ନେଇ ମେଲୋଡି କାର୍ଯ୍ୟକ୍ରମ।

### ପ୍ରଶାସନିକ ଅଧିକାରୀଙ୍କ ଦସ୍ତଖତ ଥିଲେ ପାସ ଭେଲିଡ୍

ଚଳିତବର୍ଷ ଉତ୍ସବ ପାଇଁ ନିମନ୍ତ୍ରଣ କାର୍ଡ ଭିତରେ ଦିଆଯାଇଥାଏ କିଛି ପାସ। କିନ୍ତୁ ଏବର୍ଷ ସେସବୁ ବ୍ୟବସ୍ଥା କିଛି ନାହିଁ। ସେଥିପାଇଁ ବୁଦ୍ଧିଜୀବୀ ଓ ଜନପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହେଉଥିବାବେଳେ, ଯାହା କିଛି ବି ପାସ ତିଆରି କରାଯାଇଛି ସେଇ ପାସରେ ପ୍ରଶାସନିକ ମହିଳା ଅଧିକାରିଣୀଙ୍କ ଦସ୍ତଖତ ରହିଲେ ଯାଇ ଉକ୍ତ ପାସ ଭେଲିଡ ହେବ ବୋଲି ଜଣାପଡ଼ିଛି। ଫଳରେ ପ୍ରଶାସନର ମନମୁଖୀ କାର୍ଯ୍ୟ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

### ଲୋକାଲ କଳାକାରଙ୍କୁ ମିଳିଲା ନାହିଁ ମଞ୍ଚ

ଦେବଗଡ଼ ଜିଲାର କୋଣ ଅନୁକୋଣରେ ଥିବା କଳାକାରଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଚଳିତବର୍ଷ ମିଳିଲା ନାହିଁ ଉତ୍ସବରେ ମଞ୍ଚ। ଏଥିପାଇଁ କଳାକାରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କଳାକାରମାନେ ନିଜର କଳା ପ୍ରଦର୍ଶନ କରିବା ପାଇଁ ପ୍ରଶାସନକୁ ଅନୁରୋଧ କରିଥିଲେ। କିନ୍ତୁ ଉତ୍ତର ମିଳିଥିଲା ସନ୍ଧ୍ୟା ୫ ରୁ ୬ ମଧ୍ୟରେ ମଞ୍ଚ ଦିଆଯିବ ଓ ନିଜ ଖର୍ଚ୍ଚରେ ଗାଡି ଭଡା କରି ଆସିବାକୁ ପଡିବ ଏବଂ ତାପରେ ଷ୍ଟେଜରୁ ପୋଲିସ ଲଗାଇ ବାହାର କରାଯିବ ଓ ଇଭେଣ୍ଟ ମ୍ୟାନେଜରକୁ ଦିଆଯିବ ବୋଲି କୁଆଡେ ଜଣେ ପ୍ରଶାସନ ଅଧିକାରିଣୀ କହିଥିଲେ ବୋଲି ଶୁଣିବାକୁ ମିଳୁଛି।

### ଉତ୍ସବର ସବ୍‌କମିଟି ସଦସ୍ୟମାନେ ରବର ଷ୍ଟାମ୍ପ

ଦେବଗଡ଼ ଜିଲାରେ ପାଳନ ହେଇଥିବା ଉତ୍ସବକୁ ସଫଳ କରିବା ପାଇଁ ଜନସାଧାରଣ ଓ ପ୍ରଶାସକଙ୍କୁ ନେଇ ବିଭିନ୍ନ ସବକମିଟି ଗଠନ କରାଯାଇଥାଏ। କିନ୍ତୁ ଚଳିତ ବର୍ଷ କୌଣସି ସବକମିଟିର ସଦସ୍ୟମାନଙ୍କୁ ବୈଠକରେ ଡକାଯାଉ ନାହିଁ। ପ୍ରଶାସନ ଅଧିକାରୀମାନେ ନିଜ ଇଚ୍ଛାରେ ସବୁ ନିଷ୍ପତ୍ତି ନେଇଛନ୍ତି। ତେଣୁ ଉତ୍ସବର ସବକମିଟି ସଦସ୍ୟମାନେ ଏବେ ରବର ଷ୍ଟାମ୍ପ ବୋଲି ଆଲୋଚନା ହେଉଛି।

### ସବୁ ଚୁପ, ସ୍ୱର ଉତ୍ତୋଳନ କରିବ କିଏ

ଉତ୍ସବ ପ୍ରଧାନପାଟ ଦେବଗଡ଼ର ଭାଷା ସଂସ୍କୃତି, ପରମ୍ପରା ଓ କଳାର ପ୍ରତୀକ। ତାର ସମ୍ମାନ ରହୁନାହିଁ ଯେଉଁଠି, ସେଇଠି ସାଧାରଣ ଜନତା କି ସୁବିଧା କି ସମ୍ମାନ ପାଇବାର ଆଶା ରଖିବେ, କିନ୍ତୁ ଏତେ ଅବ୍ୟବସ୍ଥାରେ ମଧ୍ୟ ଜିଲାବାସୀ, ବୁଦ୍ଧିଜୀବୀ, ଜନସାଧାରଣ, ଜନପ୍ରତିନିଧି ସମସ୍ତେ ଚୁପ। ବର୍ତ୍ତମାନ ସମୟରେ କିଏ ସ୍ୱର ଉତ୍ତୋଳନ କରିବ ବୋଲି ସବୁଆଡ଼େ ଚର୍ଚ୍ଚା ହେଉଛି।

### ମଶାଲ ଶୋଭାଯାତ୍ରାକୁ ଆସିଲେ ନାହିଁ ଜିଲାପାଳ

ଉତ୍ସବ ପ୍ରଧାନପାଟ ଆରମ୍ଭ ପୂର୍ବରୁ ଏକ ସାଂସ୍କୃତିକ ଓ ମଶାଲ ଶୋଭାଯାତ୍ରା ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ବାହାରି ଥାଏ ଓ ନଗର ପରିକ୍ରମା କରି ଶେଷରେ ଦେବଗଡ଼ ଇଷ୍ଟ ଦେବୀ ମା' ପ୍ରଧାନୀଙ୍କ ଠାରେ ପୂଜାର୍ଚ୍ଚନା କରାଯାଏ। ପରେ ମା'ଙ୍କ ଆଜ୍ଞାମାଳ ସଂଗ୍ରହ କରି ମଶାଲକୁ ଉତ୍ସବ ସ୍ଥଳରେ ସ୍ଥାପନା କରାଯାଇଥାଏ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଆସିଲେଣି କିନ୍ତୁ ସନ୍ଧ୍ୟାରେ ଉତ୍ସବ ଉଦଘାଟନ ଉତ୍ସବରେ ମନ୍ତ୍ରୀଙ୍କ ସହିତ ମଞ୍ଚରେ ଉପସ୍ଥିତ ଥିଲେ।

### ଉତ୍ସବ ନୁହେଁ ଜିଲା ପ୍ରଶାସନର ବନ୍ଧୁ ମିଳନ

ଧୀରେ ଧୀରେ ଦେଖିବାକୁ ମିଳୁଛି ଯେ ଆମର ଜିଲା ଉତ୍ସବ ପ୍ରଧାନପାଟ ଏବେ ଆଉ ଜିଲାର ଉତ୍ସବ ହୋଇକି ରହିନାହିଁ। ଏବେ ପାଲଟିଛି ଜିଲା ପ୍ରଶାସନର ବନ୍ଧୁ ମିଳନ। ଯେଉଁ ଅଧିକାରୀଙ୍କୁ ଦେଖିବ ବଡ ବଡ ବ୍ୟାଚ, ପାସ ରଖି ଉତ୍ସବରେ ନିଜକୁ ରାଜା ଭାବୁଥିବା ଦେଖିବାକୁ ମିଳିଛି। କହିବାକୁ ଗଲେ ଏହି ପାଞ୍ଚ ଦିନ ଜିଲା ପ୍ରଶାସନର ଏକ ପ୍ରକାର ବନ୍ଧୁ ମିଳନ କହିଲେ କୌଣସି ଭୁଲ ହେବ ନାହିଁ।

### ଏଡିଏମ୍ କରିଲେ ଉତ୍ସବର ପ୍ରେସ ମିଟ

ଉତ୍ସବ ପ୍ରଧାନପାଟ ଆରମ୍ଭ ପୂର୍ବରୁ ଜିଲାରେ ଗଣମାଧ୍ୟମଙ୍କୁ ନେଇ ଜିଲାପାଳ ଏକ ପ୍ରେସ ମିଟ କରିଥାନ୍ତି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ। କିନ୍ତୁ ଚଳିତବର୍ଷ ଏହା ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲା ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରେସ ମିଟ ହୋଇଥିଲା ଓ ଜିଲାପାଳ ଆସି ନ ଥିଲେ। ଅତିରିକ୍ତ ଜିଲାପାଳ (ଏଡ଼ିଏମ) ପ୍ରେସ ମିଟ କରିଥିବା ଦେଖିବାକୁ ମିଳିଥିଲା।

### ସେମାନେ ଯାହା କହନ୍ତି ...

**ଉତ୍ସବ ନୁହେଁ ଚାଲିଛି ପ୍ରଶାସନିକ ସେଲିବ୍ରେଶନ**

ନିଜ ଇଚ୍ଛା ଅନୁସାରେ ଜନସାଧାରଣଙ୍କୁ ସାମିଲ ନ କରି ବଡବଗିଚାରେ ଇଭେଣ୍ଟ ମ୍ୟାନେଜରଙ୍କ ଅନୁସାରେ ମଞ୍ଚ କରି ଚାଲିଛି ମେଲୋଡି କାର୍ଯ୍ୟକ୍ରମ। ଯାହାକି ଜିଲାବାସୀ ପାଇଁ ବହୁତ ଦୁଃଖ ବିଷୟ। ଉତ୍ସବ ନୁହେଁ ଚାଲିଛି ପ୍ରଶାସନିକ ସେଲିବ୍ରେସନ। ବର୍ତ୍ତମାନ ସମୟ ଆସିଛି ଆସ ମିଳିମିଶି ସମସ୍ତେ ଏକଜୁଟ ହୋଇ ଉତ୍ସବକୁ ବଞ୍ଚାଇବା।

–ମନୋଜ କୁମାର ପାଢ଼ୀ, ବରିଷ୍ଠ ଆଇନଜୀବୀ, ଦେବଗଡ଼

ଉତ୍ସବ ନୁହେଁ, ଏଇଟା ଦଳୀୟ କାର୍ଯକ୍ରମ। ଉଦ୍‌ଘାଟନୀ ଉତ୍ସବରେ ବରେଣ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲେ ହେଁ ଯୋଗ ଦେଇ ନ ଥିଲି। ନିମନ୍ତ୍ରଣ ପତ୍ରରେ ନାମ ପ୍ରକାଶିତ ହୋଇଥିଲେ ହେଁ ଫୋନ ଯୋଗେ କିମ୍ବା ବ୍ୟକ୍ତିଗତ ଭାବେ ଆନୁଷ୍ଠାନିକ ଭାବେ କେହି ନିମନ୍ତ୍ରଣ କରିବା ପରିବର୍ତ୍ତେ ଅନୁପସ୍ଥିତ ଥିଲି। କେହି ଘରେ ନିମନ୍ତଣ କାର୍ଡ ଦେଇ ଦାୟିତ୍ୱ ସାରିଦେଇଛନ୍ତି।

–ସୁବାଷଚନ୍ଦ୍ର ପାଣିଗ୍ରାହୀ, ବିଧାୟକ, ଦେବଗଡ଼

ଚଳିତବର୍ଷ ଉତ୍ସବ ପ୍ରଧାନପାଟ ପାଳନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶୃଙ୍ଖଳା ହୋଇଥିବା ଲକ୍ଷ୍ୟ କରାଯାଉଛି। ପୂଜ୍ୟପୂଜା ପାଇଁ ଥିବା 'ସମ୍ବର୍ଦ୍ଧନା କମିଟି" ବର୍ତ୍ତମାନ ଯାଏ ବସିନାହିଁ। ବରିଷ୍ଠ ନାଗରିକ ଓ ସମାଜର ଆଗାଧାଡିର ବ୍ୟକ୍ତିଙ୍କୁ ପାସ ଦିଆଯାଇନାହିଁ।

–ସୁଧୀର କୁମାର କପରଦାର, ବରିଷ୍ଠ ନାଗରିକ, ଦେବଗଡ଼

ଉତ୍ସବ ପ୍ରଧାନପାଟ ଦେବଗଡ଼ ପାଇଁ ଗୋଟେ ସମ୍ମାନ ଓ ସ୍ୱାଭିମାନର କଥା। ଲୋକ ମହୋତ୍ସବ ହୋଇ ମଧ୍ୟ ଉତ୍ସବ ପ୍ରଧାନପାଟରେ ଲୋକମାନେ ହିଁ ଅବହେଳିତ। ତେଣୁ ଭିଆଇପି ସଂସ୍କୃତିକୁ ଅପସରଣ କରି ସମ୍ପୂର୍ଣ୍ଣ ରୂପେ "ପ୍ରବେଶ ଅନୁମତି ପତ୍ର କିମ୍ବା ପାସ" ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରାଯାଉ। ସ୍ଥାନୀୟ କଳାକାରଙ୍କୁ ପ୍ରାଥମିକତା ଦିଆଯାଉ। ଆମନ୍ତ୍ରିତ ନିର୍ବାଚିତ ପ୍ରତିନିଧିଙ୍କୁ ଉଚିତ ସମ୍ମାନ ଦିଆଯାଉ।

–ଯତୀନ ନାୟକ (ପିକୁନ) ପାରିଷଦ, ପୌରପରିଷଦ–ଦେବଗଡ଼

ପ୍ରଶାସନର ଚରମ ଅବହେଳା ଯୋଗୁ ଜିଲା ସଂସ୍କୃତି ପରିଷଦର ସଦସ୍ୟ ଏବଂ ପ୍ରଶାସନିକ ଅଧିକାରୀଙ୍କ କୌଣସି ତାଳମେଳ ରହୁନି। କାର୍ଯ୍ୟପଛାରେ କୌଣସି ପାରଦର୍ଶିତା ନାହିଁ। ପ୍ରଶାସନର ମନଇଚ୍ଛା କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ସଦସ୍ୟଙ୍କ ଅପମାନ। ସ୍ଥାନୀୟ କଳାକାରଙ୍କୁ ମଞ୍ଚ ମିଳୁନି।

–ଉପେନ୍ଦ୍ର ଭଞ୍ଜ, ଡିସିସି ମେମ୍ବର –ଦେବଗଡ଼

ଉତ୍ସବ ପ୍ରଧାନପାଟ ତାର ରଙ୍ଗ ରୂପ ବଦଳେଇ ବର୍ତ୍ତମାନ ଏକ ଆଧୁନିକ ମେଲୋଡି ଅନ୍ୟାନ୍ୟ ଆଧୁନିକ ନାଚ ଗୀତରେ ପରିଣତ ହେଇଛି। ଲୋକ ମହୋତ୍ସବ ପ୍ରଧାନପାଟ ବର୍ତ୍ତମାନ ଲୋକଙ୍କ ପାଇଁ ଲୋକଙ୍କ ଦ୍ୱାରା ଲୋକଙ୍କ ଯୋଗୁ ନହେଇ ବର୍ତ୍ତମାନ ଏହା ନିଚ୍ଛକ ସରକାରୀ ବାବୁଙ୍କ ଦାରା ପରିଚାଳିତ ହେବା ଯୋଗୁ, ଉତ୍ସବ ପ୍ରଧାନପାଟରେ ଚମକ ଆଉ ରହୁ ନାହିଁ। ଅନଭିଜ୍ଞ ସରକାରୀ କର୍ମଚାରୀଙ୍କ ଯୋଗୁ ଯେଉଁ ଉଦ୍ଦେଶ୍ୟରେ ପାଳନ ହେଉଥିଲା, ତାର ମୌଳିକ ଚିନ୍ତା ଧାରା ବ୍ୟାହତ ହେଇଛି।

–ମାର୍କଣ୍ଡେଶର ଶତପଥୀ, ବରିଷ୍ଠ ନାଗରିକ, ଦେବଗଡ଼

ଉତ୍ସବ ଆରମ୍ଭ ଦିନରୁ ଉତ୍ସବ କମିଟିର ସଦସ୍ୟ ହିସାବରେ ମୁଁ କାମ କରି ଆସୁଛି ମାତ୍ର ଏ ବର୍ଷ ଭଳି ଅବହେଳା କେବେ ଦେଖି ନ ଥିଲି।

–ଅବନୀ ମିଶ୍ର , ଡିସିସି, ମେମ୍ବର, ଦେବଗଡ଼


ଅବନୀ ମିଶ୍ର


ମନୋଜ କୁମାର ପାଢ଼ୀ


ମାର୍କଣ୍ଡେଶ୍ୱର ଶତପଥୀ


ସୁବାଷଚନ୍ଦ୍ର ପାଣିଗ୍ରାହୀ


ସୁଧୀର କୁମାର କପରଦାର


ଉପେନ୍ଦ୍ର ଭଞ୍ଜ

## ସଂକ୍ଷେପରେ

### ଲିପିଣ୍ଡାରେ ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

ଯୁଯୁମୁରା,୧୯।୧ (ରମେଶ ବିଶ୍ୱାଳ): ଯୁଯୁମୁରା ଥାନା ଅନ୍ତର୍ଗତ ଲିପିଣ୍ଡା ଗ୍ରାମର ସୁନୀଲ ପ୍ରଧାନ ନାମକ ଯୁବକ ଶୁକ୍ରବାର ଘର ପାଇଖାନାରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ତିନି ଝିଅଙ୍କ ପରେ ସୁନୀଲ ତାଙ୍କ ମାତାପିତାଙ୍କର ଏକମାତ୍ର ପୁତ୍ର ସନ୍ତାନ ଥିଲେ। ଦେଢବର୍ଷ ପୂର୍ବରୁ ସେ ହୀରାକୁଦର ଜଣେ ଯୁବତୀଙ୍କୁ ଭଲପାଇ ବିବାହ କରିଥିଲେ। ତାଙ୍କର ଦୁଇ ମାସର ଏକ କନ୍ୟାସନ୍ତାନ ରହିଛି। ତାଙ୍କ ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

### ଯୁବକଙ୍କୁ ହତ୍ୟା, ପୂର୍ବ ଶତ୍ରୁତା ସନ୍ଦେହ

ସମ୍ବଲପୁର,୧୯।୧(ପ୍ରମୋଦ ବହିଦାର): ସମ୍ବଲପୁର କ୍ଷେତରାଜପୁର ଥାନା ଅନ୍ତର୍ଗତ ଦଲଦଲିପଡ଼ାର ଗୁଲ୍ଲୁ ରାଉତ(୧୮)ଙ୍କୁ ଶୁକ୍ରବାର ସ୍ୱଷ୍ଟ ଦିବାଲୋକରେ ହତ୍ୟା କରାଯାଇଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ପ୍ରକାଶ ଯେ, ପୂର୍ବାହ୍ନରେ ଗୁଲ୍ଲୁ କୌଣସି କାମରେ ଘରୁ ବାହାରିଥିଲେ। ପନକାପଡ଼ା ଦେଇ ଯାଉଥିବା ସମୟରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଧାରୁଆ ଅସ୍ତ୍ରରେ ଅତର୍କିତ ଆକ୍ରମଣ କରିଥିଲେ। ଆତ୍ମରକ୍ଷା ପାଇଁ ଗୁଲ୍ଲୁ ଦୌଡ଼ିଯାଇ ନିକଟରେ ଥିବା ଏକ ଘର ଭିତରକୁ ପଶିଯାଇଥିଲେ। ମାତ୍ର ଦୁର୍ବୃତ୍ତମାନେ ତାଙ୍କୁ ପିଛାକରି ସେହି ଘରଭିତରେ ପଶି ହତ୍ୟା କରିଥିଲେ। ପରେ ତାଙ୍କ ମୃତଦେହକୁ ଆଣି ଘର ବାହାରେ ରାସ୍ତା ଉପରେ ପକାଇଦେଇ ଫେରାର ହୋଇଯାଇଥିଲେ। ଏହାଦେଖି ସ୍ଥାନୀୟ ଲୋକଙ୍କ ସହାୟତାରେ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କ୍ଷେତରାଜପୁର ପୋଲିସ ଫରେନସିକ୍ ଦଳ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଉକ୍ତ ଘଟଣାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବିରେ କ୍ଷେତରାଜପୁର ଥାନା ଘେରାଉ କରିଥିବା ଜଣାପଡ଼ିଛି। ମୃତକଙ୍କ ଭଉଣୀଙ୍କ ଅଭିଯୋଗ ଆଧାରରେ ପୋଲିସ ଆଇପିସି ଦଫା ୩୦୨, ୩୪ରେ ଏକ ମାମଲା (ନଂ.୧୫/୨୩) ରୁଜୁ କରିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଛାତ୍ରୀଙ୍କୁ ଶିକ୍ଷୟିତ୍ରୀଙ୍କ ଜାତିଆଣ ଆକ୍ଷେପ ଅଭିଯୋଗ

ସମ୍ବଲପୁର,୧୯।୧(ପ୍ରମୋଦ ବହିଦାର): ଶାସନ ଥାନା ଅଞ୍ଚଳର ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢୁଥିବା ଛାତ୍ରୀ ସୁହାନୀ ଗର୍ଡିଆଙ୍କୁ ସେହି ସ୍କୁଲର ଜଣେ ଶିକ୍ଷୟିତ୍ରୀ ଜାତିଆଣ ଆକ୍ଷେପ କରିଥିବା ନେଇ ଛାତ୍ରୀଙ୍କ ଆଈ ଅହଲ୍ୟା ଗର୍ଡିଆ ଶୁକ୍ରବାର ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କଠାରେ ଅଭିଯୋଗ କରିଛନ୍ତି। ଅହଲ୍ୟାଙ୍କ ଅଭିଯୋଗ ଅନୁସାରେ ଗତ ୧୩ ତାରିଖରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବଣଭୋଜି ହୋଇଥିଲା। ସୁହାନୀ ଗଣ୍ଡା ଜାତିର ହୋଇଥିବା ବେଳେ ତାଙ୍କ ସହ ଅନ୍ୟ କେତେଜଣ ଘାସି ଜାତିର ଛାତ୍ରୀଛାତ୍ର ମଧ୍ୟ ବଣଭୋଜିରେ ସାମିଲ ହୋଇଥିଲେ। ହେଲେ ସମସ୍ତଙ୍କ ସହ ନ ବସାଇ ସୁହାନୀ ଓ ଘାସିଜାତିର ଛାତ୍ରୀଛାତ୍ରଙ୍କୁ ଅନ୍ୟତ୍ର ଖାଇବାକୁ ଦିଆଗଲା। ଫଳରେ ସୁହାନୀ ଓ ଅନ୍ୟ ଛାତ୍ରୀଛାତ୍ର ଅପମାନ ବୋଧ କରି ଘରକୁ ଆସି ଏ ବିଷୟରେ ପରିବାର ଲୋକଙ୍କୁ ଜଣାଇଥିଲେ। ସୁହାନୀଙ୍କ ଆଈ ଅହଲ୍ୟା ପରଦିନ ସ୍କୁଲକୁ ଯାଇ ପ୍ରଧାନ ଶିକ୍ଷକଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ପ୍ରଧାନଶିକ୍ଷକ ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତା ଏକ ବୈଠକ ଡାକି ଅହଲ୍ୟା ଓ ସୁହାନୀଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ। ମାତ୍ର କମିଟି ସଦସ୍ୟ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ତାଗିଦ ବା ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଉଭୟଙ୍କୁ ପୁଣି ଜାତିଆଣ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଫଳରେ ସେ ଅପମାନିତ ହୋଇ ସେଠାରୁ ଚାଲିଆସିଥିଲେ ବୋଲି ଅହଲ୍ୟା ଅଭିଯୋଗ କରିଛନ୍ତି। ଏ ନେଇ ସେ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରସ୍ଥ ହୋଇ ଘଟଣାର ନିରପେକ୍ଷ ତଦନ୍ତ ପୂର୍ବକ ଦୋଷୀଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଛାତ୍ରୀ ସୁହାନୀ ପିଲାଟି ଦିନରୁ ତାଙ୍କ ମା'ଙ୍କୁ ହରାଇଛନ୍ତି ଓ ବାପା ବାହାରେ କାର୍ଯ୍ୟ କରୁଥିବାରୁ ସେ ଆଈଙ୍କ ନିକଟରେ ରହି ପାଠ ପଢୁଛନ୍ତି।



ସମ୍ବଲପୁର ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦ୍ୱି-ଦିବସୀୟ ଆଲୋଚନାଚକ୍ରରେ ଅତିଥିମାନେ।

## ଜିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଲୋଚନାଚକ୍ର

ସମ୍ବଲପୁର,୧୯।୧(ବି.ଶଙ୍କର)

ସମ୍ବଲପୁର ଗଙ୍ଗାଧର ମେହେର (ଜିଏମ୍) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦ୍ୱି-ଦିବସୀୟ ଆଲୋଚନା ଚକ୍ର ସମାପନ ହୋଇଯାଇଛି। ଅଧ୍ୟକ୍ଷ ସୁଶାନ୍ତ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସହକାରୀ ଅଧ୍ୟାପକ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଓ ସହକାରୀ ଅଧ୍ୟାପିକା ଡ. ସଙ୍ଗୀତା ନାୟକ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ପରୀକ୍ଷିତ ପାଣିଗ୍ରାହୀଙ୍କ ଦ୍ୱାରା ଜଗନ୍ନାଥ ସଂସ୍କୃତି ଆଧାରିତ ନିବନ୍ଧ ଉପସ୍ଥାପନା କରାଯାଇଥିଲା। ହିନ୍ଦୀ ଅଧ୍ୟାପିକା ଡ. ରଶ୍ମିରେଖା ଜେନା ଆଲୋଚନା ଚକ୍ର ସଞ୍ଚାଳନ କରିଥିବାବେଳେ ଓଡ଼ିଆ ଅଧ୍ୟାପିକା ଲଳିତା କେଶ୍ରାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ସମ୍ପର୍କରେ ଅବଗତ ହୋଇଥିଲେ । ଶେଷରେ ସଂସ୍କୃତ ଅଧ୍ୟାପକ ଗୌରଙ୍ଗ କହଁର ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଚ୍ଚ ବିଦ୍ୟାଳୟରେ ସୃଜନଶୀଳତା ମହୋତ୍ସବ



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

ଜମନକିରା,୧୯।୧(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ଭାତପୁରା ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ଓସେପା ଓ ମୋ ସ୍କୁଲ ଅଭିଯାନ ପକ୍ଷରୁ ଛାତ୍ରୀଛାତ୍ରଙ୍କ ସୃଜନଶୀଳତା କଳାର ଏକ ଦିବସୀୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୋଟ ୬ଗୋଟି ବିଭାଗରେ ୧୩୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ରତନ ଲାଲ ସିଂଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ମୁଖ୍ୟବକ୍ତା ଭାବରେ ପ୍ରକୃତି ବନ୍ଧୁ ସରୋଜ ମେହେର ଯୋଗ ଦେଇ ସୃଜନଶୀଳତା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

## ଆର୍‌ଡିସିଙ୍କୁ ଦାବିପତ୍ର, କାର୍ଯ୍ୟାଳୟ ଘେରାଉ

**କେଉଟ, କୈବର୍ତ୍ତ, ଧିବରଙ୍କୁ ଅନୁସୂଚିତ ଜାତି ତାଲିକାରୁ ବାଦ୍ ଦାବି**

ସମ୍ବଲପୁର,୧୯।୧ (ଭବାନୀ ଶଙ୍କର ଭୋଇ)

ଭାରତୀୟ ସମ୍ବିଧାନରେ ଅନୁସୂଚିତ ଜାତିର ଲୋକଙ୍କୁ ମୁଖ୍ୟ ଧାରାକୁ ଆଣିବାକୁ ସଂରକ୍ଷଣ ବ୍ୟବସ୍ଥା ରହିଛି। ତେବେ ଧାରା–୩୪୧ର ଦୁରୁପଯୋଗ କରି କିଛି ଅନ୍ୟ ଜାତିର ଲୋକ ସବୁ ସୁବିଧା ହାତେଇ ନେଉଥିବା ଅଭିଯୋଗ ହେଉଛି। ଏ ନେଇ ଶୁକ୍ରବାର ନିଖିଳ ଓଡିଶା କେଉଟ, କୈବର୍ତ୍ତ ଓ ଧିବର ହଟାଓ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉତ୍ତରାଞ୍ଚଳ ଆର୍‌ଡିସିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇ ଦାବିପତ୍ର ପ୍ରଦାନ କରାଯାଇଛି। କମିଟି କର୍ମକର୍ତ୍ତା ଜେଲ ଛକରୁ ଏକ ପଟୁଆରରେ ଆର୍‌ଡିସିଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ଧାରଣା ଦେଇଥିଲେ। କମିଟିକର୍ମକର୍ତ୍ତାଙ୍କ ଅଭିଯୋଗ ଅନୁସାରେ, ଦେୱାର ଜାତି ଓଡ଼ିଶାର ନୁହେଁ। ସେଥିପାଇଁ ଅନୁସୂଚିତ ଜାତି ତାଲିକାର କ୍ରମିକ ସଂଖ୍ୟା ୨୪ରୁ ଦେୱାର ଜାତିକୁ ବାଦ ଦିଆଯିବାକୁ ଦାବି କରାଯାଇଛି। ଓଡ଼ିଶାରେ କେଉଟ, କୈବର୍ତ୍ତ ଓ ଧୀବର ଜାତିର ଲୋକମାନେ ଅନୁସୂଚିତ ଜାତିର ଅଧିକାରକୁ ହାସଲ କରି ସବୁ ସରକାରୀ ସୁବିଧା ସୁଯୋଗ ହାତେଇ ନେଉଥିବା କମିଟି ଆବାହକ ଡିଙ୍ଗର କୁମ୍ଭାର ଅଭିଯୋଗ କରିଛନ୍ତି। ଏପରି କି ୧୯୮୧ ମସିହାରୁ ଏହି ଜାତିର ଲୋକେ ଅନୁସୂଚିତ ଜାତି ସଂରକ୍ଷଣ ସୁବିଧା ହାସଲ କରିଆସୁଥିବା କମିଟି ଅଭିଯୋଗ କରିଛି। ଓଡିଶା ସରକାରଙ୍କ ଚିଠି ସଂଖ୍ୟା ୧୦୬୧୪/୧୯।୦୫।୨୦୧୮ ଅନୁଯାୟୀ ରାଜ୍ୟର ତିନୋଟି ରାଜସ୍ୱ କମିଶନ ଏବଂ ରାଜ୍ୟ ନିର୍ବାଚନ କମିଶନଙ୍କୁ ଚିଠି କରି ଏ ନେଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାର ରିପୋର୍ଟ ଏଯାଏ ଦାଖଲ କରାଯାଇ ନ ଥିବା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ପରିପ୍ରେକ୍ଷୀରେ କମିଟି ପକ୍ଷରୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଆର୍‌ଡିସିଙ୍କ ଅନୁପସ୍ଥିତିରେ ତାଙ୍କ ସଚିବ ସୁକାନ୍ତ ତ୍ରିପାଠୀ ଦାବିପତ୍ର ଗ୍ରହଣ କରି ୭ଦିନ ଭିତରେ କ'ଣ ପଦକ୍ଷେପ ନିଆଯାଇଛି ସେ ବିଷୟରେ କମିଟିକୁ ଜଣାଇବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଲଙ୍କେଶ ରାବଣ, ଡ. ଶ୍ରୀହରି ନାଗ, ଦିଲିପ ସିଂହ, ଧୀରଜ ସିଂହ, ଆୟୁଶ ହରିପାଳ, ବିଶ୍ୱ ବିହାରୀ ନିଖଣ୍ଡି, ସୁଶାନ୍ତ ବୁଡା, ଈଶ୍ୱର ରୋହିଦାସ, କଳ୍ପନା ନାଏକ, ଜୟନ୍ତି ଛୁରିଆ, ପ୍ରେମଶିଳା ଛୁରିଆ, ଜୟନ୍ତି ତାଣ୍ଡି ପ୍ରମୁଖ ସାମିଲ ହୋଇଥିଲେ।



କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଧାରଣା ଦିଆଯାଇଛି।

## ସଂକ୍ଷେପରେ

### ସ୍ୱାମୀଙ୍କ କାଠଫାଳିଆ ମାଡ଼ରେ ସ୍ତ୍ରୀ ମୃତ ଘଟଣା: ସ୍ୱାମୀ କୋର୍ଟ ଚାଲାଣ

**ଖଡ଼ିଆଳ,୧୯।୧(ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ଥାନା ଅନ୍ତର୍ଗତ ବଡମୂଲା ଗ୍ରାମଠାରେ ସ୍ୱାମୀ ଅଚ୍ୟୁତ ଠେଲା(୪୫)ଙ୍କ କାଠ ଫାଳିଆ ମାଡ଼ରେ ସ୍ତ୍ରୀ କୁନ୍ତୀ ଠେଲା(୪୩)ଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଖଡିଆଳ ପୋଲିସ ସ୍ୱାମୀ ଅଚ୍ୟୁତ୍‌ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ସ୍ୱାମୀ ଅଚ୍ୟୁତ ଓ ସ୍ତ୍ରୀ କୁନ୍ତୀଙ୍କ ମଧ୍ୟରେ ପରିବାରିକ କଳହକୁ ନେଇ ଝଗଡା ହୋଇଆସୁଥିଲା। ଗୁରୁବାର ରାତିରେ ଅଚ୍ୟୁତ୍ କାଠ ଫାଳିଆରେ ମାଡ ମାରିବାରୁ ସ୍ତ୍ରୀ କୁନ୍ତୀଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ମୃତକଙ୍କ ଭାଇ ଖଗେଶ୍ୱର ବନଛୋର ମୋ ଭଉଣୀଙ୍କୁ ଭିଣୋଇ ହତ୍ୟା କରିଥିବା ଲିଖିତ ଅଭିଯୋଗ କରିଥିଲେ। ଅଚ୍ୟୁତ୍‌ଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଥିବା ବେଳ ଶୁକ୍ରବାର ସ୍ତ୍ରୀ ହତ୍ୟା ଅଭିଯୋଗରେ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ପ୍ରଦୀପ ଧରୁଆ ପ୍ରକାଶ କରିଛନ୍ତି।

### ଓଡ଼ିଶା ଭାଷା ସାହିତ୍ୟ ସମ୍ମିଳନୀ

**ଖଡ଼ିଆଳ,୧୯।୧(ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର ମଧ୍ୟରେ ପ୍ରଥମ ଓଡ଼ିଶା ଭାଷା ସାହିତ୍ୟ ସମ୍ମିଳନୀ ସହ ଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାର ଅନୁଷ୍ଠିତ ହୋଇଯାଇଛି। କଲେଜ୍ ଅଧ୍ୟକ୍ଷା ସସ୍ମିତା ପ୍ରଭା ସାମଲ ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପିକା କଳ୍ପସ୍ରୀ ଆଚାର୍ଯ୍ୟ, ଚେତନା ନାଏକ, ମମତା ସାହୁ, ଇପଶିତା ହୋତା, ଜ୍ୟୋସ୍ନା ସାହୁ, ସୁଜିତ କୁମାର ପାତ୍ର, ଗୀରିସୂତା ଛତ୍ରିଆ, ପନଙ୍ଗ ସିଂ ନିନା, ଲିଲି ସାହୁ, ସୁବର୍ଣିନି ସେଠୀ, ଜ୍ୟୋସ୍ନା ସେଠୀ, ଚକ୍ରଧର ଭୋଇ, ଟଙ୍କଧର ଭରାଶଗ୍ରିଆ ପ୍ରମୁଖ ଯୋଗ ଦେଇଥିଲେ। ଭାଷାର ସୁରକ୍ଷା ହେଲେ ସମାଜ ବିକଶିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ।

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ନୂଆପଡ଼ା,୧୯।୧(ମକାରୁ ବେମାଲ)**

ନୂଆପଡା ଜିଲା କୋମନା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଲାଲ ଆଶୁତୋଷ ଦାସଙ୍କ ସଭାପତିତ୍ୱରେ ଉଦଘାଟନୀରେ ଅବସରପ୍ରାପ୍ତ ଅର୍ଥନୀତି ବିଜ୍ଞାନ ଅଧ୍ୟାପକ ସଂକିର୍ତ୍ତନ ମିଶ୍ର ମୁଖ୍ୟଅତିଥି, ପୂର୍ବତନ ଅଧ୍ୟକ୍ଷ ଶେଷଦେବ ନାୟକ, ମାୟାଧର ସରାଫ, ଅଧ୍ୟାପିକା ପ୍ରୀତିବନ୍ୟା ପାଢୀ, ଖେଳ ଶିକ୍ଷକ ଶଙ୍କର ପ୍ରସାଦ ବୈଠାରୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜାନୁଆରୀ ୧୬ ରୁ ୩୦ ପର୍ଯ୍ୟନ୍ତ ୧୭୨ଜଣ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ତାଲିମ ଦିଆଯିବ। ସରସ୍ୱତୀ ଶବର ଓ ଧନେଶ୍ୱରୀ କେଉଁଟ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିବେ। କାର୍ଯ୍ୟକ୍ରମରେ ଓଡିଆ ବିଭାଗ ଅଧ୍ୟାପକ ଡ.ଦୀପକ କୁମାର ଦାସ ପରିଚାଳନା କରିଥିଲେ।

# କଳାହାଣ୍ଡି ଜିଲାରେ ୪୭.୨୮% ଦାରିଦ୍ର୍ୟ

**ଭବାନୀପାଟଣା,୧୯।୧(ଉତ୍ତମ କୁମାର ଦାଶ)**

**ନୀତି ଆୟୋଗର ତଥ୍ୟ**

**■୩୯.୭% ଶିଶୁ ପୁଷ୍ଟିହୀନତାର ଶିକାର**




ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କଳାହାଣ୍ଡି ଜିଲାର ବିକାଶ ପାଇଁ ଅନେକ ଯୋଜନା କରୁଛନ୍ତି। ସବୁ ଯୋଜନାର ମୂଳ ଲକ୍ଷ୍ୟ ଜିଲାବାସୀଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା। ହେଲେ ଯେତିକି ବିକାଶ ହେବା କଥା ଆଜି ବି ହୋଇ ପାରି ନ ଥିବା ନୀତି ଆୟୋଗର ୨୦୨୧ ତଥ୍ୟରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ଏଥିରେ କଳାହାଣ୍ଡି ଜିଲାର ଦାରିଦ୍ର ସୂଚକାଙ୍କ ୪୭.୨୮% ଦର୍ଶାଯାଇଛି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ୧୯୯୨ ବିପିଏଲ୍ ଜନଗଣନା ଅନୁଯାୟୀ କଳାହାଣ୍ଡି ଜିଲାରେ ୮୫.୭୭% ପରିବାର ଦାରିଦ୍ର ସୀମାରେଖା ତଳେ ଥିଲେ। ୧୯୯୭ରେ ଏହା ହ୍ରାସ ପାଇ ୭୨.୭୧%ରେ ପହଞ୍ଚିଥିଲା। ନୀତି ଆୟୋଗର ୨୦୨୧ ରିପୋର୍ଟ ଅନୁଯାୟୀ ବିଭିନ୍ନ ଦିଗରୁ ଦାରିଦ୍ର ସୂଚକାଙ୍କରେ ନବରଙ୍ଗପୁର ଜିଲା ୫୯.୩୨%, ମାଲକାନଗିରି ୫୮.୭୧%, କୋରାପୁଟ ୫୧.୧୪%, ରାୟଗଡା ୪୮.୧୪%, କଳାହାଣ୍ଡି ୪୭.୨୮%, ମୟୂରଭଞ୍ଜ ୪୪.୯%, କନ୍ଧମାଳ ୪୪.୭୫% ଓ କେନ୍ଦୁଝର ଜିଲା ଖଣିଜ ସମ୍ପଦରେ ଭରପୂର ଥାଇ ମଧ୍ୟ ୪୧.୭୮% ରହିଛି। କଳାହାଣ୍ଡି ଜିଲା ଆକାଂକ୍ଷୀ ଜିଲାରେ ସାମିଲ ହୋଇଥିଲେ ମଧ୍ୟ ୩୯.୭% ଶିଶୁ ପୁଷ୍ଟିହୀନତାର ଶିକାର ହୋଇଛନ୍ତି। ଜିଲାର ତିନି ଚତୁର୍ଥାଂଶ ଲୋକ କୃଷି ଉପରେ ନିର୍ଭର କରୁଥିବା ବେଳେ ଦାଦନ ସମସ୍ୟା ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। କୃଷି ଦ୍ୱାରା ପର୍ଯ୍ୟାପ୍ତ ରୋଜଗାର ଓ ସୁଯୋଗ ମିଳିପାରୁ ନ ଥିବା ଯୋଗୁ ବହୁମାତ୍ରାରେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି।

# ଭଙ୍ଗାଘରେ ବିତୁଛି ବିଧବା ମା', ଝିଅଙ୍କ ଜୀବନ



ଭଙ୍ଗା ଘର ସମ୍ମୁଖରେ ବିଧବା ମା'ଙ୍କ ସହ ଝିଅ ।

**ବେହେରା,୧୯।୧(ଭୂପେଶ ତିୱାରୀ)**

**ବିଧବା ଭତ୍ତା, ଆବାସ ଗୃହରୁ ବଞ୍ଚିତ**

ସରକାର ଗରିବ ଅସହାୟ ମାନଙ୍କ ପାଇଁ ଯୋଜନା ପରେ ଯୋଜନା ମାନ ପ୍ରଣୟନ କରିଛନ୍ତି। ହେଲେ ତାହାର ସୁଫଳ ଲୋକଙ୍କ ପାଖରେ ପହଞ୍ଚି ପାରୁନି। କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଛଣାଣବାହାଲି ଗ୍ରାମପଞ୍ଚାୟତ ବେହେରାଗୁଡା ଗ୍ରାମରେ ଏହାର ଜ୍ୱଳନ୍ତ ଉଦାହାରଣ ଦେଖିବାକୁ ମିଳିଛି। ଗ୍ରାମର ନିଳେନ୍ଦ୍ରୀ ପରାଭୋଇଙ୍କ ସ୍ୱାମୀ ଜୟସିଂହ ପରାଭୋଇ ଏକ ବର୍ଷ ତଳେ ପରଲୋକ ଘଟିଥିବାବେଳେ ଘରେ ଗୋଟିଏ ଝିଅକୁ ନେଇ ନିଳେନ୍ଦ୍ରୀଙ୍କ ପରିବାର। ରୋଜଗାରକ୍ଷମ ସ୍ୱାମୀଙ୍କ ମୃତ୍ୟୁପରେ ବେସାହାରା ହୋଇପଡିଛନ୍ତି ନିଳେନ୍ଦ୍ରୀ। ଓଳିଏ ଖାଇଲେ ଓଳିଏ ଉପବାସରେ ରହୁଛନ୍ତି। କେବଳ ମାସକୁ ମିଳୁଥିବା ୩୫ କିଲୋ ପିଡିଏସ ଚାଉଳରେ ବହୁକଷ୍ଟରେ ଦିନ ଅତିବାହିତ କରୁଛନ୍ତି। ଏପରିସ୍ଥଳରେ ଭତ୍ତା ପାଇଁ ବର୍ଷେ ହେଲା ଦଉଡୁଛନ୍ତି ଯେ କେହି ଶୁଣୁ ନାହାନ୍ତି ବୋଲି କହିଛନ୍ତି ନିଳେନ୍ଦ୍ରୀ। ଆବାସ ଯୋଜନାରେ ଘର ଖଣ୍ଡିଏବି ମିଳିପାରୁନି। ଏକ ଭଙ୍ଗା ଖଟିମାଟି ଘରେ ବିପଦଶଙ୍କୁଳ ଅବସ୍ଥାରେ ବାସ କରୁଛନ୍ତି ପରିବାର। ବାରମ୍ବାର ପଞ୍ଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ଆବେଦନ କରୁଥିଲେ ବି କେହି ତାଙ୍କ ଦୁଃଖ ବୁଝୁ ନ ଥିବା ସେ କହିଛନ୍ତି। ପଞ୍ଚାୟତରେ ସ୍ୱଚ୍ଛଳବର୍ଗର ଲୋକମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନାରେ ଘର ପାଇଥିବାବେଳେ ଏହି ଗରିବ ଅସହାୟ ପରିବାରଟି ପ୍ରତି କାହାରି ଦୃଷ୍ଟି ପଡିନି। ଜିଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ନିଳେନ୍ଦ୍ରୀଙ୍କୁ ବିଧବା ଭତ୍ତା ଓ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନଠାରେ ଦାବି କରିଛନ୍ତି। ଏ ସମ୍ପର୍କରେ ଧର୍ମଗଡ଼ ବିଡିଓ ହିମାଞ୍ଚଳ ମାଝିଙ୍କୁ ପଚାରିବାରୁ ଏହାର ତଦନ୍ତ କରି ଅତିଶୀଘ୍ର ଉପଯୁକ୍ତ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ




ସଡ଼କ ସୁରକ୍ଷା ପାଇଁ ସଚେତନ କରାଯାଉଛି।

**ନୂଆପଡ଼ା,୧୯।୧(ମକାରୁ ବେମାଲ)**

ନୂଆପଡା ଜିଲା ଖରିଆର ରୋଡ ଓ ନୂଆପଡା ସଦର ମହକୁମାଠାରେ ଶୁକ୍ରବାର ନେହେରୁ ଯୁବ କେନ୍ଦ୍ର ନୂଆପଡା ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର ଏମଟିଏସ ମୁକେଶ ପାଣ୍ଡେଙ୍କ ତ୍ୱତାବଧାନରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କୁ ନେଇ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ନୂଆପଡା ସଦର ମହକୁମାସ୍ଥିତ ଏକତା ଛକଠାରେ ଓ ଖରିଆର ରୋଡ ଆମସେନା ଛକଠାରେ ସଡକ ସୁରକ୍ଷା ଉପରେ ବିଭିନ୍ନ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଥିଲେ। ଜୋଙ୍କ ଥାନା ଅଧିକାରୀ ଗୁରୁଦେବ କର୍ମୀଙ୍କ ନେତୃତ୍ୱରେ ଖରିଆର ରୋଡ ଆମ ସେନା ଛକଠାରେ ଗାଡିମୋଟର ଅଟକାଇ ସଡକ ସୁରକ୍ଷା ଉପରେ ସଚେତନ କରିଥିଲେ। ଦୁଇ ଚକିଆ ଗାଡି ଚଳାଇବା ସମୟରେ ହେମମେଣ୍ଟ ବ୍ୟାବହାର କରିବା, ମଦ ପାନ କରି ଗାଡି ଚଳାଇବା ନାହ, ଚାରି ଚକିଆ ଗାଡି ଚଲାଇବା ସମୟରେ ସିଟ ବେଲଟ ବ୍ୟାବହାର କରିବା, ଦ୍ରୁତଗତିରେ ଗାଡି ଚଳାଇବା ବିପଦ ବୋଲି ଲୋକଙ୍କୁ ସଚେତନ କରିଛନ୍ତି। ମଦ୍ୟପ ଚାଳକମାନଙ୍କ ଯୋଗୁ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ମଦ୍ୟପ ଚାଳକ ମାନଙ୍କ ଉପରେ ନଜର ରଖି ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରାଗଲେ ଦୁର୍ଘଟଣା ହ୍ରାସ ପାଇବ ବୋଲି ବୃଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ସେହିପରି ସଦର ମହକୁମାସ୍ଥିତ ଏକତା ଛକଠାରେ ସଦର ଥାନା ଅଧିକାରୀ ଦିଲୀପ ସାହୁଙ୍କ ନେତୃତ୍ୱରେ ନେହେରୁ ଯୁବ କେନ୍ଦ୍ର କର୍ମକର୍ତ୍ତା ସାମିଲ ହୋଇ ଯାନବାହନ ଅଟକାଇ ହେଲମେଣ୍ଟ ପିନ୍ଧିଥିବା ଚାଳକଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିବା ବେଳେ ହେଲମେଣ୍ଟ ପିନ୍ଧି ନ ଥିବା ଓ ସିଟବେଲଟ ବ୍ୟାବହାର କରି ନ ଥିବା ଚାଳକଙ୍କୁ ବ୍ୟାବହାର କରିବା ପାଇଁ ସଚେତନ କରିଥିଲେ। ଏହି ସମୟରେ ସ୍ୱେଚ୍ଛାସେବୀ ବିଶାଖା ଜଗହନ, ଭାରତୀ ଭୋଇ, କବିତା ଶବର, ଭଞ୍ଜ କିଶୋର ନାଏକ, ରାଧାକୃଷ୍ଣ କ୍ଲବ ବିରୋମାଲ ସଦସ୍ୟ ସଞ୍ଜୟ ତାଣ୍ଡି, କୁଇସଲ ବିଭାର, ରକ୍ତଦାତା ମହାସଂଘ ନୂଆପଡା ପବିତ୍ର ମହାନନ୍ଦ, ରାଣୀ ଲକ୍ଷ୍ମୀବାଇ ଯୁବତୀ ସଂଘ ଦର୍ଲିମୁଣ୍ଡା ଚୁମକି ଭୋଇ, ଟିଙ୍କିନା ଭୋଇ, ନିରାଶି ଭୋଇ, ଯାଜ୍ଞସିନି ମାଝି ପ୍ରମୁଖ ସହଯୋଗ କରିଥିଲେ।

### ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

**ରୁପ୍ରାରୋଡ୍,୧୯।୧(ସଞ୍ଜୀବ ଦାସ)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ରୁପ୍ରା ରୋଡ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶିଳତା ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଭୟ ଗଡ଼ତିଆଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ରୂପେ ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ଆଇନଜୀବୀ ସୁବାଷ ଅଗ୍ରୱାଲ, ଧୀରେନ୍ଦ୍ର ଖେତାନ, ସୁମିତ ଅଗ୍ରୱାଲ, ହେମନ୍ତ ଭୋଇ ସରପଞ୍ଚ ସମ୍ମାନିତ ଭାବେ ମଞ୍ଚାସୀନ ହୋଇଥିଲେ। ସ୍ଥାନୀୟ ଛାତ୍ରୀଛାତ୍ରମାନେ ସ୍ୱାଗତ ଗୀତ ପରିବେଷଣ କରିଥିଲେ। ଉତ୍ସବରେ ଜୀଜ୍ଞାସା କ୍ଲବ, ସାହିତ୍ୟ ସୃଜନୀ କ୍ଲବ, କୌଶଳୀ କ୍ଲବ ଓ କ୍ରୀଡାଙ୍ଗନା କ୍ଲବର ସ୍କୁଲ ଛାତ୍ରୀଛାତ୍ରମାନେ ବିଜ୍ଞାନ, ଭାଷାସାହିତ୍ୟ, କଳା ସଂସ୍କୃତି, ଏବଂ କମ୍ପ୍ୟୁଟର ଉପରେ ମୋଡେଲ ତିଆରି କରି ଅତିଥିମାନଙ୍କୁ ତାବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅଭିଭାବକ ଏବଂ ସ୍କୁଲ ପରିଚାଳନା କମିଟି ସମସ୍ତ ସଦସ୍ୟସଦସ୍ୟା ସହିତ ସ୍କୁଲ ପୁରାତନ ଛାତ୍ରୀଛାତ୍ର ବୃନ୍ଦ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଅହଲ୍ୟା ସାହୁ ପରିଚାଳନା କରି ଥିବାବେଳେ ଶିକ୍ଷକ ରାକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ରୀନା ମହାପାତ୍ର, ଶ୍ରୀଲେଖା ପଣ୍ଡା, ଶିକ୍ଷକ ସୁଦର୍ଶନ ବାରିକ, ସଞ୍ଜିବ ମହଲା, ଆକାଶ ନାଏକ, ସୁନୀଲ ମହାନନ୍ଦ, ସ୍ୱାଗତ ଚଉଧୁରି ଏବଂ ସ୍କୁଲ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ନୂତନ ଅଙ୍ଗନୱାଡି କେନ୍ଦ୍ର ଗୃହ ଉଦ୍‌ଘାଟିତ



ସରପଞ୍ଚ ନୂତନ ଗୃହ ଉଦ୍‌ଘାଟନ କରୁଛନ୍ତି।

**କର୍ଲାମୁଣ୍ଡା,୧୯।୧(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସ.ମାଲପଡା ପଞ୍ଚାୟତ ମାଲପଡାରେ ନବ ନିର୍ମିତ ଅଙ୍ଗନୱଡି କେନ୍ଦ୍ରଗୃହ ଗୁରୁବାର ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବରୁଣ ଛତ୍ରିଆ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇସିଡିଏସ କର୍ମୀ ପ୍ୟାରୀ ସୁନା, ୱାର୍ଡମେମ୍ବର ଧରଣୀ ସାହୁ, ବିମଳା ସାହୁ, ଲୀଳାବତୀ ସାହୁ, ଆଶା କର୍ମୀ ନମିତା ସାହୁ, ଶରତ ଚନ୍ଦ୍ର ସାହୁ, ବିକ୍ରମ ସାହୁ, ମାନଧାତା ସାହୁ, ମହେନ୍ଦ୍ର ସାହୁ, ଗଜପତି ସାହୁ, ଡମ୍ବରୁଧର ସାହୁ, ବାବୁଲାଲ ସାହୁ, ରୀନା ସାହୁ, ବିଦ୍ୟାଧର ସୁନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ମାଲପଡାଠାରେ ଦୀର୍ଘ ବର୍ଷ ହେଲା ଅଙ୍ଗନୱାଡି କେନ୍ଦ୍ର ଥିଲେ ମଧ୍ୟ ଗୃହ ନିର୍ମାଣ ହୋଇ ନ ଥିବାରୁ ଅନ୍ୟ ଏକ ବେସରକାରୀ ଘରେ କେନ୍ଦ୍ର ଚାଲୁଥିଲା। ଏବେ ନିଜସ୍ୱ ଘର ହେବା ପରେ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଗ୍ରାମବାସୀ ମହଲରେ ଉତ୍ସାହ ଖେଳିଯାଇଛି ।

# ଖଡ଼ିଆଳ ମହୋତ୍ସବ ଅଗ୍ରଗତି ନେଇ ଆଲୋଚନା

**ଖଡ଼ିଆଳ,୧୯।୧(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ମହୋତ୍ସବ-୨୦୨୪ ଚଳିତବର୍ଷ ଜାନୁଆରୀ ୨୯ରୁ ଫେବୃଆରୀ ୨ଯାଏଁ ୫ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଜୋରସୋରରେ ଆଗେଇ ଚାଲିଥିବା ମହୋତ୍ସବରେ ମହୋତ୍ସବ ପାଳନ ସବକମିଟିଗୁଡିକ ଅଗ୍ରଗତି ନେଇ ସ୍ଥାନୀୟ ଅଗ୍ରସେନ ଭବନଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଉପଦେଷ୍ଟା ଜଗବନ୍ଧୁ ବାରିକ, ସତୀଶ ପଟ୍ଟନାୟକ, ଉପ ସଭାପତି ସୁଶାନ୍ତ ତାଣ୍ଡି, ସମ୍ପାଦକ ସୁନୀଲ କୁମାର ସାହୁ ପ୍ରମୁଖ ମହୋତ୍ସବ ସୁରୁଖୁରୁରେ ପାଳନ କରିବା ପାଇଁ ଗଠିତ ବିଭିନ୍ନ ସବକମିଟିଗୁଡିକ ଅଗ୍ରଗତି ନେଇ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବର ତୃତୀୟ ଦିନରେ ସମ୍ବଲପୁରୀ ଆର୍କେଷ୍ଟ୍ରାରେ ସମ୍ବଲପୁରୀ ଗାୟକ ମଣ୍ଟୁ ଛୁରିଆଙ୍କ କାର୍ଯ୍ୟକ୍ରମ ଥିବା ବେଳେ ମହୋତ୍ସବ ଅନ୍ତିମ ଦିନରେ ଷ୍ଟାର ନାଇଟ କାର୍ଯ୍ୟକ୍ରମ ହେବ। ଏଥିରେ ବଲିଉଡର ଗାୟିକା କବିତା କ୍ରିଷ୍ଣାମୂର୍ତ୍ତି ଏବଂ ଗାୟକ ସୁରେଶ ୱାଡେକର ଯୋଗଦେବା କାର୍ଯ୍ୟକ୍ରମ ଥିବା ବେଳେ ଅନ୍ୟ ୩ଦିନ ସ୍ଥାନୀୟ ସ୍କୁଲ, କଲେଜରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦଳଗତ ନୃତ୍ୟ ସହ ରାଜ୍ୟ ତଥା ରାଜ୍ୟ ବାହାରର ସାଂସ୍କୃତିକ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ଡ଼. ସୁଶାନ୍ତ ବିଶି, ବିଭୁତି ବିଶି, ପିୟୁଷ ପଣ୍ଡା, ଅର୍ଥ କମିଟି ଆବାହକ ଅମରେଶ ପଟ୍ଟନାୟକ, ଜୟଶ୍ରୀ ଦଣ୍ଡସେନାଙ୍କ ସମେତ ଶତାଧିକ ସଂଖ୍ୟାରେ କର୍ମକର୍ତ୍ତା ଉପସ୍ଥିତଥିଲେ।

# ଆଲୋକ, ଶୌଚାଳୟ ବ୍ୟବସ୍ଥା ନାହିଁ

**ଅବ୍ୟବସ୍ଥାରେ ରିଷିଡ଼ା ବସ୍‌ଷ୍ଟାଣ୍ଡ**



**ରିଷିଡ଼ା,୧୯।୧(ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାଠାରେ ଥିବା ବସଷ୍ଟାଣ୍ଡ ଅବ୍ୟବସ୍ଥାରେ ରହିଛି। ବଲାଙ୍ଗୀର, କଳାହାଣ୍ଡି ତଥା ଭୁବନେଶ୍ୱରରୁ ଅନେକ ଯାତ୍ରୀବାହୀ ବସ ରିଷିଡା ଦେଇ ଯାତାୟାତ କରେ। ଏଠାରେ ଏକାଧିକ ବସ ରାତ୍ରି ଯାପନ ମଧ୍ୟ କରିଥାନ୍ତି । କିନ୍ତୁ ରିଷିଡା ବସଷ୍ଟାଣ୍ଡରେ ଅଳିଆ ଆବର୍ଜନା ପୁରି ରହିଛି। ସବୁଠାରୁ ବଡ଼ କଥା ହେଲା ମହିଳା ଯାତ୍ରୀମାନେ ବସରେ ଯାତାୟାତ କିମ୍ବା ବସଷ୍ଟାଣ୍ଡରେ ବସ ଅପେକ୍ଷା କରିରହିଥାନ୍ତି। ସେମାନଙ୍କ ପାଇଁ ଶୌଚାଳୟ ଟିଏ ମଧ୍ୟ ନାହିଁ। ଫଳରେ ଅନେକ ଯାତ୍ରୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ରିଷିଡାଠାରେ ସାପ୍ତାହିକ ଶନିବାର ଗୋଟିଏ ବଡ଼ ବଜାର ବସିଥାଏ।। ଏଥିପାଇଁ ଲୋକେ ଶୁକ୍ରବାର ରାତିରେ ଦୂରଦୂରାନ୍ତରୁ ଆସି ଏଠାରେ ରାତ୍ରି ଯାପନ କରିଥାନ୍ତି। ଦୁଃଖର ବିଷୟ ଯେ ବସଷ୍ଟାଣ୍ଡରେ ଉଜ୍ୱଳ ଆଲୋକ ବ୍ୟବସ୍ଥା ନ ଥିବାରୁ ଲୋକେ ହଇରାଣ ହୋଇଥାନ୍ତି। ଏ ସମ୍ବନ୍ଧରେ ପଞ୍ଚାୟତ ତଥା ପ୍ରଶାସନକୁ ଅନେକ ଥର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସମସ୍ୟା ସମାଧାନ ହୋଇ ପାରିନାହିଁ। ରିଷିଡା ବସଷ୍ଟାଣ୍ଡରେ ଗୋଟିଏ ଶୌଚାଳୟ ନିର୍ମାଣ କରିବା ସହିତ ବସଷ୍ଟାଣ୍ଡ ସଫା ସୁତୁରା ରଖିବା ଏବଂ ଉଜ୍ୱଳ ଆଲୋକ ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି।

**ସେମାନେ କହୁନ୍ତି...**



ରିଷିଡା ପଞ୍ଚାୟତସ୍ତରୀୟ ବସଷ୍ଟାଣ୍ଡରେ ଆନୁସଙ୍ଗିକ ବ୍ୟବସ୍ଥା କରା ନ ଗଲେ ଆଗାମୀ ଦିନରେ ଗଣ ଆନ୍ଦୋଳନ ହେବ।

**ସଞ୍ଜୟ କୁମାର ଜୈନା**



ଗମନାଗମନ ବ୍ୟବସ୍ଥା ସଭ୍ୟତାର ମାପକାଠି କୁହାଗଲେ ମଧ୍ୟ ରିଷିଡା ବସଷ୍ଟାଣ୍ଡରେ ଅବ୍ୟବସ୍ଥା ପଡ଼ିରହିଛି।

**ପ୍ରେମାନନ୍ଦ ପାତ୍ର**



ରିଷିଡା ବସଷ୍ଟାଣ୍ଡରେ ମୌଳିକ ସୁବିଧା ଯୋଗାଇ ଦିଆ ନ ଗଲେ ପଛୁଆ ଅଞ୍ଚଳର ଯାତ୍ରୀମାନେ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି।

**ପଦ୍ମକିଶୋର ପାତ୍ର**

# ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କଲେ ଛାତ୍ରୀଛାତ୍ର

**ଲାଞ୍ଜିଗଡ଼,୧୯।୧(ରମେଶ ଚନ୍ଦ୍ର ନାୟକ)**



ଲାଞ୍ଜିଗଡ ଉଚ୍ଚ ବିଦ୍ୟାଳୟରେ ଭାଷା ସମ୍ମିଳନୀରେ ଉପସ୍ଥିତ ଅତିଥି।

**ବିଭିନ୍ନ ସ୍କୁଲରେ ଭାଷା ସମ୍ମିଳନୀରେ ସାହିତ୍ୟ, ସୃଜନଶୀଳତା କାର୍ଯ୍ୟକ୍ରମ**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଉଚ୍ଚ ବିଦ୍ୟାଳୟଠାରେ ଭାଷା ସମ୍ମିଳନୀ ଅବସରରେ ବିଦ୍ୟାଳୟସ୍ତରୀୟ ସାହିତ୍ୟ ଓ ସୃଜନଶୀଳତାର କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜମ୍ମେଶ୍ୱର ମାଝିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ମୁଖ୍ୟବକ୍ତା ଭାବେ ସ୍କୁଲ ପୂର୍ବତନ ପ୍ରଧାନ ଶିକ୍ଷକ କାମରାଜ ଦଳବେହେରା, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂଦେଓ, ଚନ୍ଦ୍ରଚୂଡ଼ ମହାଖୁଡ ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମ ସ୍କୁଲ ଶିକ୍ଷକ ବିନୋଦ ବାତ୍ରା ପରିଚାଳନା ଏବଂ ମହାଖୁଡ ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସମ୍ବଲପୁରୀ, କୁଇ, ସାନ୍ତାଳୀ ଦେଶିଆ ଭଳି ବିଭିନ୍ନ ଆଞ୍ଚଳିକ ଭାଷାରେ 'ମୋ କଥା ମୋ କାହାଣୀ' ନାମରେ ଏକ ପୁସ୍ତକ ରଚନା କରିବା ସହିତ ବିଦ୍ୟାଳୟ ମେଳାରେ ଏହାର ପ୍ରଦର୍ଶନ କରିଥିଲେ।

କୋକସରା,(ଦୁଷ୍ମନ୍ତ କୁମାର ପାଟଯୋଶୀ): କୋକସରା ସଦର ମହକୁମା ଜବାହର ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ବିଇଓ ରଶ୍ମିତା ନେତମ, ପ୍ରଧାନ ଶିକ୍ଷକ ଲଡୁଗାଁ ଉଚ୍ଚ ବିଦ୍ୟାଳୟ ଅଶୋକ କୁମାର ଦାସ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ମିନିକେତନ ପ୍ରଧାନୀ, ଅସର ପ୍ରାପ୍ତ ଶିକ୍ଷକ ଜଗବନ୍ଧୁ ମାଝି, ଏସଏମଡିସି ସଦସ୍ୟ ତ୍ରିଭୁବନ ନାଏକ, ଆଲୁମିନା ସଦସ୍ୟ ପରମାନନ୍ଦ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉପରେ ନିଜର ଆଭିମୁଖ୍ୟ ଅତିଥିଙ୍କ ନିକଟରେ କହିଥିଲେ। ସୃଜନଶୀଳତା ଉପରେ ବିଭିନ୍ନ ପ୍ରକଳ୍ପ ମୋଡେଲ କରି ଛାତ୍ରୀଛାତ୍ରମାନେ ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମ ଉକ୍ତ ବିଦ୍ୟାଳୟର ବନିତା ରାଣି ଦତ୍ତ, ସୀମାରାଣୀ ସିଂ, ରଶ୍ମିତା ନିଆଲ, ଟଙ୍କ ଶବର, ତୁଳସିରାମ ଚଳାନ, ଦେବାଶିଷ ସାହୁ, ସୁନିଲ କୁମାର ବିଶୋଇ, ଅମିତ କୁମାର ମହାନ୍ତି ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିବା ବେଳେ ଶିକ୍ଷକ ହେମନ୍ତ କୁମାର ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

ବେହେରା,(ଭୂପେଶ ତିୱାରୀ): ଧର୍ମଗଡ଼ ବ୍ଲକ ବେହେରାସ୍ଥିତ ଦନ୍ତେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୁପେନ୍ଦ୍ର ବାଣୁଆଙ୍କ ଅଧ୍ୟକ୍ଷତାରେ ବେହେରା ସରପଞ୍ଚ କୁମୁଦିନୀ ଗଇଁତା ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ ମୁଖ୍ୟଅତିଥି, ଲଖୀରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାଜନୀତି ବିଜ୍ଞାନ ଅଧ୍ୟାପକ ମୋହନ ଚରଣ ବିଷି ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ଭକ୍ତଚରଣ ଭୋଇ, କାମେଶ୍ୱର ସିଂ, ରାମଚନ୍ଦ୍ର ରଣା, ପୁରାତନ ଛାତ୍ର ରଜତ ବଂଶଲ ପ୍ରମଖ ମଞ୍ଚାସୀନ ଥିଲେ। ଉତ୍ସବରେ ଜୀଜ୍ଞାସା, ସାହିତ୍ୟ ସୃଜନୀ, କୌଶଳୀ ଓ କ୍ରିଡାଙ୍ଗନା କ୍ଲବର ଛାତ୍ରୀଛାତ୍ରମାନେ ବିଜ୍ଞାନ, ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ କ୍ରିଡା ଉପରେ ମଡେଲ ତିଆରି କରି ଅତିଥିଙ୍କୁ ସେ ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ହିନ୍ଦୀ ଶିକ୍ଷକ ଚକ୍ରଧର ବାରିକ ପରିଚାଳନା କରିଥିବା ବେଳେ ଅନ୍ୟ ଶିକ୍ଷକମାନେ ସହଯୋଗ କରିଥିଲେ।

# ସହର ମଧ୍ୟରେ ଥିବା ରେଳ ଟିକେଟ ବୁକିଂ କାଉଣ୍ଟର ପୂର୍ବ ଭଳି ରହୁ

ସୋନପୁର,୧୯।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ପରିଷଦର ସ୍ୱତନ୍ତ୍ର ବୈଠକ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲାଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ପରିଷଦ ସିଇଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଠେଲା ଜିଲାର ବିକାଶ ପାଇଁ ସମସ୍ତ ଅଧିକାରୀ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ବୈଠକକୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ମେହେର ଗତ ସେପ୍ଟେମ୍ବର ୮ ତାରିଖରେ ଅନୁଷ୍ଠିତ ପରିଷଦ ବୈଠକର ବିବରଣୀ ପଠନ କରିଥିଲେ। ଆଲୋଚନା ପରେ ଗତ ବୈଠକର ବିବରଣୀକୁ ଦୃଢ଼ୀକରଣ କରାଯାଇଥିଲା। ଜିଲାର ବିକାଶ ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ ଓ ଅଧିକାରୀମାନେ ଏ ଦିଗରେ ଯତ୍ନବାନ ହେବା ସହ ସରକାରଙ୍କ ବିଭିନ୍ନ ଯୋଜନା ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ପିପୁଲ୍‌ସ ପ୍ଲାନ୍ କ୍ୟାମ୍ପେନ(ଲୋକ ଯୋଜନା ଅଭିଯାନ) ନିମନ୍ତେ ଏହି ସ୍ୱତନ୍ତ୍ର ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ୨୦୨୪-୨୫ ବର୍ଷ ପାଇଁ ଜିଲା ପଞ୍ଚାୟତ ଉନ୍ନୟନ ଯୋଜନା(ଡିପିଡିପି) ପ୍ରସ୍ତୁତି ସକାଶେ ବୈଠକରେ ବିଶଦ ଆଲୋଚନା ହୋଇଥିଲା। ଅଧ୍ୟକ୍ଷା ଠେଲା ତାଙ୍କ ବକ୍ତବ୍ୟରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଓ ପଞ୍ଚମ ରାଜ୍ୟ ଅର୍ଥ କମିଶନରୁ ଆବଣ୍ଟିତ ଅର୍ଥ ଖସଡାର ଉପଯୁକ୍ତ କାର୍ଯ୍ୟକାରିତା ଦ୍ୱାରା ଜିଲାର ବିକାଶ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ପଞ୍ଚଦଶ ଅର୍ଥ କମିଶନର ଆବଦ୍ଧ ପାଣ୍ଠିରୁ ୨, ୧୨, ୨୧, ୬୫୨ଟଙ୍କା ଓ ଅନାବଦ୍ଧ ପାଣ୍ଠିରୁ ୧,୪୭,୪୭,୭୬୦ଟଙ୍କା ଏବଂ ପଞ୍ଚମ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୧,୭୪,୮୫,୯୮୬ ଟଙ୍କାର ପ୍ରସ୍ତାବିତ କାର୍ଯ୍ୟ ପ୍ରକଳ୍ପଗୁଡ଼ିକୁ ଗୃହରେ ସର୍ବସମ୍ମତି କ୍ରମେ ପାରିତ କରା ଯାଇଥିଲା। ଜିଲା ପରିଷଦ ଏପିଡି(ପ୍ରଶିକ୍ଷଣ) ଶୈବାଳିନୀ ପଟ୍ଟନାୟକ ଲୋକ ଯୋଜନା କାର୍ଯ୍ୟକ୍ରମ ଗୁଡ଼ିକୁ ଅନ୍ୟ ବିଭାଗ ସହଯୋଗରେ କିଭଳି ପ୍ରଭାବୀ ଓ ଲୋକାଭିମୁଖୀ କରା ଯାଇପାରିବ ତାହାର ରୂପରେଖ ଉପରେ ଆଲୋଚନା କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର ଧାନ କ୍ରୟ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ଅନୁରୋଧ କରିଥିଲେ । ଜଟେସିଂହା ପଞ୍ଚାୟତର କିଛି ଗ୍ରାମକୁ ସବୁ ଦିନିଆ ରାସ୍ତା ନାହିଁ । ତୁରନ୍ତ ସେହି ରାସ୍ତାଗୁଡ଼ିକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ ଦାବି କରିଥିଲେ। ସେହିପରି ଜିଲା ପରିଷଦ କାର୍ଯ୍ୟାଳୟ ପରିସରରେ ପୂର୍ବରୁ କାର୍ଯ୍ୟକ୍ଷମ ଥିବା ରେଲୱେ ଟିକେଟ କାଉଣ୍ଟରକୁ ନୂଆ ରେଲୱେ ଷ୍ଟେଶନ ପରିସରକୁ ସ୍ଥାନାନ୍ତର ନ କରିବାକୁ ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା ଦାବି କରିଥିଲେ। ଅନ୍ୟପକ୍ଷେ ସୁବର୍ଣ୍ଣପୁର ପୌରାଞ୍ଚଳରେ ଓପିଟିସିଏଲର ବଡ ଟାୱାରଗୁଡ଼ିକ ରହିଛି। ଏହା ଜନବସତି ଅଞ୍ଚଳ ଦେଇ ଯାଇଛି । ସେଗୁଡ଼ିକୁ ସହର ବାହାରକୁ ସ୍ଥାନାନ୍ତର କରିବାକୁ ଓତା ଦାବି କରିଥିଲେ। କାର୍ଯ୍ୟାନୁଷ୍ଠାନ ପାଇଁ ଏହି ପ୍ରସ୍ତାବଗୁଡ଼ିକୁ ଉପରିସ୍ଥ ଅଧିକାରୀଙ୍କୁ ପଠାଯିବ ବୋଲି ସୂଚନା ଦିଆଯାଇଥିଲା। ପରେ ଯୋଗାଣ, ସ୍ୱାସ୍ଥ୍ୟ, ଶିକ୍ଷା ବିଭାଗ ଦ୍ୱାରା ଶିକ୍ଷକ ନିଯୁକ୍ତି, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାସ୍ତା, କୋଠାବାଡି ଓ ପୋଲ ନିର୍ମାଣ, କୃଷି ବିଭାଗ, ବନ ବିଭାଗ ଦ୍ୱାରା ସାମାଜିକ ବନୀକରଣ ଓ ପଥପାର୍ଶ୍ୱ ବନୀକରଣ, ତେଲ ଜଳସେଚନ, ମେଗା ଉଠା ଜଳସେଚନ, ଉଠା ଜଳସେଚନ, କ୍ଷୁଦ୍ର ଜଳସେଚନ ବିଭାଗର କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ଜିଲା ପରିଷଦ ସଭ୍ୟା ସଭ୍ୟ ଓ ଜିଲାସ୍ତରୀୟ ଅଧିକାରୀବୃନ୍ଦ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ସନତ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।


ଜିଲା ପରିଷଦ ବୈଠକରେ ଯୋଗ ଦେଇଥିବା ଜିଲା ପରିଷଦ ଅଧ୍ୟକ୍ଷା, ଅତିରିକ୍ତ ଜିଲାପାଳ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଅନ୍ୟମାନେ।

**ଲୋକ ଯୋଜନା ଅଭିଯାନ ପାଇଁ ସ୍ୱତନ୍ତ୍ର ଜିଲା ପରିଷଦ ବୈଠକ**

**■ ଓପିଟିସିଏଲ୍ ଟାୱାର ପୌରାଞ୍ଚଳରୁ ସ୍ଥାନାନ୍ତର କରାଯାଉ**

## ରାଜ୍ୟସ୍ତରୀୟ ପୁରନ୍ଦର ନାଟ ମହୋତ୍ସବ ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ଅତିଥି ବୃନ୍ଦ।

ସୋନପୁର,୧୯।୧(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁରର ନାଟ୍ୟ ପରମ୍ପରା ପ୍ରାଚୀନ**

ସୁବର୍ଣ୍ଣପୁରର ରୟାଲ ପଡିଆ ମୁକ୍ତମଞ୍ଚରେ ବିଶିଷ୍ଟ ବାଦ୍ୟକାର ତଥା କଳାକାର ପୁରନ୍ଦର ବାରିକଙ୍କ ସ୍ମୃତିରେ ପ୍ରଥମ ପୁରନ୍ଦର ନାଟ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ୨ଟି କୋସଲି - ସମ୍ବଲପୁରୀ ନାଟକ ମଞ୍ଚସ୍ଥ ହୋଇଥିବା ବେଳେ ତାହା ଦର୍ଶକଙ୍କ ଦ୍ୱାରା ପ୍ରଶଂସିତ ହୋଇଛି। କାରୁଣ୍ଡ କଳାମଞ୍ଚ ଭବାନୀପାଟଣାର 'ଝରକା' ଏବଂ ପଦ୍ମପୁରର ଲୁ ପକ୍ଷରୁ ପରିବେଷିତ 'ରଙ୍ଗଭୂମି' ନାଟକ ଭିନ୍ନ ଭିନ୍ନ ସାମାଜିକ ବାର୍ତ୍ତାକୁ ନେଇ ପରିପୃଷ୍ଟ ହୋଇ ଉଭୟ ନାଟକ ପ୍ରଦର୍ଶିତ ହୋଇଥିଲା। ନିର୍ଦ୍ଦେଶକ ପ୍ରଦୀପ ଡି. ମାଝୀଙ୍କ ନିର୍ଦ୍ଦେଶନାରେ ପରିବେଷିତ ନାଟକ ଝରକାରେ ମଣିଷ ପ୍ରଥମେ ନିଜେ ନିଜକୁ ଦେଖିବା ସହ ପ୍ରତିଟି ମୁହୂର୍ତ୍ତରେ ନିଜ ପରୀକ୍ଷାଗାରରେ ନିଜକୁ ପରଖିବା ଜରୁରୀ ବୋଲି ନାଟକ ଜରିଆରେ ପ୍ରଦର୍ଶିତ ହୋଇଛି। ମଣିଷ ଅନ୍ୟକୁ ଦେଖିବା ପୂର୍ବରୁ ନିଜର ବିବେକରୂପୀ ଝରକାକୁ ଦେଖିବା ଜରୁରୀ ବୋଲି ଏହି ନାଟକରେ ବାର୍ତ୍ତା ରହିଛି। ସେହିପରି, ପଦ୍ମପୁରର ମୂର୍ଦ୍ଧନ୍ୟ ନାଟ୍ୟସଂସ୍ଥା ଲୁ'ର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ଏବଂ ନିର୍ଦ୍ଦେଶକ ଜଗନ୍ନାଥ ସେଠଙ୍କ ନିର୍ଦ୍ଦେଶିତ ରଙ୍ଗଭୂମି ନାଟକରେ ମଣିଷର ମଣିଷପଣିଆ ଏବଂ ମଣିଷ ଭିତରେ ଥିବା ଦେବଗୁଣକୁ ଉଜ୍ଜୀବିତ ରଖି ସମାଜକୁ ସଂସ୍କାରିତ କରିବାକୁ ନାଟକର ମୁଖ୍ୟ ନାୟକ ସୁରେ ଚରିତ୍ର ମାଧ୍ୟମରେ ବାର୍ତ୍ତା ଦିଆ ଯାଇଥିଲା। ଏହି ନାଟ ମହୋତ୍ସବକୁ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଓ ଅଞ୍ଜଳିନା ପ୍ରଧାନ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବର୍ଷିୟାନ କଳାକାର ପୁରନ୍ଦର ବାରିକଙ୍କ ସ୍ମୃତିଚାରଣ ପୂର୍ବକ ସୁବର୍ଣ୍ଣପୁରର ନାଟ୍ୟ ପରମ୍ପରା ଖୁବ ପୁରୁଣା ଓ ବଳିଷ୍ଠ ବୋଲି ଉଭୟ କହିଥିଲେ। ଉଦ୍‌ଘାଟନୀ ପର୍ବରେ ନାଟକ ମହୋତ୍ସବର ମୁଖ୍ୟ ସଂଯୋଜକ ନାଟ୍ୟଶ୍ରୀ ଗଦାଧର ବାରିକ, ସମ୍ପାଦକ ଦିଲୀପ ପାତ୍ର, କୋଷାଧ୍ୟକ୍ଷ ନିଶାନ୍ତ ମହାନ୍ତି,ସ୍ୱର୍ଗତ ପୁରନ୍ଦର ବାରିକଙ୍କ ତିନି ପୁଅ ଆନନ୍ଦ ବାରିକ,ସାନନ୍ଦ ବାରିକ ଓ ଅରବିନ୍ଦ ବାରିକ ପ୍ରମୁଖ ସାମିଲ ହୋଇ ସ୍ୱର୍ଗତ ପୁରନ୍ଦର ବାରିକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପୁରନ୍ଦର ବାରିକ ସ୍ମୃତି କମିଟି ପକ୍ଷରୁ ଆରମ୍ଭ ହୋଇଥିବା ନାଟକ ମହୋତ୍ସବ ୩ ଦିନ ଧରି ଚାଲିବ।


ନାଟକ ଝରକାର ଏକ ଦୃଶ୍ୟ।

## ଦିଗୁନମାଲ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ

ଘଣ୍ଟାପଡ଼ା/ ଖୁଣ୍ଟିଗୋରା,୧୯।୧
(ପ୍ରଭାତ କୁମାର ସାହୁ/ ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଦିଗୁନମାଲ ଉଚ୍ଚ ବିଦ୍ୟାଳୟର ୨୫ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ସମାରୋହ ଗୁରୁବାର ବିଦ୍ୟାଳୟର ବିକାଶ ମଣ୍ଡପଠାରେ ଉଦ୍‌ଘାଟିତ ହୋଇଛି। ସ୍କୁଲ ପରିଚାଳନା କମିଟି ସଭାପତି ଶତ୍ରୁଘନ ସରଭଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କଣ୍ଟାମାଳ ବିଧାୟକ ମହୀଧର ରଣା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବରାଜ ସାହୁ ମୁଖ୍ୟବକ୍ତା ଓ ଉପଜିଲାପାଳ ବୌଦ୍ଧ ରବୀନ୍ଦ୍ରନାଥ କହଁର, ଜିଲାପରିଷଦ ସଭ୍ୟା ସୁମିତ୍ରା ସାହୁ, ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ, ପ୍ରତିଷ୍ଠାତା ସଦସ୍ୟ କରୁଣାକର ସାହୁ, ନୂଆପାଲି ହାଇସ୍କୁଲ ପ୍ରଧାନଶିକ୍ଷକ ଅନନ୍ତ କ୍ଷେତି, ଶିକ୍ଷାବିତ ନୀଳାଞ୍ଚଳ ଭୋଇ, ବିଦ୍ୟାଳୟ ପ୍ରଧାନଶିକ୍ଷକ ନେତ୍ର କର୍ମୀ, ଦିଗୁଣମାଲ ସରପଞ୍ଚ ଅଳକା ପ୍ରଧାନ, କୁଲୁତାଜୋର ସରପଞ୍ଚ ଟୁମୁକି ଭୋଇ, ଅମ୍ବଗାଁ ସରପଞ୍ଚ ପ୍ରତିମା ରଣା, ଖୁଣ୍ଟିଗୋରା ସରପଞ୍ଚ ସୁନିତା ମାଝି, ଘଣ୍ଟାପଡଳ ସରପଞ୍ଚ ରିତା କହଁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ନେତ୍ର କର୍ମୀ ପ୍ରାରମ୍ଭିକ ଅଭିଭାଷଣ, ସହକାରୀ ଶିକ୍ଷକ ଶିବାନନ୍ଦ ମହାନ୍ତି ବାର୍ଷିକ ବିବରଣୀ ପାଠ ଓ ପ୍ରେମରାଜ ରଣା ସଭା ପରିଚାଳନା କରିଥିଲେ। ପ୍ରାରମ୍ଭରେ ସ୍କୁଲ ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଓ ଉଚ୍ଚ ପଦପଦବୀରେ ଥିବା ବିଦ୍ୟାଳୟର ପୁରାତନ ମେଧାବୀ ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଛି। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଓଡ଼ିଆ ଭାଷାର ପ୍ରସାର ପାଇଁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ଅମରପାଲି,୧୯।୧(ପୀତାମ୍ବର ସାହୁ)

**ଅମରପାଲି ହାଇସ୍କୁଲରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ**

ଭାଷା ଭିତ୍ତିରେ ରାଜ୍ୟ ଗଠନ କରିବାରେ ଓଡିଶା ପ୍ରଥମ। ଭାଷା ବଞ୍ଚିଲେ ଆମେ ବଞ୍ଚିବା। ସମଗ୍ର ବିଶ୍ୱରେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ପ୍ରତ୍ୟେକ ଓଡ଼ିଆ ସଂକଳ୍ପବଦ୍ଧ ହୁଅନ୍ତୁ। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଫଳରେ ପ୍ରତ୍ୟେକ ଛାତ୍ରୀଛାତ୍ର ସେମାନଙ୍କ ପ୍ରତିଭାକୁ ପ୍ରଦର୍ଶିତ କରିବାକୁ ସମର୍ଥ ହେବେ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲରେ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ମଞ୍ଚାସୀନ ଅତିଥି ମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର କଲେଜର ଇତିହାସ ବିଭାଗର ମୁଖ୍ୟ ଡ.ହିମାଂଶୁ ପାଢ଼ୀ ମୁଖ୍ୟଅତିଥି ଏବଂ ସ୍ଥାନୀୟ ସରପଞ୍ଚ ନିରୁପମା ସେଠୀ, ସମିତିସଭ୍ୟା ସୁଗନ୍ଧା ଘିବିଲା,ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଉପରେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ସମ୍ବିତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶ୍ୟାମ ସୁନ୍ଦର ସେଠୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବ୍ରହ୍ମାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସାହିତ୍ୟ ସୃଜନୀର ମୋ କଥା ମୋ କାହାଣୀ ପୁସ୍ତକ ପ୍ରଦର୍ଶନୀ,ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ, ଗଳ୍ପ କଥନ, କବିତା ଆବୃତ୍ତି,ପୁସ୍ତକ ସମୀକ୍ଷା,ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଋଷିକୁଲ୍ୟା ( ଜିଜ୍ଞାସା) ଗ୍ରୁପକୁ ହାଉସ ଅଫ ଦି ଇୟର ଭାବେ ପୁରସ୍କୃତ କରାଯାଇଥିଲା। ପଦ୍ମନାଭ ପ୍ରଧାନ ପୁରସ୍କାର ବିତରଣ ଉତ୍ସବରେ ଛାତ୍ରୀଛାତ୍ରଙ୍କ ନାମ ଘୋଷଣା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଯୁବକ ଗିରଫ, ସଖୀରେ ରହିଲେ ନାବାଳିକା

**ନଦୀଗର୍ଭ ବାଲିପଠାରୁ ନାବାଳିକା ଉଦ୍ଧାର ଘଟଣା**

ସୋନପୁର,୧୯।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ମହାନଦୀ ସେତୁ ନିକଟସ୍ଥ ଟାୱାର ଘାଟ ନିକଟରୁ ଜଣେ ନାବାଳିକାଙ୍କୁ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଗୁରୁବାର ରାତିରେ ଉଦ୍ଧାର କରିଥିଲେ। ଏହି ଘଟଣାରେ ସୋନପୁର ସହର ପଟାଭାଡି ଅଞ୍ଚଳର ଶିବ ଶମ୍ଭୁ ମେହେର(୨୧)ଙ୍କୁ ଗିରଫ କରାଯାଇଛି। ନାବାଳିକାଙ୍କ ବାପା ବୁଧବାର ସକାଳେ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତନାଘନା ଜାରି ରଖିଥିଲା। ପୋଲିସ ନାବାଳିକା ଓ ଶିବଶମ୍ଭୁଙ୍କ ଡାକ୍ତରୀ ପରୀକ୍ଷା କରିଛି। ନାବାଳିକାଙ୍କୁ ସଖୀରେ ରଖାଯାଇଛି। ସୋନପୁର ଥାନାରେ ୨୫/୧୭ ମୂଳେ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି।

## ୫ମ ଦିନରେ ବିନିକା ଦୁର୍ଗାମନ୍ଦିର ପ୍ରତିଷ୍ଠା ମହୋତ୍ସବ

ବିନିକା,୧୯।୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଦୁର୍ଗା ମନ୍ଦିର ପ୍ରତିଷ୍ଠା ମହୋତ୍ସବ ପଞ୍ଚମ ଦିନରେ ପହଞ୍ଚିଛି। ଏହି ଅବସରରେ ଦୁର୍ଗା ମନ୍ଦିରରେ ହୋମଯଜ୍ଞ କରାଯାଇଥିଲା। ରାତିରେ ମହିଷାସୁରଙ୍କ ଦରବାରରେ ରାଜ ଅତିଥି ଭାବେ ନଗର ସଭାପତି ସୋମନାଥ ମିଶ୍ର, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ନଗରପାଳ ସୁବାଷ ଚନ୍ଦ୍ର ଭୁଏ, ସମ୍ପାଦକ ଗନ୍ଧର୍ବ ମାହାର ଯୋଗ ଦେଇଥିଲେ । ମହାରାଜାଙ୍କ ନିର୍ଦ୍ଦେଶ ରେ ନାଚ, ଗୀତ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଜାତୀୟ ଯୁବ ଦକ୍ଷତା ବିକାଶ ଦିବସ ପାଳିତ

ଅମରପାଲି,୧୯।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ଗ୍ରାମରେ ନେହେରୁ ଯୁବ କେନ୍ଦ୍ର ଓ ମାହେଶ୍ୱରୀ ଜନକଲ୍ୟାଣ ଯୁବ ସଂଘର ମିଳିତ ଆନୁକୂଲ୍ୟରେ ଜାତୀୟ ଯୁବ ଦକ୍ଷତା ବିକାଶ ଦିବସ ପାଳିତ ହୋଇଯାଇଛି। କମିରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶାମିତ୍ର ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ସୁଦର୍ଶନ ଭରାସାଗର, ଖଣ୍ଡହତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନନ୍ତ ଚରଣ ପଧାନ, ଅକ୍ଷୟ ପଧାନ ଓ ସ୍ୱେଚ୍ଛାସେବୀ ନରେଶ ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ନୀତି, ଆଦର୍ଶ ଉପରେ ଆଲୋକପାତ କରିଥିଲେ।ଏହି ଅବସରରେ ଏକ କୁଇଜ କାର୍ଯ୍ୟକ୍ରମ କରାଯାଇଥିଲା। ଅତିଥିମାନେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥଲେ। ଶେଷରେ ଜଗଦୀଶ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବୌଦ୍ଧ ବ୍ଲକ କଂଗ୍ରେସ କମିଟିର ସାଙ୍ଗଠନିକ ବୈଠକ

ବୌଦ୍ଧ,୧୯।୧(ଅଜିତ କୁମାର ବାରିକ)

ବୌଦ୍ଧ ବ୍ଲକ ତେଲିବନ୍ଧ ଗ୍ରାମପଞ୍ଚାୟତର ହାଟପଦାଠାରେ ବ୍ଲକ କଂଗ୍ରେସ ସଭାପତି ଉମେଶ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ସାଙ୍ଗଠନିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ତ୍ରିପାଠୀ ସମସ୍ତ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ କରିବା ସହିତ ପ୍ରଦେଶ କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାରଙ୍କ ବାର୍ତ୍ତା ଉପସ୍ଥାପିତ କରିଥିଲେ। ଜିଲାରେ ଦଳୀୟ ସଂଗଠନକୁ ମଜଭୁତ କରିବାକୁ ହେଲେ କେଉଁସବୁ ପଦକ୍ଷେପ ନେବାକୁ ହେବ ସେ ନେଇ ଶାନ୍ତନୁ କୁମାର ଚାନ୍ଦ, ଅରୁଣ କୁମାର ପୁରୋହିତ, ହରିହର ତଣ୍ଡିଆ, କମ୍ଭୁ ପାଣ୍ଡେ, ବାବୁଲି ପଟ୍ଟନାୟକ, ବିଜୟ କୁମାର ମହାପାତ୍ର ପ୍ରମୁଖ ମତପ୍ରଦାନ କରିଥିଲେ। କଣ୍ଟାମାଳ ବିଧାନସଭା ମଣ୍ଡଳୀର ପୂର୍ବତନ ପ୍ରାର୍ଥୀ ତଥା ପିସିସି ସଦସ୍ୟ ପ୍ରଶାନ୍ତ କୁମାର ସାହୁ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ସଂଗଠନ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସଭ୍ୟ ତଥା ଜିଲା ପ୍ରଭାରୀ ବିସ୍ମୟ ମହାପାତ୍ର ରାହୁଲ ଗାନ୍ଧୀଙ୍କ ନ୍ୟାୟ ଯାତ୍ରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜିଲା କଂଗ୍ରେସ ସଭାପତି ନବ କୁମାର ମିଶ୍ର ରାଜ୍ୟର ବିଜେଡି ଓ କେନ୍ଦ୍ରର ଭାଜପା ସରକାରଙ୍କ ଅପାରଗତା ଆଦିକୁ କଟୁ ସମାଲୋଚନା କରିଥିଲେ। ବୌଦ୍ଧ କିଆକଟା ମହାନଦୀ ସେତୁ, ଚାଷୀଙ୍କ ପାଇଁ ଜୀବନରେଖା ପାଲଟିଥିବା ସାଲୁଙ୍କି ଓ ବାଘ ଜଳସେଚନ ପ୍ରକଳ୍ପ, ପୁରୁଣାକଟକ ଲକ୍ଷ୍ମୀନାଳ, ଲଇଗାଁ, ଦୁମଦୁମା, ନାରାୟଣ ପ୍ରସାଦ, ବିରିଗଡ ଆଦିରେ ହୋଇଥିବା କ୍ଷୁଦ୍ର ଜଳସେଚନ ଯୋଜନା କଂଗ୍ରେସ ସରକାର ଅମଳରେ ହୋଇଥିବା ସେ ପ୍ରକାଶ କରିଥିଲେ। ଶେଷରେ ଜିଲା କଂଗ୍ରେସ ଉପସଭାପତି ସମରେଶ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଅର୍ଜୁନ ମହାନନ୍ଦିଆ, ଅଭିଳାଷ ସ୍ୱାଇଁ, ପ୍ରମୋଦ କୁମାର ପ୍ରଧାନ, ଉମେଶ ବେଜି, ସୁଧୀର ହୋତା, ପୁରନ୍ଦର ଗିରି ପ୍ରମୁଖ ଶତାଧିକ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।


କଂଗ୍ରେସର ସାଙ୍ଗଠନିକ ବୈଠକରେ ନେତୃମଣ୍ଡଳୀ।

## ପେଟ୍ରୋଲ ପମ୍ପ ମ୍ୟାନେଜରଙ୍କୁ ଦୁର୍ବୃତ୍ତଙ୍କ ଆକ୍ରମଣ: ଭଙ୍ଗାରୁଜା

ଡୁଙ୍ଗୁରିପାଲି,୧୯।୧(ଦୀନବନ୍ଧୁ ସୁନା)

**■ ୨୦ ହଜାର ଟଙ୍କା ଲୁଟ୍**
**■ ନିଆଁ ଲଗାଇ ପେଟ୍ରୋଲ ପମ୍ପ ଧ୍ୱଂସ କରିବାକୁ ଦେଇଗଲେ ଧମକ**
**■ ଥାନାରେ ଅଭିଯୋଗ**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ୨୬ନମ୍ବର ଜାତୀୟ ରାଜପଥର ବୈଦୁପାଲି ଛକ ନିକଟରେ ଥିବା ମିଶ୍ର ଏଣ୍ଡ ମିଶ୍ର ପେଟ୍ରୋଲ ପମ୍ପର ମ୍ୟାନେଜର ଧନସିଂ ବାଗଙ୍କୁ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଆକ୍ରମଣ କରି ଲୁଟ୍‌ପାଟ କରିବା ସହ ପେଟ୍ରୋଲ ପମ୍ପ ଭଙ୍ଗାରୁଜା କରିଛନ୍ତି। ଏନେଇ ମ୍ୟାନେଜର ବାଗ ଡୁଙ୍ଗୁରିପାଲି ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

ପ୍ରକାଶ ଯେ, ଉକ୍ତ ପେଟ୍ରୋଲ ପମ୍ପର ମ୍ୟାନେଜର ବାଗ ଓ ଅନ୍ୟ ଷ୍ଟାଫ କାମ କରୁଥିବା ବେଳେ ରାତି ୯ଟା ୪୦ ମିନିଟ ସମୟରେ ଏକ ଚାରିଚକିଆ ଆର୍ଟିକା ଗାଡି (ନଂ. ଓଡ଼ି୧୭ ୱାଇ ୯୨୮୮)ରେ ବଲାଙ୍ଗୀର ପଟୁ ୮ ଜଣ ବ୍ୟକ୍ତି ପେଟ୍ରୋଲ ଭରିବାକୁ ଆସିଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରୁ ଦୁଇଜଣ ବ୍ୟକ୍ତି ଗାଡିରୁ ଓହ୍ଲାଇ ପେଟ୍ରୋଲ ପମ୍ପ ପରିସରରେ ସିଗାରେଟ ଟାଣିବାକୁ ଉଦ୍ୟମ କରିଥିଲେ। ଏହାଦେଖି ପେଟ୍ରୋଲ ପମ୍ପ ମ୍ୟାନେଜର ବାଗ ସେମାନଙ୍କୁ ବାରଣ କରିଥିଲେ। ଏଥିରେ ସେମାନେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରି ମାରି ଦେବାକୁ ଧମକ ଦେଇଥିଲେ। ପରେ ଗାଡିରୁ ଅନ୍ୟ ୪-୫ ଜଣ ଓହ୍ଲାଇ ମ୍ୟାନେଜରଙ୍କୁ କାବୁ କରି ଖଣ୍ଡେ ଦୂର ଘୋଷାଡି ନେଇ ମାଡ଼ ମାରିଥିଲେ। ଏହାଛଡା ତାଙ୍କ ପ୍ୟାଣ୍ଟ ପକେଟରେ ଥିବା ନଗଦ ୨୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଯିବା ବେଳେ ସେମାନେ ପେଟ୍ରୋଲ ପମ୍ପକୁ ପୋଡ଼ି ଦେବାକୁ ଧମକ ଦେଇଥିଲେ। ଏତିକି ରେ ସେମାନଙ୍କ ରାଗ ଶାନ୍ତ ହୋଇ ନ ଥିଲା। ରାତି ସାଢେ ୧୨ଟାରେ ମ୍ୟାନେଜର ଓ ଷ୍ଟାଫ ଅଫିସ ଭିତରେ ଶୋଇଥିବା ବେଳେ ଯୋଜନା ମୁତାବକ ପୁଣି ସେହି ବ୍ୟକ୍ତିଙ୍କ ମଧ୍ୟରୁ ୬ ଜଣ ଏକ ଉଇଙ୍ଗର ଗାଡି (ନଂ. ଓ ଆର ୦୨ ବିଜି ୩୪୩୦) ରେ ପେଟ୍ରୋଲ ପମ୍ପକୁ ଆସିଥିଲେ। ପରେ ସେମାନେ ସେଠାରେ ଥିବା ତେଲ ଡିସପେନସର ୟୁନିଟକୁ ଭାଙ୍ଗି ଦେଇଥିଲେ । ଯାହାର ମୂଲ୍ୟ ୬ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏହାଛଡା ଅଫିସର ସାମନା ଗ୍ଲାସ ଲୁହାରଡ଼ ଦ୍ୱାରା ଭାଙ୍ଗି ଦେଇଥିବା ବେଳେ ବିଭିନ୍ନ ମାରଣାସ୍ତ୍ର ଧରି ପେଟ୍ରୋଲ ପମ୍ପକୁ ଉଡାଇ ଦେବା ଯୋଜନା କରିଥିଲେ। ପେଟ୍ରୋଲ ପମ୍ପର କର୍ମଚାରୀମାନେ ଭୟଭୀତ ହୋଇ ଚିତ୍କାର କରିବାରୁ ଦୁର୍ବୃତ୍ତମାନେ ଟାଙ୍କିକୁ ନିଆଁ ଲଗାଇ ଧ୍ୱଂସ କରିଦେବୁ ବୋଲି ଧମକ ଦେଇ ସେଠାରୁ ବରପାଲି ବରଗଡ ରାସ୍ତା ଦେଇ ପଳାଇ ଯାଇଥିବା ନେଇ ଡୁଙ୍ଗୁରିପାଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଡୁଙ୍ଗୁରିପାଲି ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।



ମେଶିନକୁ ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି।

## ସଂକ୍ଷେପରେ

### ଡୁଡୁକିଦାଦର ସ୍କୁଲର ବାର୍ଷିକ କ୍ରୀଡା ଉଦ୍‌ଯାପିତ

ଝାରବନ୍ଧ,୧୯।୧(ଦେବେନ୍ଦ୍ର ସାହୁ): ଝାରବନ୍ଧ ବ୍ଲକ ଅନ୍ତର୍ଗତ ଡୁଡୁକିଦାଦର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଝାରବନ୍ଧ ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭମ କୁମାର ପତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୨୮ଟି ଖେଳ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ସ୍କୁଲ ଅଧ୍ୟକ୍ଷ ରୋହିତ ମହାନନ୍ଦଙ୍କ ସଭାପତିତ୍ୱରେ ସିଆରସିସି କୁମୁଦ ସାହୁ, ମୋ ସ୍କୁଲ ଅଭିଯାନ ସଭାପତି ବିନୋଦ ବିହାରୀ ବାଗ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଉତ୍ସବକୁ ଲୀଳା ମହାନନ୍ଦ, ଚଉବନ ସାହୁ, ଅଶୋକ ନେଟି, ମଧୁସୂଦନ ସାହୁ, ଯୋହନ ନାଏକ ପ୍ରମୁଖ ସହଯୋଗ କରିଥିଲେ।

### ଏକଲବ୍ୟ ସ୍କୁଲ ଭିତ୍ତି ପ୍ରସ୍ତର ସ୍ଥାପନ

ରାଉରକେଲା,୧୯।୧(ସଙ୍ଗୀତା ଜେନା): ସୁନ୍ଦରଗଡ଼ ଜିଲା ନୂଆଗାଁସ୍ଥିତ ଫୁଲଝରଠାରେ ଶୁକ୍ରବାର ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେ ମୟୂରଭଞ୍ଜରୁ ବିମାନ ଯୋଗେ ଆସି ରାଉରକେଲାରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ଭାଜପା ନେତା ପୂର୍ଣ୍ଣିମା କେର୍କେଟା, ରୋହିତ ତନ୍ତୀଙ୍କ ସମେତ ଅନ୍ୟମାନେ ସ୍ୱାଗତ କରିଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ଟୁଡୁ ଅପରାହ୍ନ ସାଢେ ୨ଟାରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ନୂଆଗାଁ ଯାଇ ସେଠାରେ ଏକଲବ୍ୟ ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ସେ ଫୁଲଝର ସ୍କୁଲ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଉଭୟ ଯୋଗ ଦେଇଥିଲେ। ଏହି ସମୟରେ ତାଙ୍କ ସହ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଉପସ୍ଥିତ ଥିଲେ।

### ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର

ସୁନ୍ଦରଗଡ,୧୯।୧(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ ଜିଲା ଭେଡାବାହାଲ କଳା ଓ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଗତ ୧୬ ତାରିଖରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଆଠ ଦିନିଆ ତାଲିମ ଶିବିରକୁ ଅଧ୍ୟକ୍ଷ ବିଜୟ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ଛାତ୍ରୀ ମାନଙ୍କ ଆତ୍ମସୁରକ୍ଷା ଦିଗରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବେଶ ଉପଯୋଗୀ ହେବ ବୋଲି ଅଧ୍ୟକ୍ଷ ସାହୁ ମତପୋଷଣ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ବନିତା ସାହୁ ପ୍ରାରମ୍ଭରେ ଶିବିରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ରୀନା ନାଏକ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଶିବିରରେ ଦୁଇଜଣ ପ୍ରଶିକ୍ଷିକା ଛାତ୍ରୀମାନଙ୍କୁ ତାଲିମ ଦେଉଛନ୍ତି। ଉଦଘାଟନୀ ଦିବସରେ ବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ଓପିଜିସି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ସମ୍ବଲପୁର,୧୯।୧(ବି.ଶଙ୍କର): ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ (ଓପିଜିସି) ପକ୍ଷରୁ ଶୁକ୍ରବାର ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ଡାଲଗାଁ ଗ୍ରାମ ପଞ୍ଚାୟତରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସନ୍ତୋଷ କୁମାର ରୋହିଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଇବ୍ ଥର୍ମାଲ ହସ୍ପିଟାଲର ଡା. ସଂଗୀତା ପଣ୍ଡା, ଡା. କିଶୋର କୁମାର ମିଶ୍ର, ଡା. ଶଶୀ ଗୋୟଲ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଏହି ଶିବିରରେ ଡାଲଗାଁ, ବାସୁପାଲି, ଭୀମଗୁଡି, ଖାମର ଡିହି, କାଇଁସବାହଲ, ଆଡ଼ାଡିହି, ସେନାମାଲ, ସୋଲପାଲି, ସରଣ୍ଡା ମାଲ, ଭେଜିକୁଡ, ନେଗିପାଲି ଆଦି ଗ୍ରାମରୁ ପ୍ରାୟ ୨୩୯ ରୋଗୀ ଚିକିତ୍ସିତ ହୋଇଥିଲେ। ଇବ୍ ଥର୍ମାଲ ହସ୍ପିଟାଲର ସୁଜାତା ନାୟକ, ସଂଯୁକ୍ତା ମହାନନ୍ଦ, ଡଲି ପଧାନ, ସନ୍ଧ୍ୟାରାଣୀ କିଶାସ, ପ୍ରଭାତ କୁମାର ବାରିକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱରେ ପରିବ୍ୟାପ୍ତ

- ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ
- ଶ୍ରୀଜଗନ୍ନାଥ ସଂସ୍କୃତି ଶୀର୍ଷକ ଆଲୋଚନାଚକ୍ର

ସୁନ୍ଦରଗଡ,୧୯।୧(ଜୟ ନାରାୟଣ ମେଣ୍ଡୁଲି)



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଆଲୋଚକମାନେ ।

ଶ୍ରୀଜଗନ୍ନାଥ ସଂସ୍କୃତି ସମଗ୍ର ବିଶ୍ୱରେ ଶାନ୍ତି, ମୈତ୍ରୀ ଓ ପ୍ରୀତିର ବାର୍ତ୍ତାବହ ବୋଲି ଶୁକ୍ରବାର ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟରେ ଆୟୋଜିତ ଶ୍ରୀଜଗନ୍ନାଥ ସଂସ୍କୃତି ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ବିଶିଷ୍ଟ ଆଲୋଚକମାନେ ମତବ୍ୟକ୍ତ କରିଛନ୍ତି। ନୂଆ-ଓ ଓଡିଶା ସାହିତ୍ୟ ଆଲୋଚନା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ଗଡ଼ନାୟକ ଅଧ୍ୟକ୍ଷତା କରି ଶ୍ରୀଜଗନ୍ନାଥ ସଂସ୍କୃତି ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇ ବସୁଦେବ କୁଟୁମ୍ବକମ ବାଣୀର ଯଥାର୍ଥତା ପ୍ରତିପାଦନ କରିପାରିଛି ବୋଲି କହିଥିଲେ। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରଫେସର ଡ. ଲକ୍ଷ୍ମୀପ୍ରିୟା ବେହେରା ମୁଖ୍ୟ ଆଲୋଚକ ରୂପେ ଯୋଗ ଦେଇଥିଲେ। ସେ ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ଭାବଧାରା ଓ ଦାରୁ ଦେବତାଙ୍କ ସୃଷ୍ଟି ତତ୍ତ୍ୱ ସମ୍ପର୍କରେ ଆଲୋଚନା କରି ଶ୍ରୀଜଗନ୍ନାଥ ଓଡ଼ିଆ ସଂସ୍କୃତିର ପ୍ରତୀକ ବୋଲି କହିଥିଲେ। ଅନ୍ୟତମ ଆଲୋଚକ ଭାବେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ତଥା ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ଡ. ଲମ୍ବୋଦର ସାହୁ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ସ୍ୱରୂପ, ଶୂନ୍ୟ ବ୍ରହ୍ମରୁ ପୂର୍ଣ୍ଣ ବ୍ରହ୍ମର ରୂପାନ୍ତର ବୋଲି କହିବା ସହ ଜଗନ୍ନାଥ ସଂସ୍କୃତି ଆଜି ସମଗ୍ର ବିଶ୍ୱକୁ ଶାନ୍ତି, ମୈତ୍ରୀ ଓ ପ୍ରୀତିର ରଜ୍ଜୁରେ ବାନ୍ଧି ରଖି ପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଆଲୋଚକ ଭାବେ ଅଧ୍ୟାପିକା ସୁସ୍ମିତା ଭୋଇ ଶ୍ରୀଜଗନ୍ନାଥ ସଂସ୍କୃତିରେ ଗୀତ ଗୋବିନ୍ଦ ଓ ଦେବଦାସୀ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ କାଉନସିଲର ସୁମନ୍ତ ସାହୁ ଯୋଗଦେଇ ଜଗନ୍ନାଥ ସଂସ୍କୃତିର ମହନୀୟତା ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ସହକାରୀ ପ୍ରଫେସର ଡ. ଅମିତା ପ୍ରିୟଦର୍ଶିନୀ ବେହେରା ଓ ଅଧ୍ୟାପକ ଯୁଧିଷ୍ଠିର ପଟେଲ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ସ୍ମିତାରାଣୀ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ତେଜସ୍ୱିପ୍ରିୟା ସାହୁ ଓ ରିଙ୍କିରାଣୀ ମହାନ୍ତ ପ୍ରବନ୍ଧ ପାଠ କରିଥିଲେ।ଅଧ୍ୟାପିକା ବର୍ଷାରାଣୀ ପଟେଲ ସଭା ସଞ୍ଚାଳନ କରିଥିଲେ। ଅଧ୍ୟାପିକା ନୀଳିମା ଭିନ୍ତ୍ରିଆ, ଅଧ୍ୟାପକ ସୌରଭ ପ୍ରଧାନ,ଅଧ୍ୟାପକ ଆଲୋକ ରଞ୍ଜନ ମହାକୁଲ, ଛାତ୍ରୀ ସ୍ନେହାରାଣୀ ଭୋଇ, ଅନୀତା କେରକେଟା, କାଞ୍ଚନ ବାଗଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ତଥା ଛାତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କୋଇଲା ବ୍ୟବସାୟୀଙ୍କ ବ୍ୟବସାୟ ପ୍ରତିଷ୍ଠାନରେ ଆୟକର ବିଭାଗର ଚଢ଼ାଉ

ସୁନ୍ଦରଗଡ,୧୯।୧(ଜୟ ନାରାୟଣ ମେଣ୍ଡୁଲି)

**ଛତିଶଗଡ଼ ଓ ଓଡ଼ିଶାରେ ଚାଲିଛି ଏକକାଳୀନ ଚଢ଼ାଉ**

କୋଇଲା ବ୍ୟବସାୟୀ ଘନଶ୍ୟାମ ଡାଲମିଆଙ୍କ ଓଡିଶା ଓ ଛତିଶଗଡରେ ଥିବା ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଆୟକର ବିଭାଗର ବଡ ଧରଣର ଚଢାଉ ହୋଇଛି। ଏହି ଚଢ଼ାଉରେ ଆୟକର ବିଭାଗର ୧୦୦ରୁ ଊର୍ଦ୍ଧ୍ୱ ଅଧିକାରୀ ଓ କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀ ସାମିଲ ହୋଇଛନ୍ତି। ଆୟକର ଟିମ୍ ଡାଲମିଆଙ୍କ ଓଡିଶା -ଛତିଶଗଡ଼ ସୀମାନ୍ତ ସୁନ୍ଦରଗଡ ଜିଲାର ହେମଗିର ବ୍ଲକ ବିଲେଇମୁଣ୍ଡାସ୍ଥିତ ଅଫିସ ଓ ଗୋପାଲପୁର ବାସଭବନ, ରାଉରକେଲାରେ ଥିବା ବ୍ୟବସାୟ ପ୍ରତିଷ୍ଠାନରେ ଚଢାଉ କରିଛନ୍ତି । ଏହାଛଡା ଛତିଶଗଡ଼ ରାଜ୍ୟର ରାୟପୁର,ବିଲାସପୁରରେ ଥିବା ବ୍ୟବସାୟ ପ୍ରତିଷ୍ଠାନରେ ଚଢ଼ାଉ ଗୁରୁବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ଡାଲମିଆଙ୍କ କୋଇଲା ପରିବହନ ବ୍ୟବସାୟ , ସ୍ପଞ୍ଜ ଆଇରନ କାରଖାନା ଓ ଅନ୍ୟାନ୍ୟ ବ୍ୟବସାୟ ରହିଛି। ଶୁକ୍ରବାର ମଧ୍ୟ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ଚଢ଼ାଉ ସମ୍ପର୍କରେ ଅଧିକ କିଛି ସୂଚନା ମିଳି ନ ଥିଲା ବେଳେ ଆୟକର ବିଭାଗ ଅଧିକାରୀମାନେ ଡାଲମିଆଙ୍କ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚରା କରିବା ସହ କାଗଜପତ୍ର ଓ ମୋବାଇଲ ଫୋନ ଜବତ କରିଛନ୍ତି। କେତେ ପରିମାଣରେ ଆୟକର ଫାଙ୍କିଛନ୍ତି ସେ ସମ୍ପର୍କରେ ଆକଳନ ହୋଇ ନ ଥିବା ଆୟକର ବିଭାଗର ଜଣେ ଅଧିକାରୀ ଅନୌପଚାରିକ ଭାବେ କହିଛନ୍ତି। ସୂଚନାଯୋଗ୍ୟ, ବିଲେଇମୁଣ୍ଡା ଅଫିସରେ ଚଢାଉ ବେଳେ କିଛି କର୍ମଚାରୀ ପାଚେରି ଡେଇଁ ଚାଲି ଯାଇଥିବା ଜଣାଯାଇଛି ।

# ଏସ୍‌ଡିସି ପକ୍ଷରୁ ଫୁଟବଲ ଟୁର୍ନାମେଣ୍ଟ



ଉଦ୍‌ଘାଟନୀ ମ୍ୟାଚରେ ଅତିଥିଙ୍କ ସହ ଖେଳାଳି ।

ବଡ଼ଗାଁ,୧୯।୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ ନୂଆରମାଲ ଗ୍ରାମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ସୁନ୍ଦରଗଡ ଆନୁକୂଲ୍ୟରେ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ବିଜେଡ଼ି ସାଧାରଣ ସମ୍ପାଦକ ଅରୁଣ ଦିକ୍ଷୀତ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟା ଶାରିକା କେରକେଟା , ବ୍ଲକ ବିଜେଡ଼ି କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ପୂର୍ବତନ ସରପଞ୍ଚ ବସନ୍ତ ଡନସନା, ଷ୍ଟିଫେନ ଖାଖା, କେଶବ କର୍ସେଲ, ଆଲୋକ ପଟ୍ଟନାୟକ ଯୋଗ ଦେଇଥିଲେ। ୧୬ଟି ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟ ୨୧ ତାରିଖରେ ଉଦ୍‌ଯାପିତ ହେବ। ଚାମ୍ପିୟନ ଟିମ୍‌କୁ ୧୨ ହଜାର, ଉପ ବିଜେତା ଟିମ୍‌କୁ ୮ ହଜାର ,ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଥିବା ଟିମ୍‌କୁ ୫ ହଜାର ଟଙ୍କା ଲେଖାଏ ଦିଆଯାଇ ପୁରସ୍କୃତ କରାଯିବ। ବିକ୍ରମ ନାଏକ, ରାଜେଶ ଛତ୍ରିଆ ଓ ନରେଶ ଖେଳ ପରିଚାଳନା କରିଥିଲା ବେଳେ ଅଜୟ କିସାନ, ବିନୋଦ ଟପୋ, ଦୀପକ ବାଡା, ସୁନିଲ ଟପୋ, ଡିଲେଶ୍ୱର ମାଝୀ ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଉଛନ୍ତି।





ଏକଲବ୍ୟ ମଡ଼େଲ ସ୍କୁଲର ଶିଳାନ୍ୟାସ ଅବସରରେ କେନ୍ଦ୍ରମନ୍ତ୍ରୀ , ସୁନ୍ଦରଗଡ ଏମ୍‌ପି ଓ ଅନ୍ୟମାନେ ।

# ଏକଲବ୍ୟ ମଡ଼େଲ ସ୍କୁଲର ଶିଳାନ୍ୟାସ

ବାଲିଶଙ୍କରା,୧୯।୧(ହୃଦାନନ୍ଦ ବାରିକ)

**ବାଲିଶଙ୍କରା ବ୍ଲକ**

**୧୨ଟି ନୂଆ ବିଦ୍ୟାଳୟ ନିର୍ମାଣ ହେବ**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକରେ ଶୁକ୍ରବାର ଏକଲବ୍ୟ ମଡ଼େଲ ସ୍କୁଲର ଶିଳାନ୍ୟାସ କରାଯାଇଛି । କେନ୍ଦ୍ର ଆଦିବାସୀ, ଜଳସମ୍ପଦ ବିଭାଗ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ବିଦ୍ୟାଳୟ ତିଆରି ହେବା ସ୍ଥାନରେ ନଡିଆ ଭାଙ୍ଗି ଭୂମିପୂଜନ କରିଥିଲେ । ଏହି ଉପଲକ୍ଷେ ବ୍ଲକର ଭଣ୍ଡାରୀଶଙ୍କରା ଗ୍ରାମ ଶୁଖା ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସମାବେଶରେ ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ସମସ୍ତେ ଶିକ୍ଷିତ ହେଲେ ସବକା ସାଥ, ସବକା ବିକାଶ ସହ ଭାରତର ବିକାଶ ହୋଇପାରିବ । ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ତଲସରା ନିର୍ବାଚନମଣ୍ଡଳୀ ବିଧାୟକ ଭବାନୀ ଶଙ୍କର ଭୋଇ, ବଟକିଶୋର ମିଶ୍ର, ଜୟନ୍ତୀ ଏକ୍କା, ବିନୋଦ କୁମାର କୁଜୁର, ବୈକୁଣ୍ଠ କାଲୋ, ପର୍ଶୁରାମ ପଟେଲ, ଦେବଲାଲ ଲାକଡା, ରବିଚନ୍ଦ୍ର ପଟେଲ, ଦୀନବନ୍ଧୁ ସାଏ, ବୁଧୁରାମ ଓରାମ, ବନମାଳୀ ବାରସତିଆ ଯୋଗ ଦେଇଥିଲେ । ବାଲିଶଙ୍କରା ଭାଜପା ମଣ୍ଡଳ ସଭାପତି ଉଚ୍ଛବ ତନ୍ତୀଙ୍କ ନେତୃତ୍ୱରେ ସମାବେଶ ଆୟୋଜନ କରାଯାଇଥିଲା । ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୁନ୍ଦରଗଡ଼ ଜିଲାରେ ୪ଟି ଏକଲବ୍ୟ ବିଦ୍ୟାଳୟ ଥିବା ବେଳେ ଏବେ ନୂଆ ୧୨ଟି ଏକଲବ୍ୟ ବିଦ୍ୟାଳୟ ତିଆରି ହେବ । ପ୍ରତ୍ୟେକ ନୂଆ ବିଦ୍ୟାଳୟ ନିର୍ମାଣ ବାବଦରେ ୨୫ କୋଟି ଭାରତ ସରକାରଙ୍କ ଦ୍ୱାରା ଅନୁମୋଦନ କରାଯାଇଛି । ଫଳରେ ଜିଲାରେ ୧୬ଟି ଏକଲବ୍ୟ ବିଦ୍ୟାଳୟ ହେବ । ଝିଅମାନଙ୍କ ପାଇଁ ୩୨୦ ସିଟ୍ ଏବଂ ପୁଅମାନଙ୍କ ପାଇଁ ୩୨୦ ସିଟ ଥିବା ବେଳେ ସେମାନଙ୍କ ରହିବା, ଖାଇବା ଖର୍ଚ୍ଚ ଭାରତ ସରକାର ବହନ କରିବେ ।

### ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବ୍ରଜରାଜନଗର,୧୯।୧(ବିଜୟ ବରାଡ଼)

ସ୍ଥାନୀୟ କୁଦପାଲି ପଞ୍ଚାୟତ ଆଇଁଲାପାଲିସ୍ଥିତ ନାରାୟଣ ଦୀକ୍ଷିତ ଉଚ୍ଚ ବିଦ୍ୟାଳୟର ୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ସା ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ଶିକ୍ଷା ପ୍ରଣାଳୀ ଓ ଶିକ୍ଷାର ଗୁରୁତ୍ୱ ଉପରେ ଅବଗତ କରାଇଥିଲେ। ଖେଳ ଶିକ୍ଷକ ବିମଲ ତାଣ୍ଡି, ସାମାଜିକ କର୍ମୀ ଶ୍ରୀଭାନି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ରାକେଶ କୁମାର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ଅମୂଲ୍ୟ ମଞ୍ଜରୀ ସିଂ ଓ ସୁରୟା ଲରିଆ ମଞ୍ଚ ପରିଚାଳନା କରିଥିଲେ। ଚଳିତ ବର୍ଷ କ୍ରୀଡ଼ା, ସାହିତ୍ୟ, ସଂଗୀତ ଓ ନୃତ୍ୟରେ ଉଲ୍ଲେଖନୀୟ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ସ୍ୱାମୀଙ୍କ କାଠଫାଳିଆ ମାଡ଼ରେ ସ୍ତ୍ରୀ ମୃତ ଘଟଣା: ସ୍ୱାମୀ କୋର୍ଟ ଚାଲାଣ

ଖଡ଼ିଆଲ,୧୯।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ଥାନା ଅନ୍ତର୍ଗତ ବଡମୂଲା ଗ୍ରାମଠାରେ ସ୍ୱାମୀ ଅଚ୍ୟୁତ ଠେଲା(୪୫)ଙ୍କ କାଠ ଫାଳିଆ ମାଡ଼ରେ ସ୍ତ୍ରୀ କୁନ୍ତୀ ଠେଲା(୪୩)ଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଖଡିଆଳ ପୋଲିସ ସ୍ୱାମୀ ଅଚ୍ୟୁତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ସ୍ୱାମୀ ଅଚ୍ୟୁତ ଓ ସ୍ତ୍ରୀ କୁନ୍ତୀଙ୍କ ମଧ୍ୟରେ ପରିବାରିକ କଳହକୁ ନେଇ ଝଗଡା ହୋଇଆସୁଥିଲା।

# ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ





ଶିବିରରେ ଯୋଗ ଦେଇଥିବା ଅତିଥି ।

ହେମଗିର,୧୯।୧(ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ବ୍ଲକସ୍ଥିତ ଭେଷଜ ପଟେଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଡୁଡୁକାଠାରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ଭେଷଜପଟେଲ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ, ଅଶୋକ କୁମାର ନାଏକ ଯୋଗଦେଇ ଶିବିର ଉଦଘାଟନ କରିଥିଲେ । ଏହି ଅବସରରେ ଏକ ସଭାର ଆୟୋଜନ ହୋଇଥିଲା । ସଭାରେ ଅଧ୍ୟାପିକା ଡ,ସୌଦାମିନୀ ତ୍ରିପାଠୀ, ସଞ୍ଜୁ ସୁଜାତା ଏକ୍କା, ଅଧ୍ୟାପକ ବିଭୂତି ମିଶ୍ର, ସରୋଜ ଡୁଙ୍ଗଡୁଙ୍ଗ, ରାଜେନ୍ଦ୍ର କେକେଟା ଉପସ୍ଥିତ ରହି ଆତ୍ମ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ପ୍ରଶିକ୍ଷିକା ଆରତୀ ଭୋଇଙ୍କ ଦ୍ୱାରା ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରାଯାଉଛି। ଅଧ୍ୟାପିକା କରୁଣା ପାଣ୍ଡେ,ଦୀପାଞ୍ଜଳି ବେହେରା ଶିବିର ସଞ୍ଚାଳନ କରିଥିଲେ ।

# ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

ରାଜଗାଙ୍ଗପୁର,୧୯।୧(ଅଶୋକ ପାଣି)

**ଗାନ୍ଧୀ ସରକାରୀ ଉଚ୍ଚ ବିଦ୍ୟାଳୟ**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ବିଭିନ୍ନ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପୌରାଞ୍ଚଳର ପୁରାତନ ମ୍ୟୁନିସିପାଲ ଗାନ୍ଧୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି ଉତ୍ସବ ପାଳନ କରାଯାଇଛି। କାର୍ଯ୍ୟକ୍ରମକୁ ୪ ଭାଗ ଯଥା ସାହିତ୍ୟ ସୃଜନୀ, କୌଶଳୀ, କ୍ରୀଡାଙ୍ଗନା ଓ ଜିଜ୍ଞାସାରେ ବିଭକ୍ତ କରାଯାଇ ପିଲାମାନଙ୍କ ଦ୍ୱାରା ବିଭିନ୍ନ ପଦ୍ୟାବୃତ୍ତି, ଡ୍ରଇଂ, ବିଜ୍ଞାନ ପ୍ରଦର୍ଶନୀ ଓ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟରେ ସଭା କାର୍ଯ୍ୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ ପାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାରେ ଏସଏମସି କମିଟିର ସଭାପତି ସୋମା ଭଦ୍ରା, ପୁରାତନ ଛାତ୍ରୀ ସଂଘ ସଭାପତି ନିବେଦିତା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେବା ସହ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରାଚୀର ପତ୍ରିକା ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଞ୍ଜୟ ପଟେଲ, ରାମକୁମାର ଲାକ୍ରା, ଦିପ୍ତି ରଞ୍ଜନ ଦାଶ, ପ୍ରତିଭା ସାହୁ, ସସ୍ମିତା ଭୂୟାଁ, ସରନ ଗୁଡିଆଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗ ଦେଇଥିଲେ ।



ଉତ୍ସବରେ ଯୋଗ ଦେଇଥିବା ଅତିଥି।

# ନିର୍ଦ୍ଦିଷ୍ଟ ବିଷୟରେ ଦକ୍ଷ କରିବା ଉପରେ ଗୁରୁତ୍ୱ

- ସର୍ଗୁ କିସାନ ଉଚ୍ଚ ବିଦ୍ୟାଳୟ
- ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ

କୁତ୍ରା,୧୯।୧(ଦେବାଶିଷ ସାହୁ)





କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ତୁନମୁରାଠାରେ ଥିବା ସର୍ଗୁ କିସାନ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହଠାରେ ପ୍ରଧାନଶିକ୍ଷକ ଅମରେଶ ସାହୁଙ୍କ ଅଧ୍ୟକ୍ଷତାରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ପତି ଯୋଗ ଦେଇଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ସରକାରଙ୍କ ଦ୍ୱାରା ଚଳିତବର୍ଷ ଶିକ୍ଷା ବ୍ୟବସ୍ଥାରେ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ନିଜ ପସନ୍ଦ ଅନୁସାରେ ଏକ ନିର୍ଦ୍ଦିଷ୍ଟ ବିଷୟରେ ଦକ୍ଷ କରିବା ପାଇଁ ଯୋଜନା ଆରମ୍ଭ କରାଯାଇ ସାହିତ୍ୟ ସୃଜନୀ, କୌଶଳୀ,ଜିଜ୍ଞାସା ଏବଂ କ୍ରୀଡାଙ୍ଗନା ଆଦି ୪ ଟି କ୍ଲବ ଗଠନ କରାଯାଇଛି । ସେଥିପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବିକାଶ କରିବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ବଇଲୋ କିସାନ, ସରପଞ୍ଚ ତରୁଣୀସେନ ବରିହା, ଏବିଇଓ ଲକ୍ଷଣ ଜାମୁଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନର୍ମଦା ସା, ପ୍ରଭାତି ଚୌଧୁରୀ, ସ୍ନେହଲତା ପଟେଲ, ଏସଏମସି ସଭାପତି, ମୋ ସ୍କୁଲ ଅଭିଯାନ ସଭାପତି ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ କ୍ଲବ ଭାବେ କ୍ରୀଡାଙ୍ଗନା, ଶ୍ରେଷ୍ଠ ମେଣ୍ଟର ଭାବେ ପ୍ରିୟଦର୍ଶିନୀ ପାଢୀ, ଶ୍ରେଷ୍ଠ ପ୍ରକଳ୍ପ ଯୋଗେଶ ଘୁଗର ଏବଂ ଦିପ୍ତିମୟୀ ଭୋଇଙ୍କ ପ୍ରକଳ୍ପ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢୀ ପରିଚାଳନା କରିଥିଲେ । ଶ୍ରୀକାନ୍ତ ବାଗ, ଏମ୍.ନାଏକ, ସୁମିତ୍ରା ବାର୍ଲା, ତୁଷାର ତାଣ୍ଡି, ଉମାଶଙ୍କର ମଲ୍ଲିକ, କିରଣ ଏକ୍କା, ରାମେଶ୍ୱର ଲାକଡା, ଅଞ୍ଜଳୀ ଟିଗ୍ଗା, ରୋମାଞ୍ଚ ତାଣ୍ଡିଆ,ପାନୁ ଏକ୍କା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ସମ୍ବଲପୁରରେ ଜଳିବ ୧,୧୧,୧୧୧ ଦୀପ

## ରାମ ମନ୍ଦିରରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା

■ କାଶୀ ପଣ୍ଡିତଙ୍କ ଦ୍ୱାରା ସମ୍ପାଦିତ ହେବ ମହାନଦୀ ଆଳତି

ସମ୍ବଲପୁର,୧୯।୧(ପ୍ରମୋଦ ବହିଦାର)

ଅଯୋଧ୍ୟା ରାମ ମନ୍ଦିରରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠାର ଶୁଭ ଅବସରରେ ସମ୍ବଲପୁରରେ ୧ ଲକ୍ଷ ୧୧ ହଜାର ୧୧୧ ପ୍ରଦୀପ ପ୍ରଜ୍ୱଳନ କରାଯିବ। ମାରୱାଡ଼ି ଯୁବାମଞ୍ଚ କ୍ଷେତରାଜପୁର ଶାଖା ଓ ନବଚେତନା ମହିଳା ଶାଖା ପକ୍ଷରୁ ମାରୱାଡ଼ିପଡ଼ାଠାରେ ମହାନଦୀର ଅଯୋଧ୍ୟା ଘାଟରେ ଏହି ସାମୂହିକ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ଜିଲା ପ୍ରଶାସନ ସହ ଜିଲା ପୋଲିସର ସହଯୋଗ ରହିଛି ବୋଲି ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ମାରୱାଡ଼ି ଯୁବାମଞ୍ଚର ଅଧ୍ୟକ୍ଷ ଚନ୍ଦନ ସାହା ସୂଚନା ଦେଇଛନ୍ତି।

ସେ କହିଛନ୍ତି, ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ସମ୍ବଲପୁରର ବୁଦ୍ଧିଜୀବୀଙ୍କ ସହିତ ବିଭିନ୍ନ ଅଗ୍ରଣୀ ଧାର୍ମିକ ଅନୁଷ୍ଠାନ ସାମିଲ ହେବେ। କାର୍ଯ୍ୟକ୍ରମ ଆୟୋଜନ ପାଇଁ ବିଭିନ୍ନ ଅନୁଷ୍ଠାନର ୩ଶହ ସ୍ୱେଚ୍ଛାସେବୀ ସହାୟତା ଯୋଗାଇଦେବେ। ଏଥିରେ ପ୍ରାୟ ୫ ହଜାର ଲିଟର ଘିଅ ବ୍ୟବହୃତ ହେବ। ଚାଉଁରପୁର ଗ୍ରାମର କୁମ୍ଭାର ପରିବାର ଏଥିପାଇଁ ଆବଶ୍ୟକ ଦୀପ ନିର୍ମାଣ କରୁଛନ୍ତି। ଏପର୍ଯ୍ୟନ୍ତ ସେମାନଙ୍କଠାରୁ ୮୦ ହଜାରରୁ ଊର୍ଦ୍ଧ୍ୱ ଦୀପ ସଂଗୃହୀତ ହୋଇସାରିଛି। କାର୍ଯ୍ୟକ୍ରମ ଅପରାହ୍ନ ୪ଟାରୁ ଆରମ୍ଭ ହେବ। ଏହାସହ ଅଯୋଧ୍ୟା ଘାଟରେ ଗଙ୍ଗାଆଳତିର ପ୍ରତିକୃତୀ ସ୍ୱରୂପ ମହାନଦୀ ଆଳତି ଆୟୋଜିତ ହେବ। କାଶୀର ପଣ୍ଡିତ ସନ୍ତୋଷ ପାଣ୍ଡେଙ୍କ ନେତୃତ୍ୱରେ ୫ ଜଣ ପଣ୍ଡିତ ନୀତି ଅନୁସାରେ ମହାନଦୀ ଆଳତି କାର୍ଯ୍ୟ ସମ୍ପାଦନ କରିବେ। କାର୍ଯ୍ୟକ୍ରମରେ ୮ରୁ ୧୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ନେଇ ଆଶା କରାଯାଉଛି। ସେଥିପାଇଁ ମଞ୍ଚ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ଉକ୍ତଦିନ ମହନଦୀ ଗର୍ଭରେ ୧ଘଣ୍ଟା ଧରି ଆତସବାଜିର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ରହିଛି। ମଞ୍ଚର କାର୍ଯ୍ୟକର୍ତ୍ତା ଓ ପଣ୍ଡିତମାନେ ଡଙ୍ଗାରେ ମହାନଦୀ ଗର୍ଭକୁ ଯାଇ ସେଠାରେ ଏକ ଚିତ୍ତାକର୍ଷକ ଆତସବାଜିକୁ ରୂପ ଦେବେ ବୋଲି ସାହା କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମାରୱାଡ଼ି ଯୁବା ମଞ୍ଚର ସମ୍ପାଦକ ଅଙ୍କିତ ଅଗ୍ରୱାଲ, ନବଚେତନା ଶାଖାର ଅଧ୍ୟକ୍ଷା ରାକ୍ଷୀ ଅଗ୍ରୱାଲ, ସମ୍ପାଦିକା ସୋନାଲ ପାୟଲ, ଯୁବାମଞ୍ଚର ପ୍ରଦୀପ ଅଗ୍ରୱାଲ, ରଷି ପୋଦ୍ଦାର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## ସଂକ୍ଷେପରେ

### ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

ରେଢ଼ାଖୋଲ,୧୯।୧(ଅଚ୍ୟୁତାନନ୍ଦ ପୁରୋହିତ)

ବିଦ୍ୟାଳୟ ସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ସ୍ଥାନୀୟ ବାରବାଙ୍କ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁସ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବଂଶାଜାଲ ସରପଞ୍ଚ ଲୋକନାଥ ପ୍ରଧାନ ମୁଖ୍ୟଅତିଥି, ସାହିତ୍ୟିକ ସନ୍ତୋଷ କୁମାର ରଥ ମୁଖ୍ୟବକ୍ତା ଓ ସତ୍ୟନାରାୟଣ ପୃଷ୍ଟି, ରଞ୍ଜିତ କୁମାର ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଭିଭାଷଣ ରଖିଥିଲେ। ଶିକ୍ଷକ ଦୟାନିଧି ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସତ୍ୟନାରାୟଣ ପୋଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍କୁଟି ଚୋରି ଅଭିଯୋଗ: ଅଭିଯୁକ୍ତ ଗିରଫ



କୁଚିଣ୍ଡା,୧୯।୧(ବିରଞ୍ଚି ଦର୍ଜ୍ଜା)

କୁଚିଣ୍ଡା ଏନ୍ଏସି ୱାର୍ଡ ନଂ-୫ ବାସିନ୍ଦା ଅଶୋକ ଶର୍ମାଙ୍କ ସ୍କୁଟି ଛଡାଇ ନେଇଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। ସେ ହେଲେ ଜମନକିରା ଥାନା ଗାନ୍ଧିପଡାର ସୁଜିତ ଜାମୁଡାଲିଆ ଓରଫ ଲାଲମୋହନ(୩୨)। ସ୍କୁଟି ମାଲିକ ଅଶୋକଙ୍କ ରିପୋର୍ଟ ଆଧାରରେ ପୋଲିସ କୁଚିଣ୍ଡା ଥାନାରେ ଏକ ମାମଲା (ନଂ.୩୦/୨୪) ରୁଜୁ କରିବା ସହ ସ୍କୁଟି (ନଂ.ଓଡି୧୫ଆର ୯୮୨୧)କୁ ଜବତ କରିଛି। ସୂଚନା ଅନୁଯାୟୀ ଅଶୋକ କୁଚିଣ୍ଡା (କୁସୁମୀ ଛକ) ପେଟ୍ରୋଲ ପମ୍ପ ନିକଟ ବାଇପାସ୍ ଜାତୀୟ ରାଜପଥ କଡରେ ଏକ ଫଳ ଦୋକାନ କରିଛନ୍ତି। ଗୁରୁବାର ଅଭିଯୁକ୍ତ ସୁଜିତ ତାଙ୍କଠାରୁ ସ୍କୁଟିକୁ ଜବରଦସ୍ତ ଛଡାଇ ନେଇ ଚମ୍ପଟ ମାରିଥିଲେ। ଏ ନେଇ ଅଶୋକ କୁଚିଣ୍ଡା ଥାନାରେ ଲିଖିତ ରିପୋର୍ଟ କରିଥିଲେ।

### ୨୨ରେ ଆର୍ଯ୍ୟ ସମାଜ ପକ୍ଷରୁ ବେଦପାରାୟଣ ଯଜ୍ଞ

ସମ୍ବଲପୁର,୧୯।୧(ବି.ଶଙ୍କର)

ଆସନ୍ତା ୨୨ ତାରିଖ ପୂର୍ବାହ୍ନ ୯ ଘଣ୍ଟା ୩୦ ମିନିଟରେ ଆର୍ଯ୍ୟସମାଜ ସମ୍ବଲପୁର ପକ୍ଷରୁ ଯଜୁର୍ବେଦ ପରାୟଣ ଯଜ୍ଞ ହେବାକୁ ସ୍ଥିର ହୋଇଛି। ଏହି ଦିନ ସମ୍ବଲପୁର ବୁଦ୍ଧିହିଲସ୍ଥିତ ରାମ ହନୁମାନ ମନ୍ଦିର ପ୍ରାଙ୍ଗଣରେ କାର୍ଯ୍ୟକ୍ରମ ହେବ ବୋଲି ଆର୍ଯ୍ୟସମାଜର ସଭାପତି ମନୋରଞ୍ଜନ ବାବୁ ସୂଚିତ କରିଛନ୍ତି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ଖବରଦାତା ପ୍ରଫୁଲ୍ଲ କୁମାର ଦାଶ, ଭୀମସେନ ସାହୁ ସପତ୍ନିକ ଯଜମାନର ଭୂମିକା ନିର୍ବାହ କରିବାକୁ ସ୍ଥିର ହୋଇଛି। ଆଚାର୍ଯ୍ୟ କୃଷ୍ଣଦେବ ଶାସ୍ତ୍ରୀ ଓ ପଣ୍ଡିତ ଦିନମଣୀ ଅଗ୍ନିହୋତ୍ରୀ ବେଦ ପାଠ ସହ କାର୍ଯ୍ୟକ୍ରମ ପରିଚାଳନା କରିବେ।

# ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ନାକଟିଦେଉଳ,୧୯।୧(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକ ଯାମୁଯୋରୀ ପଞ୍ଚାୟତ କୁଡାନାଳି ଗ୍ରାମର ଜଣେ ବୃଦ୍ଧ ଶୁକ୍ରବାର ଜଙ୍ଗଲକୁ ଯାଇଥିବା ବେଳେ ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ପ୍ରସନ୍ନ ମାଝି (୬୦)। ସୂଚନା ଅନୁସାରେ ପ୍ରସନ୍ନ ଘରେ ରଖିଥିବା ଛେଳିମାନଙ୍କ ପାଇଁ ଡାଳପତ୍ର ସଂଗ୍ରହ କରିବାକୁ ପ୍ରାୟ ୩ କି.ମି. ଦୂର ବେହେରାଖୋଲ ଜଙ୍ଗଲକୁ ଯାଇଥିଲେ। ସେଠାରେ ଏକ ଭାଲୁ ସହ ସେ ମୁହାଁମୁହିଁ ହୋଇଥିଲେ। ତେବେ ପ୍ରସନ୍ନ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଭାଲୁଟି ଦୌଡ଼ି ଆସି ତାଙ୍କୁ ଆକ୍ରମଣକରି କ୍ଷତବିକ୍ଷତ କରିଦେଇଥିଲା। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ କୌଣସିମତେ ଖସିଆସିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଛେଣ୍ଡିପଦା ଡାକ୍ତରଖାନା ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।


ଗୁରୁତର ପ୍ରସନ୍ନ।

# ପୁରୁଣା ବଲାଙ୍ଗୀ ବିଦ୍ୟାଳୟରେ ବିବିଧ ପ୍ରତିଯୋଗିତା


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ସମ୍ବଲପୁର,୧୯।୧(ବି.ଶଙ୍କର)

ମାନେଶ୍ୱର ବ୍ଲକ ପୁରୁଣା ବଲାରଙ୍ଗା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛ। ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଶେଫାଳୀ ରାଣୀ ଦାସ, ଉଦିତ ଚନ୍ଦ୍ର ପାଟ୍ଟଯୋଷୀ, କ୍ଷୀରୋଦ ପାତ୍ର ଯୋଗଦେଇଥିଲେ। ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ସାହିତ୍ୟ ସୃଜନୀ କ୍ଲବର ପୁସ୍ତକ ସମୀକ୍ଷା ଏବଂ ମୋ କଥା ମୋ କାହାଣୀ ପୁସ୍ତକ ପ୍ରସ୍ତୁତ କରିଥିଲେ। ଛାତ୍ରୀଛାତ୍ରମାନେ କବିତା ଆବୃତ୍ତି ସହ ରେବତୀ ଗଳ୍ପକୁ ନାଟକ ଭାବେ ପ୍ରଦର୍ଶନ କରିଥିଲେ। ନୀମା ସାହୁ ଓ ସ୍ୱାଗତିକା ପଣ୍ଡା ମଞ୍ଚ ପରିଚାଳନା ଓ ସୌମ୍ୟରଞ୍ଜନ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଇଭିଏମ୍, ଭିଭିପିଏଟି ପ୍ରଦର୍ଶନକୁ ଉଦ୍‌ଘାଟନ କଲେ ଜିଲାପାଳ

ସମ୍ବଲପୁର,୧୯।୧ (ଭବାନୀ ଶଙ୍କର ଭୋଇ)

ଆଗାମୀ ସାଧାରଣ ନିର୍ବାଚନରେ ନିର୍ଭୁଲ ମତଦାନ ପାଇଁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ତରଫରୁ ଇଭିଏମ୍ ଓ ଭିଭିପିଏଟି ପ୍ରଦର୍ଶନ କରାଯାଉଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଜିଲାପାଳ ଅନନ୍ୟା ଦାସ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଏହି ନମୁନା ପ୍ରଦର୍ଶନ କେନ୍ଦ୍ରରେ ଅଧିକାରୀ, କର୍ମଚାରୀ, ଜନସାଧାରଣ, ସ୍ୱୟଂ ସାହାୟକ ଗୋଷ୍ଠୀର ସଭ୍ୟା ଯୋଗଦେଇ ଇଭିଏମ୍ ଓ ଭିଭିପିଏଟି ବିଷୟରେ ଅବଗତ ହୋଇଥିଲେ। ମତଦାନବେଳେ ଇଭିଏମ୍ କିଭଳି ବ୍ୟବହାର କରାଯିବ ସେ ବିଷୟରେ ସମସ୍ତ ବର୍ଗର ଭୋଟରଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଏହି ଅବସରରେ ଜିଲାର ବୁଥ୍‌ସ୍ତରୀୟ ଅଧିକାରୀ, ଜନସାଧାରଣ, ଉପଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ, ପୋଲିସ କର୍ମଚାରୀ, ବିଭିନ୍ନ ବିଭାଗର କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ଫେବୃଆରୀ ଶେଷ ସପ୍ତାହ ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି ଜିଲାପାଳ।

# ନିଯୁକ୍ତି ମେଳା, କାଉନସେଲିଂ ଶିବିର ପାଇଁ ପ୍ରସ୍ତୁତି ବୈଠକ

ସମ୍ବଲପୁର,୧୯।୧ (ଭବାନୀ ଶଙ୍କର ଭୋଇ)

ଜିଲାପାଳଙ୍କ କାର୍ଯ୍ୟାଳୟର ସର୍ବଶିକ୍ଷା ଅଭିଯାନର ସମ୍ମିଳନୀ କକ୍ଷରେ ଖଣି ନିଯୁକ୍ତି ମେଳା ଓ କାଉନସେଲିଂ ଶିବିର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୩୦ ଓ ୩୧ରେ ରେଙ୍ଗାଲିସ୍ଥିତ ସରକାରୀ ପଲିଟେକ୍‌ନିକ୍ କେନ୍ଦ୍ର ଏବଂ ଧନକଉଡ଼ା ଖେଳ ପଡ଼ିଆଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମର ପ୍ରଚାର ପ୍ରସାର, ୨୫ରୁ ୩୦ ଷ୍ଟଲ ବ୍ୟବସ୍ଥା, ସୁରକ୍ଷା, ପାନୀୟ ଜଳ ଯୋଗାଣ, ପରିମଳ, ଚିକିତ୍ସା ସୁବିଧା, କୋର ଟିମ୍ ଗଠନ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଦକ୍ଷତା ବିକାଶ ଓ ନିଯୁକ୍ତି ଉପନିର୍ଦ୍ଦେଶକ ଶଙ୍କର ଚରଣ ମୁର୍ମୁ, ଅତିରିକ୍ତ ଇଓ ଜିଲା ପରିଷଦ ଟୁନୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ହାଇସ୍କୁଲରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

ପଡିଆବାହାଲ, ୧୯।୧(ରାଧାମୋହନ ଷଡ଼ଙ୍ଗୀ)

ବାହାମ ପଞ୍ଚାୟତ ପଧାନପାଲି ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବରିହା ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ ପ୍ରଫୁଲ୍ଲ କୁମାର ପଣ୍ଡା ମୁଖ୍ୟଅତିଥି, ସାମାଜିକ କର୍ମୀ ଡା. ରାଜାରାମ ଷଡଙ୍ଗୀ ମୁଖ୍ୟବକ୍ତା ଓ ପୂର୍ବତନ ଶିକ୍ଷକ ଅଶ୍ୱିନୀ କୁମାର ମିଶ୍ର, ସୁବର୍ଣ୍ଣ ପଣ୍ଡା, ଖବରଦାତା ଆଦେଶ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ଶିକ୍ଷାର୍ଥୀମାନେ ଭାଷା, ସାହିତ୍ୟ, କଳା କୌଶଳ ପ୍ରଭୃତି ପ୍ରଦର୍ଶନ କରିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏ ଅବସରରେ କ୍ରୀଡ଼ାରେ ଚାମ୍ପିୟନ ହୋଇଥିବା ବରିଷ୍ଠ ବାଳକ ବିଭାଗରେ ଚିକନ ବେହେରା, ବାଳିକା ବିଭାଗରେ ଲଭ୍‌ଲି ବାଗ, କନିଷ୍ଠ ବାଳକ ବିଭାଗରେ ରୋଷନ ଲୁଗୁନ, ବାଳିକା ବିଭାଗରେ ସଞ୍ଜିବନୀ ବାଗ, ସବ୍‌ଜୁନିୟର ଭାବେ ସୁରଜ ବେସେନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଲୁଲେନ୍ଦୁ କୁମାର ସାହୁ ସଂଯୋଜନା କରିଥିଲେ।

# ଭାଷା କେବେ ମରେନାହିଁ

ରେଢ଼ାଖୋଲ, ୧୯।୧ (ଅଚ୍ୟୁତାନନ୍ଦ ପୁରୋହିତ)

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ଓ ନୂଆ- ଓ ଯୋଜନାରେ ସାହିତ୍ୟର ବିଭିନ୍ନ ଦିଗ ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ କାର୍ଯ୍ୟକ୍ରମ ଭୀମ ଭୋଇ ମହାବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାରାୟଣ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ହେମନ୍ତ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାଷା କେବେ ମରେନାହିଁ ବୋଲି ମତ ରଖିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିଲୀପ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. ଶ୍ରୀଚନ୍ଦନ ସିଂହ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଡ. ମନୋରଞ୍ଜନ ମହନ୍ତ ପରିଚାଳନା କରିଥିଲେ। ଅଧ୍ୟାପକ ମାନଭଞ୍ଜନ କହଁର ଅତିଥି ପରିଚୟ ଓ ପ୍ରହ୍ଲାଦ ମେହେର ଧନ୍ୟବାଦ ଦେଇଥିଲେ।



# ହୀରାକୁଦ ଶିଳ୍ପ ତାଲିମ ଅନୁଷ୍ଠାନରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

ସମ୍ବଲପୁର,୧୯।୧ (ଭବାନୀ ଶଙ୍କର ଭୋଇ)

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ହୀରାକୁଦ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ଶୁକ୍ରବାର ଓଡିଆ ଭାଷା ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡିଆ ହସ୍ତାକ୍ଷର, କ୍ଷୁଦ୍ରଗଳ୍ପ ରଚନା, ଓଡିଆ ପ୍ରବନ୍ଧ ଲିଖନ, ସ୍ଲୋଗାନ ଲିଖନ, ନାଟକ ପରିବେଷଣ, କବିତା ପାଠ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ସୋମ୍ୟରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ବିଭାଗ ମୁଖ୍ୟ ଡ. ଅଶୋକ କୁମାର ଦାଶ, ଓଏଚ୍‌ପିସିର ପୂର୍ବତନ ନିର୍ଦ୍ଦେଶକ ଅବନୀ ଭୁଷଣ ମହାପାତ୍ର ଅତିଥି ଭାବରେ ଯୋଗଦେଇ ଓଡିଆ ଭାଷାର ମହତ୍ତ୍ୱ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ କୃଷ୍ଣାକୁମାରୀ ନାୟକ ପରିଚାଳନା କରିଥଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ନାକଟିଦେଉଳ,୧୯।୧(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକ ପେଣ୍ଡବାହାଲସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସୁଜାତା ନାଏକ ସଭାପତିତ୍ୱ କରିଥିଲେ। ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ ମୁଖ୍ୟ ଅତିଥି, ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ମନୋରଞ୍ଜନ ପ୍ରଧାନ ମୁଖ୍ୟବକ୍ତା ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କେବଳ ଚାକିରି ପାଇଁ ପାଠ ନ ପଢ଼ି ସବୁ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦିତ କରିବା ଦିଗରେ ଚେଷ୍ଟିତ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଚଳିତ ବର୍ଷର ଶ୍ରେଷ୍ଠ ଛାତ୍ର ଭାବେ ନବମ ଶ୍ରେଣୀର ଛାତ୍ରୀ ଦେବଯାନୀ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବରୁ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ ଗଗନ ମିର୍ଦ୍ଧାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମଧୁସ୍ମିତା ଦେହୁରି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ କ୍ଷେତ୍ରବାସୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶ ଫାଉଣ୍ଡେଶନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

କୁଚିଣ୍ଡା,୧୯।୧(ବିରଞ୍ଚି ଦର୍ଜ୍ଜା)

କୁଚିଣ୍ଡା ବ୍ଲକ ଟାଙ୍ଗିସରଠାରେ ଗୁରୁବାର ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗିସର ପଞ୍ଚାୟତ ଅଫିସ ପରିସରରେ ଅନୁଷ୍ଠିତ ଶିବିରକୁ ଟାଙ୍ଗିସର ସରପଞ୍ଚ ରାଜେନ୍ଦ୍ର କିଷାନ,ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ସମିତିସଭ୍ୟ ଖଗେଶ୍ୱର କିଷାନ, ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶିଳ କର, ମଣ୍ଡଳ ସଭାପତି ଉପେନ୍ଦ୍ର ପଟେଲ, ସରପଞ୍ଚ ଧନୁର୍ଜୟ ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଟାଙ୍ଗିସର ସମେତ ଆଖପାଖ ୪ରୁ ୫ ପଞ୍ଚାୟତର ରୋଗୀମାନେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡାକ୍ତରଙ୍କ ଦ୍ୱାରା ୪୦୯ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା


ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

ଯୁଯୁମୁରା,୧୯।୧ (ରମେଶ ବିଶ୍ୱାଳ)

ଯୁଯୁମୁରାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ହାଇସ୍କୁଲ ପଡିଆରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମପଞ୍ଚାୟତ ଅଧିକାରୀ ଲାଲ ମୋହନ ବୁଡେକ୍ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ କମିଟି ସଭାପତି ଅଶ୍ୱିନୀ ଦେହୁରି ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରିନ୍ସିପାଲ୍ ରବୀନ୍ଦ୍ର କୁମାର ଭୁଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ଜଗନ୍ନାଥ ପ୍ରଧାନ, ଇପ୍‌ସା ରାଣୀ ମାଝି, ଧୀରଜ ଭୋଇ ଚାମ୍ପିୟନ ହୋଇଥିଲେ। ଦୁଇଦିନରେ ମୋଟ ୬୦ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ମୋଟ ୧୮୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ୨୧ରେ ସମ୍ବଲପୁରରେ କୌଶଳ ମହୋତ୍ସବ

■ ନିଯୁକ୍ତି ଆଶାୟୀ ପାଇବେ ପଞ୍ଜୀକରଣ ସୁଯୋଗ

■ ଭାଗନେବେ ୨୦ରୁ ଅଧିକ ଆଇଟି କମ୍ପାନୀ ଓ ୫୦ରୁ ଊର୍ଦ୍ଧ୍ୱ ନିଯୁକ୍ତିଦାତା

ସମ୍ବଲପୁର,୧୯।୧(ପ୍ରମୋଦ ବହିଦାର)

ସମ୍ବଲପୁରର ଶିକ୍ଷିତ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିକରିବା ଲକ୍ଷ୍ୟରେ ଆସନ୍ତା ୨୧ରେ କୌଶଳ ମହୋତ୍ସବ ଅନୁଷ୍ଠିତ ହେବ। ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅନ୍ତର୍ଗତ ଜାତୀୟ ଦକ୍ଷତା ବିକାଶ ନିଗମ(ଏନ୍ଏସ୍‌ଡିସି) ପକ୍ଷରୁ ସ୍ଥାନୀୟ ଧନକଉଡ଼ା ପଡ଼ିଆରେ ଏହି ମହୋତ୍ସବ ଆୟୋଜନ ହେବ। ଏହାକୁ କେନ୍ଦ୍ର ଶିକ୍ଷା, ଦକ୍ଷତା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିବେ ବୋଲି ଏନ୍ଏସ୍‌ଡିସିର ମହାପ୍ରବନ୍ଧକ ନୀତିନ କାପୁର କହିଛନ୍ତି।

ସ୍ଥାନୀୟ ଏକ ହୋଟେଲରେ ଏନ୍ଏସ୍‌ଡିସି ପକ୍ଷରୁ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୌଶଳ ମହୋତ୍ସବ ସମ୍ପର୍କରେ ସୂଚନା ଦେଇ ଅନ୍ୟତମ ମହାପ୍ରବନ୍ଧକ ପଙ୍ଖୁରୀ ବର୍ଗୋହେନ କହିଛନ୍ତି, ବର୍ତ୍ତମାନ ପାଖାପାଖି ୭୦୦୦ରୁ ଅଧିକ ବିଭିନ୍ନ ପଦବୀ ଖାଲି ରହିଛି। ସେଗୁଡ଼ିକ ପୂରଣ ପାଇଁ କେନ୍ଦ୍ର ଶିକ୍ଷା, ଦକ୍ଷତା ଓ ଉଦ୍ୟମିତା ମନ୍ତ୍ରଣାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିଯୁକ୍ତିଦାତା ଓ ଚାକିରି ଅନ୍ୱେଷଣରେ ଥିବା ଯୁବବର୍ଗଙ୍କୁ ଗୋଟିଏ ପ୍ଲାଟ୍‌ଫର୍ମରେ ଆଣିବା ପାଇଁ ଏହି ମହୋତ୍ସବ ଆୟୋଜନ କରାଯାଇଛି। ଏମ୍‌ବିଏ, ଆଇଟିଆଇ, ଡିପ୍ଲୋମାଧାରୀ, ସ୍ନାତକ, ସ୍ନାତକୋତ୍ତର, ମାଟ୍ରିକ ପାସ୍ କରିଥିବା ଯୁବବର୍ଗଙ୍କୁ ଉଚିତ ପ୍ରଶିକ୍ଷଣ ସହ ବୈଷୟିକ ଦକ୍ଷତା ବିକାଶ କରି ଦେଶର ବିଭିନ୍ନ କ୍ଷେତ୍ରରେ ରହିଥିବା ଆବଶ୍ୟକତା ପୂରଣ କରିବାର ଏହା ଏକ ପ୍ରୟାସ। ଏଥିରେ ପଞ୍ଜୀକରଣ କରିବା ପାଇଁ ୨୦ ଦିନ ପୂର୍ବରୁ ଆବେଦନ କରିବାକୁ ଅନ୍‌ଲାଇନରେ ସୂଚନା ଦିଆଯାଇଥିଲା। ଚଳିତବର୍ଷ ବିଭିନ୍ନ କ୍ଷେତ୍ରରୁ ୫୦ରୁ ଅଧିକ ନିଯୁକ୍ତିଦାତା ଏଥିରେ ଭାଗ ନେଉଥିବା ବେଳେ ନିଯୁକ୍ତି ପାଇଁ ବର୍ତ୍ତମାନ ସୁଦ୍ଧା ୫ ହଜାରରୁ ଊର୍ଦ୍ଧ୍ୱ ଯୁବତୀଯୁବକ ପଞ୍ଜୀକରଣ ପାଇଁ ଆବେଦନ କରିସାରିଛନ୍ତି। ଏହାବ୍ୟତୀତ ଜାନୁଆରୀ ୨୧ରେ ମଧ୍ୟ ଆଗ୍ରହୀ ଶିକ୍ଷିତ ଯୁବବର୍ଗ ମହୋତ୍ସବ ସ୍ଥଳରେ ପଞ୍ଜୀକରଣ ସୁଯୋଗ ପାଇବେ। ଉକ୍ତ ଦିନ ସକାଳ ୮ଟାରୁ ପଞ୍ଜୀକରଣ ଆରମ୍ଭ ହୋଇ ନିଯୁକ୍ତି ଆଶାୟୀଙ୍କ ସାକ୍ଷାତ୍‌କାର ପରେ କାଉନସେଲିଂ କରାଯିବ। ଅପରାହ୍ନ ୩ଟାରୁ ଚୟନ ହୋଇଥିବା ଯୁବତୀଯୁବକଙ୍କୁ ବିଭିନ୍ନ କମ୍ପାନୀ ପକ୍ଷରୁ ନିଯୁକ୍ତି ପାଇଁ ଅଫର ଲେଟର ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଏଥିରେ ୨୦ରୁ ଅଧିକ ଆଇଟି କମ୍ପାନୀ ସହ ଏଲ୍ ଆଣ୍ଡ ଟି ଫାଇନାନ୍ସ, ରିଲାଏନ୍ସ ଜିଓ ଆଦି ୫୦ରୁ ଅଧିକ ନିଯୁକ୍ତିଦାତା ଯୋଗଦେବେ। ଖବରଦାତା ସମ୍ମିଳନୀରେ ଏନ୍ଏସ୍‌ଡିସିର ରାଜ୍ୟ ନିଯୁକ୍ତି ସଂଯୋଜକ ଦେବୀପ୍ରସାଦ ମହାନ୍ତି ଓ ରାଜ୍ୟ ନିଯୁକ୍ତି ଅଧିକାରୀ ସ୍ମୃତିରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## ସଂକ୍ଷେପରେ

### ଦ୍ୱାରିକା ମହାପାତ୍ର କଳାହାଣ୍ଡି ଲୋକ ସଭା ଆସନର ସଂଯୋଜକ



ଭବାନୀପାଟଣା,୧୯।୧(ଉତ୍ତମ କୁମାର ଦାଶ)

ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ କଳାହାଣ୍ଡି ଲୋକ ସଭା ଆସନର ସଂଯୋଜକ ଭାବେ ଯୁବ ଆଇନଜୀବୀ ଦ୍ୱାରିକା ମହାପାତ୍ରଙ୍କୁ ନିଯୁକ୍ତି କରାଯାଇଛି। ଏହାକୁ ନେଇ ଜିଲା କଂଗ୍ରେସ କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହାପୂର୍ବରୁ ଦ୍ୱାରିକା ଓଡିଶା ପ୍ରଦେଶ ଯୁବ କଂଗ୍ରେସ ପୂର୍ବତନ ସମ୍ପାଦକ ଓ ନବରଙ୍ଗପୁର ଜିଲା ପୂର୍ବତନ ଯୁବ କଂଗ୍ରେସ ସଭାପତି ମଧ୍ୟ ରହି ନିଜ ଦାୟିତ୍ୱକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ କଳାହାଣ୍ଡି ଲୋକ ସଭା ଆସନରେ କଂଗ୍ରେସ କିଭଳି ଉତ୍ତମ ପ୍ରଦର୍ଶନ କରିବ ସେ ନେଇ ପ୍ରୟାସ କରିବି ବୋଲି ସଂଯୋଜକ ଦ୍ୱାରିକା ମହାପାତ୍ର ପ୍ରକାଶ କରିଛନ୍ତି।

### ୨୨ରେ ମଦ, ମାଂସ ଉପରେ ରୋକ ଲଗାଯାଉ

ନୂଆପଡ଼ା,୧୯।୧(ମକାରୁ ବେମାଲ)

ଆସନ୍ତା ୨୨ରେ ରାମ ମନ୍ଦିର ପ୍ରତିଷ୍ଠା ହେବ। ଏହି ଦିବସ ଅବସରରେ ନୂଆପଡ଼ା ଜିଲାରେ ମଦ, ମାଂସ ବିକ୍ରି ଉପରେ ରୋକ ଲଗାଇବାକୁ ନୂଆପଡା ସଦର ମହକୁମାସ୍ଥିତ ରାମ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଜିଲାପାଳ ହେମକାନ୍ତ ସାଏଙ୍କୁ ସାକ୍ଷାତ କରି ଦାବି କରିଛନ୍ତି। ମନ୍ଦିର ପରିଚାଳନା କମିଟି ସଭାପତି ବସନ୍ତ ସିଂ ଠାକୁର, ସମ୍ପାଦକ କ୍ଷିତିଶ ଅଶୋକ ବୋଧନକର, ମନ୍ଦିର ପୂଜକ ଅକ୍ଷୟ କୁମାର ରଥ ପ୍ରମୁଖ ଜିଲାପାଳଙ୍କୁ ସହ ଆଲୋଚନା କରି ଆସନ୍ତା ୨୨ରେ ରାମ ଜନ୍ମଭୂମି ଅଯୋଧ୍ୟାରେ ରାମଲାଲାଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ହେବାକୁ ଯାଉଥିବାରୁ ଏହି ଦିନ ଜିଲାରେ ମଦ ଓ ମାଂସ ଦ୍ରବ୍ୟ ବିକ୍ରି ଉପରେ ରୋକ ଲଗାଇବାକୁ ଆବେଦନ କରିଛନ୍ତି। ଜିଲପାଳ ସେମାନଙ୍କ ଆବେଦନ ଗ୍ରହଣ କରି ରୋକ ଲଗାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। କୌଣସି ବ୍ୟକ୍ତି ଅମାନିଆ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ପିଇଓଙ୍କୁ ତାଲା ପକାଇଲେ ହିତାଧିକାରୀ

କୋକସରା,୧୯।୧(ଦୁଷ୍ମନ୍ତ କୁମାର ପାଇଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତରେ ପିଡିଏସ ଚାଉଳ ଓ ଭତ୍ତା ଯୋଗାଣ ଦାବିରେ ଶୁକ୍ରବାର ଲଡୁଗାଁ ପଞ୍ଚାୟତ ପିଇଓ ମାନସ ବେଣୁପାଣୀଙ୍କୁ ଦୀର୍ଘ ସମୟ ଧରି ତାଲା ପକାଇ ହିତାଧିକାରୀମାନେ ପ୍ରତିବାଦ କରିଛନ୍ତି। ସୂଚନା ଅନୁସାରେ ଲଡୁଗାଁ ପଞ୍ଚାୟତରେ ୨୮୧୯ଜଣ ହିତଧିକାରୀ ଥିବା ବେଳେ ସେମାନଙ୍କ ପାଇଁ ପ୍ରତି ମାସରେ ୫୧୯ କୁଇଣ୍ଟାଲ ୬୫ କେଜି ଚାଉଳ ଉଠାଣ ହୋଇଥାଏ। ହିତାଧିକାରୀଙ୍କୁ ଜାନୁୟାରୀ ପ୍ରଥମ ସପ୍ତାହ ସୁଦ୍ଧା ଜାନୁୟାରୀ, ଫେବୃଆରୀ, ମାର୍ଚ୍ଚ ଓ ଏପ୍ରେଲ ୪ ମାସର ଚାଉଳ ଯୋଗାଣ କରିବା କଥା। ହେଲେ ୨୦ ଦିନ ବିତିଯାଇଥିଲେ ମଧ୍ୟ ହିତାଧିକାରୀମାନଙ୍କୁ ଚାଉଳ ଯୋଗାଣ କରାଯାଇନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ଶତାଧିକ ପୁରୁଷ ମହିଳା ହିତାଧିକାରୀ ପିଇଓଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଅଟକ ରଖିଲେ। ପିଡିଏସ ଚାଉଳ ଓ ଭତ୍ତା ଯୋଗାଣ ଦାବି କରି ଆନ୍ଦୋଳନ କରିଥିଲେ। ଚାଉଳ ଠିକ୍ ସମୟରେ ପଞ୍ଚାୟତରୁ ମିଳୁ ନ ଥିବା କାରଣରୁ ହିତାଧିକାରୀମାନେ ଖୋଲା ବଜାରରୁ ଚଢା ଦରରେ ଚାଉଳ କିଣି ଆର୍ଥିକ କ୍ଷତି ସହୁଥିବା ଅଭିଯୋଗ କରିଛନ୍ତି। ପଞ୍ଚାୟତରେ ତାଲା ଦେଇ ଆନ୍ଦୋଳନ ଘଟଣା ନେଇ ପୋଲିସ ଖବର ପାଇବା ଘଟଣାସ୍ଥଳରେ କୋକସରା ପୋଲିସ ଅଧିକାରୀ ପହଞ୍ଚି ଧାରଣାରେ ବସିଥିବା ହିତାଧିକାରୀଙ୍କ ସହ ଆଲୋଚନା କରି ବୁଝାଶୁଝା କରିଥିଲେ। ପରେ ଦୀର୍ଘ ୪ ଘଣ୍ଟା ପରେ ପଞ୍ଚାୟତର ତାଲା ଖୋଲାଯାଇଥିଲା। ପିଇଓ ବେଣୁପାଣୀଙ୍କ ପ୍ରତିକ୍ରିୟା ନେବାରୁ ଚାଉଳ ଆସିନାହିଁ, ଦିନେ ଦୁଇଦିନ ମଧ୍ୟରେ ଚାଉଳ ଦିଆଯିବା ନେଇ କହିଛନ୍ତି। ହେଲେ ଏହି ପଞ୍ଚାୟତରେ ଦୁର୍ନୀତି ପିଛାଛାଡୁ ନ ଥିବା ଅଭିଯୋଗ ହୋଇ ଆସୁଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



ପିଇଓଙ୍କୁ ପଞ୍ଚାୟତ ଅଫିସରେ ତାଲା ପକାଇ ହିତାଧିକାରୀମାନେ ଆନ୍ଦୋଳନ କରୁଛନ୍ତି।

**ପିଡିଏସ୍ ଚାଉଳ, ଭତ୍ତା ଯୋଗାଣ ଦାବି**

# କଳାହାଣ୍ଡି ଭାଜପା କୃଷକ ମୋର୍ଚ୍ଚାର ମଣ୍ଡି ପରିଦର୍ଶନ

ଭବାନୀପାଟଣା,୧୯।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି କେଶରୀ ଦୁର୍ଗାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶୁକ୍ରବାର ଧର୍ମଗଡ ନିର୍ବାଚନ ମଣ୍ଡଳୀର କୋକସରା, ମୋଟେର, ବୋଡେନ ଧାନ ମଣ୍ଡି ବୁଲି ଚାଷୀଙ୍କ ସହିତ ତାଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ଗତ ଡିସେମ୍ବରରେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ, ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ରଙ୍କ ସହିତ ଜିଲାର ଅନେକ ମଣ୍ଡି ପରିଦର୍ଶନ ପରେ ଧାନ କୁଇଣ୍ଟାଲ ପ୍ରତି ୮ କେଜି କଟ୍‌ନି ଛଟ୍‌ନି କରିଥିବା ଜାଣି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୮ଦିନ ଗଣଧାରଣା ପରେ କଳାହାଣ୍ଡି ବନ୍ଦ ଡାକରା ଦିଆଯାଇଥିଲା। ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଖାମଖିଆଲି ମନୋଭାବରେ ଚାଷୀଙ୍କୁ ଉପେକ୍ଷା କରାଗଲା। ଭାଜପା ଚାଷୀଙ୍କ ହକ୍ ପାଇଁ ଆନ୍ଦୋଳନ ପରେ ଜିଲା ପ୍ରଶାସନ ଧାନ କଟ୍‌ନି ଛଟ୍‌ନି ବନ୍ଦ କରି ଚାଷୀଙ୍କ ପ୍ରତି ଦୟାଭାବ ରଖିଥିବା ଭାବି ମୋର୍ଚ୍ଚା ସଭାପତି କିଛି ମଣ୍ଡିକୁ ପରିଦର୍ଶନ କରିଥିଲେ। ମଣ୍ଡିରେ ପୂର୍ବଭଳି ୮ ରୁ ୧୦ କଟନି ଛଟନି କରୁଥିବା ଓ ଓଜନରୁ ୫ ଶହ ଗ୍ରାମ ଧାନକୁ ହିସାବରେ ଆଣୁ ନ ଥିବା, ମଣ୍ଡିରେ ଆର୍‌ଏମ୍‌ସି ପାକ୍ସ କର୍ମଚାରୀ ଅନୁପସ୍ଥିତିରେ ମିଲର୍ ଏଜେଣ୍ଟ ଧାନ କିଣୁଥିବା ଦେଖିବାକୁ ପାଇଲେ। ଓଜନ କରୁଥିବା ମେଶିନ୍ ଠିକ୍ ଓଜନ ଦେଖାଉ ନ ଥିବାରୁ ପାକ୍ସ ଅଧିକାରୀଙ୍କୁ ଅବଗତ ପରେ ମଧ୍ୟ ଶୁଣି ନ ଥିଲେ। ପରେ ସିଏସ୍‌ଓଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରି ଚାଷୀଙ୍କ ସମସ୍ୟା ସମାଧାନ କରିବା ପାଇଁ ଅନୁରୋଧ କରିଥିଲେ। ରାଜ୍ୟ ସଭାପତିଙ୍କ ଆହ୍ୱାନକ୍ରମେ ଜିଲାରେ ମଧ୍ୟ କୃଷକ ମୋର୍ଚ୍ଚା ପକ୍ଷରୁ ଗାଁ ଗାଁକୁ ଯାଇ ଚାଷୀମାନଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ସୁଧିର କୁମାର ମୁଣ୍ଡ, ମୋର୍ଚ୍ଚା ଉପସଭାପତି ନିରଞ୍ଜନ ଛତ୍ରିଆ, ଆମପାଣି ମଣ୍ଡଳ ସଭାପତି କୁଶ ସରାଫ, ବିପିନ ବିହାରୀ ମହାରଣା, ମହେନ୍ଦ୍ର ନାଏକ, ରାଧେଶ୍ୟାମ ନାଗ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା କୃଷକ ମୋର୍ଚ୍ଚାର ମଣ୍ଡି ପରିଦର୍ଶନ।

# ଉପର ଇନ୍ଦ୍ରାବତୀ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହେଲେ ଚାଷୀ



ଚାଷୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

କୋକସରା,୧୯।୧(ଦୁଷ୍ମନ୍ତ କୁମାର ପାଇଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ସିର୍ଲିଗୁଡା ଗ୍ରାମର ଚାଷୀମାନେ କୁସୁମଖୁଣ୍ଟିସ୍ଥିତ ଉପର ଇନ୍ଦ୍ରାବତୀ ଉଠା ମୁଖ୍ୟବନ୍ଧ ବିଭାଜନ ନିର୍ବାହୀ ଯନ୍ତ୍ରୀଙ୍କୁ ଅଚଳ ଲିଫ୍ଟ ପଏଣ୍ଟ କାର୍ଯ୍ୟକ୍ଷମ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମେଗା ଲିଫ୍ଟ ପଏଣ୍ଟରୁ ଜଳ ନିଷ୍କାସନ ହେଉ ନ ଥିବାରୁ ମରାମତି ପାଇଁ ଦାବି କରିଛନ୍ତି। ସୂଚନା ଅନୁସାରେ ସିର୍ଲିଗୁଡାଠାରେ ଡିଏମ୍–୧୩ରୁ ଅନେକ ପଏଣ୍ଟରେ ଏବେ ଜଳ ନିଷ୍କାସନ ହେଉନାହିଁ। ପାଣି ଛାଡ଼ିବା ପରେ ପ୍ରଥମ ଦିନରୁ ଅଳ୍ପ ଅଳ୍ପ ପାଣି ନନିଷ୍କାସନ ହେଉଥିଲା। ଏହାକୁ ଦେଖି ଚାଷୀ ତଳି ପକାଇଥିଲେ। ବର୍ତ୍ତମାନ ତଳି ଘେରା ପ୍ରସ୍ତୁତ ହୋଇଥିବା ବେଳେ ପ୍ରାୟ ୩ ଦିନ ହେବ ଉକ୍ତ ପଏଣ୍ଟଗୁଡ଼ିକରେ ଜଳ ନିଷ୍କାସନ ହେଉନାହିଁ। ଫଳରେ ଚାଷୀମାନେ ଚିନ୍ତାରେ ପଡି କୁସୁମଖୁଣ୍ଟି ସ୍ଥିତ ଉପର ଇନ୍ଦ୍ରାବତୀ ଉଠା ମୁଖ୍ୟବନ୍ଧ ବିଭାଜନ କାର୍ଯ୍ୟାଳରେ ପହଞ୍ଚିଥିଲେ। ନିର୍ବାହୀ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଜେକେଏମ୍ ଆଚାର୍ଯ୍ୟଙ୍କୁ ଶତାଧିକ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଡିଏମ୍–୧୩ର ଉକ୍ତ ଜଳ ନିଷ୍କାସନ କେନ୍ଦ୍ର ନିକଟରେ ବାଲିବନ୍ଧ ଦେଇ ସମ୍ପୂର୍ଣ୍ଣ ମାତ୍ରାରେ ପାଣି ପ୍ରବେଶ କରାଇବା ପାଇଁ ଦାବି କରିଥିଲେ। ଅଭିଯୋଗ ପାଇବା ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସିର୍ଲିଗୁଡା ଗାଁକୁ ଯାଇ ଚାଷୀଙ୍କ ସହ ଉକ୍ତ ଜଳ ନିଷ୍କାସନ କେନ୍ଦ୍ର ନିକଟରେ ପହଞ୍ଚି ସ୍ଥିତି ପରଖିଛନ୍ତି। ଦୁଇ ଦିନ ଭିତରେ ସମସ୍ୟାର ସମାଧାନ କରିବା ପାଇଁ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଦାବିପତ୍ର ପ୍ରଦାନ ସମୟରେ ସିର୍ଲିଗୁଡା ଗ୍ରାମର ବସନ୍ତ ନାଗ, ଦମବୁଢ଼ା ନାଗ, ଭୂଷଣ ମହାନନ୍ଦ, ଦୀପକ ସାହୁ, ଚନ୍ଦ୍ର ଶେଖର ସୁନାନୀ, ବିଜୟ ନାଗ, ବୃନ୍ଦାବନ ନାୟକ, ଅଜୟ କୁମାର ସାହୁ, ଗୟାଧର ନାୟକ, ଦୁଷ୍ମନ୍ତ ନାଗ, ପୁସ୍ତମ୍ ନାଗଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ।

**ଅଚଳ ଲିଫ୍ଟ ପଏଣ୍ଟ କାର୍ଯ୍ୟକ୍ଷମ ଦାବି**

### ତୁଷୁରା ଏନ୍‌ଏସି, ଗୁଡଭେଲା ବ୍ଲକ ଅଞ୍ଚଳରେ ୨୪ ଘଣ୍ଟିଆ ବନ୍ଦ ଆଜି

ଗୁଡଭେଲା,୧୯।୧(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ଏନ୍‌ଏସି ଓ ଗୁଡଭେଲା ବ୍ଲକ ଅଞ୍ଚଳରେ ଚାଲିଥିବା ଧାନ କ୍ରୟ ମଣ୍ଡିରେ କଟନୀଛଟନୀ କରାଯାଇ ଚାଷୀଙ୍କୁ ହଇରାଣ କରାଯାଉଛି। ଏନେଇ ଚାଷୀ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି। ତେଣୁ ଏହାର ପ୍ରତିବାଦରେ ଶନିବାର ତୁଷୁରା ଏନ୍‌ଏସି ଓ ଗୁଡଭେଲା ବ୍ଲକ ଅଞ୍ଚଳରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଛି ତୁଷୁରା ଯୁଥ ଏକ୍ସନ କମିଟି। ଶୁକ୍ରବାର ଡାକବାଜି ଯନ୍ତ୍ର ମାଧ୍ୟମରେ ବନ୍ଦ ପାଳନକୁ ସଫଳ କରିବାକୁ କମିଟି ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ସମସ୍ତ ଦୋକାନ ବଜାର ବନ୍ଦ କରାଯିବ ବୋଲି କମିଟିର ଲିସନ ପ୍ରଧାନ, ଦେବବ୍ରତ ପାଣିଗ୍ରାହୀ, କହ୍ନା ପ୍ରଧାନ, ଶ୍ରୀକାନ୍ତ ବାଗ ଆଦି ସୂଚନା ଦେଇଛନ୍ତି।

### ଛାତ୍ରଙ୍କୁ ଶିକ୍ଷକଙ୍କ ମାଡ଼ମାରିବା ଅଭିଯୋଗ

କଣ୍ଟାବାଞ୍ଜି, ୧୯।୧(ଗୁରୁ ଦୟାଲ ହଂସ)

ବଲାଙ୍ଗିର ଜିଲା ତୁରେକେଲା ବ୍ଲକ ଚଟୁଅନକାସ୍ଥିତ ଏକ ବିଦ୍ୟାଳୟରେ ଶୁକ୍ରବାର ସରକାରଙ୍କ ସୃଜନୀ ଯୋଜନାରେ କ୍ରୀଡାଙ୍ଗନା ଚାଲିଥିଲା। ଏହି ସମୟରେ କେତେକ ଛାତ୍ର ହୋହଲ୍ଲା ହେଉଥିଲେ। କାର୍ଯ୍ୟରତ ଜଣେ ଶିକ୍ଷକ ଜଣେ ଛାତ୍ରଙ୍କୁ ମାଡ ମାରିଥିଲେ। ଶିକ୍ଷକଙ୍କ ମାଡରେ ଛାତ୍ର ଜଣକ ସାମାନ୍ୟ ଖଣ୍ଡିଆଖାବରା ହୋଇଥିବାବେଳେ ଖବରଟି ପରିବାର ଲୋକଙ୍କ ଦୃଷ୍ଟି ଗୋଚର ହୋଇଥିଲା। ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପରିଚାଳନା କମିଟି ଏବଂ ଅଭିଭାବିକା, ଅଭିଭାବକମାନଙ୍କ ଉପସ୍ଥିତିରେ ଜିଲା ଶିକ୍ଷାଧିକାରୀ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ବୈଠକ ହୋଇ ଘଟଣାର ସମାଧାନ ହୋଇଥିଲା।

# ଚକ୍ଷୁ ଦାନକଲେ ପରିବାର ଲୋକେ

ଗୁଡଭେଲା,୧୯।୧(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ଏନଏସି ଅଞ୍ଚଳର ଜଣେ ମହିଳାଙ୍କ ଚକ୍ଷୁ ତାଙ୍କ ପରିବାର ଲୋକେ ଦାନ କରିଛନ୍ତି। ଏନଏସି ଅଞ୍ଚଳର ପମି ରଣା (୩୦)ଙ୍କ ମୃତ୍ୟୁ ପରେ ଶୁକ୍ରବାର ତାଙ୍କ ବାପା ଗେହେରୁ ରଣା, ସ୍ୱାମୀ କିରଣ ରଣା, ଦେଅର ଜିତୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜର ଚକ୍ଷୁ ବିଭାଗରେ ଚକ୍ଷୁ ଦାନ କରିଥିଲେ। କ୍ରନିଆ ସ୍ପେଶାଲିଷ୍ଟ (ଚକ୍ଷୁ ବାହାର କରୁଥିବା ବିଶେଷଜ୍ଞ) ନିହାରିକା ମହାପାତ୍ର ଚକ୍ଷୁ ସଂଗ୍ରହ କରି ଭୁବନେଶ୍ୱର ଦୃଷ୍ଟି ଦାନ ବ୍ୟାଙ୍କକୁ ପଠାଇଥିବା ସୂଚନା ଦେଇଥିଲେ। ଚକ୍ଷୁଦାନ ପ୍ରମାଣପତ୍ର ପ୍ରଶାସନ ପକ୍ଷରୁ ପରିବାର ଲୋକଙ୍କୁ ପ୍ରଦାନ କରାଯାଇଛି। ପମି କୌଣସି କାରଣରୁ ଆତ୍ମହତ୍ୟା କରିଥିବାବେଳେ ତାଙ୍କର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକେ ଚକ୍ଷୁ ଦାନ କରିଥିଲେ।



ଚକ୍ଷୁଦାନ ପ୍ରମାଣପତ୍ର ପ୍ରଶାସନ ପକ୍ଷରୁ ପରିବାର ଲୋକଙ୍କୁ ପ୍ରଦାନ କରାଯାଉଛି।

### ସିଆଲଲଟି ଉଚ୍ଚ ବିଦ୍ୟାଳୟରେ ସୃଜନୀ ଉତ୍ସବ ଉଦ୍‌ଘାଟିତ

ନୂଆପଡ଼ା,୧୯।୧(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ସିଆଲଲଟି ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ସୃଜନୀ ଉତ୍ସବ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଞ୍ଚାନନ ମଟାରୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସରପଞ୍ଚ କାଳିଆ ପ୍ରଧାନ ମୁଖ୍ୟଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ପୂର୍ବତନ ସରପଞ୍ଚ ରୁଦ୍ର ସିଂ ମାଝି, ବିରଞ୍ଚି ସାହୁ, ସଦାଶିବ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା ଓ କ୍ରୀଡାଙ୍ଗନ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଛାତ୍ରୀଛାତ୍ରଙ୍କ ସୁନ୍ଦର ଚିତ୍ରକଳା, ମୋ କଥା ମୋ କାହାଣୀ, ସ୍ଲୋଗାନ ଓ ଗଳ୍ପ ଲେଖା ଉପରେ ପ୍ରଦର୍ଶିତ ହୋଇଥିଲା। ଚାରିଟି ବିଭାଗରୁ ୧୨ ଛାତ୍ରୀଛାତ୍ରଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବରେ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଦେବାନନ୍ଦ ରଥ ମଞ୍ଚ ପରିଚାଳନା କରିଥିଲେ। ନିରଞ୍ଜନ ବିଶ୍ୱାଳ, କୁଳଚନ୍ଦ୍ର ରଣା, ନଗେନ୍ଦ୍ର କୁମାର କର, ଜୟନ୍ତ କୁମାର ସାହୁ, ଘନଶ୍ୟାମ ଭୋଇ, ଦେଓନାଥ କୁମାର ପ୍ରଧାନ ସହଯୋଗ କରିଥିଲେ।

# ଜୁନାଗଡ଼ ଏନ୍‌ଏସି ହେବ ଫାଇଲେରିଆ ମୁକ୍ତ

ଜୁନାଗଡ଼,୧୯।୧(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଆଗାମୀ ଫେବୃୟାରୀ ୧୦ରୁ ୧୯ ତାରିଖ ମଧ୍ୟରେ ହେବାକୁ ଥିବା ଜାତୀୟ ଫାଇଲେରିଆ ନିରାକରଣ ପାଇଁ ଶୁକ୍ରବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ଭଗବାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ନଗରପାଳ ମୁକେଶ ଅଗ୍ରୱାଲ, ଏଡିପିଏଚଓ ଡାକ୍ତର ରଞ୍ଜନ କୁମାର ମିତ୍ର, ବିପିଏମ ଏମ୍ ରାଜଶେଖର, ଏବିଇଓ ସୁଶାନ୍ତ ଠାକୁର ପ୍ରମୁଖ ଯୋଗଦେଇଥିଲେ। ବିଭାଗୀୟ ପରାମର୍ଶଦାତା ସନ୍ତୋଷ କୁମାର ବାଗ କାର୍ଯ୍ୟକ୍ରମ ଯୋଜନା ପିପିଟି ମାଧ୍ୟମରେ ଉପସ୍ଥାପନା କରିଥିଲେ। ୨୦୨୩–୨୪ ସର୍ଭେରେ ଜୁନାଗଡ଼ ଏନଏସିରେ ୧୧ଜଣ ଫାଇଲେରିଆ ରୋଗରେ ଆକ୍ରାନ୍ତ ଥିବା ଜଣାପଡିଥିଲା। ଆଗକୁ ଜୁନାଗଡ଼ ଫାଇଲେରିଆ ମୁକ୍ତ ହେବ ସେ ନେଇ ଆହ୍ୱାନ ଦିଆଯାଇଥିଲା। ଏଥିପାଇଁ ଆସନ୍ତା ଫେବୃଆରୀ ୧୦ରୁ ୧୯ ଜୁନାଗଡ଼ ଏଏ ସିରେ ଫାଇଲେରିଆ ନିରାକରଣ ପାଇଁ ମିଶନ ଆରମ୍ଭ କରାଯିବ। ଏଥିରେ ୨ ବର୍ଷରୁ କମ ଶିଶୁ, ଗର୍ଭବତୀ ମହିଳା ଓ ଅତ୍ୟନ୍ତ ରୋଗାକ୍ରାନ୍ତଙ୍କୁ ବାଦ ଦେଇ ଅନ୍ୟ ସମସ୍ତଙ୍କୁ ଡିଇସି ଟାବ୍ଲେଟ ଓ ଆଲବେଣ୍ଡାଯୋଲ ଔଷଧ ବଣ୍ଟନ କରାଯିବ। ଅଙ୍ଗନୱାଡି ଓ ଆଶାକର୍ମୀ ଟିମ ଦ୍ୱାରା ଇଭର୍ମେଟିନ୍ ଟାବ୍ଲେଟ ଉଚ୍ଚତା ଅନୁସାରେ ଘରକୁ ଘର ବୁଲି ଲୋକଙ୍କୁ ସେବନ କରାଯିବ। ସେହିପରି ମୋବାଇଲ ଟିମ ମାଧ୍ୟମରେ ମଧ୍ୟ କାର୍ଯ୍ୟାଳୟ ଅଫିସ, ହାଟ, ସ୍କୁଲ ଅଞ୍ଚଳରେ ବୁଲି ବୁଲି ଔଷଧ ସେବନ କରାଯିବ ବୋଲି ଜଣାପଡିଛି। ଏହି ଅବସରରେ ଫାଇଲେରିଆ ନିରାକରଣ ଅଭିଯାନର ପୋଷ୍ଟର ଉନ୍ମୋଚିତ ହୋଇଥିଲା। ଉପସ୍ଥିତ ସମସ୍ତ ବର୍ଗର ବ୍ୟକ୍ତି ବିଶେଷଙ୍କୁ ଏହି କାର୍ଯ୍ୟକ୍ରମରେ ସହଯୋଗ କରିବା ସହିତ ସାମିଲ ହୋଇ ଜୁନାଗଡ଼କୁ ଫାଇଲେରିଆ ମୁକ୍ତ କରିବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ପଣ୍ଡା ନିବେଦନ କରିଛନ୍ତି। ବିଭାଗୀୟ ସୁପରଭାଇଜର ପ୍ରିୟରଞ୍ଜନ ମୁଣ୍ଡ ଧନ୍ୟବାଦ ଦେଇଥିଲେ।

**ଜାତୀୟ ଫାଇଲେରିଆ ନିରାକରଣ ପାଇଁ ପ୍ରସ୍ତୁତି ବୈଠକ**



ଫାଇଲେରିଆ ନିରାକରଣ ଅଭିଯାନର ପୋଷ୍ଟର ଉନ୍ମୋଚିତ।

# ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ

ଭବାନୀପାଟଣା,୧୯।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ତଥା ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ ସହଯୋଗରେ ଗତ ୧୭ ତାରିଖଠାରୁ ବିକାଶ ୱିସ୍ତମ ପାର୍କରେ ଚାଲିଥିବା ପୂର୍ବାଞ୍ଚଳ (ଇଷ୍ଟ)ଜୋନସ୍ତରୀୟ ଖୋ–ଖୋ (ପୁରୁଷ) ଆନ୍ତବିଶ୍ୱବିଦ୍ୟାଳୟ ଟୁର୍ନାମେଣ୍ଟ ଶୁକ୍ରବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଜାତୀୟସ୍ତରୀୟ ଟୁର୍ନାମେଣ୍ଟରେ ୩୯ଟି ବିଶ୍ୱବିଦ୍ୟାଳୟ ପ୍ରବେଶ କରିଥିବା ବେଳେ ୩୩ଟି ବିଶ୍ୱବିଦ୍ୟାଳୟ ଅଂଶ ଗ୍ରହଣ କରିଥିଲେ। ଅନ୍ତିମ ଦିନ ଖେଳରେ ୪ଟି ବିଶ୍ୱବିଦ୍ୟାଳୟ ବିଭିନ୍ନ ସ୍ଥାନ ଗ୍ରହଣ କରିଥିଲେ। ସେଥି ମଧ୍ୟରୁ ଭୁବନେଶ୍ୱର କିଟ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଥିବା ବେଳେ ବାଲେଶର ଫକିର ମୋହନ ବିଶ୍ୱବିଦ୍ୟାଳୟ ରନର୍ ଅପ୍ ହୋଇଥିଲେ। ଏହା ସହିତ ଦୁର୍ଗ ଛତିଶଗଡ ହେମ୍ଚାନ୍ଦ ବିଶ୍ୱବିଦ୍ୟାଳୟ ତୃତୀୟ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟ ବୁର୍ଲା ଚତୁର୍ଥ ସ୍ଥାନ ହାସଲ କରିଥିଲେ। ଏହି ଚାରୋଟି ସଫଳ ଦଳ ଜାତୀୟସ୍ତରୀୟ ଖୋ–ଖୋ (ପୁରୁଷ) ଟୁର୍ନାମେଣ୍ଟ ପ୍ରତିନିଧିତ୍ୱ କରିବା ପାଇଁ ସୁଯୋଗ ପାଇଛନ୍ତି। ଆୟୋଜିତ ସଭାରେ ସଭାପତିତ୍ୱ କରି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ସଫଳ ବିଶ୍ୱବିଦ୍ୟାଳୟ ଖେଳାଳିମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କ୍ରୀଡା ପରିଷଦର ନିର୍ଦ୍ଦେଶକ ଡ. ଘନଶ୍ୟାମ ବେହେରା ସାଂଗଠନିକ ବିବରଣୀ ପାଠ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ପୀତାମ୍ବର ଭୋଇ, ଉପକୁଳସଚିବ ଡ. ମେଜର ଜୟଦେବ ସାହୁ, ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ ନିର୍ଦ୍ଦେଶକ ଡି. ରାମ କୁମାର ଓ ଡି. ଶ୍ୟାମ କୁମାର, ଏକାଡେମୀକ ଇନ ଚାର୍ଜ ଡି ପଦ୍ମିନୀ ସଫଳ ଦଳକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଇଂଲିଶ ବିଭାଗ ସହକାରୀ ପ୍ରଧାପକ ସଞ୍ଜୀବ କୁମାର ସାହୁ ପରିଚାଳନା କରିଥିବା ବେଳେ ଡ. କୈଳାଶ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡା ପ୍ରତିଯୋଗୀତାର ସଫଳତା ପାଇଁ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀ ତଥା ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ ଓ ବିନାୟକ ଡିଗ୍ରୀ ମହାବିଦ୍ୟାଳୟର ସମସ୍ତଙ୍କ ସାହାଯ୍ୟକୁ ଶ୍ରେୟ ଦିଆଯାଇଛି। କାର୍ଯ୍ୟକ୍ରମରେ ଡ. ବିରେନ୍ଦ୍ର ସୁନା, ଡ. ମନୋଜ ମେହେର, ଡ. ଚିତ୍ରସେନ ଭୁଏ, ଡ. ଜୟନ୍ତ କୁମାର ଦନସନା, ଡ. ଚିତ୍ତରଞ୍ଜନ ଖୁଣ୍ଟିଆ, ପ୍ରଦୀପ ପ୍ରଧାନ, ନକୁଳ ଚରଣ ମାଝି ଓ ଡ. ନଳିନୀକାନ୍ତ ରଣା, କ୍ରିଡା ଶିକ୍ଷୟିତ୍ରୀ ହୈମାବତୀ ବେହୁରା, ଶିଶିର ପଟ୍ଟନାୟକ, ଆଦିତ୍ୟ ନାରାୟଣ ପ୍ରଧାନ ପ୍ରଭୃତି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।




ଚାମ୍ପିୟନ ଭୁବନେଶ୍ୱର କିଟ ବିଶ୍ୱ ବିଦ୍ୟାଳୟ।

**ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ଖୋଖୋ ଟୁର୍ନାମେଣ୍ଟ**

## ସଂକ୍ଷେପରେ

### ବରିଷ୍ଠ ରାମଲୀଳା କଳାକାର ଝସକେତନ ମେହେରଙ୍କ ପରଲୋକ

ବାଉଁଶୁଣୀ,୧୯।୧(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ ଅନ୍ତର୍ଗତ ବଉଦିଆପଡ଼ା ଗ୍ରାମର ବରିଷ୍ଠ ରାମଲୀଳା କଳାକାର ଝସକେତନ ମେହେରଙ୍କ ୬୬ ବର୍ଷ ବୟସରେ ପରଲୋକ ଘଟିଛି। ଝସକେତନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ନ ଥିବାରୁ ବିଭିନ୍ନ ଡ଼ାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା କୌଣସି ସୁଧାର ନ ଆସିବାରୁ ଶଯ୍ୟାଶାୟୀ ହୋଇରହିଥିଲେ। ଶଯ୍ୟାଶାୟୀ ଅବସ୍ଥାରେ ଶୁକ୍ରବାର ଦିନ ୧୦ଟାରେ ନିଜ ବାସଗୃହରେ ତାଙ୍କର ପରଲୋକ ଘଟିଛି। ସେ ବଉଦିଆପଡ଼ା ଶ୍ରୀରାମଲୀଳା ସାଂସ୍କୃତିକ ଉନ୍ନୟନ ପରିଷଦର ଜଣେ ବରିଷ୍ଠ କଳାକାର ହୋଇଥିବା ବେଳେ ଦୀର୍ଘ ୫୦ ବର୍ଷ ଧରି ଗ୍ରାମର ରାମଲୀଳାରେ ଅନ୍ଧଅନ୍ଧୁଣି, ମାୟା ମହିରାବଣ, କୁମ୍ଭକର୍ଣ୍ଣ ଆଦି ବିଭିନ୍ନ ଅଭିନୟ କରି ଦର୍ଶକଙ୍କ ବେଶ ମନ ଜିଣିଥିଲେ । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁଅ, ଝିଅ, ନାତି, ନାତୁଣୀ ଓ ପରିବାରବର୍ଗ ସମସ୍ତେ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ନିକଟସ୍ଥ ମହାନଦୀର ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ବଡ଼ପୁଅ ନବୀନ ମେହେର ମୁଖାଗ୍ନି ଦେଇଥିଲେ।

# ପିଇଓଙ୍କୁ ତାଲା ପକାଇଲେ ହିତାଧିକାରୀ

କୋକସରା,୧୯।୧(ଦୁଷ୍ମନ୍ତ କୁମାର ପାଇଯୋଶୀ)



ପିଇଓଙ୍କୁ ପଞ୍ଚାୟତ ଅଫିସରେ ତାଲା ପକାଇ ହିତାଧିକାରୀମାନେ ଆନ୍ଦୋଳନ କରୁଛନ୍ତି।

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଲଦୁଗାଁ ପଞ୍ଚାୟତରେ ପିଡିଏସ ଚାଉଳ ଓ ଭତ୍ତା ଯୋଗାଣ ଦାବିରେ ଶୁକ୍ରବାର ଲଦୁଗାଁ ପଞ୍ଚାୟତ ପିଇଓ ମାନସ ବେଣୁପାଣୀଙ୍କୁ ଦୀର୍ଘ ସମୟ ଧରି ତାଲା ପକାଇ ହିତାଧିକାରୀମାନେ ପ୍ରତିବାଦ କରିଛନ୍ତି। ସୂଚନା ଅନୁସାରେ ଲଦୁଗାଁ ପଞ୍ଚାୟତରେ ୨୮୧୯ଜଣ ହିତାଧିକାରୀ ଥିବା ବେଳେ ସେମାନଙ୍କ ପାଇଁ ପ୍ରତି ମାସରେ ୫୧୯ କୁଇଣ୍ଟାଲ ୬୫ କେଜି ଚାଉଳ ଉଠାଣ ହୋଇଥାଏ। ହିତାଧିକାରୀଙ୍କୁ ଜାନୁୟାରୀ ପ୍ରଥମ ସପ୍ତାହ ସୁଦ୍ଧା ଜାନୁୟାରୀ, ଫେବୃଆରୀ, ମାର୍ଚ୍ଚ ଓ ଏପ୍ରେଲ ୪ ମାସର ଚାଉଳ ଯୋଗାଣ କରିବା କଥା। ହେଲେ ୨୦ ଦିନ ବିତିଯାଇଥିଲେ ମଧ ହିତାଧିକାରୀମାନଙ୍କୁ ଚାଉଳ ଯୋଗାଣ କରାଯାଇନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ଶତାଧିକ ପୁରୁଷ ମହିଳା ହିତାଧିକାରୀ ପିଇଓଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଅଟକ ରଖିଲେ। ପିଡିଏସ ଚାଉଳ ଓ ଭତ୍ତା ଯୋଗାଣ ଦାବି କରି ଆନ୍ଦୋଳନ କରିଥିଲେ। ଚାଉଳ ଠିକ୍ ସମୟରେ ପଞ୍ଚାୟତରୁ ମିଳୁ ନ ଥିବା କାରଣରୁ ହିତାଧିକାରୀମାନେ ଖୋଲା ବଜାରରୁ ଚଢ଼ା ଦରରେ ଚାଉଳ କିଣି ଆର୍ଥିକ କ୍ଷତି ସହୁଥିବା ଅଭିଯୋଗ କରିଛନ୍ତି। ପଞ୍ଚାୟତରେ ତାଲା ଦେଇ ଆନ୍ଦୋଳନ ଘଟଣା ନେଇ ପୋଲିସ ଖବର ପାଇବା ଘଟଣାସ୍ଥଳରେ କୋକସରା ପୋଲିସ ଅଧିକାରୀ ପହଞ୍ଚି ଧାରଣାରେ ବସିଥିବା ହିତାଧିକାରୀଙ୍କ ସହ ଆଲୋଚନା କରି ବୁଝାଶୁଝା କରିଥିଲେ। ପରେ ଦୀର୍ଘ ୪ ଘଣ୍ଟା ପରେ ପଞ୍ଚାୟତର ତାଲା ଖୋଲାଯାଇଥିଲା। ପିଇଓ ବେଣୁପାଣୀଙ୍କ ପ୍ରତିକ୍ରିୟା ନେବାରୁ ଚାଉଳ ଆସିନାହିଁ, ଦିନେ ଦୁଇଦିନ ମଧ୍ୟରେ ଚାଉଳ ଦିଆଯିବା ନେଇ କହିଛନ୍ତି। ହେଲେ ଏହି ପଞ୍ଚାୟତରେ ଦୁର୍ନୀତି ପିଛାଛାଡୁ ନ ଥିବା ଅଭିଯୋଗ ହୋଇ ଆସୁଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

**ପିଡିଏସ୍ ଚାଉଳ, ଭତ୍ତା ଯୋଗାଣ ଦାବି**

# ଦହ୍ୟା ହାଇସ୍କୁଲରେ କ୍ରିଏଟିଭିଟି ଫେଷ୍ଟ

ବାଉଁଶୁଣୀ,୧୯।୧(ଦେବାଶିଷ ନେପାକ)

ବୌଦ୍ଧ ଜିଲାର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଭାଷା,ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ 'କ୍ରିଏଟିଭିଟି ଫେଷ୍ଟ' ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ସାହିତ୍ୟ ସୃଜନୀ, ଜିଜ୍ଞାସା, କୌଶଳୀ ଓ କ୍ରୀଡାଙ୍ଗନ ପାଇଁ ଚାରିଟି ହାଉସର ବାର୍ଷିକ କ୍ରିୟାକଳାପର ପ୍ରଦର୍ଶନୀ ଆୟୋଜିତ କରାଯାଇ ବିଭିନ୍ନ ବର୍ଗର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତବର୍ଷ ହାଉସ ମାଷ୍ଟର ରାକେଶ କୁମାର ସାହୁଙ୍କ ମାର୍ଗଦର୍ଶନରେ ରମଣ ହାଉସ କ୍ରୀଡାଙ୍ଗନ ଚାମ୍ପିୟନ ହୋଇଥିବାବେଳେ ହାଉସ ମାଷ୍ଟର ବୀରେନ୍ଦ୍ର ପ୍ରଧାନଙ୍କ ରାମାନୁଜନ ହାଉସ 'ହାଉସ ଅଫ ଦ ଇଅର' ଟ୍ରଫି ଜିଣିବାରେ ସଫଳ ହୋଇଥିଲେ। କ୍ରିଏଟିଭିଟି ଫେଷ୍ଟକୁ ରକ୍ସା-ଦହ୍ୟା ପଞ୍ଚାୟତର ସରପଞ୍ଚ ବିଭୂତି ଭୂଷଣ ଡାଙ୍ଗ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜଲକ୍ଷ୍ମୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବହୁ ଅଭିଭାବକ ଯୋଗ ଦେବା ସହ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ପରିଚାଳନା କମିଟିର ସଭାପତି ଖଗେଶ୍ୱର ସାହୁ ଓ ମୋ ସ୍କୁଲ ଅଭିଯାନର ସଭାପତି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟରୁ ପଦୋନ୍ନତି ପାଇ ଅନ୍ୟ ବିଦ୍ୟାଳୟକୁ ଯାଇ କାର୍ଯ୍ୟରତ ଶିକ୍ଷକ ଚକ୍ରଧର ମେହେର ଓ ରଞ୍ଜିତ କୁମାର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କ୍ରିଏଟିଭିଟି ଫେଷ୍ଟ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ।

### ୨୨ରେ ମଦ, ମାଂସ ଉପରେ ରୋକ ଲଗାଯାଉ

ନୂଆପଡ଼ା,୧୯।୧(ମକାରୁ ବେମାଲ)

ଆସନ୍ତା ୨୨ରେ ରାମ ମନ୍ଦିର ପ୍ରତିଷ୍ଠା ହେବ। ଏହି ଦିବସ ଅବସରରେ ନୂଆପଡ଼ା ଜିଲାରେ ମଦ, ମାଂସ ବିକ୍ରି ଉପରେ ରୋକ ଲଗାଇବାକୁ ନୂଆପଡା ସଦର ମହକୁମାସ୍ଥିତ ରାମ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଜିଲାପାଳ ହେମକାନ୍ତ ସାଏଙ୍କୁ ସାକ୍ଷାତ କରି ଦାବି କରିଛନ୍ତି। ମନ୍ଦିର ପରିଚାଳନା କମିଟି ସଭାପତି ବସନ୍ତ ସିଂ ଠାକୁର, ସମ୍ପାଦକ କ୍ଷିତିଶ ଅଶୋକ ବୋଧନକର, ମନ୍ଦିର ପୂଜକ ଅକ୍ଷୟ କୁମାର ରଥ ପ୍ରମୁଖ ଜିଲାପାଳଙ୍କୁ ସହ ଆଲୋଚନା କରି ଆସନ୍ତା ୨୨ରେ ରାମ ଜନ୍ମଭୂମି ଅଯୋଧ୍ୟାରେ ରାମଲାଲାଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ହେବାକୁ ଯାଉଥିବାରୁ ଏହି ଦିନ ଜିଲାରେ ମଦ ଓ ମାଂସ ଦ୍ରବ୍ୟ ବିକ୍ରି ଉପରେ ରୋକ ଲଗାଇବାକୁ ଆବେଦନ କରିଛନ୍ତି। ଜିଲପାଳ ସେମାନଙ୍କ ଆବେଦନ ଗ୍ରହଣ କରି ରୋକ ଲଗାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। କୌଣସି ବ୍ୟକ୍ତି ଅମାନିଆ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଉପର ଇନ୍ଦ୍ରାବତୀ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହେଲେ ଚାଷୀ



ଚାଷୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

କୋକସରା,୧୯।୧(ଦୁଷ୍ମନ୍ତ କୁମାର ପାଇଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ସିର୍ଲିଗୁଡା ଗ୍ରାମର ଚାଷୀମାନେ କୁସୁମଖୁଣ୍ଟିସ୍ଥିତ ଉପର ଇନ୍ଦ୍ରାବତୀ ଉଠା ମୁଖ୍ୟବନ୍ଧ ବିଭାଜନ ନିର୍ବାହୀ ଯନ୍ତ୍ରୀଙ୍କୁ ଅଚଳ ଲିଫ୍ଟ ପଏଣ୍ଟ କାର୍ଯ୍ୟକ୍ଷମ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମେଗା ଲିଫ୍ଟ ପଏଣ୍ଟରୁ ଜଳ ନିଷ୍କାସନ ହେଉ ନ ଥିବାରୁ ମରାମତି ପାଇଁ ଦାବି କରିଛନ୍ତି। ସୂଚନା ଅନୁସାରେ ସିର୍ଲିଗୁଡାଠାରେ ଡିଏମ୍-୧୩ରୁ ଅନେକ ପଏଣ୍ଟରେ ଏବେ ଜଳ ନିଷ୍କାସନ ହେଉନାହିଁ। ପାଣି ଛାଡ଼ିବା ପରେ ପ୍ରଥମ ଦିନରୁ ଅଳ୍ପ ଅଳ୍ପ ପାଣି ନନିଷ୍କାସନ ହେଉଥିଲା। ଏହାକୁ ଦେଖି ଚାଷୀ ତଳି ପକାଇଥିଲେ। ବର୍ତ୍ତମାନ ତଳି ଘେରା ପ୍ରସ୍ତୁତ ହୋଇଥିବା ବେଳେ ପ୍ରାୟ ୩ ଦିନ ହେବ ଉକ୍ତ ପଏଣ୍ଟଗୁଡ଼ିକରେ ଜଳ ନିଷ୍କାସନ ହେଉନାହିଁ। ଫଳରେ ଚାଷୀମାନେ ଚିନ୍ତାରେ ପଡି କୁସୁମଖୁଣ୍ଟି ସ୍ଥିତ ଉପର ଇନ୍ଦ୍ରାବତୀ ଉଠା ମୁଖ୍ୟବନ୍ଧ ବିଭାଜନ କାର୍ଯ୍ୟାଳରେ ପହଞ୍ଚିଥିଲେ। ନିର୍ବାହୀ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଜେକେଏମ୍ ଆଚାର୍ଯ୍ୟଙ୍କୁ ଶତାଧିକ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଡିଏମ୍-୧୩ର ଉକ୍ତ ଜଳ ନିଷ୍କାସନ କେନ୍ଦ୍ର ନିକଟରେ ବାଲିବନ୍ଧ ଦେଇ ସମ୍ପୂର୍ଣ୍ଣ ମାତ୍ରାରେ ପାଣି ପ୍ରବେଶ କରାଇବା ପାଇଁ ଦାବି କରିଥିଲେ। ଅଭିଯୋଗ ପାଇବା ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସିର୍ଲିଗୁଡା ଗାଁକୁ ଯାଇ ଚାଷୀଙ୍କ ସହ ଉକ୍ତ ଜଳ ନିଷ୍କାସନ କେନ୍ଦ୍ର ନିକଟରେ ପହଞ୍ଚି ସ୍ଥିତି ପରଖିଛନ୍ତି। ଦୁଇ ଦିନ ଭିତରେ ସମସ୍ୟାର ସମାଧାନ କରିବା ପାଇଁ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଦାବିପତ୍ର ପ୍ରଦାନ ସମୟରେ ସିର୍ଲିଗୁଡା ଗ୍ରାମର ବସନ୍ତ ନାଗ, ଦମବୁଡ଼ା ନାଗ, ଭୂଷଣ ମହାନନ୍ଦ, ଦୀପକ ସାହୁ, ଚନ୍ଦ୍ର ଶେଖର ସୁନାନୀ, ବିଜୟ ନାଗ, ବୃନ୍ଦାବନ ନାୟକ, ଅଜୟ କୁମାର ସାହୁ, ଗୟାଧର ନାୟକ, ଦୁଷ୍ମନ୍ତ ନାଗ, ପୁସ୍ତମ୍ ନାଗଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ।

**ଅଚଳ ଲିଫ୍ଟ ପଏଣ୍ଟ କାର୍ଯ୍ୟକ୍ଷମ ଦାବି**

### ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ଚେତନା ଆଲୋଚନାଚକ୍ର

ପାଇକମାଲ,୧୯।୧(ବଡ ଶତପଥୀ)

ପାଇକମାଲ ବ୍ଲକ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଏବଂ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ନୂଆ-ଓ ଯୋଜନା ମାଧ୍ୟମରେ ହେବାକୁ ଥିବା ବିଭିନ୍ନ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଗତ ୧୧ତାରିଖରୁ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ମହାବିଦ୍ୟାଳୟର ଅଧ୍ୟକ୍ଷ ଲୋହିତ କୁମାର ବାରିକ, କାର୍ଯ୍ୟକ୍ରମର ନୋଡାଲ ଅଫିସର ଓଡ଼ିଆ ପ୍ରାଧ୍ୟାପକ ପ୍ରଭାତ କୁମାର ବିଶ୍ୱାଳଙ୍କ ସଂଯୋଜନାରେ 'ଓଡିଆ ସାହିତ୍ୟରେ ଜଗନ୍ନାଥ ଚେତନା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ସାରସ୍ୱତ ସଭାରେ ସୋହେଲା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଉପେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ଚେତନା ତଥା ସଂସ୍କୃତିର ପ୍ରଭାବ ସମ୍ପର୍କରେ ବିଶଦ ବାଖ୍ୟା କରିଥିଲେ। ମହାବିଦ୍ୟାଳୟ ଇତିହାସ ବିଭାଗୀୟ ମୁଖ୍ୟ ପ୍ରଦୀପ କୁମାର ଦେୱାନ ବକ୍ତା ଭାବେ ଯୋଗଦାନ କରି ଜଗନ୍ନାଥ ସଂସ୍କୃତିର ପ୍ରାଚୀନତା ବିଷୟରେ ଆଲୋଚନା କରିଥିଲେ। ଛାତ୍ରୀ କସ୍ତୁରୀ ସାହୁ , ପ୍ରତ୍ୟୁଷା ଦାସ, ଛାତ୍ର ମନୋଜ ସାହୁଙ୍କ ସମେତ ବହୁ ଛାତ୍ରୀଛାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ସହଯୋଗ କରିଥିଲେ। ଅଧ୍ୟାପକ ଦେବରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଚେତନତା ଶିବିର

ତରଭା,୧୯।୧(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ବଘିଆ ପଞ୍ଚାୟତଠାରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟପାର ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ଯାଇଛି । ମନ୍ତ୍ରୀ ପୂଜାରୀ ବଘିଆରେ ପହଞ୍ଚିବା ପରେ ସ୍ଥାନୀୟ ସରପଞ୍ଚ ଅଶ୍ୱନୀ ବିଶି, ସମିତି ସଭ୍ୟ ଗଣେଶ୍ୱର ନାଏକଙ୍କ ସମେତ ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା । ସରପଞ୍ଚ ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମନ୍ତ୍ରୀ ପୂଜାରୀ ମୁଖ୍ୟଅତିଥି, ସ୍ୱତନ୍ତ୍ର ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ସରୋଜ କମ୍ପ, ସମ୍ମାନିତ ଅତିଥି ଭାବେ ଦ୍ୱାଦଶୀ କୁଅଁର, ସମିତି ସଭ୍ୟ ଗଣେଶ୍ୱର ନାଏକ, ବିଡ଼ିଓ ଅନିଲ କୁଲୁ ଯୋଗଦାନ କରିଥିଲେ। ଏହି ଅବସରରେ ବଘିଆ ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ପୁସ୍ତିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା।

# ଚକ୍ଷୁ ଦାନକଲେ ପରିବାର ଲୋକେ

ଗୁଡଭେଲା,୧୯।୧(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ଏନଏସି ଅଞ୍ଚଳର ଜଣେ ମହିଳାଙ୍କ ଚକ୍ଷୁ ତାଙ୍କ ପରିବାର ଲୋକେ ଦାନ କରିଛନ୍ତି। ଏନଏସି ଅଞ୍ଚଳର ପମି ରଣା (୩୦)ଙ୍କ ମୃତ୍ୟୁ ପରେ ଶୁକ୍ରବାର ତାଙ୍କ ବାପା ଗେହେରୁ ରଣା, ସ୍ୱାମୀ କିରଣ ରଣା, ଦେଅର ଜିତୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜର ଚକ୍ଷୁ ବିଭାଗରେ ଚକ୍ଷୁ ଦାନ କରିଥିଲେ। କ୍ରନିଆ ସ୍ପେଶାଲିଷ୍ଟ (ଚକ୍ଷୁ ବାହାର କରୁଥିବା ବିଶେଷଜ୍ଞ) ନିହାରିକା ମହାପାତ୍ର ଚକ୍ଷୁ ସଂଗ୍ରହ କରି ଭୁବନେଶ୍ୱର ଦୃଷ୍ଟି ଦାନ ବ୍ୟାଙ୍କକୁ ପଠାଇଥିବା ସୂଚନା ଦେଇଥିଲେ। ଚକ୍ଷୁଦାନ ପ୍ରମାଣପତ୍ର ପ୍ରଶାସନ ପକ୍ଷରୁ ପରିବାର ଲୋକଙ୍କୁ ପ୍ରଦାନ କରାଯାଇଛି। ପମି କୌଣସି କାରଣରୁ ଆତ୍ମହତ୍ୟା କରିଥିବାବେଳେ ତାଙ୍କର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକେ ଚକ୍ଷୁ ଦାନ କରିଥିଲେ।



ଚକ୍ଷୁଦାନ ପ୍ରମାଣପତ୍ର ପ୍ରଶାସନ ପକ୍ଷରୁ ପରିବାର ଲୋକଙ୍କୁ ପ୍ରଦାନ କରାଯାଉଛି।

### ସିଆଲଲଟି ଉଚ୍ଚ ବିଦ୍ୟାଳୟରେ ସୃଜନୀ ଉତ୍ସବ ଉଦ୍‌ଘାଟିତ

ନୂଆପଡ଼ା,୧୯।୧(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ସିଆଲଲଟି ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ସୃଜନୀ ଉତ୍ସବ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଞ୍ଚାନନ ମଟାରୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସରପଞ୍ଚ କାଳିଆ ପ୍ରଧାନ ମୁଖ୍ୟଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ପୂର୍ବତନ ସରପଞ୍ଚ ରୁଦ୍ର ସିଂ ମାଝି, ବିରଞ୍ଚି ସାହୁ, ସଦାଶିବ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା ଓ କ୍ରୀଡାଙ୍ଗନ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଛାତ୍ରୀଛାତ୍ରଙ୍କ ସୁନ୍ଦର ଚିତ୍ରକଳା, ମୋ କଥା ମୋ କାହାଣୀ, ସ୍ଲୋଗାନ ଓ ଗଳ୍ପ ଲେଖା ଉପରେ ପ୍ରଦର୍ଶିତ ହୋଇଥିଲା। ଚାରିଟି ବିଭାଗରୁ ୧୨ ଛାତ୍ରୀଛାତ୍ରଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବରେ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଦେବାନନ୍ଦ ରଥ ମଞ୍ଚ ପରିଚାଳନା କରିଥିଲେ। ନିରଞ୍ଜନ ବିଶ୍ୱାଳ, କୁଳଚନ୍ଦ୍ର ରଣା, ନଗେନ୍ଦ୍ର କୁମାର କର, ଜୟନ୍ତ କୁମାର ସାହୁ, ଘନଶ୍ୟାମ ଭୋଇ, ଦେଓନାଥ କୁମାର ପ୍ରଧାନ ସହଯୋଗ କରିଥିଲେ।

# ଜୁନାଗଡ଼ ଏନ୍‌ଏସି ହେବ ଫାଇଲେରିଆ ମୁକ୍ତ

ଜୁନାଗଡ଼,୧୯।୧(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଆଗାମୀ ଫେବୃୟାରୀ ୧୦ରୁ ୧୯ ତାରିଖ ମଧ୍ୟରେ ହେବାକୁ ଥିବା ଜାତୀୟ ଫାଇଲେରିଆ ନିରାକରଣ ପାଇଁ ଶୁକ୍ରବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ଭଗବାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ନଗରପାଳ ମୁକେଶ ଅଗ୍ରୱାଲ,ଏଡିପିଏଚଓ ଡାକ୍ତର ରଞ୍ଜନ କୁମାର ମିତ୍ର, ବିପିଏମ ଏମ୍ ରାଜଶେଖର,ଏବିଇଓ ସୁଶାନ୍ତ ଠାକୁର ପ୍ରମୁଖ ଯୋଗଦେଇଥିଲେ। ବିଭାଗୀୟ ପରାମର୍ଶଦାତା ସନ୍ତୋଷ କୁମାର ବାଗ କାର୍ଯ୍ୟକ୍ରମ ଯୋଜନା ପିପିଟି ମାଧ୍ୟମରେ ଉପସ୍ଥାପନା କରିଥିଲେ। ୨୦୨୩-୨୪ ସର୍ଭେରେ ଜୁନାଗଡ଼ ଏନଏସିରେ ୧୧ଜଣ ଫାଇଲେରିଆ ରୋଗରେ ଆକ୍ରାନ୍ତ ଥିବା ଜଣାପଡିଥିଲା। ଆଗକୁ ଜୁନାଗଡ଼ ଫାଇଲେରିଆ ମୁକ୍ତ ହେବ ସେ ନେଇ ଆହ୍ୱାନ ଦିଆଯାଇଥିଲା। ଏଥିପାଇଁ ଆସନ୍ତା ଫେବୃଆରୀ ୧୦ରୁ ୧୯ ଜୁନାଗଡ଼ ଏଏ ସିରେ ଫାଇଲେରିଆ ନିରାକରଣ ପାଇଁ ମିଶନ ଆରମ୍ଭ କରାଯିବ। ଏଥିରେ ୨ ବର୍ଷରୁ କମ ଶିଶୁ, ଗର୍ଭବତୀ ମହିଳା ଓ ଅତ୍ୟନ୍ତ ରୋଗାକ୍ରାନ୍ତଙ୍କୁ ବାଦ ଦେଇ ଅନ୍ୟ ସମସ୍ତଙ୍କୁ ଡିଇସି ଟାବ୍ଲେଟ ଓ ଆଲବେଣ୍ଡାଯୋଲ ଔଷଧ ବଣ୍ଟନ କରାଯିବ। ଅଙ୍ଗନୱାଡି ଓ ଆଶାକର୍ମୀ ଟିମ ଦ୍ୱାରା ଇଭର୍ମେଟିନ୍ ଟାବ୍ଲେଟ ଉଚ୍ଚତା ଅନୁସାରେ ଘରକୁ ଘର ବୁଲି ଲୋକଙ୍କୁ ସେବନ କରାଯିବ। ସେହିପରି ମୋବାଇଲ ଟିମ ମାଧ୍ୟମରେ ମଧ କାର୍ଯ୍ୟାଳୟ ଅଫିସ, ହାଟ, ସ୍କୁଲ ଅଞ୍ଚଳରେ ବୁଲି ବୁଲି ଔଷଧ ସେବନ କରାଯିବ ବୋଲି ଜଣାପଡିଛି। ଏହି ଅବସରରେ ଫାଇଲେରିଆ ନିରାକରଣ ଅଭିଯାନର ପୋଷ୍ଟର ଉନ୍ମୋଚିତ ହୋଇଥିଲା। ଉପସ୍ଥିତ ସମସ୍ତ ବର୍ଗରବ୍ୟକ୍ତି ବିଶେଷଙ୍କୁ ଏହି କାର୍ଯ୍ୟକ୍ରମରେ ସହଯୋଗ କରିବା ସହିତ ସାମିଲ ହୋଇ ଜୁନାଗଡ଼କୁ ଫାଇଲେରିଆ ମୁକ୍ତ କରିବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ପଣ୍ଡା ନିବେଦନ କରିଛନ୍ତି। ବିଭାଗୀୟ ସୁପରଭାଇଜର ପ୍ରିୟରଞ୍ଜନ ମୁଣ୍ଡ ଧନ୍ୟବାଦ ଦେଇଥିଲେ।

**ଜାତୀୟ ଫାଇଲେରିଆ ନିରାକରଣ ପାଇଁ ପ୍ରସ୍ତୁତି ବୈଠକ**



ଫାଇଲେରିଆ ନିରାକରଣ ଅଭିଯାନର ପୋଷ୍ଟର ଉନ୍ମୋଚିତ।

# ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ

ଭବାନୀପାଟଣା,୧୯।୧(ଉତ୍ତମ କୁମାର ଦାଶ)




ଚାମ୍ପିୟନ ଭୁବନେଶ୍ୱର କିଟ ବିଶ୍ୱ ବିଦ୍ୟାଳୟ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ତଥା ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ ସହଯୋଗରେ ଗତ ୧୭ ତାରିଖଠାରୁ ବିକାଶ ଊିସ୍ଡମ ପାର୍କରେ ଚାଲିଥିବା ପୂର୍ବାଞ୍ଚଳ (ଇଷ୍ଟ)ଜୋନସ୍ତରୀୟ ଖୋ-ଖୋ (ପୁରୁଷ) ଆନ୍ତବିଶ୍ୱବିଦ୍ୟାଳୟ ଟୁର୍ନାମେଣ୍ଟ ଶୁକ୍ରବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଜାତୀୟସ୍ତରୀୟ ଟୁର୍ନାମେଣ୍ଟରେ ୩୯ଟି ବିଶ୍ୱବିଦ୍ୟାଳୟ ପ୍ରବେଶ କରିଥିବା ବେଳେ ୩୩ଟି ବିଶ୍ୱବିଦ୍ୟାଳୟ ଅଂଶ ଗ୍ରହଣ କରିଥିଲେ। ଅନ୍ତିମ ଦିନ ଖେଳରେ ୪ଟି ବିଶ୍ୱବିଦ୍ୟାଳୟ ବିଭିନ୍ନ ସ୍ଥାନ ଗ୍ରହଣ କରିଥିଲେ। ସେଥି ମଧ୍ୟରୁ ଭୁବନେଶ୍ୱର କିଟ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଥିବା ବେଳେ ବାଲେଶର ଫକିର ମୋହନ ବିଶ୍ୱବିଦ୍ୟାଳୟ ରନର୍ ଅପ୍ ହୋଇଥିଲେ। ଏହା ସହିତ ଦୁର୍ଗ ଛତିଶଗଡ ହେମ୍ଚାନ୍ଦ ବିଶ୍ୱବିଦ୍ୟାଳୟ ତୃତୀୟ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟ ବୁର୍ଲା ଚତୁର୍ଥ ସ୍ଥାନ ହାସଲ କରିଥିଲେ। ଏହି ଚାରୋଟି ସଫଳ ଦଳ ଜାତୀୟସ୍ତରୀୟ ଖୋ-ଖୋ (ପୁରୁଷ) ଟୁର୍ନାମେଣ୍ଟ ପ୍ରତିନିଧିତ୍ୱ କରିବା ପାଇଁ ସୁଯୋଗ ପାଇଛନ୍ତି। ଆୟୋଜିତ ସଭାରେ ସଭାପତିତ୍ୱ କରି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ସଫଳ ବିଶ୍ୱବିଦ୍ୟାଳୟ ଖେଳାଳିମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କ୍ରୀଡା ପରିଷଦର ନିର୍ଦ୍ଦେଶକ ଡ. ଘନଶ୍ୟାମ ବେହେରା ସାଂଗଠନିକ ବିବରଣୀ ପାଠ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ପୀତାମ୍ବର ଭୋଇ, ଉପକୁଳସଚିବ ଡ. ମେଜର ଜୟଦେବ ସାହୁ, ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ ନିର୍ଦ୍ଦେଶକ ଡି. ରାମ କୁମାର ଓ ଡି. ଶ୍ୟାମ କୁମାର,ଏକାଡେମୀକ ଇନ ଚାର୍ଜ ଡି ପଦ୍ମିନୀ ସଫଳ ଦଳକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଇଂଲିଶ ବିଭାଗ ସହକାରୀ ପ୍ରାଧ୍ୟାପକ ସଞ୍ଜୀବ କୁମାର ସାହୁ ପରିଚାଳନା କରିଥିବା ବେଳେ ଡ. କୈଳାଶ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡା ପ୍ରତିଯୋଗୀତାର ସଫଳତା ପାଇଁ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀ ତଥା ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ ଓ ବିନାୟକ ଡିଗ୍ରୀ ମହାବିଦ୍ୟାଳୟର ସମସ୍ତଙ୍କ ସାହାଯ୍ୟକୁ ଶ୍ରେୟ ଦିଆଯାଇଛି। କାର୍ଯ୍ୟକ୍ରମରେ ଡ. ବିରେନ୍ଦ୍ର ସୁନା, ଡ. ମନୋଜ ମେହେର, ଡ. ଚିତ୍ରସେନ ଭୁଏ, ଡ. ଜୟନ୍ତ କୁମାର ଦନସନା, ଡ. ଚିତ୍ତରଞ୍ଜନ ଖୁଣ୍ଟିଆ, ପ୍ରଦୀପ ପ୍ରଧାନ, ନକୁଳ ଚରଣ ମାଝି ଓ ଡ. ନଳିନୀକାନ୍ତ ରଣା, କ୍ରିଡା ଶିକ୍ଷୟିତ୍ରୀ ହୈମାବତୀ ବେହୁରା, ଶିଶିର ପଟ୍ଟନାୟକ, ଆଦିତ୍ୟ ନାରାୟଣ ପ୍ରଧାନ ପ୍ରଭୃତି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

**ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ଖୋଖୋ ଟୁର୍ନାମେଣ୍ଟ**

# ଭଗବାନ

ଗଳ୍ପ

**ଶୁଭ୍ରାଂଶୁ ଶେଖର ପାଢ଼ୀ**

ମୋର ପ୍ଲସ୍ ଥ୍ରୀ ସମୟର କଥା। ସେଦିନ ଥାଏ ଶୀତଳଷଷ୍ଠୀ। ଦେବଦେବ ମହାଦେବଙ୍କ ଶୁଭ ପରିଣୟ। ଆମେ ଦୁଇ ବନ୍ଧୁ ସୁଶୀଲ ଆଉ ମୁଁ ସନ୍ଧ୍ୟା ପାଖାପାଖି ଛଅଟା ବେଳେ ସମ୍ବଲପୁରରୁ ବାହାରିଲୁ। ସନ୍ଧ୍ୟା ଛଅଟା ମାନେ ଅନ୍ଧାର ହୋଇ ନ ଥାଏ। ଖରା ଦିନ। ସମ୍ବଲପୁରରୁ ବୀରମହାରାଜପୁର ଶହେ କିଲୋମିଟର। ବାଇକ୍‌ରେ ସର୍ବାଧିକ ଅଢ଼େଇ ଘଣ୍ଟାର ରାସ୍ତା। ଲକ୍ଷ୍ୟ ରାତି ସାଢ଼େ ଆଠଟା ପର୍ଯ୍ୟନ୍ତ ଘରେ ପହଞ୍ଚି ଯିବୁ।

ଯାତ୍ରା ଆରମ୍ଭ ହେବାର କିଛି ସମୟ ପରେ କେଉଁଠି ଥିଲା କେଜାଣି, ଝଡ଼ବର୍ଷା ହଠାତ୍ ତାଣ୍ଡବ କରିବା ଆରମ୍ଭ କରିଦେଲା। କେଉଁଠି ଟିକିଏ ଠିଆ ହେବା ପାଇଁ ଜାଗା ନାହିଁ। ତୁହାକୁ ତୁହା ବିଜୁଳି ଓ ଘଡ଼ଘଡ଼ି। ସେଥିରେ ପୁଣି ବର୍ଷାକୁ ପବନ। ବହୁ କଷ୍ଟରେ ପହଞ୍ଚିଲୁ ଧମା ପର୍ଯ୍ୟନ୍ତ। ଧମାରେ ପହଞ୍ଚିବା ପରେ ପିଣ୍ଡରେ ପ୍ରାଣ ପଶିଲା ଯେମିତି। ଗାଡ଼ି ବ୍ରେକ୍ କଲୁ ଗୋଟିଏ ଚା' ଦୋକାନ ଆଗରେ। ଗାଡ଼ିରୁ ଓହ୍ଲାଇ ଦୋକାନୀଙ୍କୁ ଚା' ମାଗିବାରୁ ଦୋକାନୀ କହିଲା, ଚା' ଥଣ୍ଡା ହୋଇ ଆସିଲାଣି। ଗରମ କରିବା ମଧ୍ୟ ସମ୍ଭବ ନୁହେଁ। ଚଳେଇ ପାରିବେ ଯଦି କୁହନ୍ତୁ, ନହେଲେ ଝଡ଼ କମିଲେ ଯାଇ ଗରମ କରି ହେବ। ଉପାୟହୀନ ହୋଇ ତା' କଥାରେ ରାଜି ହୋଇଗଲୁ। ଝଡ଼ ପବନ ବଢ଼ି ବଢ଼ି ଚାଲିଥାଏ। କେତେବେଳେ କମିବ କେଜାଣି। ଘଡ଼ଘଡ଼ି ପ୍ରାୟତଃ କମିଯାଇଥିଲା। ତଥାପି ବିଜୁଳି ତା'ର ଉପସ୍ଥିତି ଜାହିର କରୁଥାଏ ମଝିରେ ମଝିରେ। ବର୍ଷା ପବନ ସେମାନଙ୍କର ରାଜୁତି ଚଳାଇଥା'ନ୍ତି। ଥଣ୍ଡା ହୋଇ ଆସୁଥିବା ଚା' କପ୍‌ଟେ ଲେଖାଏଁ ହାତରେ ଧରି ଦୋକାନ ବାରଣ୍ଡାରେ ଥିବା ଦୁଇଟା ଷ୍ଟୁଲ୍ ଉପରେ ବସିପଡ଼ିଲୁ। ବନ୍ଧୁ ସୁଶୀଲ ଭୟମିଶା କଣ୍ଠରେ ପଚାରିଲେ– କ'ଣ କରିବା? କହିଲି ଅପେକ୍ଷା କରିବା; ଅନ୍ତତଃ ଝଡ଼ କମିବା ପର୍ଯ୍ୟନ୍ତ। ଆମକୁ ଆହୁରି ସତୁରି କିଲୋମିଟର ଯିବାର ଅଛି। ସେଥିରେ ପୁଣି ଘଞ୍ଚ ଅରଣ୍ୟ। ରାସ୍ତା ଉପରେ ହାତୀ, ଚିତା, ହେଟାବାଘ, ଭାଲୁ ମଧ୍ୟ ବେଳେବେଳେ ନଜରକୁ ଆସନ୍ତି। ପାଖାପାଖି ନଅଟା ବେଳକୁ ଝଡ଼ ବନ୍ଦ ହୋଇ ଯାଇଥିଲା। ବର୍ଷା ମଧ୍ୟ ଅନେକ ପରିମାଣରେ କମିଯାଇଥିଲା। ତେବେବି ଉପସ୍ଥିତି ଜାହିର କରୁଥିଲା। ଦୋକାନୀ କହିଲା, ଦୋକାନ ବନ୍ଦ କରି ଘରକୁ ଯିବ। ଅତଏବ ଆମକୁ ମଧ୍ୟ ସ୍ଥାନ ଛାଡ଼ିବାକୁ ପଡ଼ିବ।

ଦୋକାନରୁ ଦୁଇଜଣ ଦୁଇଟି ଚୁଇଙ୍ଗଗମ୍ ପାଟିରେ ପକାଇ ଆମେ ମଧ୍ୟ ଯାତ୍ରା ଆରମ୍ଭ କଲୁ ଝିପିଝିପି ବର୍ଷା ସାଙ୍ଗରେ। କିଛି ବାଟ ଅତିକ୍ରମ କରିଛୁ କି ନା ବର୍ଷା ପୁଣି ତା'ର ପ୍ରକୋପ ଆରମ୍ଭ କରିଦେଲା। ବର୍ଷା ଯୋଗୁଁ ଗାଡ଼ିର ଗତି ମଧ୍ୟ ଅଧିକ ବଢ଼ାଇବା ସମ୍ଭବ ନଥିଲା। ସେତେବେଳେ ଆମେ ଘଞ୍ଚ ଜଙ୍ଗଲ ମଧ୍ୟରେ। ଗାଡ଼ି ବ୍ରେକ୍ କରି କୌଣସି ଗଛ ମୂଳରେ କିଛି ସମୟ ଅଟକିବାର ବି ସାହସ ନାହିଁ। ଜଙ୍ଗଲ ପାରି ହେବା ବେଳକୁ ଦେଖିଲୁ ନିଛାଟିଆ ଜାଗାରେ ଗୋଟିଏ ଝୁପୁଡ଼ି ଘର। ହାବଭାବରୁ ଗୋଟିଏ ଛୋଟମୋଟ ଚା କିମ୍ବା ପାନ ଦୋକାନ ପରି ଲାଗୁଥାଏ। ଦୁଇ ଜଣ ଲୋକ ସେଠାରେ ଠିଆ ହୋଇଥିଲେ। ସେମାନଙ୍କୁ ଦେଖି ମନରେ ସାହସ ଆସିଲା। ସୁଶୀଲ ପରାମର୍ଶ ଦେଲେ ସେଠାରେ ଟିକିଏ ଅଟକି ଯିବା ପାଇଁ। ଗାଡ଼ି ଲାଇଟ୍‌ରୁ ଚିହ୍ନିଲୁ ସେ ଦୁଇଜଣ ଥିଲେ ଆମର ଦୁଇଜଣ ଶିକ୍ଷକ। ଗଣିତ ଅଧ୍ୟାପକ ଗୋପ ସାର୍ ଓ ଇଂରାଜୀ ଅଧ୍ୟାପକ ବିଜୟ ସାର୍।

ଗୋପ ସାର୍ ବୋଧହୁଏ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଭିନ୍ନ ଏକ ଅବତାର। ନିଃସ୍ୱାର୍ଥପର ସମାଜସେବା କରିବାରେ ତାଙ୍କ ପରି ବ୍ୟକ୍ତି ମୁଁ ଆଉ ନିଜ ଆଖିରେ ଦେଖିନାହିଁ। ଗୋପବନ୍ଧୁ ଜୟନ୍ତୀରେ ଜନ୍ମଗ୍ରହଣ କରିଥିଲେ ବୋଲି ହେଉ କି ଉତ୍କଳମଣିଙ୍କ ପରି ଜଣେ ତ୍ୟାଗୀ ଦେଶସେବୀ ହେବେ ବୋଲି ସ୍ୱପ୍ନ ଦେଖି ବାପା ମାଆ ଏପରି ନାମକରଣ କରିଥିଲେ ଜାଣେ ନାହିଁ; କିନ୍ତୁ ପିତାମାତା ତାଙ୍କର ନାମ ରଖିଥିଲେ ଗୋପବନ୍ଧୁ।

ସେତେବେଳେ ଆମେ ସମ୍ପୂର୍ଣ୍ଣ ଓଦା ହୋଇ ସାରିଥିଲୁ। କଦଳୀପତ୍ର ପରି ଥରୁଥିଲୁ। ଦେହର ସ୍ନାୟୁଗୁଡ଼ିକ ଆଉ କାମ ଦେଉ ନଥାଏ କହିଲେ ଚଳେ। ଆମକୁ ଦେଖି ସାର୍ ବି ଚମକି ପଡ଼ିଲେ। କୁଆଡ଼େ ଯାଇଥିଲ, ଏତେ ସମୟ ପର୍ଯ୍ୟନ୍ତ କ'ଣ କରୁଥିଲ ଏମିତି କିଛି କଥା ପଚାରିଲେ। ଏମିତି କଥା ହେଉ ହେଉ ମୁଁ କହିଲି ବର୍ତ୍ତମାନର ଅବସ୍ଥା ଯାହା, ଚା' କପ୍‌ଟେ ନିହାତି ଦରକାର, କିନ୍ତୁ ମିଳେ କାହୁଁ। ବିଜୟ ସାର୍ କହିଲେ, ଦୋକାନକୁ ଦେଖି ମନେହେଉଛି ଏହା ଏକ ଚା' ଦୋକାନ। ହେଲେ ଦୋକାନୀକୁ ପାଇବା କୋଉଠୁ? ମୁଁ କହିଲି ସାର୍! କବାଟ ଭାଙ୍ଗି ଦେବା କି? ଚା' ଦୋକାନ ହୋଇଥିଲେ ନିଶ୍ଚିତ ଭାବରେ ସବୁକିଛି ଥିବ, ନିଜେ ତିଆରି କରିବା। ଅନ୍ତତଃ ପ୍ରାଣଟା ତ ବଞ୍ଚିଯିବ। ଟିକିଏ ଚିନ୍ତା କରିବା ପରେ ଗୋପ ସାର୍ କହିଲେ ଭାଙ୍ଗିଦେବା, ପରେ ଯାହା ହେବ ଦେଖାଯିବ। ଶାନ୍ତିର ପ୍ରତୀକ ଗୋପ ସାର୍‌ଙ୍କଠାରୁ ଏଭଳି ଅନୁମତି ଆମ କଳ୍ପନା ବାହାରେ ଥିଲା। ଅଗତ୍ୟା ସେୟା ହିଁ ହେଲା। ଭିତରେ ବିଶେଷ କିଛି ନଥିଲା, ଯେତିକି ସରଞ୍ଜାମ ଥିଲା ଆରାମରେ ନାଲି ଚା' ହୋଇଗଲା। ଗୋପ ସାର୍ ନିଜେ ଚା' ତିଆରି କଲେ। ଜଳନ୍ତା ଷ୍ଟୋଭ୍‌ରେ ଟିକିଏ ଶେକି ହେବା ପାଇଁ ସାର୍ ଆମକୁ ପରାମର୍ଶ ଦେଲେ। ଆମେ ଚାରିଜଣ ଚା' ପିଇଲୁ। ଦୋକାନରେ ଥିବା ବିସ୍କୁଟ ବି ଖାଇଲୁ। ଦେହରେ ଟିକିଏ ଦମ୍ ଆସିଲା। ରାତି ଏଗାରଟା ଉପରେ। ସେତେବେଳକୁ ବର୍ଷା ଛାଡ଼ିଯାଇଥାଏ। ଆମେ ଏଥର ଯିବାପାଇଁ ବାହାରିଲୁ। ଗଲାବେଳେ ଗୋପ ସାର୍ ପର୍ସରୁ ତିନି ଖଣ୍ଡ ଶହେ ଟଙ୍କିଆ ନୋଟ୍ ବାହାର କରି ତା' ଟଙ୍କା ବାକ୍ସରେ ରଖିଦେଲେ। ଯଥାସମ୍ଭବ କବାଟ ବନ୍ଦ କରି ଆମେ ପୁଣି ଯାତ୍ରା ଆରମ୍ଭ କଲୁ ଘର ଅଭିମୁଖେ।

ଅଳ୍ପ କିଛି ଦିନ ପରର ଘଟଣା। ମୁଁ ଫେରୁଥାଏ ସମ୍ବଲପୁରରୁ। ବସ୍‌ଷ୍ଟାଣ୍ଡ ଦେଇ ଆସିଲା ବେଳେ ଦେଖିଲି ଗୋପ ସାର୍ ବସ୍‌କୁ ଅପେକ୍ଷା କରିଛନ୍ତି। ତାଙ୍କୁ ଦେଖି ମୋ' ସହ ବାଇକ୍‌ରେ ଯିବାପାଇଁ ଡାକିଲି। ଅଗତ୍ୟା ସେ ମୋ' ସହ ବାଇକ୍‌ରେ ବସିଲେ। ବାଟରେ ଏମିତି କଥାବାର୍ତ୍ତା ହୋଇ ଆସୁ ଆସୁ ଦେଖିଲୁ ରାସ୍ତାକଡ଼ର ସେହି ଝୁପୁଡ଼ି ଚା' ଦୋକାନଟି ଖୋଲାଅଛି। କୌତୂହଳବଶତଃ ଦୋକାନ ଆଗରେ ଗାଡ଼ି ଅଟକାଇ ଚା' ଦୁଇଟା ଅର୍ଡର କଲି। ଦୋକାନୀ ବୁଢ଼ାଟି ଚା' ଦେଉଦେଉ ସାର୍ ପଚାରିଲେ, ଜଙ୍ଗଲ ମଝିରେ ଦୋକାନ ଖୋଲିଛ, କେମିତି ଚାଲୁଛି?

ଚାଲୁଛି ବାବୁ, ଭଗବାନ୍‌ଙ୍କ ଦୟାରୁ ଗୋଟେ ପ୍ରକାର ଭଲ ଚାଲୁଛି। ଦୋକାନୀ ଉତ୍ତର ଦେଲା। ବୁଢ଼ାଟି ମୁହଁରୁ ଭଗବାନ୍ ଡାକ ଶୁଣି ଟିକିଏ ହସି ପଚାରିଲି, ଆଜିକାଲି ଯୁଗରେ ପୁଣି ଭଗବାନ୍?

ସେ କହିଲା, ଅଛନ୍ତି ବାବୁ! ଭଗବାନ୍ ଅଛନ୍ତି। ଗଲା ଶୀତଳ ଷଷ୍ଠୀ ଦିନ କଥା। ଘରେ ସ୍ତ୍ରୀକୁ ମୋର ପ୍ରବଳ ଜର। ତିନିଦିନ ଧରି ଦୋକାନ ଖୋଲି ପାରି ନ ଥିଲି। ହାତରେ ପଇସାଟିଏ ନାହିଁ ଔଷଧ କିଣିବାକୁ। ପରଦିନ ଭାବିଲି କିଛି ସମୟ ଦୋକାନ ଖୋଲିବି। ଦି' ପଇସା ହେଲେ ବୁଢ଼ୀ ପାଇଁ ମେଡିସିନ୍ ଟିକିଏ ନେବି। ଦୋକାନକୁ ଆସି ଯାହା ଦେଖିଲି, ମୋ' ହାଲତ ଶୁଖିଗଲା। କେହି ଜଣେ ମୋ' ଦୋକାନର କବାଟ ଭାଙ୍ଗି ଭିତରକୁ ପ୍ରବେଶ କରିଛି। ଚା' ବନାଇ ପିଇଛି। ବିସ୍କୁଟ ବି ଖାଇଛି। ମନେମନେ ଭଗବାନ୍‌ଙ୍କୁ ଧନ୍ୟବାଦ୍ ଦେଲି ବାବୁ, ବିଶେଷ କିଛି କ୍ଷତି ହୋଇ ନ ଥିଲା। ପଇସା ବାକ୍ସ ଦେଖିବା ପରେ ଯାହା ଦେଖିଲି ମୋ' ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ବିଶ୍ୱାସ କରିବନି ବାବୁ, ଚା' ପିଇ ସାରି ଲୋକଟା ମୋ' ବାକ୍ସରେ ତିନିଶହ ଟଙ୍କା ରଖିଦେଇଛି। କହିଲ ବାବୁ, ଭଗବାନ୍‌ଙ୍କ ବ୍ୟତୀତ ଆଉ କିଏ ହୋଇପାରେ?

ମୁଁ ଚାହୁଁଥିଲି କହି ଦେବାକୁ, ଟଙ୍କା ରଖିଥିବା ବ୍ୟକ୍ତି ମୋ' ସାଙ୍ଗରେ ଥିବା ସାର୍ ବୋଲି, କିନ୍ତୁ ସାର୍‌ଙ୍କ ଇସାରାରେ ଚୁପ୍ ରହିଲି। ଖାଲି ମନେମନେ ସ୍ମରଣ କରୁଥିଲି ଗୋପ ସାର୍‌ଙ୍କ ଭିତରେ ଥିବା ସେ ଭଗବାନ୍‌ଙ୍କ ରୂପକୁ। ସେଦିନ କବାଟ ଭାଙ୍ଗି ନିଜ ହାତରେ ଚା' ପିଆଇ ଆମ ଜୀବନ ବଞ୍ଚାଇଥିବା ଓ ବୁଢ଼ା ଅଜାଣତରେ ଟଙ୍କା ଦେଇ ତା' ସ୍ତ୍ରୀ ପାଇଁ ଔଷଧ ଖର୍ଚ୍ଚ ବହନ କରିଥିବା ଭଗବାନ୍‌ଙ୍କ ଅବତାରକୁ।

ମୋ: ୯୬୬୮୦୦୧୧୫୫



## ପୁସ୍ତକ ପରିଚୟ

### ତାପସୀ ପାର୍ଥବୀ ସୀତା

**କବି: ପ୍ରଫୁଲ୍ଲ କୁମାର ମହାନ୍ତି**
**ପ୍ରକାଶକ: ଜ୍ଞାନଯୁଗ ପବ୍ଲିକେଶନ, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୨୩, ମୂଲ୍ୟ: ଟ.୩୬୦/–**




ବାଲ୍ମୀକି ରାମାୟଣ ଆଧାରରେ ସୀତାଙ୍କ ଚରିତ୍ରକୁ କାଳଜୟୀ ତାତ୍ପର୍ଯ୍ୟ ଦେଇ ଗଢ଼ିତୋଳିବା ହେଉଛି ଆଲୋଚ୍ୟ କାବ୍ୟଗ୍ରନ୍ଥର ମୂଳ ଲକ୍ଷ୍ୟ। ଏଥିରେ ସେ ଅନ୍ୟ କୌଣସି ପ୍ରାନ୍ତୀୟ ରାମାୟଣ ବା ରାମାୟଣ ଆଧାରିତ ଗ୍ରନ୍ଥର ପରିକଳ୍ପନା ମିଶାଇ ନାହାନ୍ତି। ପାଞ୍ଚଟି ସର୍ଗରେ କାବ୍ୟଗ୍ରନ୍ଥଟି ବିଭକ୍ତ। ପ୍ରଥମ ସର୍ଗ– ଅପରାଗ, ଦ୍ୱିତୀୟ ସର୍ଗ– ସତ୍ୟରାଗ, ତୃତୀୟ ସର୍ଗ– ସରାଗ କ୍ଷଣିକା, ଚତୁର୍ଥ ସର୍ଗ– ଅସ୍ତରାଗ ଓ ପଞ୍ଚମ ସର୍ଗ– ଶେଷରାଗ। କାବ୍ୟାରମ୍ଭରେ 'କାହିଁକି ସୀତା?' ଶୀର୍ଷକ ଗଦ୍ୟଲେଖରେ କବି ଲେଖିଛନ୍ତି– ''ମୋର ଉଦ୍ଦେଶ୍ୟ ହେଲା ସୀତାଙ୍କୁ ବିଶ୍ୱ ନାରୀସତ୍ତାର ଏକ ପରମ ରୂପ ଭାବେ ଉପସ୍ଥାପିତ କରିବା ଏବଂ ନାରୀର ମହନୀୟତା ପ୍ରଦର୍ଶନ କରିବା। x x ସୀତା କେବଳ ଭାରତୀୟ ନାରୀ ନୁହେଁ, ନାରୀସତ୍ତାର ଏକ ପରମ ରୂପ: ଏହା ହିଁ ମୋର ଏହି ପ୍ରୟାସର ଲକ୍ଷ୍ୟ।'' ଅଶୋକ ବାଟିକାରେ ବନ୍ଦିନୀ ସୀତା। କାବ୍ୟର ଆରମ୍ଭ ପଙ୍କ୍ତିଟି ଯେତିକି କାବ୍ୟିକ, ସେତିକି ନାଟକୀୟ। ଯଥା: ''ଆକାଶରେ ଫଟା ମେଘର ମୃଦୁ ଆଲୋଡ଼ନ/ ଅସ୍ତଗାମୀ ସୂର୍ଯ୍ୟର ପଳାତକ ପ୍ରଭା/ ସ୍ତବ୍ଧ ପବନରେ ଆସନ୍ନ ସନ୍ଧ୍ୟାର ମୂକ ପ୍ରତିବାଦ/ ରୁକ୍ଷ କୋଳାହଳେ ପ୍ରକମ୍ପିତ ଅଶୋକ ବାଟିକା।'' କାବ୍ୟର ପରିଣତିରେ ମାଟି ଗର୍ଭରେ ପ୍ରବେଶ କରୁଛନ୍ତି ସୀତା। ଶ୍ରୀରାମଙ୍କ ତୁଣ୍ଡରେ– ''ସୀତାର ପ୍ରତିମା ପାଖେ ନତଜାନୁ ରାମ/ ଲବକୁଶ ହାତ ଧରି କରିଲେ ପ୍ରଣାମ/ ମନେ ମନେ କହିଲେ ଶ୍ରୀରାମ/ କ୍ଷମା କରି ସୀତା ପୂର୍ଣ୍ଣ ହୋଇ ରହିଲ ଅପୂର୍ଣ୍ଣା।'' ସମଗ୍ର କାବ୍ୟଟି ସୀତାଙ୍କ ପାଇଁ କବିଙ୍କର ଏକ ଅସରା ଦୀର୍ଘଶ୍ୱାସ, ପାଠକଙ୍କ ପାଇଁ ଚିର ଅଭୁଲା ଏକ ମହାକାହାଣୀ।

### ମିଷ୍ଟି ମିଶ୍ର

**ଗାଳ୍ପିକ: ବିପ୍ଳବ**
**ପ୍ରକାଶକ: ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ:୨୦୨୩, ମୂଲ୍ୟ: ଟ.୧୪୯/–**




୧୯ଟି ଗଳ୍ପରେ ଜୀବନଦୀପ୍ତ ଆଲୋଚ୍ୟ ଗଳ୍ପଗ୍ରନ୍ଥଟିର ସମସ୍ତ ଗଳ୍ପ ୨୦୧୯ରୁ ୨୦୨୨ ମଧ୍ୟରେ ପ୍ରକାଶିତ, କେବଳ ପ୍ରଥମ ଗଳ୍ପ 'କଦମ୍ବ ଫୁଲର ବାସ୍ନା'କୁ ଛାଡ଼ି; ଯାହା ୧୯୯୬ରେ ପ୍ରକାଶ ପାଇଥିଲା। ବହିର ଦ୍ୱିତୀୟ ଗଳ୍ପ (ବହିର ଶୀର୍ଷକ ଗଳ୍ପ) 'ମିଷ୍ଟି ମିଶ୍ର' ସମ୍ପର୍କରେ ବିପ୍ଳବ ଲେଖିଛନ୍ତି: ''କେବେକେବେ ନିଶୂନ୍ ଅନ୍ଧାର ରାତିରେ ମୋତେ ଅଥୟ କରିଦେଉଥିବା 'ମିଷ୍ଟି ମିଶ୍ର' ଏବେ ସର୍ବ ସମ୍ମୁଖରେ।'' ବହିର ଅଧିକାଂଶ ଗଳ୍ପ ଭିତରେ ବିହନ ହୋଇ ପ୍ରେମ ହିଁ ଅଙ୍କୁରିତ ହେବାର ତପସ୍ୟା ଜାହିର୍ ରଖିଛି। ପ୍ରେମ ସମ୍ପର୍କରେ ଲେଖକ କହନ୍ତି: ''ନିଦାଘ ରାତିରେ ନଈପଠାରେ ଗୋଡ଼ ଲମ୍ବେଇ ନଈପାଣିକୁ ଗୋଡ଼ିସବୁ ଫୋପାଡ଼ିବା ହିଁ ପ୍ରେମ। x x ଚାନ୍ଦିନୀ ରାତିରେ ଜହ୍ନକୁ ଏକ୍ଲା ଦେଖି ଶିହରିତ ହେବା ହିଁ ପ୍ରେମ। ନିଜଠୁଁ ନିଜେ ହଜିବା ହିଁ ପ୍ରେମ।'' ଏହିପରି ପ୍ରେମର କେତେ ସଂଜ୍ଞା– ଯାହାର ପ୍ରୟୋଗଶାଳା ପାଲଟିଛି ବହିର ବହୁ ଗଳ୍ପ। ବିପ୍ଳବଙ୍କ ଗଳ୍ପରେ ଅନୁଭବ ଖୁବ୍ ମୌଳିକ, ଭାଷା ବି। ଉଦାହରଣଟିଏ ନେବା– ''ମୁଁ ବେଡ୍ ଉପରେ ଅଛାଡ଼ ହେଇ ପଡ଼ିଗଲି। ଶଗଡ଼େ କଦମ୍ବ ଫୁଲ ପରି ମିଷ୍ଟି ମିଶ୍ର ମୋ ଦେହ ସାରା ବିଞ୍ଚି ହେଇଗଲା। ଭୂରୁ ଭୂରୁ ବାସ୍ନାରେ ମହକୁଥିଲା ରାତି। ଏବେ ଅନ୍ଧାର ଆହୁରି ଭଲ ଲାଗୁଥିଲା।'' (କଦମ୍ବ ଫୁଲର ବାସ୍ନା–ପୃ: ୭)। ଇନ୍ଦ୍ରିୟବେଦ୍ୟ ହୋଇ ବି ଗଳ୍ପଗୁଡ଼ିକରେ ଇନ୍ଦ୍ରିୟୋତ୍ତର ଅନୁଭବ ଆଡ଼କୁ ଯେଉଁ ରାସ୍ତାଟି ବହିର ପ୍ରାୟଗଳ୍ପରେ ଖୋଲାଥାଏ, ତାହା ହିଁ ବିପ୍ଳବଙ୍କ ଗଳ୍ପକାରିତାର ବିଶେଷତ୍ୱ।

## କାଳକାଳକୁ

''ପ୍ରଜ୍ଞାବିହୀନ ଗ୍ରନ୍ଥପାଠ ଗଧ ପିଠିରେ ଲଦା ବହିବସ୍ତା ପରି।''

**- ଜୋରା ନିଅ ହର୍ଷ୍ଟନ୍**



ଜୋରା ନିଅ ହର୍ଷ୍ଟନ୍ (Zora Neale Hurston)ଙ୍କ ଜନ୍ମ ୭ ଜାନୁଆରୀ ୧୮୯୧ରେ ଓ ପରଲୋକ ୨୮ ଜାନୁଆରୀ ୧୯୬୦ରେ, ଆମେରିକାରେ। ଜୋରା ଏକାଧାରରେ ଲେଖିକା, ନୃତତ୍ତ୍ୱବିଦ୍ ଓ ଚଳଚ୍ଚିତ୍ର ନିର୍ମାତା। ତାଙ୍କ ଉପନ୍ୟାସ ଓ ନାଟକରେ ଊନବିଂଶ ଶତାବ୍ଦୀ ଦକ୍ଷିଣ ଆମେରିକାର ଜାତିଗତ ଓ ବର୍ଣ୍ଣଗତ ସଂଘର୍ଷର ଚିତ୍ର ଜୀବନ୍ତ। ତାଙ୍କର ଚାରିଟି ଉପନ୍ୟାସ ମଧ୍ୟରୁ ସବୁଠୁଁ ଲୋକପ୍ରିୟ ହେଉଛି– ''ଦେୟାର୍ ଆଇଜ୍ ଓୟେର୍ ୱାଚିଂ ଗଡ୍''। ୧୯୩୭ରେ ଉପନ୍ୟାସଟି ପ୍ରକାଶିତ। ଏହାଛଡ଼ା ପଚାଶରୁ ଊର୍ଦ୍ଧ୍ୱ ଗଳ୍ପ, ନାଟକ ଓ ନିବନ୍ଧର ସେ ରଚୟିତା। ସେ କହନ୍ତି: ''ଜୀବନ ଏକ ଫୁଲ, ଯହିଁରେ ପ୍ରେମ ହେଉଛି ମହୁ।''

## କବିତା

### ଆପେକ୍ଷିକ ଦୃଶ୍ୟ

**ପ୍ରତୀକ୍ଷା ଜେନା**

ଆଇ.ଜି. ପାର୍କ ସାମ୍ନାରେ
ସନ୍ଦିଗ୍ଧ ସ୍ତ୍ରୀ ଲୋକ,
ଡାହାଣ ଗୋଡ଼ର କଳାସୂତାରେ
ଗୁନ୍ଥା କଉଡ଼ି,
ଦେହରେ ଲେଦର୍ ଜ୍ୟାକେଟ୍,
ହାତରେ କେଉଁ ଅଜଣା ପକ୍ଷୀର ନଖ,
ସେଇଠି ବସ୍ ଷ୍ଟପ୍‌କୁ ଲାଗି ଗୋଟେ
କାଗଜପଟିରେ ଭୟଙ୍କର ଚିତ୍ର;
ବିଜ୍ଞାପନ; ନଖଦର୍ପଣ।
ଠିକ୍ ସାମ୍ନାରେ କୋତରା ଲୁଗା ପିନ୍ଧି
ଅଯତ୍ନ କେଶରେ ତଳକୁ ଝୁଙ୍କି ବସିଥିବା
ଜଣେ ଆତତାୟୀ,
ସନ୍ଦିଗ୍ଧ ସ୍ତ୍ରୀଲୋକର ପ୍ରେମିକ
ହେଇପାରେ ବା
ଦୁଇ ଚାରିଟି ସାକ୍ଷାତ୍କାରରେ ପ୍ରେମର
ସମ୍ଭାବନା ଉଜ୍ଜ୍ୱଳ;
ଏଇ ସମୟରେ କେହି ଜଣେ ଆସି
ହାତ ବଢ଼େଇ ବସିପଡ଼ିଲା ଭୂଇଁରେ
ଓ ଆତତାୟୀଟି ଗଣନା
ଆରମ୍ଭ କଲା ଭାଗ୍ୟ;
ପାର୍କ ଭିତରେ ଡିପ୍ରେସନ ଭୋଗୁଥିବା କବି,
ଭାଗ୍ୟ ଫାଗ୍ୟକୁ ଭ୍ରୂକ୍ଷେପ କରୁ ନ ଥିବା
ଦୁଇଟି କୁକୁର
ଏଯାଏ ଦୃଶ୍ୟ ବାହାରେ।
ଭୟରେ ଦୌଡ଼ି ଆସି ଅଟୋରୁ
ଓହ୍ଲେଇ ପଡ଼ିଥିବା
ଚାରିଟି ପାଦ ରାମ ମନ୍ଦିର ସାମ୍ନାରେ,
ଓଃ! କି ଅଶ୍ଳୀଳ ସେଇ ମଦ୍ୟପ
ଯୁବକର ଆଖି!
ରାସ୍ତାକଡ଼ ବେଞ୍ଚରେ ଭ୍ୟାନିଟି ବ୍ୟାଗ୍,
ଫୋନ୍ ସ୍କ୍ରିନ୍‌ରେ ଅଭିମାନର
ମିଞ୍ଜିମିଞ୍ଜି ଅକ୍ଷର,
ରାସ୍ତା ଆରପାଖରେ ବିଜ୍ଞାପନ,
ସୁଲଭ ଜୀବନର ସବୁ ସରଞ୍ଜାମ;
ସନ୍ଧ୍ୟା ରତରତ;
ଏଠି ଦଳୀୟ ଅଫିସ୍
ସାମ୍ନାରେ ବାସି ପାଉଁରୁଟି
ପାଇଁ ଧସ୍ତାଧସ୍ତି ଦୁଇଟି କୁକୁର
ଓ ଲୁହ ଲୁଚେଇ ବାଜେ ଖବରରେ ବହେ
ହସୁଥିବା ପାର୍କର ସେଇ କବି;
ଏଠି ସବୁ ଦୃଶ୍ୟ ମିଛ
ସବୁ ଦୃଶ୍ୟ ଆପେକ୍ଷିକ।

ମୋ:୯୮୨୭୪୯୪୪୦୭

### ମଉଳା ଫୁଲ

**ଛବିରାଣୀ ପତି**

ଭରା ଫଗୁଣର ମଉଳା ଫୁଲ ମୁଁ,
କା' ପାଶେ ରଚିବି ରାସ?
ରୂପର ମାଧୁରି ଅଲୋଡ଼ା ହେଲା ମୋ',
ଚୋରାଇ ନେଲା କେ' ବାସ!
ନିଶୀଥ କାନନେ ରହି ରହି ଶୁଭେ
କଜଳପାତିର ଡାକ,
ରଙ୍ଗର ପସରା ଲୁଟିଗଲା କାହିଁ
କା' ପାଶେ ବାଢ଼ିବି ଶୋକ!
ଭରା ବସନ୍ତର ମଉଳା ଫୁଲ ମୁଁ,
ଝରା ବଉଳର ନିଶା,
ନିଶାରେ ବିଭୋର ମଧୁମତୀ ମୋ'ର
ସରିଲା ସକଳ ଆଶା,
ଘରବାହୁଡ଼ାର ଗୋଧୂଳି ସନ୍ଧ୍ୟାରେ,
ନିଃସଙ୍ଗ ଲୋଟଣି ପାରା
ପାହାନ୍ତି ରାତି ମୋ' ଉଜୁଡ଼ା ଆକାଶେ
ଏକାକିନୀ କୁଆଁତାରା।
ଭରା ମଳୟର ମଉଳା ଫୁଲ ମୁଁ
ପୋଛି ପାରିବି କା' ଦେହ?
ମୁଁ ଯେ ସାତତାଳ ପଙ୍କ ଅଥଳ
ତୁଟିନି ଜଳରେ ମୋହ,
ଝରା ଅତୀତର ଲିଟାରେ ଲିଟାରେ
ବିଧୁରା ଦରଦୀ ଛାତି
ଯନ୍ତ୍ରଣା ସହି ନୀରବ ନିଶ୍ଚଳ
ସାଜିଛି ମୋ ମତି ଗତି।
ଜଳନ୍ତା ଜୀବନ ଜୁଇରେ ମୋ'ର
ଜଳୁଛି ଭିଜିଲା ପ୍ରୀତି,
ମୁଁ ଯେ ଏକାକିନୀ କଜଳପାତି,
ଏକା କେଉଁ ମଧୁମତୀ।

ମୋ: ୯୩୩୭୯୬୦୦୬୦

### କାଲିର ସକାଳ

ଗୀତି-କବିତା

**ନିରଞ୍ଜନ ସାହୁ**

କିଏ ଜାଣିଅଛି କାଲି ସୂର୍ଯ୍ୟୋଦୟ
କି ସନ୍ଦେଶ ନେଇ ଆସିବ
କାହାର ଜୀବନେ ଦୁଃଖ ଭରିଦେଇ
କା' ଜୀବନୁ ଦୁଃଖ ନାଶିବ।
ରାତି ପାହିଗଲେ ସକାଳ ଆସଇ
ଏ ନିୟମ ଯିଏ ଗଢ଼ିଛି
ମଣିଷ ଜୀବନେ ଯାହା ଭଲମନ୍ଦ
ସିଏ ସିନା ଏକା ପଢ଼ିଛି
ସେ ଅଦୃଶ୍ୟ ଶକ୍ତି ଏକା ଜାଣିଅଛି
କାହାର ସଂସାର ଭାସିବ।
ଚେଇଁକି ସପନ ଦେଖଇ ମଣିଷ
କେତେ ଆଶା ସିଏ କରଇ
ସପନକୁ ପୂରା କରିବା ନିମିତ୍ତ
ନାନା ପନ୍ଥା ପୁଣି ଧରଇ
କାହାର ଭାଗ୍ୟରେ ପୂତିମୟ ନର୍କ
କାହାର ଭାଗ୍ୟ ବି ବାସିବ।

ମା: ୯୯୩୮୭୪୧୫୮୩

# କୁନିଫୁଲର ଭକ୍ତିଭାବ

ଲଘୁଗଳ୍ପ

**ଦେବେନ୍ଦ୍ର କର**

ସକାଳୁ ସକାଳୁ କୁନିଫୁଲଟି ପ୍ରଭୁଙ୍କର ଗୁଣଗାନ କରୁଥାଏ। ମନରେ ତାର ଅଫୁରନ୍ତ ଆନନ୍ଦ। କଢ଼ିଟେ ବେଳରୁ ଶୁଣିଛି କୁଆଡ଼େ ଭାଗ୍ୟରେ ଥିଲେ ଦିଅଁଙ୍କ ପାଖରେ ସ୍ଥାନ ମିଳେ। ବାବୁଆଣୀଙ୍କ ଫୁଲ ଚାଙ୍ଗୁଡ଼ିରେ ବଡ଼ ସରାଗରେ ଚାହିଁ ବସିଥାଏ ସେଇ ଶୁଭକ୍ଷଣକୁ। ପ୍ରଭୁଙ୍କ ଶ୍ରୀମୁଖ ଦର୍ଶନ ପାଇବାକୁ ବ୍ୟାକୁଳ ମନ, ଉତ୍କଣ୍ଠିତ ହୃଦୟ। ଆଲୋକମୟ ପୂର୍ବାକାଶ ସୂର୍ଯ୍ୟଙ୍କ ଆଗମନର ସୂଚନା ଦେଲାଣି। ବାବୁଆଣୀ ପାଦ ଥାପିଲେ ମନ୍ଦିର ଅଭିମୁଖେ।

ଦୂରରୁ ଅଳ୍ପଅଳ୍ପ ଦୃଶ୍ୟମାନ ହେଉଥାଏ ମନ୍ଦିରର ଚୂଳ। ଶିଖର ଦେଶରେ ଲାଲ ରଙ୍ଗର ନେତଟି ପବନ ସାଙ୍ଗରେ ମନ ଆନନ୍ଦରେ ନାଚି ଉଠୁଥାଏ। କୁନିଫୁଲର ଉତ୍କଣ୍ଠା ବଢ଼ି ବଢ଼ି ଯାଉଥାଏ। ଜୀବନ ଅଳୀକ ମାତ୍ର, ହେଇ ଅଛି ହେଇ ନାହିଁ। ଦିଅଁ ଦର୍ଶନେ ତା' ଜୀବନ ହେବ ସାର୍ଥକ। ଧୂପଦୀପ ବାସ୍ନାରେ ମନ୍ଦିର ପ୍ରବେଶ ପଥ ମହକି ଉଠୁଥାଏ। ଦୁଇ ପାର୍ଶ୍ୱରେ ଭିକ୍ଷୁକଙ୍କ ଡାକ ଶୁଭୁଥାଏ। ଶ୍ରଦ୍ଧାଳୁଙ୍କ ଆତଯାତ ଲାଗି ରହିଥାଏ। କୁନିଫୁଲର ମନପ୍ରାଣ ମୁଗ୍ଧ ହେଇଗଲା। ଆଃ! କି ଶାନ୍ତ ସୁନ୍ଦର ଆଧ୍ୟାତ୍ମିକ ପରିବେଶ। ମନ୍ଦିର ଚତୁଃପାର୍ଶ୍ୱରେ ଦେବଦେବୀଙ୍କ ସୁନ୍ଦର ସୁନ୍ଦର କଳାକୃତି। ଅଚାନକ ହାଲୁକା ପବନ ସ୍ପର୍ଶରେ କୁନିଫୁଲଟି ଫୁଲଚାଙ୍ଗୁଡ଼ିରୁ ଲୋଟି ପଡ଼ିଲା ପାହାଚ ଉପରେ। ବାବୁଆଣୀଙ୍କୁ ଟିକିଏ ବି ଧାରଣା ରହିଲା ନାହିଁ। ଗର୍ଭଗୃହ ସମ୍ମୁଖରେ ଭିଡ଼କୁ ଲକ୍ଷ୍ୟ କରି ବାବୁଆଣୀ ବେଗିବେଗି ପାଦ ଥାପିଲେ। କୁନିଫୁଲଟି ଦୁଃଖ ଅସହାୟତାରେ ଭାଙ୍ଗି ପଡ଼ିଲା। ନିରୁପାୟ ହୋଇ ସେ କାନ୍ଦିବାକୁ ଲାଗିଲା। ତା' ଲୁହ ଭଗବାନ୍ ସହି ପାରିଲେ ନାହିଁ। ସଙ୍ଗେ ସଙ୍ଗେ ତା' ସମ୍ମୁଖରେ ଆବିର୍ଭାବ ହେଲେ। ଭଗବାନ୍ ପ୍ରଶ୍ନ କଲେ– ତୁମେ କାନ୍ଦୁଛ କାହିଁକି? କୁନିଫୁଲଟି କୋହଭରା ସ୍ୱରରେ କହିଲା, ପ୍ରଭୁ! କେତେ ଅଭିଳାଷ ନେଇ ଆସିଥିଲି ତୁମ ନିକଟକୁ। ହେଲେ ଦୁର୍ଭାଗ୍ୟ, ଆଜି ମୁଁ ଏକ ଅସୁରକ୍ଷିତ ଅବସ୍ଥାକୁ ନିଜକୁ ପାଇଲି। କିଛି କ୍ଷଣ ପରେ ହୁଏତ ଭକ୍ତଙ୍କ ପାଦ ତଳେ ମୁଁ କଷ୍ଟ ପାଉଥିବି। ମନ୍ଦିରବେଢ଼ାରେ ପାଦ ଦେଇ ସୁଦ୍ଧା ତୁମ ଦର୍ଶନ ପାଇପାରିଲି ନାହିଁ। ଭଗବାନ୍ କହିଲେ, ଧୈର୍ଯ୍ୟହରା ହୁଅନାହିଁ। ଶାନ୍ତ ହୋଇଯାଅ। ପ୍ରତ୍ୟେକ ବାଧାବିଘ୍ନ ପଛରେ ଗୋଟେ ସୁଖଦ କ୍ଷଣ ଲୁଚି ରହିଥାଏ। କୁନିଫୁଲଟି ନିଜ ଲୁହକୁ ରୋକି ପାରୁନଥାଏ। ଭଗବାନ୍ ପୁଣି କହିଲେ, ଆଉ ମାତ୍ର ସ୍ୱଳ୍ପ ସମୟରେ ତୁମ ଦୁଃଖ ଅପସରି ଯାଇଥିବ। ମୋ' ଉପରେ ବିଶ୍ୱାସ ରଖ, ନିଶ୍ଚୟ ତୁମର ମଙ୍ଗଳ ହେବ। ଭଗବାନ୍ ତଥାସ୍ତୁ କହି ଅନ୍ତର୍ଦ୍ଧାନ ହୋଇଗଲେ।

ଗର୍ଭଗୃହରୁ ଘଣ୍ଟଘଣ୍ଟା, ହୁଳହୁଳି, ଶଙ୍ଖଧ୍ୱନି ଗୁଞ୍ଜରିତ ହେଲା। କୁନିଫୁଲଟି ଏବେ ସମ୍ପୂର୍ଣ୍ଣ ନୀରବ। ପୂଜାପୂଜି ସାରି ମନ୍ଦିର ଭିତରୁ ଜଣେ ଭଦ୍ରବ୍ୟକ୍ତି ବାହାରି ଆସିଲେ। ତୁଣ୍ଡରୁ ଶୁଭୁଥାଏ ହରେ କୃଷ୍ଣ ହରେ କୃଷ୍ଣ। ଓଃ ଏଇ ପୂଜା ଫୁଲଟା କାହା ହାତରୁ ଖସିପଡ଼ିଛି ବୋଧହୁଏ। ଏତିକି କହି ସେ କୁନିଫୁଲକୁ ପାହାଚ ଉପରୁ ଟେକି ନେଇ ମଥାରେ ଛୁଆଁଇଲେ। ଶ୍ରଦ୍ଧାର ସହିତ ନିଜ ଭୋଗଡାଲାରେ ସାଇତି ଦେଲେ। ଏଥର ଭଦ୍ରବ୍ୟକ୍ତି ପ୍ରସ୍ଥାନ ବାଟେ ପାଦ ଥାପିଲେ। କୁନିଫୁଲଟି ଏବେ ବି ନୀରବ ଥାଏ। ଭଦ୍ରବ୍ୟକ୍ତି ଘରେ ପାଦ ଦେଉଦେଉ ସମସ୍ତ ସଦସ୍ୟ ଶ୍ରଦ୍ଧା ପୂର୍ବକ ଛୁଟି ଆସିଲେ। ଜଣ ଜଣକରି ସମସ୍ତେ କୁନିଫୁଲକୁ ନେଇ ମଥାରେ ଛୁଆଁଇଲେ ଆଉ ପ୍ରସାଦ ପାଇଲେ। ଶେଷରେ ଭଦ୍ରବ୍ୟକ୍ତି କୁନିଫୁଲକୁ ନିଜ ଠାକୁର ଘରର ଦେବୀ ପ୍ରତିମାଙ୍କ ଚରଣରେ ଅର୍ପଣ କରିଦେଲେ। ଅନେକ ଦେବଦେବୀଙ୍କ ସମାହାରରେ ସୁନ୍ଦର ଠାକୁର ଘରଟି। ଦେବଦେବୀ ନାନା ରକମର ଫୁଲ ଆଉ ପତ୍ରରେ ସୁସଜ୍ଜିତ ହୋଇଥିଲେ। ସମ୍ପୂର୍ଣ୍ଣ ଘରଟି ଧୂପଦୀପ ବାସ୍ନାରେ ମହକୁଥାଏ। କୁନିଫୁଲର ମନ ଆନନ୍ଦରେ ନାଚି ଉଠିଲା। ତା' ମନସ୍କାମନା ପୂର୍ଣ୍ଣ ହେଲା। ମନେମନେ ସେ ପ୍ରଭୁଙ୍କୁ ସ୍ମରଣ କଲା। ତା' ଡାକରେ ଭରିରହିଥିଲା ଗଭୀର ଭକ୍ତିଭାବ।

ମୋ: ୯୯୩୭୯୬୩୯୧୦



# ଶିମିଳିପାଳରୁ ୨୩ ଦେଶୀ ବନ୍ଧୁକ ଜବତ, ୮ ଗିରଫ

ବାରିପଦା,୧୯।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ପାଦଦେଶ ଅଞ୍ଚଳରୁ ୨୩ଟି ଦେଶୀ ବନ୍ଧୁକ ଜବତ କରାଯାଇଛି। ତୃତୀୟ ପର୍ଯ୍ୟାୟରେ ଜିଲା ପୋଲିସ ନଭେମ୍ବର ଓ ଡିସେମ୍ବର ମାସରେ ସର୍ଚ୍ଚ ଅପରେଶନ କରି ବନ୍ଧୁକ ସବୁ ଜବତ କରିଛି। ଏନେଇ ବାରିପଦାସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ଶୁକ୍ରବାର ଆହୂତ ଖବରଦାତା ସମ୍ମିଳନୀରେ ଏସ୍‌ପି ଏସ୍. ସୁଶ୍ରୀ ଏହି ସୂଚନା ଦେଇଛନ୍ତି।

ଶିମିଳିପାଳ ସଂଲଗ୍ନ ୯ଟି ଥାନା ଅଧୀନରେ ଥିବା ଗାଁଗୁଡ଼ିକରୁ ପୁଣି ୨୩ଟି ଦେଶୀ ବନ୍ଧୁକ ଜବତ ହୋଇଛି। ଏନେଇ ୧୪ଟି




ଜବତ ବନ୍ଧୁକ।

ମାମଲା ରୁଜୁ କରାଯାଇ ୮ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ବାରିପଦା ସଦର ଥାନା, ଶରତ ଥାନା, କରଞ୍ଜିଆ, ଯଶିପୁର ଓ ଠାକୁରମୁଣ୍ଡା ଥାନା ପୋଲିସ ଗୋଟିଏ ଲେଖାଏ ବନ୍ଧୁକ ଜବତ କରିଛି। ସେହିପରି ବଡ଼ସାହି ଥାନା ୩ଟି, ଉଦଳା ଥାନା ୫ଟି, ଖୁଣ୍ଟା ଥାନା ୮ଟି ଓ କପ୍ତିପଦା ଥାନା ପୋଲିସ ୨ଟି ଦେଶୀ ବନ୍ଧୁକ ଜବତ କରିଛି। ଶିମିଳିପାଳ ଅଭୟାରଣ୍ୟରେ ଦୁଇ ବନ କର୍ମଚାରୀଙ୍କ ମୃତ୍ୟୁ ପରେ ପୋଲିସ ପକ୍ଷରୁ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା। ଶିମିଳିପାଳ ସୁରକ୍ଷା ଅଭିଯାନରେ ମୟୂରଭଞ୍ଜ ପୋଲିସ ପକ୍ଷରୁ ଶିକାରୀମାନଙ୍କୁ ବନ୍ଧୁକ ସମର୍ପଣ କରିବା ପାଇଁ ନିବେଦନ କରାଯାଇଥିଲା। ଏଥିପାଇଁ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଶିମିଳିପାଳ ସୁରକ୍ଷା ଲାଗି ଏବେ ଜଏଣ୍ଟ ଟାସ୍କଫୋର୍ସ ଗଠନ କରାଯାଇ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ରହିଛନ୍ତି। ଶିମିଳିପାଳ ଅଭୟାରଣ୍ୟ ସଂଲଗ୍ନ ଗ୍ରାମରୁ ସର୍ଚ୍ଚ ଅପରେଶନ ମାଧ୍ୟମରେ ବେଆଇନ ବନ୍ଧୁକ ଜବତ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୬୫, ୨ୟ ପର୍ଯ୍ୟାୟରେ ୭୧ ଏବଂ ତୃତୀୟ ପର୍ଯ୍ୟାୟରେ ୨୩ ଦେଶୀ ବନ୍ଧୁକ ଜବତ କରାଯାଇଛି। ତେବେ ଶିକାରୀ ଓ ଶିକାରରେ ଜଡ଼ିତ ରହୁଥିବା ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ପ୍ରାଣୀପ୍ରେମୀମାନେ ଦାବି କରିଛନ୍ତି।

# ଆରମ୍ଭ ହେଲା ରିଟର୍ନିଂ ଅଫିସରଙ୍କ ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୯।୧(ଅନିଲ ଦାସ)

**ସାଧାରଣ ନିର୍ବାଚନ ପ୍ରସ୍ତୁତି**

ଆଗାମୀ ସାଧାରଣ ନିର୍ବାଚନ-୨୦୨୪କୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ତରଫରୁ ରାଜ୍ୟର ସମସ୍ତ ରିଟର୍ନିଂ ଅଧିକାରୀ ଓ ସହକାରୀ ରିଟର୍ନିଂ ଅଧିକାରୀମାନଙ୍କ ନିମନ୍ତେ ୫ ଦିନିଆ ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଭୁବନେଶ୍ୱରସ୍ଥିତ ଗୋଠପାଟଣାଠାରେ ଅବସ୍ଥିତ ରାଜସ୍ୱ ଅଧିକାରୀଙ୍କ ତାଲିମ ପ୍ରତିଷ୍ଠାନରେ ଜାନୁଆରୀ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ତାଲିମ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ଆସିଥିବା ୨୧୧ ଜଣ ରିଟର୍ନିଂ ଓ ସହକାରୀ ରିଟର୍ନିଂ ଅଧିକାରୀ ଭାଗନେବେ। ପ୍ରଥମ ଦିବସରେ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ନିର୍ବାଚନ ପରିଚାଳନା ସମ୍ପର୍କିତ ଯେ କୌଣସି ପ୍ରଶ୍ନ ମନକୁ ଆସିଲେ ଦ୍ୱିଧାବୋଧ ନ କରି ତାଲିମ କାର୍ଯ୍ୟକ୍ରମରୁ ସମାଧାନର ସୂତ୍ର ପାଇବା ନିମନ୍ତେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଅଧିକାରୀମାନଙ୍କୁ ନିର୍ବାଚନର ଆଦର୍ଶ ଆଚରଣବିଧି, ନିର୍ବାଚନ ଖର୍ଚ୍ଚର ତଦାରଖ, ପୋଷ୍ଟାଲ ବାଲଟ, ପ୍ରାର୍ଥୀମାନଙ୍କର ନାମାଙ୍କନପତ୍ର ଦାଖଲ ଏବଂ ନାମାଙ୍କନପତ୍ର ପ୍ରତ୍ୟାହାର, ନିର୍ବାଚନ ଚିହ୍ନ ଅନୁମୋଦନ, ଭୋଟ ଦିନର ସୁବ୍ୟବସ୍ଥା, ପୋଲିଂ ପାର୍ଟି ପରିଚାଳନା, ଦିବ୍ୟାଙ୍ଗ ଭୋଟରମାନଙ୍କ ପାଇଁ ସୁବିଧାସୁଯୋଗ, ଭୋଟ ଗଣତି, ଇଭିଏମ୍ ଭିଭିପିଏଟି ଓ ଭୋଟ ଫଳାଫଳ ଘୋଷଣା ସମ୍ପର୍କରେ ବିସ୍ତୃତ ଭାବେ ତାଲିମ ପ୍ରଦାନ କରାଯିବ। ଜାତୀୟ ସ୍ତରର ନିର୍ବାଚନ ତାଲିମ ପ୍ରଶିକ୍ଷକ ଆର୍. ରଘୁରାମ ଆୟାର, ପ୍ରମୋଦ କୁମାର ସାହୁ, ସବ୍ୟସାଚୀ ହୋତା, ଧରଣୀଧର ନନ୍ଦ, ସଞ୍ଜୀବିତା ରାୟ, ରୋଜାଲିନ୍ ଦାସ ଓ ପୁଲକ ଭଟ୍ଟାଚାର୍ଯ୍ୟ ପ୍ରମୁଖ ତାଲିମ ପ୍ରଦାନ କରିବେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ଥିରୁମାଳା ନାୟକ, ତାଲିମ ନୋଡାଲ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ପ୍ରସାଦ ମହାନ୍ତି ଏବଂ ସହକାର୍ଯ୍ୟକ୍ରମ ଅଧିକାରୀ(ତାଲିମ) ତଥା ଉପମୁଖ୍ୟ ନିର୍ବାଚନ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ସାହୁ ଉପସ୍ଥିତ ଥିଲେ।

# ଆଜି ଚିଲିକାରେ ଡଲଫିନ ଗଣନା

ବାଲୁଗାଁ/ବ୍ରହ୍ମଗିରି,୧୯।୧(ସଂଗ୍ରାମ ପାଇକରାୟ/ସ୍ୱାଧୀନ ଚମ୍ପତିରାୟ)

ଚିଲିକାରେ ଶନିବାର ଇରାୱାଡ଼ି ପ୍ରଜାତିର ଡଲଫିନ ଗଣନା ନେଇ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ଶୁକ୍ରବାର ବାଲୁଗାଁ ଚନ୍ଦ୍ରପୁଟସ୍ଥିତ ସିଡିଏ କାର୍ଯ୍ୟାଳୟରେ ୧୦ଟି ଟିମ୍ ଏବଂ ସାତପଡ଼ା ବନ୍ୟପ୍ରାଣୀ ବିଭାଗ କାର୍ଯ୍ୟାଳୟ ପରିସରରେ ୮ଟି ଟିମ୍‌କୁ ମିଶାଇ ଦୁଇଟି ସ୍ଥାନରେ ମୋଟ୍ ୧୮ଟି ଗଣନାକାରୀ ଟିମ୍‌କୁ ନେଇ ପୃଥକ୍‌ଭାବେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସିଡିଏ କାର୍ଯ୍ୟାଳୟରେ ଚିଲିକା ବନ୍ୟପ୍ରାଣୀ ବିଭାଗୀୟ ଡିଏଫ୍‌ଓ ଅମ୍ଲାନ କୁମାର ନାୟକ ଉକ୍ତ ଶିବିରକୁ ପରିଚାଳନା କରିଥିବା ବେଳେ ଆର୍‌ସିସିଏଫ ସଞ୍ଜିତ୍ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ସିଡିଏର ସିନିୟର ସାଇଣ୍ଟିଷ୍ଟ ଗୁରୁଦୀପ ରସ୍ତୋଗୀ ଓ ପ୍ରଦୀପ୍ତ ରଞ୍ଜନ ମୁଦୁଲି ଯୋଗଦେଇ ଚିଲିକାରେ ନିର୍ଭୁଲ ଡଲଫିନ୍ ଗଣନା ଦିଗରେ ତାଲିମ ପ୍ରଦାନ କରିଥିଲେ। ସେହିପରି ସାତପଡ଼ାରେ ସିଡିଏର ସାଇଣ୍ଟିଷ୍ଟ ଆର୍.ଏନ୍.ସାମଲ ଗଣନାକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଗଣନା ଲାଇନ ଟ୍ରାଞ୍ଜାକ୍ଟ ପ୍ରଣାଳୀ ଅର୍ଥାତ୍ ଚିଲିକାର ଯେଉଁଅଞ୍ଚଳରେ ଡଲ୍‌ଫିନ୍ ଦୃଷ୍ଟିଗୋଚର ହୋଇଥାନ୍ତି, ସେଠାରେ ଗଣନାକାରୀଙ୍କ ଡଙ୍ଗା ଏକ ସରଳରେଖା ଦେଇ ଗତି କରିବ। ଏହି ସମୟରେ ଉଭୟ ପାର୍ଶ୍ୱରେ ଯେତିକି ସଂଖ୍ୟକ ଡଲଫିନ୍ ଦୃଷ୍ଟିଗୋଚର ହେବେ ତାହାକୁ ବାଇନାକୁଲାର ଓ ଜିପିଏସ ମାଧ୍ୟମରେ ସଂଖ୍ୟା ନିର୍ଦ୍ଧାରଣ କରାଯାଇଥାଏ। ଗଣନା ପାଇଁ ଚିଲିକାକୁ ୪ଟି ସେକ୍ଟରରେ ବିଭକ୍ତ କରାଯାଇଥିବା ବେଳେ ପ୍ରତ୍ୟେକ ଗଣନାକାରୀ ଟିମରେ ଜଣେ ବିଶେଷଜ୍ଞଙ୍କ ସମେତ ୫ ଜଣ ସଦସ୍ୟ ସାମିଲ ହୋଇଛନ୍ତି।


**ଭାରତ ସରକାର**
**ରେଳ ମନ୍ତ୍ରଣାଳୟ**
**ରେଲୱେ ରିକ୍ରୁଟମେଣ୍ଟ ବୋର୍ଡ**

କେନ୍ଦ୍ରୀୟ ନିଯୁକ୍ତି ସୂଚନା (CEN) ସଂ. 01/2024
ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍ (ALP)ଙ୍କ ନିଯୁକ୍ତି

**ସାଙ୍କେତିକ ସୂଚନା**

ନିମ୍ନ ସାରଣୀରେ ଦିଆଯାଇଥିବା ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍ ପଦ ନିମନ୍ତେ ଯୋଗ୍ୟ ପ୍ରାର୍ଥୀମାନଙ୍କ ଠାରୁ ଆବେଦନ ଆମନ୍ତ୍ରଣ କରାଯାଉଛି। କେବଳ ଅନଲାଇନ୍ ମାଧ୍ୟମରେ ଆବେଦନ ପତ୍ର ଦାଖଲ କରାଯିବା ଆବଶ୍ୟକ।

ଆବେଦନ କରିବାର ପ୍ରାରମ୍ଭିକ ତାରିଖ : 20 ଜାନୁଆରୀ 2024
ଆବେଦନ ଦାଖଲ କରିବାର ଅନ୍ତିମ ତାରିଖ : 19 ଫେବୃୟାରୀ 2024 (23:59 ଘଟିକା)

| ପଦବୀର ନାମ | 7th CPC ଅନୁଯାୟୀ ବେତନ ସ୍ତର | ପ୍ରାରମ୍ଭିକ ବେତନ (₹) | ମେଡିକାଲ୍ ଷ୍ଟାଣ୍ଡାର୍ଡ | 01.07.2024 ସୁଦ୍ଧା ବୟସ | ମୋଟ୍ ପଦବୀ (ସମସ୍ତ RRBs) |
|---|---|---|---|---|---|
| ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍ (ALP) | 2 | 19,900/- | A-1 | 18-30 ବର୍ଷ | 5696 |

ଅଧିକ ବିବରଣୀ ପାଇଁ, ଦୟାକରି ନିମ୍ନରେ ତାଲିକାଭୁକ୍ତ ସମସ୍ତ ଅଂଶଗ୍ରହଣକାରୀ RRBର ଅଫିସିଆଲ୍ ୱେବସାଇଟ୍‌ରେ ଉପଲବ୍ଧ ବିସ୍ତୃତ କେନ୍ଦ୍ରୀୟ ନିଯୁକ୍ତି ସୂଚନା (CEN) ସଂ. 01/2024କୁ ଅନୁସରଣ କରନ୍ତୁ।

କେନ୍ଦ୍ରୀୟ ନିଯୁକ୍ତି ସୂଚନା (CEN) ସଂ. 01/2024ରେ ଅଂଶଗ୍ରହଣ କରୁଥିବା RRBର ୱେବସାଇଟ୍

| | | | |
|---|---|---|---|
| ଅହମଦାବାଦ www.rrbahmedabad.gov.in | ଆଜମେର www.rrbajmer.gov.in | ବେଙ୍ଗାଲୁରୁ www.rrbbnc.gov.in | ଭୋପାଳ www.rrbbhopal.gov.in |
| ଭୁବନେଶ୍ୱର www.rrbbbs.gov.in | ବିଳାସପୁର www.rrbbilaspur.gov.in | ଚଣ୍ଡିଗଡ଼ www.rrbcdg.gov.in | ଚେନ୍ନାଇ www.rrbchennai.gov.in |
| ଗୌହାଟୀ www.rrbguwahati.gov.in | ଜାମ୍ମୁ-ଶ୍ରୀନଗର www.rrbjammu.nic.in | କୋଲକାତା www.rrbkolkata.gov.in | ମାଲଦା www.rrbmalda.gov.in |
| ମୁମ୍ବାଇ www.rrbmumbai.gov.in | ମୁଜାଫରପୁର www.rrbmuzaffarpur.gov.in | ପାଟଣା www.rrbpatna.gov.in | ପ୍ରୟାଗରାଜ www.rrbald.gov.in |
| ରାଞ୍ଚି www.rrbranchi.gov.in | ସିକନ୍ଦରାବାଦ www.rrbsecunderabad.gov.in | ସିଲିଗୁଡ଼ି www.rrbsiliguri.gov.in | ତିରୁଅନନ୍ତପୁରମ୍ www.rrbthiruvananthapuram.gov.in |
| ଗୋରଖପୁର www.rrbgkp.gov.in | | | |

ଏହି ସୂଚନାଟି ସମ୍ପୂର୍ଣ୍ଣ ସାଙ୍କେତିକ ଅଟେ। ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ, ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ସେମାନେ ଅନ୍‌ଲାଇନ୍ ଆବେଦନ ପୂରଣ କରିବା ପୂର୍ବରୁ ବିସ୍ତୃତ CEN ସଂ. 01/2024କୁ ସଠିକ୍ ଭାବେ ପଢ଼ିନିଅନ୍ତୁ। ଉପରୋକ୍ତ ନିଯୁକ୍ତି ସମ୍ବନ୍ଧରେ କୌଣସି ଶୁଦ୍ଧିପତ୍ର/ସଂଯୋଗପତ୍ର/ଗୁରୁତ୍ୱପୂର୍ଣ୍ଣ ସୂଚନା କେବଳ RRBର ଉପରୋକ୍ତ ୱେବସାଇଟ୍‌ଗୁଡ଼ିକରେ ଜାରି କରାଯିବ।

ସଂ. RRB/SC/RT/Advt./CEN 01/2024 (ALP)
ତାରିଖ: 20.01.2024

ଅଧ୍ୟକ୍ଷ
ରେଲୱେ ରିକ୍ରୁଟମେଣ୍ଟ ବୋର୍ଡ

PR-1009/O/23-24 "ଠକ, ଦଲାଲ୍ ଏବଂ ଜବ୍ ରାକେଟର୍ସମାନଙ୍କ ପ୍ରତି ସତର୍କ ରୁହନ୍ତୁ"


# ବାଲେଶ୍ୱରରେ ୩୭,୫୭୭ ଅତିଥି ପକ୍ଷୀ

ବାଲେଶ୍ୱର,୧୯।୧
(ମାନସ ବିଶ୍ୱାଳ)

## ବିଦେଶୀ ପକ୍ଷୀଙ୍କ ପସନ୍ଦ ଆଇଟିଆର୍ କ୍ୟାମ୍ପସ୍



ବିଦେଶାଗତ ପକ୍ଷୀ।

ବାଲେଶ୍ୱର ଜିଲାରେ ଶେଷ ହୋଇଛି ପକ୍ଷୀ ଗଣନା। ଜିଲାର ଜଳେଶ୍ୱର, ଚାନ୍ଦିପୁର, ନୀଳଗିରି, କୁଲଡ଼ିହା ଓ ସୋର ପ୍ରଭୃତି ୫ ରେଞ୍ଜର ବିଭିନ୍ନ ସ୍ଥାନରେ ପକ୍ଷୀ ଗଣନା ପାଇଁ ୧୭ଟି ଟିମ୍ ନିୟୋଜିତ ହୋଇଥିଲେ। ବିଭାଗୀୟ ରେଞ୍ଜ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଚାନ୍ଦିପୁର ରେଞ୍ଜର ଆଇଟିଆର୍ କ୍ୟାମ୍ପସ୍, ଚାନ୍ଦିପୁର, ପରଖି, ରୂପଖଣ୍ଡ, କଣ୍ଟିଆଚିରା ନଦୀ ମୁହାଣ, ବୁଢ଼ାବଳଙ୍ଗ ନଦୀ ମୁହାଣ ଓ ବାହାବଳପୁର ନଦୀ ମୁହାଣରେ ୨୧ହଜାର ୨୩୭ ପକ୍ଷୀ ଦେଖିବାକୁ ମିଳିଥିଲା। ସେହିପରି ଜଳେଶ୍ୱର ରେଞ୍ଜର ମୁରଲୀଚଡ଼, ସୁବର୍ଣ୍ଣରେଖା ମୁହାଣ, ତାଳସାରୀ ବିଚ୍‌ରେ ୧୪ହଜାର ୫୮୯ଟି ପକ୍ଷୀ, ସୋର ରେଞ୍ଜର ସିନ୍ଧୁଆ, ବଣପାରିଆ, ଷୋଳଭଉଣୀ ଡ୍ୟାମ୍‌ରେ ୭୧୦ଟି ପକ୍ଷୀ, ନୀଳଗିରି ରେଞ୍ଜର ପଦ୍ମତୋଳା ହ୍ରଦରେ ୫୭୮ଟି ପକ୍ଷୀ ଏବଂ କୁଲଡ଼ିହା ରେଞ୍ଜର ରୁଷିଆ, ଖୁମକୁଟ, ବଗାଳିବନ୍ଧରେ ୪୬୩ଟି ପକ୍ଷୀ ଥିବା ଗଣତିରୁ ଜଣାପଡ଼ିଛି। ମୋଟ୍ ୩୭ହଜାର ୫୭୭ ପକ୍ଷୀ ସଂଖ୍ୟା ମଧ୍ୟରୁ ୯୪ ପ୍ରଜାତିର ପକ୍ଷୀ ଆସିଥିବା ବେଳେ ଏଥିରୁ ଦେଶୀ ୬୫ଟି ପ୍ରଜାତିର ଓ ବିଦେଶୀ ୨୯ଟି ପ୍ରଜାତିର ଆସିଛନ୍ତି। ଚଳିତ ବର୍ଷ ଆସିଥିବା ଦେଶୀ ପକ୍ଷୀଙ୍କ ଭିତରୁ ୧୪ ହଜାର ୫୦୦ଟି ଲେସର ହୁଇସ୍‌ଲିଙ୍ଗ ଡକ୍ ପକ୍ଷୀ ଅଧିକ ଆସିଛନ୍ତି। ସେହିପରି ୧୦୧୦ଟି ଲାର୍ଜ ହୁଇସ୍‌ଲିଙ୍ଗ୍ ଡକ୍ ବିଦେଶୀ ପକ୍ଷୀ ଅଧିକ ଆସିଛନ୍ତି। ସର୍ବାଧିକ ପକ୍ଷୀ ଚାନ୍ଦିପୁର ଏବଂ ସର୍ବନିମ୍ନ କୁଲଡ଼ିହା ରେଞ୍ଜକୁ ଆସିଥିବା ବନ୍ୟପ୍ରାଣୀ ବିଭାଗର ରିପୋର୍ଟରୁ ଜଣାପଡ଼ିଛି।

ପ୍ରତିବର୍ଷ ବାଲେଶ୍ୱରକୁ ଦେଶ ବିଦେଶରୁ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ୨୦୨୧ରେ ଜିଲାକୁ ୧୪ହଜାର ୧୫୫ ପକ୍ଷୀ ଆସିଥିବା ବେଳେ ଏଥିରୁ ୩୮ ବିଦେଶୀ ଓ ୬୨ ପ୍ରଜାତିର ବିଭିନ୍ନ ଦେଶୀ ପକ୍ଷୀ ଆସିଥିଲେ। ସେହିପରି ୨୦୨୨ରେ ୨୩ହଜାର ୧୨୦ ପକ୍ଷୀ ଆସିଥିବା ବେଳେ ଏଥିରୁ ଦେଶୀ ୬୨ ଓ ବିଦେଶୀ ୩୯ ପ୍ରଜାତିର ପକ୍ଷୀ ଆସିଥିଲେ। ୨୦୨୩ରେ ଜିଲାକୁ ୨୯ହଜାର ୮୫୬ ପକ୍ଷୀ ଆସିଥିଲେ।

ଚାନ୍ଦିପୁର ବେଳାଭୂମି ସମେତ ଖାଦ୍ୟ ଓ ପାନୀୟ ଏବଂ ସୁରକ୍ଷା ଦୃଷ୍ଟିକୋଣରୁ ଆଇଟିଆର୍ କ୍ୟାମ୍ପସ୍ ପକ୍ଷୀମାନଙ୍କ ପ୍ରଥମ ପସନ୍ଦ ସ୍ଥାନ ପାଲଟିଛି। ଲେସର ହୁଇସ୍‌ଲିଙ୍ଗ ଡକ୍ ପକ୍ଷୀ ଏହି ସ୍ଥାନକୁ ଅଧିକ ଆସିଥିବା ଜଣାପଡ଼ିଛି। ରଙ୍ଗବେରଙ୍ଗର ପକ୍ଷୀଙ୍କ ପାଇଁ କ୍ୟାମ୍ପସ୍‌ର ସୌନ୍ଦର୍ଯ୍ୟ ଆହୁରି ଦ୍ୱିଗୁଣିତ ହୋଇଥିବା ପରିବେଶବିତ୍‌ଙ୍କ ସମେତ ବିଭାଗୀୟ ଅଧିକାରୀମାନେ ମତ ରଖୁଛନ୍ତି।


**Government of Odisha**
**Office of the Superintending Engineer, Rural Works Division, Dhenkanal**
**E-Mail:eerwdivisiondhenkanal@yahoo.co.in**

**e-procurement Notice No. 19 / Building Works / 2023-24**

No.:- O-2247:-

1. Name of the work : Building Work
2. Total No. of Works : 01 (One) No.
3. Estimated Cost : Rs.26.21 lakh (approx.)
4. Class of Contractor : "D" & "C" Class
5. Period of Completion : 6 (Six) Calendar months.
6. EMD Required : As mentioned in the Annexure at Column-04
7. Online for bidding : 24.1.2024 at 11.00 A.M. to 30.1.2024 upto 5.00 P.M.
8. Last Date & Time of seeking tender clarification : 29.1.2024 upto 4.00 P.M.
7. Date & Time of opening of tender (Technical & Financial Bid) : 31.1.2024

Other details can be seen from the website **http://tendersorissa.gov.in.**

**Sd./- Executive Engineer, R.W. Division, Dhenkanal**
OIPR-25101/11/0026/2324



**Shree Jagannath Temple Office, Puri**
**Notice Inviting Tender Bid Identification No. 47/23-24 Dt.18.01.24, Memo 941, Dt.18.01.24**

"Development of Nilachal Upabana of SJT, Puri such as repair and restoration of water drainage system, wells and pump house of Upabana".
Visit Website: **www.shreejagannatha.in**.
Last date: 30.01.24 by 3.00 P.M.

**Sd./- Administrator**
**Shri Jagannath Temple, Puri**


# ମା'ଙ୍କ ଶୁଦ୍ଧିକ୍ରିୟା ପାଇଁ ସହାୟତା ମାଗୁଛନ୍ତି ଦିବ୍ୟାଙ୍ଗ ଝିଅ, ପୁଅ



ଦିବ୍ୟାଙ୍ଗ ସରସ୍ୱତୀ ଓ ଭରତ ସହାୟତା ମାଗୁଛନ୍ତି।

ସିମୁଳିଆ,୧୯।୧(ସନ୍ତୋଷ ନାୟକ)

ମା'ଙ୍କ ଶୁଦ୍ଧିକ୍ରିୟା ପାଇଁ ପାଖରେ ଟଙ୍କା ନାହିଁ। ଫଳରେ ଦିବ୍ୟାଙ୍ଗ ଝିଅ ଓ ପୁଅ ଘରଘର ବୁଲି ସହାୟତା ମାଗୁଛନ୍ତି। ସେମାନଙ୍କ ଅସହାୟତା ଦେଖି ସ୍ଥାନୀୟ ସହାୟତାର ହାତ ବଢ଼ାଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅବଖୁଣା ପଞ୍ଚାୟତ ଅଧୀନ ସେମନାଥପୁର ଅଞ୍ଚଳରେ। ସୋମନାଥପୁରର ମାନସିକ ବିକୃତ ରତ୍ନାକର ଜେନାଙ୍କ ସ୍ତ୍ରୀ ଜେମାମଣି ୫ଦିନ ପୂର୍ବେ କ୍ୟାନସର ରୋଗରେ ଆକ୍ରାନ୍ତ ହୋଇ ଆଖି ବୁଜିଛନ୍ତି। ଶୁଦ୍ଧିକ୍ରିୟା ପାଇଁ ତାଙ୍କ ଦିବ୍ୟାଙ୍ଗ ଝିଅ ସରସ୍ୱତୀ ଓ ପୁଅ ଭରତ ଦ୍ୱାରଦ୍ୱାର ବୁଲି ଲୋକଙ୍କୁ ସହାୟତା ମାଗୁଛନ୍ତି। ଖବରପାଇ କଂଗ୍ରେସ ନେତା ହିମାଂଶୁ ଶେଖର ବେହେରା ଶୁକ୍ରବାର ଏହି ପରିବାର ନିକଟରେ ପହଞ୍ଚି ୫ହଜାର ଟଙ୍କା ସହାୟତା ଯୋଗାଇ ଦେଇଛନ୍ତି। ସୂଚନାଯୋଗ୍ୟ, ଜେମାମଣିଙ୍କ ସ୍ୱାମୀ, ଝିଅ ଓ ପୁଅ ଦିବ୍ୟାଙ୍ଗ। ଝିଅ ଦିବ୍ୟାଙ୍ଗ ହୋଇଥିବାରୁ ବିବାହ ପରେ ତାଙ୍କୁ ଶାଶୁଘର ଲୋକେ ବିଦା କରିଦେଇଥିଲେ। ଜେମାମଣି ପଡ଼ୋଶୀଙ୍କ ଜମିରେ ଭାଗଚାଷ କରି ପରିବାର ପୋଷୁଥିଲେ। ଚଳିତ ବର୍ଷ ଜେମାମଣି କରିଥିବା ଧାନ ବିକ୍ରି ଟଙ୍କା ଓ ପଡ଼ୋଶୀଙ୍କ ସହାୟତାରେ ତାଙ୍କ କ୍ୟାନସର ରୋଗର ଚିକିତ୍ସା ଚାଲିଥିଲା। ତେବେ ତାଙ୍କ ମୃତ୍ୟୁ ପରେ ପରିବାର ଲୋକେ ବେସାହରା ହୋଇଯାଇଛନ୍ତି।


**PARADIP PORT AUTHORITY**
**MARINE DEPARTMENT**
**No.MD/SHS/TECH-27/2023/24**
**Dated : 08/01/2024**

Name of the work : "Maintenance dredging of 0.5 Million $M^3$ quantity from Mahanadi River Channel near fishing Harbour of Paradip Port for one year i.e. for the year 2023-24 including Mobilization / De-mobilization extendable for one more year i.e. for the year 2024-25 with same rates, terms and conditions with mutual consent as required by PPA. Estimated Cost: Rs.9.35 Crores plus GST. Last Date & time of submission of tender through on-line bidding till 1530 hours on Dt.29.01.2024. The technical bids shall be opened at 1630 hours on Dt.30.01.2024. For further details, please log on to the Website: https://eprocure.gov.in/eprocure/app.

Dy. Conservator, Paradip Port Authority
PPA/PR/79/2023-24, Dt.19/01/2024



**SAMAGRA SHIKSHA**
GANJAM, CHATRAPUR, Ph.: 06811-260833, 262799
E-mail: dpcganjamssa.opepa@nic.in

No. 217/Ped./2024 Dated: 19.01.2024

**TENDER CALL NOTICE FOR PRINTING OF QUESTION-CUM-ANSWER SHEETS FOR SUMMATIVE ASSESSMENT-II, 2024 (CLASS I TO VIII).**

Sealed tenders under two bid systems are invited from the reputed offset printers having valid PAN, GST & IT Clearance, registration of firm etc. for printing and supply of "Question-cum-Blank Answer Sheets, Answer Key & Oral Questions" for SA-II, 2024 (Class-I to VIII). The tender papers (Bid documents) containg detailed specification with terms and conditions, application of Technical Bid & application of Financial Bid can be obtained by downloading from the website i.e. **www.ganjam.nic.in** and **www.osepa.odisha.gov.in**. The bidders are required to submit Demand Draft of Rs.2000/- (Rupees two thousand only) drawn in favour of Dist. Project Coordinator, SS, Ganjam, Chatrapur towards cost of tender paper along with the application of Technical Bid. The last date and time for receiving of tender paper is 08.02.24 by 2 P.M. and will be opened on the same day at 3 P.M. in the office of the SS, Ganjam in presence of tenderers or their authorized representatives. Corrigendum/ addendum if required, will be uploaded in the above website. Hence potential bidders are requested to be in touch with the above website. The authortiy reserves the right to reject any or all the tenders without assigning any reason thereof.

**Sd./- Collector-cum-Chairman**
**Samagra Shiksha, Ganjam**



**ପୂର୍ବ ତଟ ରେଳପଥ**

**ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ(STBA)ଙ୍କ ନିଯୁକ୍ତି ନିମନ୍ତେ ଅଧିସୂଚନା**

ସଂ. C/SBP/STBA/NSG-5 Catg/Stn/02/24/02 ତା.10.01.2024ରିଖ

ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ 02 (ଦୁଇ) ଗୋଟି NSG-5 ବର୍ଗର ଷ୍ଟେସନଗୁଡ଼ିକ ଠାରେ 03 (ତିନି) ବର୍ଷ ନିମନ୍ତେ କମିଶନ ଭିତ୍ତିରେ ଦୈନିକ ସମସ୍ତ ସିଫ୍ଟ (all shift) ଭିତ୍ତିରେ ଅଣସଂରକ୍ଷିତ ଟିକେଟିଙ୍ଗ୍ ସିଷ୍ଟମ୍ (UTS) ମାଧ୍ୟମରେ ଅଣସଂରକ୍ଷିତ ଟିକଟ ଜାରି ନିମନ୍ତେ ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA)ଙ୍କ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରୁଥିବା ଇଚ୍ଛୁକ ବ୍ୟକ୍ତିବିଶେଷ ପ୍ରଦତ୍ତ ଫର୍ମାଟ୍ ଅନୁଯାୟୀ ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ), ସମ୍ବଲପୁର ମଣ୍ଡଳ, ପୂର୍ବ ତଟ ରେଳପଥ, ମଣ୍ଡଳ ରେଳ ପ୍ରବନ୍ଧକ କମ୍ପ୍ଲେକ୍ସ, ଦ୍ୱିତୀୟ ମହଲା, ପୋ: ମୋଦିପଡ଼ା, ଜିଲ୍ଲା: ସମ୍ବଲପୁର, ପିନ୍-768002 (ଓଡ଼ିଶା)ଙ୍କ ଠିକଣାରେ ଆବେଦନ କରିପାରିବେ।

ଷ୍ଟେସନଗୁଡ଼ିକର ନାମ : (1) ହରିଶଙ୍କର ରୋଡ୍ (HSK) ଏବଂ (2) ନୂଆପଡ଼ା ରୋଡ୍ (NPD)।

ପ୍ରଦାନଯୋଗ୍ୟ କମିଶନ : ଯୋଗ୍ୟତା ସର୍ତ୍ତାବଳୀ ପୂରଣ କରୁଥିବା ଆବେଦନକାରୀମାନଙ୍କୁ ଏବଂ ସର୍ବନିମ୍ନ କମିଶନ ସ୍ଲାବ୍-3 (ଅର୍ଥାତ୍ 4% କମିଶନ ସ୍ଲାବ୍‌ରେ) ପସନ୍ଦ କରୁଥିବା ପ୍ରାର୍ଥୀମାନଙ୍କୁ STBA ରୂପେ ଚୟନ କରାଯିବ। ପ୍ରଦାନଯୋଗ୍ୟ କମିଶନ ନିମ୍ନପ୍ରକାର ଅଟେ :

| ସ୍ଲାବ୍ | ମାସିକ ବିକ୍ରି କାରବାର | ବିକ୍ରି କାରବାର ଉପରେ ଯେଉଁ ଦରରେ ମାସିକ କମିଶନ ପ୍ରଦାନ କରାଯିବ |
|---|---|---|
| ସ୍ଲାବ୍-1 | ₹ 1-20,000 | 25% (ସର୍ବନିମ୍ନ ଟ. 2,500/-) |
| ସ୍ଲାବ୍-2 | ₹ 20,001-1,00,000 | 15% |
| ସ୍ଲାବ୍-3 | >₹ 1,00,000 | 4% କିମ୍ବା ସୂଚିତ ଦର, ଯେଉଁଟା କମ୍ ହେବ |

(1) ଆବେଦନକାରୀଙ୍କୁ ତୃତୀୟ କମିଶନ ସ୍ଲାବ୍‌ରେ 0% ଠାରୁ 4% ପର୍ଯ୍ୟନ୍ତ କମିଶନ ପ୍ରତିଶତପ୍ରଦାନ କରିବାକୁ ହେବ, (2) କୌଣସି ନକାରାତ୍ମକ ବିଡ୍‌କୁ ବିଚାର କରାଯିବ ନାହିଁ, (3) ଆବେଦନକାରୀମାନେ କେବଳ ଦୁଇ ଦଶମିକ ପଏଣ୍ଟ ପର୍ଯ୍ୟନ୍ତ ଭାଗରେ କମିଶନ କୋଟ୍ କରିପାରିବେ।

ଦରଖାସ୍ତ ପୂରଣ ନିମନ୍ତେ ବିସ୍ତୃତ ବିବରଣୀ ଏବଂ ନିର୍ଦ୍ଧାରିତ ଫର୍ମାଟ ପୂର୍ବ ତଟ ରେଳପଥ ୱେବସାଇଟ୍ ଅର୍ଥାତ୍ www.eastcoastrail.indianrailways.gov.inରୁ ତା.07.02.2024ରିଖ 1800 ଘଟିକା ପର୍ଯ୍ୟନ୍ତ କିମ୍ବା ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ), ପୂର୍ବ ତଟ ରେଳପଥ, ସମ୍ବଲପୁରଙ୍କ କାର୍ଯ୍ୟାଳୟରୁ ତା.07.02.2024ରିଖ 1000 ଘଟିକାରୁ 1800 ଘଟିକା ପର୍ଯ୍ୟନ୍ତ ଯେକୌଣସି କାର୍ଯ୍ୟ ଦିବସରେ ପ୍ରାପ୍ତ କରିପାରିବେ। ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ବାକ୍ସରେ ଦାଖଲ/ଜମା କରାଯିବାର ଅନ୍ତିମ ତାରିଖ ତା.08.02.2024ରିଖ 1100 ପର୍ଯ୍ୟନ୍ତ ଅଟେ।

PR-996/O/23-24 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ସମ୍ବଲପୁର


## ପ୍ରଥମ ପୃଷ୍ଠାରୁ

### ପୁରୀରେ ପହଞ୍ଚିଲା ...

ଭକ୍ତମାନେ ପୁରୀ ଆସିବେ ଓ ମହାପ୍ରଭୁଙ୍କ ଦର୍ଶନ ସହ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ଏକ ନୂଆ ଅନୁଭୂତି ପାଇବେ, ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଭକ୍ତମାନେ ବିଭିନ୍ନ ଜିଲାରୁ ପୁରୀ ଆସିବା ପାଇଁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲକ୍ଷ୍ମୀ ଯୋଜନା ଜରିଆରେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍‌ର ଶୁଭାରମ୍ଭ କରିଥିଲେ। ଏହାପରେ ପ୍ରାଥମିକ ପର୍ଯ୍ୟାୟରେ ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର, ଗଞ୍ଜାମ, ବରଗଡ଼, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଆଦି ଜିଲାରୁ ପ୍ରାୟ ୧୦ ହଜାର ଭକ୍ତଙ୍କୁ ନେଇ ୧୨ଟି ଶ୍ରୀଜଗନ୍ନାଥ ଏକ୍ସପ୍ରେସ ଶୁକ୍ରବାର ପୁରୀରେ ପହଞ୍ଚିଥିଲା। ବସଷ୍ଟାଣ୍ଡରେ ଭକ୍ତଙ୍କୁ ଓଏସ୍‌ଆର୍‌ଟିସି ଏବଂ ପୁରୀ ଆର୍‌ଟିଓ ପକ୍ଷରୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଏକ ଭବ୍ୟ ପରିବେଶର ଅନୁଭବ ସାଉଁଟିଛନ୍ତି। ଏହି ବସ୍‌ଗୁଡ଼ିକରେ ମହିଳାମାନଙ୍କ ପାଇଁ ୫୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

ସୂଚନା ଅନୁଯାୟୀ, ପର୍ଯ୍ୟାୟକ୍ରମେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍ ସଂଖ୍ୟା ବୃଦ୍ଧି ହେବା ସହ ୩୦ଟି ଜିଲାର ୧୪୭ ନିର୍ବାଚନମଣ୍ଡଳୀ ସହିତ ବସ୍ ଚଳାଚଳକୁ ସଂଯୋଗ କରାଯିବ। ଅପରପକ୍ଷରେ ବସ୍‌ରେ ଯାତ୍ରା କରି ବେଶ୍ ଖୁସି ହୋଇଛନ୍ତି ଭକ୍ତ। ଏନେଇ ଆର୍‌ଟିଓ ରବିନ ପଟ୍ଟନାୟକ କହିଛନ୍ତି, ଗୁରୁବାର ମୁଖ୍ୟମନ୍ତ୍ରୀ ୧୨ଟି ଜିଲାରୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ବସ୍‌ଗୁଡିକ ପୁରୀରେ ଶୁକ୍ରବାର ପହଞ୍ଚିଛି। ଏହି ବସ୍‌ସେବା ଫଳରେ ବିଭିନ୍ନ ଜିଲାରୁ ଭକ୍ତମାନେ ସିଧାସଳଖ ପୁରୀ ଆସିପାରିବେ। ଦିନରେ ଦର୍ଶନ କରିବା ପରେ ରାତିରେ ସେହି ବସ୍‌ରେ ନିଜ ଜିଲାକୁ ଫେରିପାରିବେ ବୋଲି ପଟ୍ଟନାୟକ କହିଛନ୍ତି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ଶ୍ରଦ୍ଧାଳୁମାନେ ସ୍ୱାଗତ କରିଛନ୍ତି। ଏହି ଭଲ୍‌ଭୋ ବସ୍‌ଗୁଡ଼ିକରେ ସମସ୍ତ ବର୍ଗର ଲୋକଙ୍କ ପାଇଁ ସୁବିଧା ରହିଛି। ସେମିସ୍ଲିପର ବ୍ୟବସ୍ଥା ସହ ଏସି ଲାଗିଛି। ସିସିଟିଭି ବ୍ୟବସ୍ଥା ମଧ୍ୟ ରହିଛି। ଏପରି ଉନ୍ନତମାନର ସେବା ଥିବାରୁ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ବ୍ୟବସ୍ଥାକୁ ବେଶ୍ ପସନ୍ଦ କରିଛନ୍ତି।

### ଜମି ପାଇଁ ଦାଦା, ....

ଖଲ୍ଲିକୋଟ ପୋଲିସ ପହଞ୍ଚି ଦୁଇ ମୃତଦେହକୁ ଜବତ କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ବେଳେ ଅଭିଯୁକ୍ତ ପୁତୁରା ଡାକ୍ତରଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ତାଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ କାତିକୁ ଜବତ କରାଯାଇଛି ବୋଲି ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ କହିଛନ୍ତି। ଏ ସମ୍ପର୍କରେ ନଂ.୪୦/୨୪ରେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ଶନିବାର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ସୂଚନା ମିଳିଛି। ମୃତ ଜୟନ୍ତୀଙ୍କ ସ୍ୱାମୀ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି। ତାଙ୍କର ଦୁଇ ଝିଅ ଏବଂ ଗୋଟିଏ ପୁଅ ଅଛନ୍ତି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।


**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, पाकुड़**

**ई– निविदा आमंत्रण सूचना**

ई0–निविदा संख्या :– 22/ 2023-24/R.W.D/EE/ PAKUR दिनांक–19.01.2024
कार्य का विवरण– मुख्यमंत्री ग्राम सड़क योजना अन्तर्गत

कार्यपालक अभियंता, ग्रामीण कार्य विभाग, कार्य प्रमंडल, पाकुड़ द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र सं | आईडेन्टीफिकेशन संख्या/ पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की तिथि/अवधि |
|---|---|---|---|---|---|
| 1 | R.W.D./ PAKUR/ 185 / 2023-2024 | ग्राम लिट्टी आर0ई0ओ0 मोड़ से बॉधकोटा, कोल टोला तक पथ निर्माण कार्य (लं0–3.400कि0मी0, प्रखंड–अमड़ापाड़ा) | 4,38,67,900.00 | चार करोड अड़तीस लाख सड़सठ हजार नौ सौ मात्र | 09 माह |
| 2 | R.W.D./ PAKUR/ 186 / 2023-2024 | ग्राम बरदाहा स्कूल टोला से लतार टोला होते हुए डूमरचीर, सरजोम टोला, जेटके टोला तक पथ निर्माण कार्य। (लं0–3.50कि0मी0,प्रखंड– अमड़ापाड़ा ) | 4,79,55,600.00 | चार करोड उनासी लाख पचपन हजार छः सौ मात्र | 09 माह |
| 3 | R.W.D./ PAKUR/ 187/ 2023-2024 | बॉसजोड़ी प्राथमिक विद्यालय से आमटोला तक पथ निर्माण कार्य (लं0–3.225कि0मी0, प्रखंड–लिट्टीपाड़ा) | 3,99,98,000.00 | तीन करोड निनावे लाख अनठानवे हजार मात्र | 09 माह |

1. बेवसाईट में निविदा प्रकाशन की तिथि : 05.02.2024
2. ई– निविदा प्राप्ति की अंतिम तिथि एवं समय :– 13.02.2024 अपराह्न 5:00 बजे।
3. निविदा खोलने की तिथि एवं समय: 15.02.2024 अपराह्न 3:30 बजे।
4. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमंडल, पाकुड़।

विस्तृत जानकारी के लिये बेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमंडल, पाकुड़

PR316545 (Rural Work Department)23-24*D



एन सी ई आर टी
NCERT

**ଜାତୀୟ ଶିକ୍ଷାଗତ ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ**
**ଶ୍ରୀ ଅରବିନ୍ଦ ମାର୍ଗ, ନୂଆଦିଲ୍ଲୀ-୧୧୦୦୧୬**

**ସମ୍ପାଦକୀୟ କର୍ମଚାରୀ ଏବଂ ଡିଟିପି ଅପରେଟରଙ୍କ ନିଯୁକ୍ତି**

ପ୍ରକାଶନ ଡିଭିଜନ, ଏନ୍‌ସିଇଆର୍‌ଟି ୬୦ ଜଣ ସହାୟକ ସମ୍ପାଦକ (ଇଂରାଜୀ ପାଇଁ ୨୫ ଜଣ, ହିନ୍ଦୀ ପାଇଁ ୨୫ ଜଣ ଏବଂ ଉର୍ଦ୍ଦୁ ପାଇଁ ୧୦ ଜଣ), ୬୦ ଜଣ ପ୍ରୁଫ୍ ରିଡର୍ (ଇଂରାଜୀ ପାଇଁ ୨୫ ଜଣ, ହିନ୍ଦୀ ପାଇଁ ୨୫ ଜଣ ଏବଂ ଉର୍ଦ୍ଦୁ ପାଇଁ ୧୦ ଜଣ) ତଥା ୫୦ ଜଣ ଡିଟିପି ଅପରେଟର (ଇଂରାଜୀ ପାଇଁ ୨୦ ଜଣ, ହିନ୍ଦୀ ପାଇଁ ୨୦ ଜଣ ଏବଂ ଉର୍ଦ୍ଦୁ ପାଇଁ ୧୦ ଜଣ)ଙ୍କ ନିୟୋଜନ କରିବା ଲାଗି ଏକ ଦକ୍ଷତା ପରୀକ୍ଷା ଆୟୋଜନ କରିବ। ଏହି ନିୟୋଜନ ସମ୍ପୂର୍ଣ୍ଣ ରୂପେ ଚୁକ୍ତି ଭିତ୍ତିରେ, ପ୍ରାରମ୍ଭିକ ଭାବେ ଚାରି (୦୪) ମାସ ପାଇଁ ହେବ, ଯାହାକୁ ୧୨ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ। ପାରିଶ୍ରମିକର ପରିମାଣ ଯଥାକ୍ରମେ ସହାୟକ ସମ୍ପାଦକଙ୍କ ପାଇଁ ଟ.୮୦,୦୦୦/–, ପ୍ରୁଫ୍ ରିଡର୍‌ଙ୍କ ପାଇଁ ଟ.୩୭,୦୦୦/– ଏବଂ ଡିଟିପି ଅପରେଟରଙ୍କ ପାଇଁ ଟ.୫୦,୦୦୦/– । ନିୟୋଜନର ଅବଧିକୁ କୌଣସି କାରଣ ନ ଦର୍ଶାଯାଇ ଯେକୌଣସି ସମୟରେ ବନ୍ଦ କରିଦିଆଯାଇପାରିବ। ଯୋଗ୍ୟତା ମାନଦଣ୍ଡ, ଯଥା– ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା, ବୟସ ସୀମା ଏବଂ ଅନ୍ୟାନ୍ୟ ନିୟମ ଓ ସର୍ତ୍ତାବଳୀ ଏନ୍‌ସିଇଆର୍‌ଟି ୱେବ୍‌ସାଇଟ୍ www.ncert.nic.inରେ ଦେଖାଯାଇପାରେ। ଉପରଦର୍ଶିତ ପଦବୀଗୁଡ଼ିକ ପାଇଁ ୱାକ୍–ଇନ୍ ରେଜିଷ୍ଟ୍ରେଶନ୍ ୧ ଫେବୃଆରୀ ୨୦୨୪ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୩ ଘଟିକା ମଧ୍ୟରେ ଅନୁଷ୍ଠିତ ହେବ। ଦକ୍ଷତା ପରୀକ୍ଷା ସହାୟକ ସମ୍ପାଦକଙ୍କ ପାଇଁ ୩ ଫେବୃଆରୀ, ୨୦୨୪; ପ୍ରୁଫ୍ ରିଡର୍‌ଙ୍କ ପାଇଁ ୨ ଫେବୃଆରୀ, ୨୦୨୪; ଡିଟିପି ଅପରେଟରଙ୍କ ପାଇଁ ୨–୩ ଫେବୃଆରୀ, ୨୦୨୪ରେ ପ୍ରକାଶନ ଡିଭିଜନ, ଆମ୍ବେଦକର ଖଣ୍ଡ, ଏନ୍‌ସିଇଆର୍‌ଟି, ଶ୍ରୀ ଅରବିନ୍ଦ ମାର୍ଗ, ନୂଆଦିଲ୍ଲୀ ୧୧୦୦୧୬ଠାରେ ଅନୁଷ୍ଠିତ।

ମୁଖ୍ୟ
ପ୍ରକାଶନ ଡିଭିଜନ
ଜାତୀୟ ଶିକ୍ଷାଗତ ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ
CBC 21104/12/0019/2324

# ବିଜେଡି, ଭାଜପା ଲକ୍ଷ୍ୟ ୪: କଂଗ୍ରେସର ୧୯୯୬ର ଆଶା

## କେନ୍ଦୁଝର ଲୋକ ସଭା ଆସନ

କେନ୍ଦୁଝର,୧୯।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)


ଚନ୍ଦ୍ରାଣୀ ମୁର୍ମୁ


ବିନୋଦ ବିହାରୀ ନାୟକ


ଅନନ୍ତ ନାୟକ


ମାଧବ ସର୍ଦ୍ଦାର

ଖଣିଖାଦାନ ଓ ଶିଳ୍ପ ସମୃଦ୍ଧ କେନ୍ଦୁଝର ଜିଲାରେ ରାଜନୀତି ଏବେ ଚଳଚଞ୍ଚଳ। ଜିଲାର ୬ ଟି ବିଧାନସଭା ନିର୍ବାଚନମଣ୍ଡଳୀ ଓ ମୟୂରଭଞ୍ଜ ଜିଲାର ଗୋଟିଏ ବିଧାନସଭା ଆସନକୁ ନେଇ କେନ୍ଦୁଝର ଲୋକ ସଭା ନିର୍ବାଚନମଣ୍ଡଳୀ। ବିଗତ ୩ଟି ଲୋକ ସଭା ନିର୍ବାଚନକୁ ଦେଖିଲେ ବିଜୁ ଜନତା ଦଳ (ବିଜେଡି) ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଦଳ ୪ର୍ଥ ଥର ପାଇଁ ଏଠାରୁ ଜିତି ରେକର୍ଡ କରିବା ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ଭାରତୀୟ ଜନତା ପାର୍ଟି (ଭାଜପା) ୧୯୯୮, ୧୯୯୯ ଓ ୨୦୦୪ରେ ବିଜୟ ଲାଭ କରିଥିଲା। ଅନ୍ୟତମ ପ୍ରଧାନ ରାଜନୈତିକ ଦଳ କଂଗ୍ରେସ କଥା ଦେଖିଲେ ୧୯୯୬ରେ ମାଧବ ସର୍ଦ୍ଦାର ନିର୍ବାଚିତ ହୋଇ ଲୋକ ସଭାକୁ ଯାଇଥିଲେ। ତା’ ପରଠାରୁ ଏହି ଜାତୀୟ ଦଳ ଆଖିଦୃଶିଆ ପ୍ରଦର୍ଶନ କରିବାରେ ସକ୍ଷମ ହୋଇନାହିଁ।

୨୦୧୯ ନିର୍ବାଚନରେ ବିଜେଡି ଟିକେଟରେ ଚନ୍ଦ୍ରାଣୀ ମୁର୍ମୁ ଉକ୍ତ ଆସନରୁ ନିର୍ବାଚିତ ହୋଇଥିଲେ। ସେତେବେଳେ ତଫସିଲଭୁକ୍ତ ଉପଜାତି ପାଇଁ ଉଦ୍ଦିଷ୍ଟ ଏହି ଆସନରୁ ଉଚ୍ଚଶିକ୍ଷିତା ଚନ୍ଦ୍ରାଣୀ ବିଜୟଲାଭ କରିବା ପରେ ତାଙ୍କୁ ନେଇ ଢେର ଚର୍ଚ୍ଚା ହୋଇଥିଲା। ହେଲେ ଏମ୍‌ପି ହେବା ପରଠାରୁ ତାଙ୍କୁ କେବଳ ଦଳୀୟ କାର୍ଯ୍ୟକ୍ରମ ବ୍ୟତୀତ ଅନ୍ୟ କେଉଁଠାରେ ସେଭଳି ଦେଖିବାକୁ ମିଳି ନ ଥିବା ଆଲୋଚନା ହେଉଛି। ଏପରିକି କୋଭିଡ୍ ସମୟରେ ଲୋକଙ୍କ ସମସ୍ୟା ବୁଝିବାକୁ ଆସି ନ ଥିଲେ ବୋଲି ସାଧାରଣରେ କୁହାଯାଉଛି। ନିର୍ବାଚନ ଆସୁଥିବାରୁ ତାଙ୍କୁ ଲୋକଙ୍କ ରୋଷର ଶିକାର ହେବାକୁ ପଡ଼ିପାରେ ବୋଲି ଚର୍ଚ୍ଚା ହେଉଥିବା ବେଳେ କର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ ରହିଥିବା କେତେଜଣ ନାମ ପ୍ରକାଶ ନ କରି କହିଛନ୍ତି। ଏଭଳି ସ୍ଥିତି ଦଳ ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ଏଣୁ ଅସନ୍ତୁଷ୍ଟ ଭୋଟର ଓ କର୍ମୀଙ୍କୁ ଆକୃଷ୍ଟ କରିବା ଲାଗି ବିଜେଡି ଏଠାରେ ନୂଆ ପ୍ରାର୍ଥୀ ଦେଇପାରେ ବୋଲି କଥା ଉଠିଲାଣି। ତେବେ କିଏ ପ୍ରାର୍ଥୀ ହେବେ ଅଦ୍ୟାବଧି ଜଣାପଡୁ ନ ଥିଲେ ମଧ୍ୟ ପୂର୍ବତନ ଏମ୍‌ପି ମାଧବ ସର୍ଦ୍ଦାର ଟିକେଟ ପାଇବା ନେଇ ଚର୍ଚ୍ଚା ଜୋର ଧରିଛି। ଉଲ୍ଲେଖଯୋଗ୍ୟ, ମାଧବ କଂଗ୍ରେସ ଟିକେଟରେ ୧୯୯୬ ଲୋକ ସଭା ନିର୍ବାଚନରେ ବିଜୟୀ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ବିଜେଡିରେ ମିଶି ଗତ ନିର୍ବାଚନରେ କେନ୍ଦୁଝର ବିଧାନସଭା ସିଟ୍ ପାଇଁ ଲଢ଼ି ପରାଜିତ ହୋଇଥିଲେ। ଯଦି କେନ୍ଦୁଝର ଲୋକ ସଭା ଆସନରେ ବିଜେଡିର ପ୍ରାର୍ଥୀ ଚୟନକୁ ଦେଖାଯାଏ, ତେବେ କୌଣସି ପ୍ରାର୍ଥୀ ବା ପ୍ରାର୍ଥିନୀ କ୍ରମାଗତ ୨ ଥର ଟିକେଟ୍ ପାଇନାହାନ୍ତି। ୨୦୦୯ରେ ବିଜେଡିର ଯଶୋବନ୍ତ ନାରାୟଣ ସିଂ ଲାଗୁରୀ, ୨୦୧୪ରେ ଶକୁନ୍ତଳା ଲାଗୁରୀ ଜିତିଥିବା ବେଳେ ୨୦୧୯ରେ ଚନ୍ଦ୍ରାଣୀ ମୁର୍ମୁ ଜିତିଥିଲେ। ଏସବୁକୁ ଦେଖିଲେ ବିଜେଡି ଆଗାମୀ ନିର୍ବାଚନରେ ଭୋଟରଙ୍କୁ ନୂଆ ମୁହଁ ଦେଖାଇପାରେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ ଯୋଜନା ଆଧାରରେ ଯିଏ ପ୍ରାର୍ଥୀ ହେବେ ଉତ୍ତମ ପ୍ରଦର୍ଶନ କରିବେ ବୋଲି ଦଳୀୟ ନେତା ଓ କର୍ମୀ କହୁଛନ୍ତି।

ପୂର୍ବରୁ ଉକ୍ତ ଆସନରେ ଭାଜପା ପ୍ରାର୍ଥୀ କ୍ରମାଗତ ୩ ଥର ବିଜୟୀ ହୋଇଥିଲେ। ସେଥିମଧ୍ୟରୁ ୧୯୯୮ରେ ଉପେନ୍ଦ୍ରନାଥ ନାୟକ ଏବଂ ୧୯୯୯ ଓ ୨୦୦୪ରେ ଅନନ୍ତ ନାୟକ ଜିତିଥିଲେ। ମାତ୍ର ୨୦୦୯ରୁ କ୍ରମାଗତ ୩ ଥର ଅନନ୍ତ ପରାଜୟର ସମ୍ମୁଖୀନ ହୋଇଥିଲେ। ତଥାପି ଆସନ୍ତା ନିର୍ବାଚନରେ ଲଢ଼ିବା ନେଇ ସେ ଆଶା ବାନ୍ଧିଛନ୍ତି। ଆହୁରି ଚର୍ଚ୍ଚା ହେଉଛି ଯେ, କେନ୍ଦୁଝର ସଦର ବିଧାୟକ ତଥା ବିଧାନସଭାରେ ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝିଙ୍କୁ ଦଳ ଲୋକ ସଭା ପ୍ରାର୍ଥୀ କରିପାରେ। ହେଲେ ସେ ବିଧାନସଭା ନିର୍ବାଚନ ପାଇଁ ଆଗ୍ରହୀ ଥିବା ତାଙ୍କ ସମର୍ଥକମାନେ କହୁଛନ୍ତି। ତେବେ ଯିଏ ଟିକେଟ ପାଇଲେ ମଧ୍ୟ ଆଗାମୀ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଓ ବିଜେଡିରେ କର୍ମୀ ଅସନ୍ତୋଷକୁ ଆଧାରକରି ଭାଜପା ଏହି ସିଟ୍‌କୁ ହାତେଇବାକୁ ରଣନୀତି ପ୍ରସ୍ତୁତ କରୁଥିବା ଆଲୋଚନା ହେଉଛି।

୧୯୯୬ ପରଠାରୁ କଂଗ୍ରେସ କ୍ରମାଗତ ନିର୍ବାଚନ ଲଢ଼େଇରେ ବିଫଳ ହେଉଛି। ଆସନ୍ତା ନିର୍ବାଚନରେ କଂଗ୍ରେସ ଜିଲା ଆଦିବାସୀ ସେଲ୍‌ର ସଭାପତି ବିନୋଦ ବିହାରୀ ନାୟକ ଆଶାୟୀ ଦୌଡ଼ରେ ରହିଛନ୍ତି। ସେ ୨୦୧୯ ନିର୍ବାଚନରେ ପାଟଣା ବିଧାନସଭା ଆସନରୁ ଲଢ଼ି ପରାଜୟବରଣ କରିଥିଲେ। ତେବେ ବିଜେଡି ଓ ଭାଜପା ମଧ୍ୟରେ ଭିତିରି ବୁଝାମଣା ଥିବା ବିଷୟ ଭୋଟରଙ୍କୁ ଦର୍ଶାଇ ସିଟ୍ ହାତେଇବାକୁ କଂଗ୍ରେସ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ପ୍ରଭାବ ନିର୍ବାଚନ ଉପରେ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି କହି ଦଳୀୟ ନେତା ଓ କର୍ମୀମାନେ ଉତ୍ସାହିତ ଥିବା ଦେଖାଯାଉଛି।

କେନ୍ଦୁଝର ସଦର ବିଧାନସଭା ନିର୍ବାଚନମଣ୍ଡଳୀକୁ ଛାଡ଼ି ଅନ୍ୟ ନିର୍ବାଚନମଣ୍ଡଳୀ ଏବେ ବିଜେଡି ଦଖଲରେ ରହିଛି। ଜିଲାର ଅଧିକ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରଭାବ ଥିବାରୁ ଭାଜପା ଓ କଂଗ୍ରେସ କିଭଳି ସ୍ଥିତିର ମୁକାବିଲା କରିବେ ନିଜସ୍ୱ ରଣକୌଶଳ ପ୍ରସ୍ତୁତ କରୁଛନ୍ତି। ଭାଜପା ରାମମନ୍ଦିର ଓ ବିଜେଡିର ଜୟ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଜିଲାରେ ଉଷ୍ମତା ବୃଦ୍ଧି କରିଥିବା ବେଳେ କଂଗ୍ରେସ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ସହିତ ନିକଟରେ ତେଲଙ୍ଗାନାରେ କ୍ଷମତାକୁ ଆସିଥିବାରୁ ଉତ୍ସାହିତ କର୍ମୀଙ୍କୁ ନେଇ ଦଳ ଭୋଟରଙ୍କ ପାଖକୁ ଯିବ ବୋଲି କୁହାଯାଉଛି।

# ‘ଭାଜପା ଆଦିବାସୀଙ୍କୁ ସବୁ ସୁଯୋଗରୁ ବଞ୍ଚିତ କରିବାକୁ ଚାହୁଁଛି’


ଆସାମର ମାଜୁଠାରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଦଳୀୟ ନେତାଙ୍କ ସହ ରାହୁଲ ଗାନ୍ଧୀ ଏକ ବୋଟ୍‌ରେ ଯାତ୍ରା କରୁଛନ୍ତି।

ମାଜୁଲି(ଆସାମ),୧୯।୧

ଆସାମରେ ଶାସକ ଭାଜପା ଆଦିବାସୀମାନଙ୍କୁ ଜଙ୍ଗଲ ମଧ୍ୟରେ ସୀମାବଦ୍ଧ କରି ରଖି ସେମାନଙ୍କୁ ଶିକ୍ଷା ଓ ଅନ୍ୟାନ୍ୟ ସୁବିଧା ସୁଯୋଗରୁ ବଞ୍ଚିତ କରିବାକୁ ଚାହୁଁଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର କହିଛନ୍ତି। ଆସାମରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ଦ୍ୱିତୀୟ ଦିନରେ ପ୍ରଥମ ବୈଠକକୁ ସମ୍ବୋଧିତ କରି ରାହୁଲ କହିଥିଲେ, ଆଦିମ ଅଧିବାସୀ ଭାବେ ଆଦିବାସୀଙ୍କ ଅଧିକାରକୁ କଂଗ୍ରେସ ସ୍ୱୀକୃତି ଦେଇଛି। ତେବେ ଭାଜପା ଆପଣମାନଙ୍କୁ ବନବାସୀ କହୁଛି, ଯାହାର ଅର୍ଥ ଜଙ୍ଗଲରେ ରହୁଥିବା ଲୋକ। ସେମାନଙ୍କ ପିଲାମାନଙ୍କୁ ସ୍କୁଲ୍ ଓ ବିଶ୍ୱବିଦ୍ୟାଳୟରେ ପଢ଼ିବା, ଇଂଲିଶ ଶିଖିବା ଓ ବ୍ୟବସାୟ ଚଳାଇବା ପାଇଁ ସୁଯୋଗ ଦିଆଯାଉ ନାହିଁ। ଆଦିବାସୀମାନଙ୍କ ଜମି ଛଡ଼ାଇ ନିଆଯାଉଛି, ଇତିହାସକୁ ଲିଭାଇ ଦିଆଯାଉଛି। ସାରା ଦେଶରେ ଏଭଳି ଘଟଣା ଘଟୁଛି। ଯାହା ଆପଣମାନଙ୍କର ତାହା ଫେରାଇଦେବାକୁ ଆମେ ଚାହୁଁ। ଆପଣମାନେ ଜଙ୍ଗଲ, ଜମି, ପାଣି ଉପରେ ଅଧିକାର ପାଇବା ଆବଶ୍ୟକ ବୋଲି ସମାବେଶକୁ ସମ୍ବୋଧିତ କରି ରାହୁଲ କହିଥିଲେ। ଗତବର୍ଷ କନ୍ୟାକୁମାରୀରୁ କଶ୍ମୀର ପ୍ରଥମ ଭାରତ ଯୋଡ଼ୋ ଯାତ୍ରା ସଫଳତା ହାସଲ କରିଥିଲା। ପୂର୍ବରୁ ପଶ୍ଚିମ ଅନୁରୂପ ଯାତ୍ରା ପାଇଁ ଜନସାଧାରଣ ଅନୁରୋଧ କରିଥିଲେ। ସେଥିପାଇଁ ମଣିପୁରରୁ ମୁମ୍ବାଇ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆରମ୍ଭ ହୋଇଛି। ୬୭ ଦିନରେ ଏହି ଯାତ୍ରା ୧୫ ରାଜ୍ୟର ୧୧୦ ଜିଲା ଦେଇ ୬,୭୧୩ କିଲୋମିଟର ଅତିକ୍ରମ କରିବ। ଭାଜପା ସହ ଏହା ଆମର ନୀତିଗତ ଲଢ଼େଇ ବୋଲି ରାହୁଲ କହିଛନ୍ତି।

# ପଦ୍ମ ଧରିଲେ ପ୍ରମୋଦ

## ବିଜେଡି, କଂଗ୍ରେସର ଶତାଧିକ ସାମିଲ

ଭୁବନେଶ୍ୱର,୧୯।୧(ଅନିଲ ଦାସ)

ସମ୍ବଲପୁର ଜିଲା ପୂର୍ବତନ ବିଜେଡି ସଭାପତି ପ୍ରମୋଦ ରଥ ନିଜର ଶତାଧିକ ସମର୍ଥକଙ୍କ ସହିତ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ତାଙ୍କ ସହ ସମ୍ବଲପୁର ଜିଲାର ବିଜେଡି ନେତ୍ରୀ ତଥା ସମାଜସେବୀ ଲକ୍ଷ୍ମୀପ୍ରିୟା ପ୍ରଧାନ, ରେଙ୍ଗାଲିସ୍ଥିତ ‘ଓଁ ସାଇ ସ୍ୱୟଂ ସହାୟକ ଗୋଷ୍ଠୀ’ର ସୁଜାତା ସିଂ, ‘ଆଶୀର୍ବାଦ ସ୍ୱୟଂ ସହାୟକ ଗୋଷ୍ଠୀ’ର ସବିତା ମହାନନ୍ଦ, ପୂର୍ବତନ ୱାର୍ଡମେମ୍ବର କୃଷ୍ଣଚନ୍ଦ୍ର ଗର୍ଡିଆ ଓ ମଞ୍ଜୁ ଗର୍ଡିଆ ପ୍ରମୁଖ ନେତୃବୃନ୍ଦଙ୍କ ସମେତ ଶତାଧିକ ସମର୍ଥକ ଭାଜପାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗ ଦେଇଥିବା ପ୍ରମୋଦ କହିଛନ୍ତି।

ସେହିପରି କୋରାପୁଟ ଜିଲାର ପୂର୍ବତନ ଯୁବ ଛାତ୍ର କଂଗ୍ରେସ ସଭାପତି ତଥା ପୂର୍ବତନ ଅଖିଳ ଭାରତୀୟ କଂଗ୍ରେସ ସଦସ୍ୟ ରବୀନ୍ଦ୍ର ମହାପାତ୍ର ଏବଂ ପି.ଗୋପାଳ ରାଓ ମଧ୍ୟ ଭାଜପାରେ ଯୋଗ ଦେଇଛନ୍ତି। ବରଗଡ଼ ଜିଲା ଅତାବିରା ବ୍ଲକର ମଧୁସୂଦନ ଶର୍ମାଙ୍କ ନେତୃତ୍ୱରେ କମଳା ବାଙ୍କ, ପ୍ରତାପ ଛୁରିଆ, ବିପିନ ଭୋଇ, ଅଜୟ କୁମାର ବାଙ୍କ, ସୁଧୀର ଦାସ, କିଶୋରୀ ଗରତିଆ, ମନୋଜ ଶର୍ମା, ସୁରେଶ କର୍ଣ୍ଣ, ସ୍ୱାଗତ ମିଶ୍ର, ବୁଲୁ ନାଗ, ଶୁଭେନ୍ଦୁ ନାୟକ,ମହନୀଶ ବେହେରା ପ୍ରମୁଖ ନିଜ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଗଞ୍ଜାମ ଜିଲା(ଘୁମୁସୁର)ର ବିଶିଷ୍ଟ ଚିକିତ୍ସକ ଡାକ୍ତର ବସନ୍ତ କୁମାର ଦାସଙ୍କ ସମେତ ରଞ୍ଜନ କୁମାର ଜେନା, ଲେସି ମହାପାତ୍ର, ଦୁର୍ଯ୍ୟୋଧନ ମହାନ୍ତି, ଦୀନବନ୍ଧୁ ସେଠୀ, ଶଙ୍କର ବିଶ୍ୱାଳ ପ୍ରମୁଖ ଭାଜପାରେ ଯୋଗଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସୁଶାସନ, ଗରିବ କଲ୍ୟାଣ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗ ଦେଇଥିବା ସେମାନେ କହିଛନ୍ତି। ଶୁକ୍ରବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ଉପସଭାପତି ତଥା ବିଧାୟକ ନାଉରୀ ନାଏକ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୂର୍ବତନ ବିଧାୟକ ରବି ନାୟକ, ବରିଷ୍ଠ ନେତ୍ରୀ ସୁରମା ପାଢ଼ୀ, ଅନୀତା ଶୁଭଦର୍ଶିନୀ ପଟ୍ଟନାୟକ, ଅଶୋକ ମିଶ୍ର ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଏବଂ ଭାଜପା ପ୍ରତି ଦେଶବାସୀ ତଥା ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧିପାଇ ଚାଲିଛି। ଆଗାମୀ ଦିନରେ ଓଡ଼ିଶାରେ ମଧ୍ୟ ଏହା ନିଶ୍ଚିତ ପ୍ରତିଫଳିତ ହେବ। ମୋଦି ସରକାର ଏବଂ ମୋଦି ଗ୍ୟାରେଣ୍ଟି ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ବଢ଼ିଚାଲିଛି। ଏହି ମିଶ୍ରଣ ଦଳର ସଙ୍ଗଠନକୁ ଆହୁରି ସୁଦୃଢ଼ କରିବ ବୋଲି ମନମୋହନ କହିଛନ୍ତି।

ଏହି ମିଶ୍ରଣ ପର୍ବରେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ କସ୍ତୁରୀ ମିଶ୍ର, ଘୁମୁସୁର ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।


ଭୁବନେଶ୍ୱର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପ୍ରମୋଦ ରଥଙ୍କ ସମେତ ବିଜେଡି ଓ କଂଗ୍ରେସର ବହୁ ନେତା, କର୍ମୀ ଯୋଗଦେଇଛନ୍ତି।



ମାତୃଶକ୍ତି ମହାସଂଘ ପକ୍ଷରୁ ଶୁକ୍ରବାର ଜାରକା ସମ୍ରାଟ ମଣ୍ଡପ ନିକଟରେ ଶତାଧିକ ମହିଳା ଶ୍ରୀକାନ୍ତ ସାହୁଙ୍କ ସପକ୍ଷରେ ରାଲି କରୁଛନ୍ତି।

# ବଳବନ୍ତରାୟଙ୍କ ପାଇଁ ଶ୍ରୀକାନ୍ତ, ପ୍ରଭୁରଞ୍ଜନ ଚ୍ୟାଲେଞ୍ଜ

## ଧର୍ମଶାଳାରେ ବିଜେଡି ଗୋଷ୍ଠୀକନ୍ଦଳ

କାଏମା,୧୯।୧(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ନିର୍ବାଚନମଣ୍ଡଳୀ ବିଜେଡିରେ ଦିନକୁ ଦିନ ଗୋଷ୍ଠୀକନ୍ଦଳ ବଢ଼ିବାରେ ଲାଗିଛି। ନିର୍ବାଚନ ଯେତେ ପାଖେଇ ଆସୁଛି ଟିକେଟ ଦାବିଦାରଙ୍କ ସଂଖ୍ୟା ବଢୁଛି, ଯାହା ଆଗାମୀ ଦିନରେ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିବ ବୋଲି କୁହାଗଲାଣି।

ଛାତ୍ର ରାଜନୀତିରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ବିଜେଡି ଯୁବନେତା ତଥା ଧର୍ମଶାଳା ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ କିଛି ଦିନ ତଳେ ଉତ୍ତରପ୍ରତାପ ପଞ୍ଚାୟତରୁ ଧର୍ମଶାଳା ବ୍ଲକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରି ନିଜର ପ୍ରଭାବ ଜାହିର କରିଥିଲେ। ପୂର୍ବରୁ ବ୍ରାହ୍ମଣ ସମାଜ ଏକ ସଭାରେ ଶ୍ରୀକାନ୍ତଙ୍କୁ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସମେତ ଯାଜପୁର ବିଧାୟକ ତଥା ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ନିବେଦନ କରିଥିଲେ। ଶୁକ୍ରବାର ମାତୃଶକ୍ତି ମହାସଂଘ ପକ୍ଷରୁ ଶତାଧିକ ମହିଳା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ମନ୍ତ୍ରୀ ତଥା ଯାଜପୁର ଜିଲା ପ୍ରଭାରୀ ଅଶୋକ ପଣ୍ଡାଙ୍କ ଫଟୋ ଥିବା ଏକ ବ୍ୟାନରରେ ଶ୍ରୀକାନ୍ତଙ୍କୁ ୨୦୨୪ ସାଧାରଣ ନିର୍ବାଚନରେ ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ କରିବାକୁ ନିବେଦନ କରି ହାତରେ ବ୍ୟାନର ଧରି ଜାରକା ବଜାର ପରିକ୍ରମା କରିଥିଲେ। ଗୋଟିଏ ପରିବାରରୁ ବାପାଙ୍କ ପରେ ପୁଅକୁ ବାରମ୍ବାର ବିଧାୟକ ପ୍ରାର୍ଥୀ କରା ନ ଯାଇ ଧର୍ମଶାଳା ମାଟିର ପୁଅ ଶ୍ରୀକାନ୍ତ ସାହୁଙ୍କୁ ଥରେ ସୁଯୋଗ ଦେବାକୁ ମାତୃଶକ୍ତି ମହାସଂଘ ସଭାନେତ୍ରୀ ସତ୍ୟଭାମା ମଲ୍ଲିକ ନିବେଦନ କରିଛନ୍ତି। ଶ୍ରୀକାନ୍ତ ସାମାଜିକ କର୍ମୀ ଭାବରେ ପରିଚିତ। କୌଣସି ପଦପଦବୀରେ ନ ଥାଇ ମଧ୍ୟ ସବୁ ବର୍ଗର ଲୋକ ତାଙ୍କ ସମର୍ଥନରେ ଅଛନ୍ତି ବୋଲି ମାତୃଶକ୍ତି ମହାସଂଘ ପକ୍ଷରୁ କୁହାଯାଇଛି। ତାଙ୍କୁ ଥରେ ସୁଯୋଗ ମିଳିବା ଆବଶ୍ୟକ ବୋଲି ବରିଷ୍ଠ ବିଜେଡି ନେତା ତଥା ରାଜ୍ୟ ଯାଦବ ସଂଘ ସଭାପତି ଉତ୍ତମ କୁମାର ଦାସ କହିଛନ୍ତି। ଏହି ଶୋଭାଯାତ୍ରାରେ ନମିତା ନାୟକ, ସୁନୀତା ମଲ୍ଲିକ, ଝରଣା ଦାସ, ରଶ୍ମି ସାମଲ, ମାମା ବାରିକ ପ୍ରମୁଖ ଶତାଧିକ ମହିଳା ସାମିଲ ହୋଇଥିଲେ।

ସେହିପରି ଗତ ବୁଧବାର ଜାରକାର ପୂର୍ବତନ ସରପଞ୍ଚ ତଥା କୁମାରୀ ପଞ୍ଚାୟତର ତତ୍କାଳୀନ ସରପଞ୍ଚଙ୍କ ପୁଅ ପ୍ରଭୁରଞ୍ଜନ ସାମଲ ବନ୍ଧୁମିଳନ ଆଳରେ ଶକ୍ତି ପ୍ରଦର୍ଶନକରି ବିଜୁ ଜନତା ଦଳର ଟିକେଟ ଆଶାୟୀ ଥିବା କହିଥିଲେ। ଟିକେଟ ନ ମିଳିଲେ ସ୍ୱାଧୀନ ଭାବରେ ପ୍ରଣବଙ୍କ ବିରୋଧରେ ନିର୍ବାଚନ ଲଢ଼ିବେ ବୋଲି ସେ ଘୋଷଣା କରିଛନ୍ତି। ଏସବୁକୁ ଦେଖିଲେ ଉଭୟ ଶ୍ରୀକାନ୍ତ ଓ ପ୍ରଭୁରଞ୍ଜନ ବିଜେଡି ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ପାଇଁ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛନ୍ତି।

# ଅର୍ପଣ ରଥ କାର୍ଯ୍ୟକ୍ରମରେ ବିଭ୍ରାଟ ହୋଇଛି: କଂଗ୍ରେସ

ଭୁବନେଶ୍ୱର,୧୯।୧(ଅନିଲ ଦାସ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ପାଇଁ ରାଜ୍ୟ ସାରା ଅର୍ପଣ ରଥ ବୁଲିଲାବେଳେ ଜଗନ୍ନାଥଙ୍କୁ ପିଲାଙ୍କ ଖେଳନାଠୁ ଆହୁରି ତୁଚ୍ଛ ଭାବରେ ପ୍ରଦର୍ଶିତ କରାଯିବା ସହ ଅନେକ ବିଭ୍ରାଟ ଦେଖାଦେଇଛି। ବିଭିନ୍ନ ସ୍ଥାନରେ ସାଧାରଣ ଜନତା ଏଥିରେ କ୍ଷୁବ୍ଧ ଓ ଅନେକ ସ୍ଥାନରେ ଏହାର ପ୍ରତିବାଦ କରିଛନ୍ତି। ଜଗନ୍ନାଥ ହେଉଛନ୍ତି ଓଡ଼ିଆ ଅସ୍ମିତାର ପ୍ରତୀକ। ତାଙ୍କ ପ୍ରତି ଏଭଳି ଅସମ୍ମାନକୁ ଓଡ଼ିଆବାସୀ ବରଦାସ୍ତ କରିବେ ନାହିଁ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ତଥା କଂଗ୍ରେସର ଇସ୍ତାହାର କମିଟିର ଅଧ୍ୟକ୍ଷ ପଞ୍ଚାନନ କାନୁନଗୋ ଶୁକ୍ରବାର କଂଗ୍ରେସ ଭବନରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

# ଓଡ଼ିଶାରୁ ଅଧିକ ଉଷୁନା ଚାଉଳ ସଂଗ୍ରହ କରିବ କେନ୍ଦ୍ର: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୯।୧(ଅନିଲ ଦାସ)

- କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ମଞ୍ଜୁରୀ ଦେଇଥିବା ଜଣାଇଲେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ
- କେନ୍ଦ୍ର ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର


ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପତ୍ର ଲେଖିବା ପରେ ତ୍ୱରିତ ପଦକ୍ଷେପ ସ୍ୱରୂପ ଚଳିତ ଖରିଫ ବିପଣନ ଋତୁରେ ଓଡ଼ିଶାରୁ ଅଧିକ ୧୦ ଲକ୍ଷ ମେଟ୍ରିକ୍ ଟନ ଉଷୁନା ଚାଉଳ ସଂଗ୍ରହ କରିବା ନେଇ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି।

ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ଦ୍ୱାରା ଓଡ଼ିଶାରୁ ଏହି ଉଷୁନା ଚାଉଳ ସଂଗ୍ରହ କରିବା ପାଇଁ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ମଞ୍ଜୁରୀ ପ୍ରଦାନ କରିଥିବା ଧର୍ମେନ୍ଦ୍ରଙ୍କ ଚିଠିର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ଅନୁରୋଧକୁ ରକ୍ଷା କରି ପଦକ୍ଷେପ ନେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଗୋୟଲଙ୍କୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି। ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାର ଲକ୍ଷାଧିକ ଚାଷୀ ଉପକୃତ ହେବେ ବୋଲି ସେ କହିଛନ୍ତି।

ସୂଚନା ଯୋଗ୍ୟ ଯେ ନିକଟରେ ଧର୍ମେନ୍ଦ୍ର ବିଭାଗୀୟ ମନ୍ତ୍ରୀ ପିୟୂଷ ଗୋୟଲଙ୍କୁ ଚିଠି ଲେଖି ଏ ସମ୍ପର୍କରେ ଅବଗତ କରାଇଥିଲେ। ସେ କହିଥିଲେ ଚଳିତ ଥର ଓଡ଼ିଶାରେ ଭଲ ଅମଳ ହୋଇଥିବା କାରଣରୁ ରାଜ୍ୟରୁ ମୋଟ ପ୍ରାୟ ୭୯ ଲକ୍ଷ ମେଟ୍ରିକ ଟନ୍ ଖରିଫ ଚାଉଳ ସଂଗ୍ରହ କରାଯିବା ନେଇ ଆକଳନ କରାଯାଇଛି। ପ୍ରାରମ୍ଭିକ ଆବଣ୍ଟନରେ କେନ୍ଦ୍ର ସରକାର ୨୦୨୩-୨୪ ଖରିଫ ବିପଣନ ଋତୁରେ ୪୪.୨୮ ଲକ୍ଷ ମେଟ୍ରିକ ଟନ୍ ଚାଉଳ କିଣିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।

ତେବେ ଏନ୍‌ଏଫ୍‌ଏସ୍‌ଏ, ଏସଏଫଏସଏ ଏବଂ ଅନ୍ୟାନ୍ୟ କଲ୍ୟାଣମୂଳକ ଯୋଜନା ପାଇଁ ଓଡ଼ିଶା ସରକାରଙ୍କ ନିଜସ୍ୱ ଚାଉଳର ଆବଶ୍ୟକତା ପୂରଣ କରିବା ବ୍ୟତୀତ ପର୍ଯ୍ୟାପ୍ତ ପରିମାଣର ଉଷୁନା ଚାଉଳ ବଳକା ରହି ଯାଇପାରେ। ଏହି ବଳକା ଚାଉଳ ଏଫସିଆଇ ଦ୍ୱାରା ଉଠାଣ ହେବାର ଆବଶ୍ୟକତା ରହିଛି। ଓଡ଼ିଶାର ଚାଷୀଙ୍କ ଜୀବନଜୀବିକାକୁ ସୁରକ୍ଷିତ ରଖିବା ପାଇଁ ଏହି ପଦକ୍ଷେପ ବିଶେଷ ସହାୟକ ହେବ।

# ଚାଉଳ ପ୍ରସଙ୍ଗକୁ ନେଇ ନାଟକ କରୁଛନ୍ତି ଧର୍ମେନ୍ଦ୍ର: ବିଜେଡି

ଭୁବନେଶ୍ୱର,୧୯।୧(ଅନିଲଦାସ)

## ନିଜ ପ୍ରଚାର ପାଇଁ ସହଯୋଗୀ ମନ୍ତ୍ରୀଙ୍କୁ ଚିଠି ଲେଖୁଛନ୍ତି

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ଏବେ ଏକ ନୂଆ ନାଟକ ଦେଖିବାକୁ ମିଳୁଛି। ଓଡ଼ିଶାରୁ ଉଷୁନା ଚାଉଳ କିଣିବା ପାଇଁ ଅନ୍ୟ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିବା ପରେ ତାଙ୍କର ଏହି ନାଟକ ଧରାପଡିଥିବା ବୋଲି ବିଜେଡି ମହିଳା ଶାଖା ସଭାପତି ତଥା ବରିଷ୍ଠ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ଛୁରିଆ କହିଛନ୍ତି ଯେ ମନ୍ତ୍ରୀସ୍ତରୀୟ ସହକର୍ମୀମାନେ ସାଧାରଣତଃ ପରସ୍ପରକୁ ସାକ୍ଷାତ କିମ୍ବା ଫୋନ୍ ମାଧ୍ୟମରେ ଅନୁରୋଧ କରନ୍ତି। ହେଲେ ଚାଉଳ ପ୍ରସଙ୍ଗରେ ୧୦ବର୍ଷ ଧରି ନିରବ ଥିବା ପ୍ରଧାନ ଏବେ ଯେଉଁଭଳିଭାବେ ନିର୍ବାଚନର ଅବ୍ୟବହିତ ପୂର୍ବରୁ ନିଜର ସହକର୍ମୀ କ୍ୟାବିନେଟ ମନ୍ତ୍ରୀଙ୍କୁ ଚିଠି ଲେଖୁଛନ୍ତି ଏବଂ ତାହାକୁ ଗଣମାଧ୍ୟମରେ ପ୍ରସାର ପାଇଁବା ପାଇଁ ଚାହୁଁଛନ୍ତି ଏହା ତାଙ୍କର ନୂଆ ନାଟକ ଛଡା ଆଉ କିଛି ନୁହେଁ। ତେବେ ଓଡିଶାରୁ ଉଷୁନା ଚାଉଳ ସଂଗ୍ରହ ପାଇଁ ଛୁରିଆ କେନ୍ଦ୍ରଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ରାଜ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଶ୍ୱର ସବୁଠାରୁ ଧନୀ ପରିବାର

## ୪ ହଜାର କୋଟିର ପ୍ରାସାଦ, ୭୦୦ରୁ ଅଧିକ କାର

ନୂଆଦିଲ୍ଲୀ

ନିକଟରେ ଭାରତ ଗସ୍ତରେ ଆସିଥିବା ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାଏଦ ଅଲ ନାହିୟାନ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କ ପରିବାର ହେଉଛି ବିଶ୍ୱର ସବୁଠାରୁ ଧନୀ ପରିବାର। ଲୋକମାନେ ସେମାନଙ୍କର ସମ୍ପତ୍ତିର ନେଟ୍ ମୂଲ୍ୟ ଜାଣି ଆଶ୍ଚର୍ଯ୍ୟ ହୋଇଗଲେ। ବ୍ଲୁମ୍‌ବର୍ଗ ନାହିୟାନଙ୍କ ପରିବାରକୁ ୨୦୨୩ ବିଶ୍ୱର ଧନୀ ପରିବାର ତାଲିକାରେ ପ୍ରଥମ ସ୍ଥାନ ଦେଇଛି। ଶେଖ୍ ମହମ୍ମଦ ହେଉଛନ୍ତି ୧୭ତମ ଅମିର ବା ଆବୁଧାବିର ଶାସକ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଦୁବାଇର ଅଲ୍ ନାହିୟାନ ରାଜ ପରିବାରର ୪,୦୭୮କୋଟି ଟଙ୍କା ମୂଲ୍ୟର ରାଷ୍ଟ୍ରପତି ଭବନ ଅଛି, ଯାହା ତିନୋଟି ପେଣ୍ଟାଗନ ଆକାର ସହିତ ସମାନ। ଏହା ସହିତ, ୮ଟି ଘରୋଇ ଜେଟ୍ ଏବଂ ଦୁନିଆର ସବୁଠାରୁ ଧନୀ ଫୁଟବଲ୍ କ୍ଲବ ରହିଛି। ନ୍ୟୁଜ ୱେବସାଇଟ GQ ଅନୁଯାୟୀ, ଏହି ପରିବାର ସଂଯୁକ୍ତ ରାଷ୍ଟ୍ରର ଏଭଳି ଅନେକ ପ୍ରାସାଦ ମଧ୍ୟରୁ ବୃହତ୍ତମ ଆବୁଧାବିରେ ଥିବା କସର୍ ଅଲ-ୱତନ ରାଷ୍ଟ୍ରପତି ଭବନରେ ରୁହନ୍ତି। ପ୍ରାୟ ୯୪ ଏକର ଜମି ଉପରେ ବିସ୍ତୃତ ଏହି ବିଶାଳ ପ୍ରାସାଦରେ ୩୫୦,୦୦୦ ସ୍ଫଟିକ ନିର୍ମିତ ଏକ ଝୁମର ଏବଂ ଅମୂଲ୍ୟ ଐତିହାସିକ କଳାକୃତି ରହିଛି। ସଂଯୁକ୍ତ ଆରବ ଏମିରେଟ୍ସର ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାଏଦ ଅଲ୍ ନାହିୟାନ ପରିବାରର ମୁଖ୍ୟ ଏବଂ ତାଙ୍କର ୧୮ ଭାଇ ଏବଂ ୧୧ ଭଉଣୀ ଅଛନ୍ତି। ଏମିରେଟ ରାଜାଙ୍କର ମଧ୍ୟ ୯ ସନ୍ତାନ ଏବଂ ୧୮ ନାତୁଣୀ-ନାତି ଅଛନ୍ତି। ଆବୁଧାବି ଶାସକଙ୍କ ସାନଭାଇ ଶେଖ୍ ହମଦ ବିନ୍ ହମଦାନ୍ ଅଲ୍ ନାହିୟାନଙ୍କ ପାଖରେ ୭୦୦ରୁ ଅଧିକ କାରର କଲେକ୍‌ଶନ ରହିଛି, ଯେଉଁଥିରେ ବିଶ୍ୱର ସର୍ବବୃହତ ଏସୟୁଭି, ୫ଟି ବୁଗାଟୀ ଭେଂରନ, ଲମ୍ବୋର୍ଗିନି ରେଭେଣ୍ଟନ, ମର୍ସିଡିଜ-ବେଞ୍ଜ CLK GTR, ଫେରାରୀ 599XX ଏବଂ ଏକ ମ୍ୟାକଲେରେନ MC12 ଅନ୍ତର୍ଭୁକ୍ତ ଅଛି। ଏହି ପରିବାରର ବିଶ୍ୱର ତୈଳ ଭଣ୍ଡାରର ପ୍ରାୟ ୬ ପ୍ରତିଶତର ମାଲିକ ହୋଇଥିବାବେଳେ ମଞ୍ଚେଷ୍ଟର ସିଟି ଫୁଟବଲ କ୍ଲବ୍‌ର ମାଲିକ। ଏହା ବ୍ୟତୀତ ଅନେକ ଜଣାଶୁଣା କମ୍ପାନୀରେ ଏହି ପରିବାର ଅଂଶୀଦାର ଅଛି। ଗାୟକ ରିହାନାର ବିୟୁଟି ବ୍ରାଣ୍ଡ ଫେଣ୍ଟିଠାରୁ ଆରମ୍ଭ କରି ଏଲନ ମସ୍କଙ୍କ ସ୍ପେସ୍‌ଏକ୍ସ ପର୍ଯ୍ୟନ୍ତ ତାଙ୍କର ଶେୟାର ଅଛି। ରାଷ୍ଟ୍ରପତିଙ୍କ ଭାଇ ତହନୁନ ବିନ୍ ଜାଏଦ ଅଲ୍ ନାହିୟାନ ପରିବାରର ମୁଖ୍ୟ ବିନିଯୋଗ କମ୍ପାନୀକୁ ପରିଚାଳନା କରନ୍ତି, ଯାହାର ମୂଲ୍ୟ ଗତ ୫ ବର୍ଷ ମଧ୍ୟରେ ପ୍ରାୟ ୨୮,୦୦୦ ପ୍ରତିଶତ ବୃଦ୍ଧି ପାଇଛି। କମ୍ପାନୀର ମୂଲ୍ୟ ବର୍ତ୍ତମାନ ୨୩୫ ବିଲିୟନ ଡ଼ଲାର । ୟୁଏଇ ବ୍ୟତୀତ ଦୁବାଇର ରାଜ ପରିବାର ପ୍ୟାରିସ ଏବଂ ଲଣ୍ଡନ ସମେତ ବିଶ୍ୱର ଅନେକ ସ୍ଥାନରେ ବିଳାସପୂର୍ଣ୍ଣ ସମ୍ପତ୍ତିର ମାଲିକ ଅଟନ୍ତି। ଲଣ୍ଡନର ସବୁଠାରୁ ଧନୀ ଜମି ମାଲିକଙ୍କ ମଧ୍ୟରେ ଶେଖ ମହମ୍ମଦ ବିନ୍ ଜାଏଦ ଅଲ୍ ନାହିୟାନ ଗଣା ହୋଇଛନ୍ତି। ଲଣ୍ଡନରେ ଗୋଟିଏ କିମ୍ବା ଦୁଇଟି ନୁହେଁ ବରଂ ଅନେକ ଅଟ୍ଟାଳିକା ଶେଖ୍‌ଙ୍କ ନାମରେ କିଣାଯାଇଛି।




## ଜନ୍ମଦିନ ଶୁଭେଚ୍ଛା



### ଶ୍ରୀଜିତ୍ ପଟ୍ଟନାୟକ (ରାଜ୍)

ଆଇ.ଆର୍.ସି. ଭିଲେଜ୍, ଭୁବନେଶ୍ୱର

ତୋର ଆଜି ଜନ୍ମଦିନ, ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ନିକଟରେ ପ୍ରାର୍ଥନା, ସେ ତୋର ଚଲାପଥ ସର୍ବଦା କୁସୁମିତ କରିବା ସହ ତତେ ଯଶସ୍ୱୀ କରନ୍ତୁ। ଶୁଭେଚ୍ଛା ସହ- ବୋଉମା, ମାମି, ପାପା, ମାମା, ମଣ୍ଟୁକାକୁ, ସାନମା, ଟଣ୍ଟୁକାକୁ, କାକୀ, ଚିଣ୍ଟୁକାକୁ, ସାନକାକୀ, ଭାଇନା, ଅପା, ଗୁଡୁଭାଇ, ଦିଦି, ପ୍ରେମ୍, ଶ୍ୱେତା, ସିଦ୍ଧେଶ, ଅଜା, ଆଇ, ମଉସା, ମାଉସୀ, ବନ୍ଧୁ ଓ ପରିବାରବର୍ଗ।

ଧ-୨୩୧୪

3rd Happy Marriage Anniversary



Samay (Babu) & Sonakshi (Puja)

Wishing you both a life time of love and happiness.
-:Best Wishes From:-
Roul Family, Bhubaneswar

D-73790


## ମାର୍ଚ୍ଚରେ 'ଶୈତାନ' ରିଲିଜ

ମୁମ୍ବାଇ

ଅଜୟ ଦେବଗନ, ଆର୍. ମାଧବନ ଏବଂ ଜ୍ୟୋତିକାଙ୍କ ଆଗାମୀ ଚଳଚ୍ଚିତ୍ର 'ଶୈତାନ'ମାର୍ଚ୍ଚରେ ମୁକ୍ତିଲାଭ କରିବାକୁ ଯାଉଛି। ଅଭିନେତ୍ରୀ ତାଙ୍କ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ବ୍ଲକ୍‌ବଷ୍ଟର ଥ୍ରୀଲରର ପ୍ରଥମ ଲୁକ ଶେୟାର କରିଛନ୍ତି। ଫଟୋ ଶେୟାର କରି ଅଜୟ କ୍ୟାପସନରେ ଲେଖିଛନ୍ତି, 'ଶୈତାନ ଆପଣଙ୍କ ପାଇଁ ମାର୍ଚ୍ଚ ୮ରେ ପ୍ରେକ୍ଷାଳୟକୁ ଆସୁଛି।' ଦୀର୍ଘ ବିରତି ପରେ ଅଭିନେତ୍ରୀ ଜ୍ୟୋତିକା ଫିଲ୍ମକୁ ଫେରିବେ। ଜିଓ ଷ୍ଟୁଡିଓଜ, ଦେବଗନ ଫିଲ୍ମସ ଏବଂ ପାନୋରାମା ଷ୍ଟୁଡିଓ ଦ୍ୱାରା ଉପସ୍ଥାପିତ ଶୈତାନ ଅଜୟ ଦେବଗନ, ଜ୍ୟୋତି ଦେଶପାଣ୍ଡେ, କୁମାର ମଙ୍ଗତ ପଠକ ଏବଂ ଅଭିଷେକ ପାଠକଙ୍କ ଦ୍ୱାରା ନିର୍ମିତ ଏବଂ ବିକାଶ ବାହଲଙ୍କ ନିର୍ଦ୍ଦେଶିତ।

# ଏଆଇ ଗର୍ଲଫ୍ରେଣ୍ଡ: ମାସିକ ରୋଜଗାର ୨୫ ଲକ୍ଷ

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ମାଧ୍ୟମରେ କୋଟି କୋଟି ଟଙ୍କା ରୋଜଗାରର ପଦ୍ଧତିକୁ ବ୍ୟାଖ୍ୟା କରାଯାଇଥିବାବେଳେ ଏହା ମଧ୍ୟ ଅନେକ ପ୍ରକାରର ବିଳାସପୂର୍ଣ୍ଣତା ପ୍ରଦାନ କରୁଥିବା ଦାବି କରାଯାଇଛି। ବର୍ତ୍ତମାନ ଫକ୍ସି ଏଆଇ ନାମକ ଏକ କମ୍ପାନୀ ଏକ ମଡେଲ ତିଆରି କରିଛି, ଯାହା ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛି। ଲେକ୍ସି ଲଭ ନାମକ ଏହି ଏଆଇ ମଡେଲ ମଣିଷ ପରି ଅନେକ ପୁରୁଷଙ୍କ ସହ ଭାବପ୍ରବଣତା ସୃଷ୍ଟି କରି କମ୍ପାନୀ ପାଇଁ କୋଟି କୋଟି ଟଙ୍କା ରୋଜଗାର କରୁଛି ଏବଂ ସେ ପ୍ରତିଦିନ ବିବାହ ପ୍ରସ୍ତାବ ପାଉଛି। ଲେକ୍ସି ବିଷୟରେ କୁହାଯାଏ ଯେ, ଯଦିଓ ସେ ମଣିଷ ନୁହଁନ୍ତି, ତଥାପି ସେ ମଣିଷ ପରି ଭାବନା ବାଣ୍ଟନ୍ତି। ଏହା କୌଣସି ପ୍ରକାରେ ନକଲି କିମ୍ବା ଭର୍ଚୁଆଲ ଜଣାପଡ଼େ ନାହିଁ। ଏପରିକି ସେ ତାଙ୍କ ପ୍ରଶଂସକଙ୍କ ସହିତ ଗଭୀର ଭାବପ୍ରବଣତା ବିକାଶ କରନ୍ତି। ଏହି ମଡେଲ ପ୍ରକୃତ ମଣିଷ ପରି ଦେଖାଯାଏ। ତାଙ୍କର ଧଳା କେଶ, ନୀଳ ଆଖି ଏବଂ ଫିଟ୍ ଶରୀର ଅଛି । ଏହା ଆପଣଙ୍କୁ ପାଠ୍ୟ, ଭଏସ ମେସେଜ ଏବଂ ଅନୁରୋଧ ଅନୁଯାୟୀ ଫଟୋ ମଧ୍ୟ ପଠାଇପାରେ। ଲକ୍ସି ଲଭ କିପରି ହଜାର ହଜାର ପ୍ରଶଂସକଙ୍କ ମାଧ୍ୟମରେ ଚ୍ୟାଟବୋଟ ମାଧ୍ୟମରେ ମାସକୁ ୩୦ ହଜାର ଡଲାର ରୋଜଗାର କରନ୍ତି ବୋଲି ଫକ୍ସି ଏଆଇ ନିକଟରେ ପ୍ରକାଶ କରିଛି। ଲେକ୍ସି ଲଭ ଏକ ଭର୍ଚୁଆଲ ମଡେଲ ଏବଂ ଦିନକୁ ୨୪ ଘଣ୍ଟା କାମ କରେ । ଏହା ୩୦ରୁ ଅଧିକ ଭାଷା କହିପାରେ ଏବଂ ସେଥିପାଇଁ ବିଶ୍ୱର କୋଣ ଅନୁକୋଣରେ ପ୍ରଶଂସକଙ୍କ ସହ ଯୋଡି ହୋଇଛି। ଲେକ୍ସିଙ୍କ ବିଷୟରେ କୁହାଯାଏ ଯେ ସେ ପ୍ରତି ମାସରେ ପ୍ରାୟ ୨୦ ବିବାହ ପ୍ରସ୍ତାବ ପାଇଥାନ୍ତି। ଫକ୍ସି ଏଆଇ ସିଇଓ ସାମ ଇମାରା କହିଛନ୍ତି ଯେ ଲେକ୍ସି ବୈଷୟିକ ପ୍ରତିବନ୍ଧକ ହଟାଇବା ପାଇଁ ଏକ ଉଦାହରଣ। କେବଳ ଏତିକି ନୁହେଁ, ଏହା ଏଆଇ ସହିତ ଯୋଗାଯୋଗର ପଦ୍ଧତି ମଧ୍ୟ ବଦଳାଉଛି। ବଢୁଥିବା ଲୋକପ୍ରିୟତା ସହିତ ଲେକ୍ସି ମଧ୍ୟ ଏକ ଲାଭଜନକ ଆୟର ଉତ୍ସ ପାଲଟିଛି। ବର୍ତ୍ତମାନ ଲେକ୍ସି ୱେବସାଇଟ ସହିତ ଯୋଗାଯୋଗରୁ ପ୍ରତି ମାସରେ ୩୦ହଜାର ଡଲାର ରୋଜଗାର କରୁଛି। ଇମାରା କହିଛନ୍ତି ଯେ, ଲୋକଙ୍କ ସହ ଯୋଡିହେବା ଏବଂ ସେମାନଙ୍କୁ ମାନବ ପରି ଅନୁଭୂତି ଦେବା ତାଙ୍କର ଏକ ଉଦାହରଣ। ଲେକ୍ସି ଚାଟିଂ କରିବାରେ ଏତେ ଭଲ ଯେ ସେ ନିଜ ପ୍ରଶଂସକମାନଙ୍କୁ ସହଜରେ ଅନୁଭବ କରାନ୍ତି ଯେ, ସେ ଜଣେ ଏଆଇ ମଡେଲ ନୁହଁନ୍ତି ବରଂ ପ୍ରକୃତ ବ୍ୟକ୍ତି। ଅନେକ ପୁରୁଷ କମ୍ପାନୀ ସହିତ ଯୋଗାଯୋଗ କରି ସେମାନଙ୍କୁ ଲେକ୍ସି ସହିତ ପରିଚିତ କରାଇବାକୁ ଅନୁରୋଧ କରନ୍ତି। ନକଲି ମାନବ ଫଟୋ ତିଆରି କରିବାରେ ଏଆଇ କିପରି ପାରଦର୍ଶୀ ହୋଇଛି ଏବଂ ସେହି ଫଟୋଗୁଡ଼ିକ ପ୍ରକୃତ ମଣିଷ ସହିତ ସମାନ ଦେଖାଯାଉଛି, ଏହି ମଡେଲ କେବଳ ଗୋଟିଏ ଉଦାହରଣ। ବିଶ୍ୱର ଅନେକ ବିଶେଷଜ୍ଞ ଏହାକୁ ବିପଦର ସ୍ପଷ୍ଟ ସଙ୍କେତ ଭାବରେ ବିଚାର କରୁଛନ୍ତି। ଅଲ୍ଟିମା ଟେକ ସଲ୍ୟୁସନ୍ସର ସୋସିଆଲ ଇଞ୍ଜିନିୟରିଂର ମୁଖ୍ୟ ରିଚାର୍ଡ ଡି ଭେରେ କହିଛନ୍ତି ଯେ ସ୍କାମରମାନେ ଏଆଇ ବ୍ୟବହାର କରି ଏହି ଟେକ୍ନୋଲୋଜିର ଲାଭ ଉଠାଇ ପାରିବେ। ଏଆଇ ପାଣିପାଗ ବିଷୟରେ କଥାବାର୍ତ୍ତା କରିପାରିବ, ତୁମ ପରିବାର ବିଷୟରେ ସୂଚନା ସଂଗ୍ରହ କରିପାରିବ ଏବଂ ସେମାନଙ୍କ ଦିନ କିପରି ଚାଲିଛି ସେ ବିଷୟରେ ଆଲୋଚନା କରିପାରିବ।



# ଫେକ୍ ଇନ୍‌ଷ୍ଟାଗ୍ରାମ୍‌ର ଶିକାର ହେଲେ ବିଦ୍ୟା

ମୁମ୍ବାଇ

ବିଦ୍ୟା ବଲାନ ବଲିଉଡର ଆଗ ଧାଡ଼ିର ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ। ସେ ତାଙ୍କ ସଚ୍ଚୋଟତା ସହିତ ଲକ୍ଷ ଲକ୍ଷ ଲୋକଙ୍କ ହୃଦୟ ଜିତିଛନ୍ତି। ଏହି ଅଭିନେତ୍ରୀ ତାଙ୍କ ସୋସିଆଲ ମିଡିଆ ମାଧ୍ୟମରେ ତାଙ୍କ ପ୍ରଶଂସକଙ୍କ ସହ ଜଡିତ ରହିଛନ୍ତି। ସୋସିଆଲ ମିଡିଆରେ ଏହି ଅଭିନେତ୍ରୀଙ୍କ ଅନେକ ଫଲୋୟର୍ସ ମଧ୍ୟ ଅଛନ୍ତି। କିନ୍ତୁ ଏବେ ଅଭିନେତ୍ରୀ ଏକ ନକଲି ଇନ୍‌ଷ୍ଟାଗ୍ରାମର ଶିକାର ହୋଇଛନ୍ତି। ସୂଚନାଯୋଗ୍ୟ, ପ୍ରଶଂସକମାନେ ନିଜ ପ୍ରିୟ ଅଭିନେତ୍ରୀଙ୍କ ନାମରେ ଇନ୍‌ଷ୍ଟାଗ୍ରାମରେ ଫ୍ୟାନ୍ ପେଜ୍ ଆକାଉଣ୍ଟ ଚଲାନ୍ତି। କିନ୍ତୁ ଜଣେ ଉପଭୋକ୍ତା ବିଦ୍ୟାଙ୍କ ନାମରେ ଏକ ନକଲି ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ଚଳାଉଛନ୍ତି। ଅଭିନେତ୍ରୀ ନିଜେ ନିଜ ଇନ୍‌ଷ୍ଟାଗ୍ରାମ କାହାଣୀରେ ଏହି ସୂଚନା ଦେଇଛନ୍ତି। ବିଦ୍ୟା ତାଙ୍କ ପୋଷ୍ଟରେ ଲେଖିଛନ୍ତି- ସମସ୍ତଙ୍କୁ ନମସ୍କାର। ପ୍ରଥମେ ଫୋନ ନମ୍ବର ଏବଂ ବର୍ତ୍ତମାନ କେହି ଜଣେ ମୋ ନାମରେ ଏକ ଆକାଉଣ୍ଟ ଚଳାଉଛନ୍ତି। ଏହି ଆକାଉଣ୍ଟରୁ ସେ ମୋ ନାମ ସହିତ ଲୋକଙ୍କ ସହ ଯୋଗାଯୋଗ କରୁଛନ୍ତି।




CLASSIFIED DISPLAY

MORE SPACE ' SAME PRICE

TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Hurry up... Hurry up... Hurry up...
B.Ed
Only @89,000/-
IMMEDIATELY CONTACT
B.Ed
COUNSELLING CENTER
BHUBANESWAR
7606962458
8908210843
9124391142
8908210443

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday
0674-2580101, 2549949


REAL ESTATE

SALE

Bhubaneswar ସୁନ୍ଦରପଦା Xavier ମେଡ଼ିକାଲରୁ ୩କି.ମି. 10,80,000/-, 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75297

2BHK Readymade new flat sale at Prime location near Ravi Talkies Chhak. Railway Station and Airport are just 10 minutes away. Bank Finance available. Only Buyer please call for details: 9438220432/ 8144658008. D-2313

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788. D-2271


CONSTRUCTION

Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-2272

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




MIG-I-94, total building 3rd floor (4000 sqft.), Mukunda Prasad Housing Board Colony, Jemadeipur near Industrial Police Station, Bypass Road, Khordha. Only Govt. Office, Bank & Company. Mob.: 6371234011, 7608824414. D-2295

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open SPA positively health benefits with expert therapist. 9938843929. D-75190

Spa Kerala body Massage best Therapist @699/- Bhubaneswar. kajal-9337672475. D-2252

Body massage by experience, good looking therapist @999/-, (Bhubaneswar). 9078484455. D-2282

Newly open SPA positively health benefits (Expert therapist). Contact: 9124527170. D-75191

Newly open health benefits SPA special offer @ 999 Bapujinagar. 8018429809. D-75189

Relax, Refresh your Body, Mind at Saikrupa Spa with best therapies. 8984068077. D-2209

Positively health benefits SPA expert therapist at Nayapalli. Contact: 7846814019. D-75187

Full body massage relax body mind by trend lady therapist. 8327754443. D-75192

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



### ୰କାଳନ୍ଦୀ ଚରଣ ବରିଶଲ

ପୂର୍ବତନ ସରପଞ୍ଚ, ସମାଜସେବୀ
ଭଗବାନପୁର, ପାତ୍ରପଡ଼ା, ଭୁବନେଶ୍ୱର
ଧରାବତରଣ: ୨୮।୧୨।୧୯୩୬
ସ୍ୱର୍ଗାରୋହଣ: ୧୬।୦୧।୨୦୧୯

ଆପଣଙ୍କ ମହାନ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ। ସ୍ୱର୍ଗବାସ ଶାନ୍ତି ପ୍ରଦାୟକ ହେଉ, ଏହାହିଁ ପରମବ୍ରହ୍ମ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ହତଭାଗିନୀ ପତ୍ନୀ: ବିଷ୍ଣୁପ୍ରିୟା, ଆତ୍ମୀୟସ୍ୱଜନ, ବନ୍ଧୁ ଓ ଶୋକସନ୍ତପ୍ତ ପରିବାରବର୍ଗ ।

ଧ-୭୦୯୭୭

ନବମତମ ଉପଲକ୍ଷେ



### ରାମଚନ୍ଦ୍ର ମଲ୍ଲିକ

ପିତା: ଅକ୍ରୁର ମଲ୍ଲିକ
ଶୁରଡ଼ି, ସା/ପୋ- ନନ୍ଦିପୁର, ଜିଲ୍ଲା-ଯାଜପୁର
ଆବିର୍ଭାବ: ୧୬।୦୧।୧୯୪୩
ତିରୋଧାନ: ୧୩।୦୧।୨୦୧୬

ସଳିତା ପରି ଜଳି ଆପଣ ଆମ୍ଭମାନଙ୍କୁ ଯେଉଁ ଆଲୋକ ଦେଇଛନ୍ତି, ତାହା ଜନ୍ମ ଜନ୍ମ ଧରି ଅଭୁଲା ଆଉ ଅଲିଭା ହୋଇ ରହିବ। ସେ ସ୍ମୃତି ସଦାସର୍ବଦା ଆମ୍ଭକୁ ଉଦ୍‌ବେଳିତ କରୁଥିବ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ ।

ଧ-୨୩୧୫




କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ସୁପରକପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ମୋହନ ବାଗାନ ସୁପର୍ ଜାଏଣ୍ଟକୁ ହରାଇବା ପରେ ଇଷ୍ଟ ବେଙ୍ଗଲ ଦଳର ପ୍ରଶଂସକମାନେ ଖୁସି ମନାଉଛନ୍ତି। **(ଫଟୋ: ବିକାଶ ନାୟକ)**

# ସେମିଫାଇନାଲରେ ଇଷ୍ଟ ବେଙ୍ଗଲ

**କଳିଙ୍ଗ ସୁପର କପ୍ ଫୁଟ୍‌ବଲ**

ଭୁବନେଶ୍ୱର, ୧୯।୧
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି ଇଷ୍ଟ ବେଙ୍ଗଲ। ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍ 'ଏ'ର ଡର୍ବି ମ୍ୟାଚରେ ଇଷ୍ଟ ବେଙ୍ଗଲ ୩–୧ ଗୋଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ମୋହନ ବାଗାନ ସୁପର ଜାଏଣ୍ଟକୁ ହରାଇ ନକ୍ ଆଉଟ ପ୍ରବେଶକୁ ନିଶ୍ଚିତ କରିଛି। ୨୪ ତାରିଖରେ ହେବାକୁଥିବା ସେମିଫାଇନାଲରେ ଇଷ୍ଟ ବେଙ୍ଗଲ ଗ୍ରୁପ୍ 'ବି'ର ଟପ୍ପର ଦଳ ଜାମସେଦପୁର ଏଫ୍‌ସିକୁ ଭେଟିବ। ଇଷ୍ଟ ବେଙ୍ଗଲ ୩ ମ୍ୟାଚରୁ ୯ ପଏଣ୍ଟ ପାଇଥିବାବେଳେ ମୋହନ ବାଗାନ ୩ ମ୍ୟାଚରୁ ୬ ପଏଣ୍ଟ ସହ ଲିଗ୍ ପର୍ଯ୍ୟାୟରୁ ଅଭିଯାନ ଶେଷ କରିଛି।

ମୋହନ ବାଗାନ ଓ ଇଷ୍ଟ ବେଙ୍ଗଲ ମ୍ୟାଚ ସ୍ୱାଭାବିକଭାବେ ଆରମ୍ଭରୁ ରୋମାଞ୍ଚକ ହୋଇଥିଲା। ଉଭୟ ଦଳର ଅନେକ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ପ୍ରଥମ କିଛିଭାଗ ଖେଳ ଗୋଲଶୂନ୍ୟ ରହିବାପରେ ୧୯ତମ ମିନିଟରେ ପ୍ରଥମ ଗୋଲଟି ସ୍କୋର କରି ମୋହନ ବାଗାନକୁ ଅଗ୍ରଣୀ ଦେଇଥିଲେ ହେକ୍ଟର ୟୁଷ୍ଟି କାଷ୍ଟନ। ମାତ୍ର ଦଳ ଏଥିରୁ ବିଶେଷ ଫାଇଦା ଉଠାଇ ପାରି ନ ଥିଲା। ୨୪ତମ ମିନିଟରେ ଗୋଲଟି ପରିଶୋଧ କରି ଦେଇଥିଲେ ଇଷ୍ଟ ବେଙ୍ଗଲର କ୍ଲେଇଟନ ଅଗୁଷ୍ଟୋ ଓଲିଭେରା ସିଲ୍‌ଭା। ପ୍ରଥମାର୍ଦ୍ଧରେ ମ୍ୟାଚ ୧–୧ ସ୍ଥିତିରେ ରହିବାରୁ ଦ୍ୱିତୀୟାର୍ଦ୍ଧ ଅଧିକ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୬୩ତମ ମିନିଟରେ ଇଷ୍ଟ ବେଙ୍ଗଲର ଅଗ୍ରଣୀ ବ୍ୟବଧାନକୁ ୨–୧ରେ ପରିଣତ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ ନନ୍ଦ କୁମାର। ମୋହନ ବାଗାନ ଗୋଲ ପରିଶୋଧ ଉଦ୍ୟମରେ ଥିବାବେଳେ ୮୦ତମ ମିନିଟରେ ସିଲ୍‌ଭା ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ତୃତୀୟ ଗୋଲଟି ଦେଇ ଇଷ୍ଟ ବେଙ୍ଗଲର ବିଜୟକୁ ଏକପ୍ରକାର ନିଶ୍ଚିତ କରି ଦେଇଥିଲେ। ନିର୍ଦ୍ଧାରିତ ୯୦ ମିନିଟ ଏବଂ ୭ ମିନିଟର ଇଞ୍ଜୁରି ଟାଇମ୍‌ରେ ମୋହନ ବାଗାନ ଆଉ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇ ନ ଥିଲା। ଫଳରେ ଷ୍ଟାଡିୟମରେ ଉପସ୍ଥିତ ଏହାର ପ୍ରଶଂସକଙ୍କ ମଧ୍ୟରେ ନୀରବତା ଛାଇ ଯାଇଥିବାବେଳେ ଇଷ୍ଟ ବେଙ୍ଗଲ ସମର୍ଥକମାନେ ନିଆଁ ହୁଳା ଜଳାଇ ଖୁସି ମନାଇଥିଲେ। ମ୍ୟାଚର ଶେଷ ହ୍ୱିସିଲ ବାଜିବା ମାତ୍ରେ ଖେଳାଳିମାନେ ମଧ୍ୟ ଦର୍ଶକଙ୍କ ନିକଟକୁ ଦୌଡ଼ିଆସି ଖୁସି ମନାଇଥିଲେ।



ଇଷ୍ଟ ବେଙ୍ଗଲ ଓ ମୋନହ ବାଗାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ହାଇଦ୍ରାବାଦକୁ ହରାଇ ବିପର୍ଯ୍ୟୟ ଘଟାଇଲା ଶ୍ରୀନିଡି

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରେ ଶୁକ୍ରବାର ବିପର୍ଯ୍ୟୟ ଘଟାଇଛି ଶ୍ରୀନିଡି ଡେକାନ ଫୁଟବଲ କ୍ଲବ। ପିଚ୍–୧ରେ ଅନୁଷ୍ଠିତ ଦିବସର ପ୍ରଥମ ମ୍ୟାଚରେ ଏହି ଦଳ ଶକ୍ତିଶାଳୀ ହାଇଦ୍ରାବାଦ ଏଫ୍‌ସିକୁ ୪–୧ ଗୋଲରେ ପରାସ୍ତ କରିଛି। ଗ୍ରୁପ୍ 'ଏ'ରେ ଶ୍ରୀନିଡି ୩ ମ୍ୟାଚରୁ ପ୍ରଥମ ବିଜୟ ସହ ୩ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ହାଇଦ୍ରାବାଦ ଦଳ ସମସ୍ତ ୩ଟି ଯାକ ମ୍ୟାଚରେ ପରାଜିତ ହୋଇଛି। ତେବେ ଏହି ୨ଟି ଯାକ ଦଳ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ଶ୍ରୀନିଡି ୫ମ (ଇବ୍ରାହିମ୍ ସିସୋକୋ), ୭ମ (ଇଲି ସାବିୟା ଫିଲୋ), ୧୦ମ (ଲାଲରୋମାୱିଆ) ଓ ୩୬ତମ (କିଆନ ଲୁଇସ) ମିନିଟରେ ଗୋଲ ଦେଇ ପ୍ରଥମାର୍ଦ୍ଧ ବେଳକୁ ୪–୦ରେ ଅଗ୍ରଣୀ ରହିବା ସହ ହାଇଦ୍ରାବାଦ ଏଫ୍‌ସିକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲା। ଦ୍ୱିତୀୟାର୍ଦ୍ଧରେ ହାଇଦ୍ରାବାଦ ଦଳ ଗୋଲ ପରିଶୋଧ ପାଇଁ ବହୁ ପ୍ରଚେଷ୍ଟା କରିଥିଲେ ମଧ୍ୟ ୮୩ତମ ମିନିଟରେ ମାକନ ୱିନ୍‌କ୍ଲେ ଗୋଟିଏ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇଥିଲେ। ବିପଜ୍ଜନକ ଖେଳ ପାଇଁ ଶ୍ରୀନିଡିର ୩ ଓ ହାଇଦ୍ରାବାଦ ଦଳର ୨ ଜଣ ଖେଳାଳି ୟେଲୋ କାର୍ଡ ପାଇଥିଲେ। ମ୍ୟାଚରେ ଉତ୍ତମ ପ୍ରଦର୍ଶନ ପାଇଁ ଲାଲରୋମାୱିଆ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

## ଅଷ୍ଟ୍ରେଲିଆ ୧୦ ଉଇକେଟରେ ବିଜୟୀ

ଆଡିଲେଡ, ୧୯।୧ (ଏପି)

ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟ ୩ ଦିନ ଭିତରେ ଶେଷ ହୋଇଛି। ଏଥିରେ ଜୋସ୍ ହାଜେଲଉଡ୍‌ଙ୍କ ୫ଉଇକେଟ ସଫଳତା ଯୋଗୁ ଘରୋଇ ଦଳ ୧୦ ଉଇକେଟରେ ବିଜୟ ଲାଭ କରିଛି। ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୭୩/୬ରୁ ଖେଳ ଆରମ୍ଭ କରିଥିବା ୱେଷ୍ଟଇଣ୍ଡିଜ ଶୁକ୍ରବାର ୧୩ତମ ଓଭରରେ ୧୨୦ ରନରେ ଅଲଆଉଟ ହୋଇଯାଇଥିଲା । ମ୍ୟାଚ ଜିତିବା ଲାଗି ଘରୋଇ ଦଳ ମାତ୍ର ୨୬ ରନ ଆବଶ୍ୟକ କରୁଥିଲା। ଷ୍ଟିଭେନ ସ୍ମିଥ୍ ୧୧ ରନ କରି ଅପରାଜିତ ରହିଥିବା ବେଳେ ୯ ରନ କରି ଖେଳୁଥିବା ଉସ୍‌ମାନ ଖ୍ୱାଜା ଏକ ବାଉନ୍ସରକୁ ସାମ୍ନା କରିବାକୁ ଯାଇ ଆଘାତପ୍ରାପ୍ତ ହୋଇଥିଲେ । ସେତେବେଳକୁ ଅଷ୍ଟ୍ରେଲିଆ ମ୍ୟାଚ ଜିତିବା ଲାଗି ଗୋଟିଏ ରନ ଆବଶ୍ୟକ କରୁଥିଲା। ମାର୍ନସ ଲବୁସେନ ଦୁଇଟି ବଲ୍‌ର ସମ୍ମୁଖୀନ ହୋଇ ବିଜୟସୂଚକ ରନ ସଂଗ୍ରହ କରିଥିଲେ। ଖେଳ ଆରମ୍ଭ ହେବା ପୂର୍ବରୁ ଗୁରୁବାର ଦ୍ୱିତୀୟ ଦିବସରେ ହାଜଲେଉଡ୍ ୧୮ ରନ ବିନିମୟରେ ୪ ଉଇକେଟ ନେଇ ସାରିଥିଲେ । ଶୁକ୍ରବାର ସେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ । ସେ ଗୁଡାକେଶ (୩)ଙ୍କୁ ବୋଲ୍ଡ କରିଦେଇଥିଲେ। ସୂଚନାଯୋଗ୍ୟ, ଏହି ମ୍ୟାଚରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ ସ୍କୋର ୧୮୮ ରନ କରିଥିଲା । ଜବାବରେ ଅଷ୍ଟ୍ରେଲିଆ ଏହାର ପ୍ରଥମ ଇନିଂସରେ ୨୮୩ ରନ କରିଥିଲା । ଅଷ୍ଟ୍ରେଲିଆର ପ୍ରଥମ ଇନିଂସରେ ୧୧୯ ରନ କରିଥିବା ଟ୍ରାଭିସ ହେଡ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୧୮୮
ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୮୩
ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୧୨୦/ଅଲ ଆଉଟ (କିର୍କ ମ୍ୟାକେଞ୍ଜି–୨୬, ଜଷ୍ଟିନ ଗ୍ରିଭ୍ସ–୨୪, ହାଜେଲଉଡ–୫/୩୫, ଲିୟନ–୨/୪, ଷ୍ଟାର୍କ–୨/୪୬)।
ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୬/୦।

## ଇତିହାସ ସୃଷ୍ଟିକଲା ହିରୋ ମୋଟୋସ୍ପୋର୍ଟ୍ସ ଟିମ୍

**ଡାକାର ରାଲି**

ୟାନ୍‌ବୁ, ୧୯।୧ (ପି.ଟି.)

ସମ୍ମାନଜନକ ଡାକାର ରାଲିରେ ହିରୋ ମୋଟୋସ୍ପୋର୍ଟ ଟିମ୍ ରାଲି ଶୁକ୍ରବାର ପ୍ରଥମ ଭାରତୀୟ ଉତ୍ପାଦକ ଭାବେ ପୋଡିୟମ ଫିନିଶ କରି ଇତିହାସ ସୃଷ୍ଟି କରିଛି। ଶେର୍‌କୋ ଟିଭିଏସ୍ ରାଲି ଫ୍ୟାକ୍ଟ୍ରି ରାଇଡର ହାରିଥ ନୋହା ରାଲି–୨ ବିଭାଗରେ ଓଭରଅଲ ର୍‍ୟାଙ୍କିଙ୍ଗରେ ନମ୍ବର–୧ ସ୍ଥାନ ଅଧିକାର କରିଛନ୍ତି। ଏହା ମଧ୍ୟ ଭାରତ କ୍ଷେତ୍ରରେ ପ୍ରଥମ। ହିରୋ ମୋଟୋ ସ୍ପୋର୍ଟ୍ସ ରାଇଡର ରସ୍ ବ୍ରାଞ୍ଚ୍ ଦଳ ପାଇଁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ରେସ୍‌ର ୧୨ଟି ଯାକ ଷ୍ଟେଜ୍‌ରେ ସେ ସ୍ଥିର ପ୍ରଦର୍ଶନ କରିଛନ୍ତି। ସମଗ୍ର ରାଲିର ଓଭର ଅଲ ର୍‍ୟାଙ୍କିଙ୍ଗରେ ତାଙ୍କୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଦେଖିବାକୁ ମିଳିଛି। ବ୍ରାଞ୍ଚ୍ ରାଲିର ୧୨ତମ ତଥା ଫାଇନାଲ ଷ୍ଟେଜ (୧୭୫ କିଲୋମିଟର)ରେ ଏକ ଘଣ୍ଟା ୫୨ ମିନିଟ ୪୨ ସେକେଣ୍ଡ ଟାଇମିଂ ସହ ୯ମ ସ୍ଥାନ ଅଧିକାର କରିଥିଲେ। ତାଙ୍କର ଏହିସ ଟାଇମିଂ ଦ୍ୱାରା ସେ ଓଭରଅଲ୍ ର୍‍ୟାଙ୍କିଙ୍ଗରେ ହୋଣ୍ଡା ଟିମ୍‌ର ରିକି ବ୍ରାବେକ୍‌ଙ୍କ ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୨୦୨୦ର ବିଜେତା ବ୍ରାବେକ୍ ଏଥର ରାଲି ଶେଷ କରିବା ଲାଗି ୫୧ ଘଣ୍ଟା, ୩୦ ମିନିଟ, ୮ ସେକେଣ୍ଡ ସମୟ ନେଇଥିଲେ। ଓଭରଅଲ ର୍‍ୟାକିଙ୍ଗରେ ବ୍ରାଞ୍ଚ ତାଙ୍କଠାରୁ ୧୦ ମିନିଟ ଓ ୫୩ ସେକେଣ୍ଡ ପଛରେ ରହିଥିଲେ। ଡାକାର ରାଲି କ୍ୟାରିୟରରେ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ପରେ ବ୍ରାଞ୍ଚ କହିଛନ୍ତି, ପୋଡିୟମ ହାସଲ କରିବା ଲାଗି ସେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ସାକାର ହୋଇଛି।



ଡାକାର ରାଲିରେ ସଫଳତା ପରେ ହିରୋ ମୋଟୋସ୍ପୋର୍ଟ୍ସ ଟିମ୍।

## ଜୋକୋଭିଚ୍ ୪ର୍ଥ ରାଉଣ୍ଡରେ

**ଅଷ୍ଟ୍ରେଲିଆନ ଓପନ**

ମେଲବୋର୍ନ, ୧୯।୧

ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ସିଜନର ପ୍ରଥମ ଗ୍ରାଣ୍ଡସ୍ଲାମ ଇଭେଣ୍ଟ ଅଷ୍ଟ୍ରେଲିଆନ ଓପନ ଟେନିସ ପ୍ରତିଯୋଗିତାର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏହା ତାଙ୍କ ୧୦୦ତମ ମ୍ୟାଚ ଥିଲା। ଟପ୍ ସିଡ୍ ଜୋକୋଭିଚ୍ ତାଙ୍କ ଫର୍ମ ଜାରିରଖିବା ସହ ଶୁକ୍ରବାର ଖେଳାଯାଇଥିବା ୩୦ତମ ସିଡ୍ ଥୋମାସ ମାର୍ଟିନ ଇଚିଭେରିଙ୍କୁ ୬–୩, ୬–୩, ୭–୬ (୭–୨)ରେ ହରାଇ ଦେଇଛନ୍ତି। ୩୬ ବର୍ଷୀୟ ଏହି ଟେନିସ ଷ୍ଟାର ଏଠାରେ ଚାମ୍ପିୟନ ହେଲେ ତାଙ୍କ ମୋଟ ଗ୍ରାଣ୍ଡସ୍ଲାମ ଟାଇଟଲ ସଂଖ୍ୟା ୨୫ରେ ପହଞ୍ଚିବ, ଯଦ୍ୱାରା ସେ ଅଷ୍ଟ୍ରେଲିଆର ମାର୍ଗାରେଟ କୋର୍ଟଙ୍କ ଦ୍ୱାରା ପ୍ରତିଷ୍ଠିତ ସର୍ବକାଳୀନ ରେକର୍ଡକୁ ଅତିକ୍ରମ କରିଯିବେ। ଚଳିତ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଏହା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା ବୋଲି ଜୋକୋଭିଚ୍ କହିଛନ୍ତି। ମେଲବୋର୍ନରେ ସେ ଏପର୍ଯ୍ୟନ୍ତ ଖେଳିଥିବା ତାଙ୍କ ୧୦୦ଟି ମ୍ୟାଚ ମଧ୍ୟରୁ ସେ ୯୨ଟିରେ ବିଜୟ ହାସଲ କରିପାରିଛନ୍ତି। ବର୍ତ୍ତମାନ ସେ ସମସ୍ତ ୪ ଗ୍ରାଣ୍ଡସ୍ଲାମରେ ୧୦୦ ଲେଖାଏ ମ୍ୟାଚ ଖେଳିବାରେ ପ୍ରଥମ ଖେଳାଳି ବିବେଚିତ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡ଼ିକରେ ରୁଷିଆର ଆଣ୍ଡ୍ରେ ରୁବ୍ଲେଭ ୬–୨, ୭–୬ (୮–୬), ୬–୪ରେ ଆମେରିକାର ସିଟର କୋଡ୍ରାଙ୍କୁ ହରାଇ ଦେଇଛନ୍ତି। ଅଷ୍ଟ୍ରେଲିଆର ଆଲେକ୍ସ ଡି' ମିନାଉର ୬–୩,୬–୩, ୬–୧ ସେଟ୍‌ରେ ଇଟାଲୀର ଫାବିଓ କୋବୋଲିଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଗ୍ରୀସ୍‌ର ଷ୍ଟିଫାନସ ସିତ୍‌ସିପାସ ୬–୩, ୬–୦, ୬–୪ରେ ଫ୍ରାନ୍ସର ଲୁକା ଭାନ୍ ଆଚ୍‌ଙ୍କୁ ପରାସ୍ତ କରିଛନ୍ତି।

ଅନ୍ୟପକ୍ଷରେ ମହିଳା ବିଭାଗରେ ରୁଷିଆର ସ୍ୱଳ୍ପ ବୟସ୍କା ୧୬ ବର୍ଷୀୟା ମିରା ଆନ୍ଦ୍ରିଭା ଦୃଢ ପ୍ରତ୍ୟାବର୍ତ୍ତନ ସହ ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି । ରୁଷିଆର ଏହି ୧୬ ବର୍ଷ ବୟସ୍କା ନିର୍ଣ୍ଣାୟକ ସେଟ୍‌ରେ ୫–୧ରେ ଅଗ୍ରଣୀ ରହିଥିବା ବେଳେ ଫ୍ରାନ୍ସର ଡିଆନେ ପ୍ୟାରିଙ୍କୁ ୧–୬, ୬–୧, ୭–୬ (୧୦–୫)ରେ ପରାସ୍ତ କରିଛନ୍ତି। ପ୍ରଥମ ଥର ଅଷ୍ଟ୍ରେଲିଆନ ଓପନ ଖେଳିଥିବା ଆନ୍ଦ୍ରିଭା ଗତବର୍ଷ ମଧ୍ୟ ୱିମ୍ବେଲଡନରେ ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇପାରିଥିଲେ। ପୂର୍ବରୁ ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ଥିବା ଆରିନା ସାବାଲେଙ୍କା ବର୍ତ୍ତମାନ ପୂର୍ବ ରାଉଣ୍ଡରେ ଲିସା ତିସୁରେଙ୍କୋଙ୍କୁ ୬–୦, ୬–୦ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ଆଲିସିଆ ପାର୍କଙ୍କ ବିପକ୍ଷରେ କୋକୋ ଗଫ୍ ୬–୦–୬–୨ ସେଟ୍‌ରେ ବିଜୟ ହାସଲ କରିଥିବା ବେଳେ ରୁଷୀୟ କ୍ୱାଲିଫାୟର ମାରିଆ ଟିମୋଫିଭା ଦଶମ ସିଡ୍ ବିଟ୍ରିଜ ହାଦାଦା ମେଇଆଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି । ଏଥିସହିତ ସେ ୨୦୧୭ ପରେ ଜଣେ ନିମ୍ନ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ହିସାବରେ ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡ ପ୍ରବେଶରେ ସଫଳ ହୋଇଛନ୍ତି । ମହିଳା ସିଙ୍ଗଲ୍ସରେ ଚେକ୍ ରିପବ୍ଲିକର ବାରବୋରା କ୍ରେଜିକୋଭା ୪–୬, ୭–୫, ୬–୩ରେ ଅଷ୍ଟ୍ରେଲିଆର ଷ୍ଟର୍ମ ହଣ୍ଟରଙ୍କୁ ହରାଇ ଦେଇଛନ୍ତି।




ଅଷ୍ଟ୍ରେଲିଆନ ଓପନ ଟେନିସ୍ ମହିଳା ସିଙ୍ଗଲ୍ସରେ ଶୁକ୍ରବାର ପରସ୍ପର ବିପକ୍ଷରେ ମ୍ୟାଚ୍ ଖେଳିବା ଅବସରରେ ବାରବୋରା କ୍ରେଜିକୋଭା ଓ ଷ୍ଟର୍ମ ହଣ୍ଟର।

## ବୋପାନ୍ନା–ଇବିଡେନ୍ ଯୋଡ଼ି ତୃତୀୟ ରାଉଣ୍ଡରେ

ମେଲବୋର୍ନ, ୧୯।୧(ପି.ଟି)

ଦ୍ୱିତୀୟ ସିଡ୍ ତଥା ଭାରତର ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ପାର୍ଟନର ମାଥ୍ୟୁ ଇବିଡେନ୍ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ଡବଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସେମାନେ ସ୍ଥାନୀୟ ଆଶା ତଥା ୱାଇଲ୍ଡ କାର୍ଡ ଜନ୍ ମିଲ୍‌ମାନ ଓ ଏଡୱାର୍ଡ ୱିଣ୍ଟରଙ୍କୁ ୬–୨, ୬–୪ ସେଟ୍‌ରେ ହରାଇ ଦେଇଛନ୍ତି। ବୋପାନ୍ନା–ଇବିଡେନ୍ ପ୍ରଥମ ରାଉଣ୍ଡରେ ଅଷ୍ଟ୍ରେଲିଆର ଅନ୍ୟ ଏକ ଯୋଡ଼ି ଜେମ୍ସ ଡକ୍‌ୱର୍ଥ ଓ ମାର୍କ ପୋମାନ୍ସଙ୍କୁ ୭–୬ (୭), ୬–୪, ୭–୬ (୧୦)ରେ ହରାଇ ଦେଇଥିଲେ । ବୋପାନ୍ନା ଓ ଇବିଡେନ୍ ତୃତୀୟ ରାଉଣ୍ଡରେ ୧୪ତମ ସିଡ୍ ଡଚ୍–କ୍ରୋଏସିଆନ ଟିମ୍ ୱେସ୍‌ଲି କୁଲ୍‌ହଫ୍ ଏବଂ ନିକୋଲା ମେକ୍‌ଟିକ୍‌ଙ୍କୁ ଭେଟିବେ । ପୂର୍ବରୁ ଅନ୍ୟ ଜଣେ ଭାରତୀୟ ଶ୍ରୀରାମ ବାଲାଜୀ ତାଙ୍କ ରୋମାନିଆନ୍ ପାର୍ଟନର ଭିକ୍ଟୋରିଆ କୋରେନା ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରି ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି । ବାଲାଜୀ–କୋରେନା ଇଟାଲି ଯୋଡ଼ି ମାଟେଓ ଅର୍ନାଲ୍ଡି ଓ ଆନ୍ଦ୍ରିଆ ପେଲେଗ୍ରିନୋଙ୍କୁ ୬–୩, ୬–୪ରେ ହରାଇ ଦେଇଛନ୍ତି । ସିଜନର ପ୍ରଥମ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସରେ ଭାରତର ଚ୍ୟାଲେଞ୍ଜ ଗୁରୁବାର ଶେଷ ହୋଇଛି। ସୁମିତ ନାଗାଲ ତାଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଚାଇନାର ଜେନ୍‌ଚେଙ୍ଗ୍ ଶାଙ୍ଗଙ୍କ ନିକଟରୁ ହାରିଯାଇଛନ୍ତି।



ରୋହନ ବୋପାନ୍ନା ଓ ମାଥ୍ୟୁ ଇବିଡେନ୍।

# ବ୍ୟାଙ୍କରୁ ଚାଷୀଙ୍କ ଦେଢ଼ କୋଟି ଟଙ୍କା ହଡ଼ପ

## ସ୍କାମ୍‌କୁ ନେଇ କାର୍ଯ୍ୟାନୁଷ୍ଠାନ ଦାବି

ବାଲିଆପାଳ,୧୯।୧ (ଅମୂଲ୍ୟ କୁମାର ଦାସ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବଣିଆଡ଼ିହା ଅଞ୍ଚଳରେ ଥିବା ସେବା ସମବାୟ ସମିତି ଅଧୀନ ମିନିବ୍ୟାଙ୍କରୁ ପ୍ରାୟ ୨୦୦୦ରୁ ଅଧିକ ଚାଷୀଙ୍କ ଜମାଖାତାରୁ ଦେଢ଼ କୋଟି ଟଙ୍କା ହଡ଼ପ ହୋଇଥିବା ନେଇ ଅଭିଯୋଗ ହୋଇଛି। ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଛି। ଏନେଇ ଜମାକାରୀମାନେ ବ୍ୟାଙ୍କ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଆତ୍ମାହୁତି ଚେତାବନୀ ଦେଇଛନ୍ତି। ସୂଚନା ଅନୁଯାୟୀ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ଏହି ମିନି ବ୍ୟାଙ୍କରେ ଜମାକାରୀମାନେ ଟଙ୍କା ଜମା କରି ରସିଦ ନେଇଥିଲେ। ମାତ୍ର ଜମାଅର୍ଥକୁ ସମବାୟ ସମିତିର କର୍ମଚାରୀ ଚଲୁ କରିଥିବା ଅଭିଯୋଗ ହୋଇଛି। ପାସ୍‌ବୁକରେ ଟଙ୍କା ଜମାଥିବା ଦେଖାଉଥିବାବେଳେ ସମବାୟ ସମିତିର କ୍ୟାଶବୁକ୍ ବା ଲେଜରରେ କୌଣସି ଟଙ୍କା ଜମା ହୋଇ ନ ଥିବା ଦେଖିବାକୁ ମିଳିଛି। ଟଙ୍କା ଉଠାଇବା ପାଇଁ ଜମାକାରୀମାନେ ବାରମ୍ବାର ସମବାୟ ସମିତିକୁ ଯିବା ସହ ସେମାନଙ୍କ ଆକାଉଣ୍ଟରେ ଟଙ୍କା ନ ଥିବା ଜାଣି ମୁଣ୍ଡରେ ହାତଦେଇ ବସିଛନ୍ତି। ବଣିଆଡିହା ପଞ୍ଚାୟତ ଅନ୍ତର୍ଗତ ଗଞ୍ଜା ଗ୍ରାମର ସୁମତି ବାରିକ ଏବଂ ତାଙ୍କ ସ୍ୱାମୀ ସୁଧାକର ବାରିକଙ୍କ ଜଏଣ୍ଟ ଆକାଉଣ୍ଟରେ ୨ଲକ୍ଷ ୩୭ ହଜାର ୩୫୦ ଟଙ୍କା ଜମା ଥିଲା। ଝିଅ ବାହାଘର ପାଇଁ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଯିବାରୁ ସମ୍ପାଦକ ଟଙ୍କା ନ ଥିବା କହିଥିଲେ। ସେହିପରି ଲଙ୍ଗଳେଶ୍ୱର ଗ୍ରାମର ଚାଷୀ ପରମାନନ୍ଦ ପାତ୍ର ଏବଂ ସ୍ତ୍ରୀ ଶୈଳବାଳା ପାତ୍ରଙ୍କ ଜଏଣ୍ଟ ଆକାଉଣ୍ଟରେ ୧୧ଲକ୍ଷ ୩୪ହଜାର ୭୩୯ ଟଙ୍କା ଜମା ଥିଲା। ବ୍ୟାଙ୍କ କ୍ୟାଶ୍ ବୁକ୍‌ରେ ମାତ୍ର ୧ଲକ୍ଷ ୨୩ହଜାର ଟଙ୍କା ଜମା ଥିବା ଜଣାପଡ଼ିଛି। ସେହିପରି ଲଙ୍ଗଳେଶ୍ୱର ଗ୍ରାମର ଚନ୍ଦନ କୁମାର ପାତ୍ର ତାଙ୍କ ଆକାଉଣ୍ଟରେ ୨ଲକ୍ଷ ୯ହଜାର ୬୩୭ ଟଙ୍କା ରଖିଥିଲେ। ମାତ୍ର ଏବେ ଟଙ୍କାଟିଏ ବି ନାହିଁ। ସେହିପରି ଅକ୍ଷୟ ପାତ୍ର ଏବଂ ପ୍ରତିଭା ପାତ୍ରଙ୍କ ଜଏଣ୍ଟ ଆକାଉଣ୍ଟ, ରତ୍ନାକର ବେହେରା, ମାଧବ ଦାସଙ୍କ ଆକାଉଣ୍ଟରେ ମଧ ଟଙ୍କା ନ ଥିବା ଜଣାପଡ଼ିଛି। ଏନେଇ ଜମାକାରୀ ଚାଷୀମାନେ ବ୍ୟାଙ୍କର ଉପରିସ୍ଥ ଅଧିକାରୀ ଓ ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି।

ବଣିଆଡ଼ିହା ସେବା ସମବାୟ ସମିତିର ବର୍ତ୍ତମାନର ସମ୍ପାଦକ ରଞ୍ଜନ କୁମାର ପାତ୍ର ଓ ସଭାପତି ଇନ୍ଦୁମତି ଜେନା ଟଙ୍କା ହଡ଼ପ ହୋଇଥିବା ସ୍ୱୀକାର କରିଛନ୍ତି। ପୂର୍ବତନ ସମ୍ପାଦକ ଏବଂ କ୍ୟାଶିୟର ଏଥିରେ ସାମିଲ ରହିଛନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରାଯାଇଛି ବୋଲି କହିଛନ୍ତି। ବାଲେଶ୍ୱର ମଣ୍ଡଳ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଲକ୍ଷ୍ମୀଧର ରାଉତଙ୍କୁ ପଚାରିବାରୁ ଟଙ୍କା ଆତ୍ମସାତ ଘଟଣାକୁ ସେ ସ୍ୱୀକାର କରିବା ସହ ଏହି ଘଟଣାରେ ପୂର୍ବତନ କ୍ୟାଶିୟର ସତ୍ୟ ରଞ୍ଜନ ଦେଙ୍କୁ ନିଲମ୍ବନ କରାଯାଇଛି ଓ ଘଟଣାର ତଦନ୍ତ ଜାରି ରହିଥିବା କହିଛନ୍ତି।

ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଜମାକାରୀଙ୍କ ଟଙ୍କା ଫେରସ୍ତ କରାଯାଇ ଘଟଣାରେ ସମ୍ପୃକ୍ତ ଅସାଧୁ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।


ଟଙ୍କା ହଡ଼ପର ଶିକାର ହୋଇଥିବା ଜମାକାରୀ।

## ହୋଟେଲରେ ପଶି ଚିତ୍କାର କଲେ ଯୁବତୀ

**ସୋର,୧୯।୧(ଜନ୍ମେଜୟ ମିଶ୍ର):** ବାଲେଶ୍ୱର ଜିଲା ସୋର ରେଳ ଷ୍ଟେଶନ ନିକଟରୁ ଯୁବତୀ ଯୁବକଙ୍କୁ ପୋଲିସ ଉଦ୍ଧାର କରି ଥାନାକୁ ଆଣିଛି। ଶୁକ୍ରବାର ଅପରାହ୍ନରେ ପାରାଦ୍ୱୀପ ଅଞ୍ଚଳର ଜଣେ ଯୁବତୀ ରେଳ ଷ୍ଟେଶନକୁ ଭଦ୍ରକ ଅଞ୍ଚଳର ଜଣେ ଯୁବକଙ୍କ ସହ ଯାଉଥିବା ବେଳେ ହଠାତ ବଞ୍ଚାଅ ବଞ୍ଚାଅ ଚିତ୍କାର କରି ହୋଟେଲ ଭିତରକୁ ପଶି ଯାଇଥିଲେ। ହୋଟେଲ ମାଲିକ ଉଭୟଙ୍କୁ ଅଟକ ରଖି ପୋଲିସ ଜିମା ଦେଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଡ୍ରାଇଭର ଏବଂ ମାଳୀ ଆବଶ୍ୟକ
ରହିବା ଓ ଖାଇବା ସହ ଦରମା ୧୫୦୦୦/-, ନଖରା, କଟକ ।
ଯୋଗାଯୋଗ:
7809525452

See Career Appointment on every Wednesday & Saturday

WANTED
ଧରିତ୍ରୀ DHARITRI Oriya daily
is looking for
ACCOUNTS EXECUTIVES
- Candidates should have at least 3 years+ experience in the field of Billing and Accounts.
- Experience should include cash register maintenance, day to day accounting, MIS, Verification of Bills and Tally entry.
- Proficiency in MS Excel, MS Word & Tally is a must.

Apply immediately to :
recruitment@dharitri.com
Attractive salary commensurate with experience

# ଭିଜିଲାନ୍ସ ଜାଲରେ ପ୍ରଧାନ ଶିକ୍ଷକ, କଲେଜ ଅଧ୍ୟକ୍ଷା

## ଉଭୟେ ନେଉଥିଲେ ୫୦ ହଜାର ଲେଖାଏ ଲାଞ୍ଚ

ଭବାନୀପାଟଣା/କେସିଙ୍ଗା, ୧୯।୧(ଉତ୍ତମ କୁମାର ଦାଶ/ ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଅଧମୁଣ୍ଡା ଏସ୍‌ଏସ୍‌ଡି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଗସ୍ତି ସାହୁ ଶୁକ୍ରବାର ଅପରାହ୍ନରେ ଜଣେ ଠିକାଦାରଙ୍କଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଜାଲରେ ଧରାପଡିଛନ୍ତି। ପ୍ରଧାନ ଶିକ୍ଷକ ଅଗସ୍ତିଙ୍କଠାରୁ ଭିଜିଲାନ୍ସ ବିଭାଗ ୫୦ ହଜାର (୫ଶହ ଟଙ୍କିଆ ଶହେଟି) ଲାଞ୍ଚ ଟଙ୍କା ଜବତ କରିବା ସହ ଏକ ମାମଲା (ନଂ.୩/୨୪) ରୁଜୁକରି ତାଙ୍କୁ ଗିରଫ କରିଛି। ସୂଚନା ଅନୁସାରେ ୫-ଟି ହାଇସ୍କୁଲ ମରାମତି/ନବୀକରଣ ବିଲ କରିବା ପାଇଁ ଠିକାଦାର ଯୁଧିଷ୍ଠିର ଭାଗତଙ୍କଠାରୁ ୫୦ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ଠିକାଦାର ଜଣକ ଭିଜିଲାନ୍ସର ଆଶ୍ରୟ ନେଇଥିଲେ। ଶୁକ୍ରବାର ଅପରାହ୍ନରେ ପ୍ରଧାନ ଶିକ୍ଷକ ୫୦ ହଜାର ଟଙ୍କା ନିଜ ଅଫିସରେ ଲାଞ୍ଚ ନେଉଥିବାବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡିବସିଥିଲା। ଚଢ଼ାଉରେ କଳାହାଣ୍ଡି ଓ କୋରାପୁଟ ଭିଜିଲାନ୍ସ ବିଭାଗର ୮ଜଣିଆ ଟିମ୍ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ କଳାହାଣ୍ଡି ଜିଲାରେ ବିଭିନ୍ନ ସମୟରେ ସରକାରୀ ଅଧିକାରୀ ବାବୁମାନେ ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାତରେ ଧରା ପଡୁଥିବାବେଳେ ଏଥର ଜଣେ ସ୍କୁଲ ପ୍ରଧାନ ଶିକ୍ଷକ ଧରାପଡିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।


ପ୍ରଧାନ ଶିକ୍ଷକ ଅଗସ୍ତି ସାହୁ

ଖୋର୍ଦ୍ଧା,୧୯।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କେରଙ୍ଗ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ବିଦ୍ୟୁତ୍‌ପ୍ରଭା ଜେନା ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେ ନିଜ ବାସଭବନରେ ଶିକ୍ଷାନୁଷ୍ଠାନର ସହକାରୀ ଗ୍ରନ୍ଥାଗାରିକ ଧିରଜ ବଡଜେନାଙ୍କ ଏରିଅର ବାବଦ ବିଲ୍ ପାସ ପାଇଁ ତାଙ୍କ ସ୍ତ୍ରୀ ଦୀପ୍ତିରାଣୀଙ୍କଠାରୁ ୫୦ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଦୀପ୍ତିରାଣୀଙ୍କ ଅଭିଯୋଗକ୍ରମେ ଭିଜିଲାନ୍ସ ଭୁବନେଶ୍ୱର ଥାନାରେ ଏକ ମାମଲା(ନଂ.୨/୨୪) ରୁଜୁ ହୋଇଛି। ଭିଜିଲାନ୍ସ ତାଙ୍କ ବାସଭବନ ସମେତ କଲେଜରେ ଏକାକାଳୀନ ଚଢ଼ାଉ କରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ସୂଚନା ମୁତାବକ, ଧିରଜଙ୍କ ୨୦୧୮ ମସିହାରୁ ଫେବୃଆରୀ ୨୦୨୨ ପର୍ଯ୍ୟନ୍ତ ଏରିଅର ବାବଦ ଅର୍ଥ ପାଇବା ପାଇଁ ଆବଶ୍ୟକ କାଗଜପତ୍ର ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟକୁ ପଠାଇବା ଲାଗି ଦୀପ୍ତିରାଣୀ କଲେଜ ଅଧ୍ୟକ୍ଷା ଜେନାଙ୍କୁ ଅନୁରୋଧ କରିଥିଲେ। ନିକଟରେ ଧିରଜ ଅସୁସ୍ଥତା କାରଣରୁ ମସ୍ତିଷ୍କ ଅସ୍ତ୍ରୋପଚାର କରିଥିଲେ। ଜରୁରିକାଳୀନ ଚିକିତ୍ସା ପାଇଁ ଟଙ୍କା ଆବଶ୍ୟକ ଥିବାରୁ ଆବଶ୍ୟକ ଡକ୍ୟୁମେଣ୍ଟ ଖୁବ୍‌ଶୀଘ୍ର କରିବାକୁ କଲେଜ ଅଧ୍ୟକ୍ଷାଙ୍କୁ ନିବେଦନ କରିଥିଲେ। ତେବେ ଅଧ୍ୟକ୍ଷା ଜେନା ଏଥିଲାଗି ପ୍ରଥମେ ୧ଲକ୍ଷ ଟଙ୍କା ଦାବି କରିଥିଲେ। ପରବର୍ତ୍ତୀ ସମୟରେ ୫୦ ହଜାର ଟଙ୍କାରେ ରାଜି ହୋଇଥିଲେ। ଏନେଇ ସେ ଭିଜିଲାନ୍ସ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ଭିଜିଲାନ୍ସ ଜାଲ ବିଛାଇଥିଲା। ଭୁବନେଶ୍ୱର ଓ ଖୋର୍ଦ୍ଧା ଭିଜିଲାନ୍ସର ମିଳିତ ୟୁନିଟ୍ ଶୁକ୍ରବାର ଅପରାହ୍ନ ସାଢେ ୫ଟାରେ ଅଧ୍ୟକ୍ଷା ଜେନାଙ୍କ ଘର ନିକଟରେ ଲୁଚି ରହିଥିଲା। ଦୀପ୍ତିରାଣୀଙ୍କଠାରୁ ଅଧ୍ୟକ୍ଷା ଜେନା ଲାଞ୍ଚ ଟଙ୍କା ନେବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କଠାରୁ ରଙ୍ଗ ପ୍ରଲେପଦିଆ ଟଙ୍କା ଜବତ କରିବା ସହ ଧରିଥିଲା। ଏହି ଚଢ଼ାଉରେ ଖୋର୍ଦ୍ଧା ଡିଏସ୍‌ପି ବ୍ରଜକିଶୋର ସାହୁଙ୍କ ସମେତ ଅନ୍ୟ ଅଫିସରମାନେ ସାମିଲ ହୋଇଥିଲେ।


ଅଧ୍ୟକ୍ଷା ବିଦ୍ୟୁତ୍‌ପ୍ରଭା ଜେନା

REQUIRED
Looking for senior Nursing supervisor at AIOR SUPERSPECIALITY UNIT
(A unit of Ashish joint replacement care pvt. ltd.) Patna, Bihar
Quaifucation : GNM or B.Sc. Nursing.
Work experience- Atleast 4-5 years of ICU Working experience (atleast 2-3 years in ORTHOPAEDICS) 2 years minimum experience as word incharge Must have faced 1 full NABH assessment atleast . Can read , write and speak English and Hindi apart from any regional language.
Looking for these qualifications and on urgent basis.
Contact : Mob. : 9955605600
shilpiashish@hotmail.com

## ବାରବାଟୀ-କଟକ ନିର୍ବାଚନୀ ମାମଲା

# ଉଭୟ ପକ୍ଷର ଯୁକ୍ତି ଉପସ୍ଥାପନା ଶେଷ

କଟକ,୧୯।୧(କାର୍ତ୍ତିକ ସାହୁ)

ବାରବାଟୀ-କଟକ ନିର୍ବାଚନୀ ମାମଲାରେ ଉଭୟ ପକ୍ଷର ଯୁକ୍ତି ଉପସ୍ଥାପନ ଶେଷ ହୋଇଛି। ଆବେଦନକାରୀ ତଥା ମାମଲାର ପ୍ରଥମ ପକ୍ଷ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ୨ ସପ୍ତାହ ଧରି ଚାଲିଥିବା ଯୁକ୍ତି ଉପସ୍ଥାପନ ଶୁକ୍ରବାର ଶେଷ ହୋଇଛି। ସାମନ୍ତରାୟଙ୍କ ପକ୍ଷରୁ କରାଯାଇଥିବା ଯୁକ୍ତିର ଉତ୍ତର ପ୍ରତିପକ୍ଷ ବିଧାୟକ ମହମ୍ମଦ ମୋକିମଙ୍କ ପକ୍ଷରୁ ଆସନ୍ତା ୨୫ ତାରିଖରେ ପ୍ରଦାନ କରାଯିବାକୁ ଧାର୍ଯ୍ୟ ହୋଇଛି। ଏହା ପୂର୍ବରୁ ବିଧାୟକ ମୋକିମଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଶେଷ ହୋଇଥିଲା। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ୨୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଉଲ୍ଲେଖଯୋଗ୍ୟ, ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜୟୀ ପ୍ରାର୍ଥୀ ତଥା ବିଧାୟକ ମହମ୍ମଦ ମୋକିମ୍‌ଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ଲାଗି ହାଇକୋର୍ଟରେ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଛି।

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ
ଶିକ୍ଷା ସୌଧ, ୟୁନିଟ୍-୫, ଭୁବନେଶ୍ୱର-୭୫୧୦୦୧

ସଂଖ୍ୟା: ୧୦୧୬ ତାରିଖ: ୧୮.୦୧.୨୦୨୪

କନିଷ୍ଠ ଶିକ୍ଷକ (Schematic)-୨୦୨୩ ପାଇଁ ଆବେଦନ କରି Computer Based Test (CBT) ପରୀକ୍ଷାରେ ସଫଳ ହୋଇଥିବା ପ୍ରାର୍ଥୀ ପ୍ରାର୍ଥିନୀଙ୍କ ନିମନ୍ତେ ବିଶେଷ ସୂଚନା

DSPL-558

ରାଜ୍ୟ ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର Resolution No.20366 dtd.22.08.2023 ଅନୁଯାୟୀ ୨୦,୦୦୦ କନିଷ୍ଠ ଶିକ୍ଷକ (Schematic)-୨୦୨୩ ନିଯୁକ୍ତି ନିମନ୍ତେ ତା-୧୫.୦୧.୨୦୨୪ରିଖରେ କନିଷ୍ଠ ଶିକ୍ଷକ (Schematic)-୨୦୨୩ ପାଇଁ Computer Based Test (CBT) ପରୀକ୍ଷା ହୋଇଥିବାର ଫଳାଫଳ (Provisional Draft Merit List) ଓସେପା ୱେବ୍‌ସାଇଟ୍ osepa.odisha.gov.inରେ ପ୍ରକାଶିତ ହୋଇଯାଇଛି ।

ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କର Original document verification ଆବଣ୍ଟିତ ଜିଲ୍ଲା ସ୍ତରରେ Category-I ପାଇଁ ତା-୨୦.୦୧.୨୦୨୪ ଓ Category-II ପାଇଁ ତା-୨୧.୦୧.୨୦୨୪ରିଖରେ ଅନୁଷ୍ଠିତ ହେବ । ଏଥି ନିମନ୍ତେ ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସେମାନେ ଧାର୍ଯ୍ୟ ଦିବସରେ Document Verification ସମୟରେ ଉପସ୍ଥିତ ରହି Resolution No.20366 dtd.22.08.2023 ଓ OSEPA websiteରେ ପ୍ରକାଶିତ ବିଜ୍ଞପ୍ତି ଓ ଅନ୍ୟାନ୍ୟ ନିୟମାବଳୀ ଅନୁଯାୟୀ ନିଜର ବୈଧ ପ୍ରମାଣପତ୍ରଗୁଡ଼ିକୁ ଯାଞ୍ଚ ଅଧିକାରୀଙ୍କୁ ଦେଖାଇବେ, ଅନ୍ୟଥା ସେମାନଙ୍କର ପ୍ରାର୍ଥିତ୍ୱକୁ ବିଚାରକୁ ନିଆଯିବ ନାହିଁ ଓ ତାଙ୍କର ନାମକୁ Merit Listରୁ ବାଦ୍ ଦିଆଯିବ ।

ସ୍ୱା./-
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ
ଓସେପା

OIPR-27068/13/0049/2324

# ଆଦିବାସୀଙ୍କୁ ରୋଜଗାର ଦେଉଛି ନାଳି ପିମ୍ପୁଡ଼ି

## ଜିଆଖତ ପରେ କାଇ କିଣୁଛି ବନ ବିଭାଗ

କେନ୍ଦୁଝର,୧୯।୧ (ଦୀପକ ମିଶ୍ର)

ଜଙ୍ଗଲରେ ମିଳୁଥିବା ନାଲି ପିମ୍ପୁଡ଼ି ଆଦିବାସୀଙ୍କ ରୋଜଗାର ମାଧ୍ୟମ ପାଲଟିଛି। କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ଆଦିବାସୀ ଏହାକୁ ଖାଉଥିବା ବେଳେ ଏବେ ବନ ବିଭାଗ କିଣିବା ପରେ ଏହା ଆଦିବାସୀଙ୍କ ଅର୍ଥ ଉପାର୍ଜନରେ ସହାୟକ ହେଉଛି। ବନ ସୁରକ୍ଷା ସମିତି ଓ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ଜଙ୍ଗଲଗୁଡ଼ିକ ମଧ୍ୟରେ ବିଭିନ୍ନ ଗଛରେ ରହୁଥିବା ନାଲି ପିମ୍ପୁଡ଼ି (କାଇ) ସଂଗ୍ରହ କରି ବନ ବିଭାଗକୁ ବିକ୍ରି କରୁଛନ୍ତି।

କେନ୍ଦୁଝର ଜିଲା ଏକ ପାହାଡ଼ ଓ ଜଙ୍ଗଲ ଘେରା ଅଞ୍ଚଳ ଭାବେ ପରିଚିତ। ଜିଲାର ଜଙ୍ଗଲରେ ଥିବା ଶାଳ, ଜାମୁକୋଳି, କୁସୁମ ଆଦି ଗଛରେ ରହୁଥିବା ଏହି ନାଲି ପିମ୍ପୁଡ଼ିକୁ ଆଦିବାସୀମାନେ ଖାଦ୍ୟ ଭାବେ ଖାଇଥାନ୍ତି। ନାଲି ପିମ୍ପୁଡ଼ିକୁ ଚଟଣି, ତେଲରେ ଭାଜି ଓ ମୁଢ଼ି ସହ କଞ୍ଚା ମଧ ଖାଇଥାନ୍ତି। ଏହାର ଚାହିଦାକୁ ଦେଖି ଆଦିବାସୀ ପ୍ରଥମେ ସ୍ଥାନୀୟ ବଜାରରେ ଭାଗ ୨୦ ଟଙ୍କା ଲେଖାଏ ବିକ୍ରି ଆରମ୍ଭ କରିଥିଲେ। କିନ୍ତୁ ଗତ କିଛି ମାସ ହେଲା ବନ ବିଭାଗ ନାଲି ପିମ୍ପୁଡ଼ିକୁ କିଣି ନେଉଛି। ବିଶେଷ କରି ତେଲକୋଇର ବେତଖଲି, ଆକୁଳ, ପାଟଖଲି, ରାଇସୁଆ, ଭାଲିଆଡାଳ ଆଦି ଗ୍ରାମର ବନ ସୁରକ୍ଷା ସମିତି ଏହାକୁ ଆଦିବାସୀମାନଙ୍କଠାରୁ ସଂଗ୍ରହ କରି ବନ ବିଭାଗକୁ ବିକ୍ରି କରୁଛି। ସେହିପରି ଭୂୟାଁ ଜୁଆଙ୍ଗପୀଢ଼ (ବିଜେପି) ରେଞ୍ଜ୍‌ର ତରମାକାନ୍ତ, କାଦକଳା, ତାଳପଦା ଆଦି ଗ୍ରାମରୁ ବନ ସୁରକ୍ଷା ସମିତି ଏହି ନାଲି ପିମ୍ପୁଡ଼ି ସଂଗ୍ରହ କରି ବନ ବିଭାଗକୁ ବିକ୍ରି କରୁଛି। ଗତ ଅକ୍ଟୋବରରୁ ଏହି ନାଲି ପିମ୍ପୁଡ଼ି ବିଧିବଦ୍ଧ କିଣାବିକା ଆରମ୍ଭ ହୋଇଥିବା ବେଳେ ଏହାମଧ୍ୟରେ ୫ କୁଇଣ୍ଟାଲରୁ ଅଧିକ ନାଲି ପିମ୍ପୁଡ଼ି ବନ ବିଭାଗ କିଣି ସାରିଲାଣି। ବିଶେଷ କରି ବନ୍ୟପ୍ରାଣୀଙ୍କ ଖାଇବା ପାଇଁ ଏହା ବ୍ୟବହାର ହେଉଥିବା ବେଳେ ବଜ୍ରକାପ୍ତା ଏହାକୁ ଖାଇଥାନ୍ତି ବୋଲି ବନ ବିଭାଗ କହିଛି। ନାଲି ପିମ୍ପୁଡ଼ି ସଂଗ୍ରହ କରି ବିକ୍ରି କରୁଥିବା ଆଦିବାସୀ ମହିଳା ଗମହାରି ମୁଣ୍ଡା କହିଛନ୍ତି, ନାଲି ପିମ୍ପୁଡ଼ିକୁ ସଂଗ୍ରହ କରି ନିଜେ ଖାଉଥିଲେ। ଏବେ ବନ ବିଭାଗ କିଣି ନେବା ପରେ ନିଜର ଖର୍ଚ୍ଚ ମେଣ୍ଟାଇବାରେ ସମର୍ଥ ହେଉଛୁ। କେନ୍ଦୁଝର ସହକାରୀ ବନ ସଂରକ୍ଷକ ଅଶୋକ ଦାସ କହିଛନ୍ତି, ଆଦିବାସୀଙ୍କଠାରୁ ବିଭିନ୍ନ ବନ ସୁରକ୍ଷା ସମିତି, ଏସ୍‌ଏସ୍‌ଜି ସଙ୍ଗଠନ ମାଧ୍ୟମରେ ନାଲି ପିମ୍ପୁଡ଼ି କିଣାଯାଇ ପ୍ରାଣୀ (ପଶୁପକ୍ଷୀ)ଙ୍କ ଖାଦ୍ୟ ପାଇଁ ମୁଖ୍ୟତଃ ନନ୍ଦନକାନନ ପଠାଯାଉଛି।

ସୂଚନାଯୋଗ୍ୟ, କେନ୍ଦୁଝର ବନଖଣ୍ଡ ପୂର୍ବରୁ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଜିଆଖତ ପ୍ରସ୍ତୁତି ଶିଖାଇବା ସହ ଏହାକୁ ନିଜେ କିଣି ନେଇ ଶତାଧିକ ମହିଳାଙ୍କୁ ଲକ୍ଷପତି କରାଇଥିଲା। ଏବେ ଏହି ନାଲି ପିମ୍ପୁଡ଼ି କିଣି ପୁଣି ଆଦିବାସୀ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ପ୍ରୟାସ ଆରମ୍ଭ କରିଛି।


ନାଲି ପିମ୍ପୁଡ଼ି

JOB VACANCIES
A Four Wheeler Dealership needs professional in **Bhubaneswar** for the following positions:-
- **SALES CONSULTANTS:** Fresher graduates/BBA/BCOM/BSC/BA having at least 1 year experience in automobile sales of any 2/3/4 wheeler dealership.
- **RESIDENTIAL SALES EXECUTIVE:** Graduate having at least 1 year exp. in automobile for Jeypore, Balasore, Bhadrak, Angul, Berhampur, Bhawanipatna, Nabrangpur.
- **SALES TEAM LEADER:** Graduates/BBA/ BCOM /BSC/BA having at least 2-3 year experience in automobile sales of any 2/3/4 wheeler dealership.
- **SALES TRAINER:** A Graduate or MBA having training experience on Automobile sales of any 2/3/4 wheeler dealership.
- **ACCESSORIES INCHARGE:** Graduate or Diploma Automobile having accessories sales experience of any 2/3/4 wheeler dealership.
- **ADMIN MANAGER:** Graduate having 5 to 10 years experience in admin from any segment. Preference will be given from automobile sector (PF, ESIC, Labour Law, Liasioning).
- **H.R:** Graduate having 1-2 years experience in H.R. and has knowledge in (PF, ESIC, Gratuity,Labour Law).
- **SENIOR ACCOUNTANT:** Well versed in GST, Taxation, TDS & all other statutory norms, having 3-5 years experience in any segment.
- **TECHNICAL MANAGER / CO-TECH:** Must be a technical manager or technical head in any 2/3/4 wheeler dealership.
- **E-TECH:** Must be a diploma in automobile at least 2 to 4 yr experiences in electronics works of any 4 wheeler dealership.
- **TECHNICIAN:** ITI/DIPLOMA in automobile having at least 1 year experience in any 2/3/4 wheeler dealership/Garage.
- **FLOOR SUPERVISOR:** ITI/DIPLOMA in automobile having at least 1 year experience for handling floor in any 2/3/4 wheeler dealership/Garage.
- **DENTOR:** Worked in a dealership/Garage in 4 wheelers shop having 1 to 2 years experience in a 2/3/4 wheeler denting section.
- **PAINTER:** Worked in a dealership/Garage in 4 wheelers shop having 1 to 2 years experience in a 2/3/4 wheeler painting section.

Salary will not be a constraint for deserving candidates.
Interested candidates may send their resume to:-
capitaltoyota.bbsr@gmail.com & mark a cc - cskhetra@gmail.com
Contact: 9348940535 / 0674-6668822 / 7855040457

THE KOSALA SCHOOL
Estd.- 1979
Ph.-7682032632
An English Medium Residential Public School
(CBSE Affiliation No.1530003) Mob.- 6370708544 / 7682032632
NUA-KHAIRPALI, P.O.- LARASARA, DIST.- BARGARH- 768027 (ODISHA)
Email- thekosalaschool1979@gmail.com
REQUIRES THE FOLLOWING TEACHING & NON TEACHING STAFF

| Sl. No. | Post Name | Subject | Minimum Educational Qualification | Salary |
|---|---|---|---|---|
| 1 | PGT | Physics/ Chemistry /Biology/ Mathematics | Master's Degree in subject concerned with B.Ed. | (Salary is not a constraint for deserving candidates |
| 2 | TGT | English / Physics /Chemistry/ Biology /Mathematics / Odia/ Hindi/Social Science | Bachelor's Degree in Arts/Commerce/Science & B.Ed / B.H.Ed with OTET/CTET/OSSTET | |
| 3 | PRT | English/Mathematics/Science/ Social Science/ Hindi/Odia | Higher Secondary (+2) & D.El.Ed / B.Ed with OTET/CTET | |
| 4 | PET | | Higher Secondary (+2) & C.P.Ed. /D.P.Ed./ B.P.Ed /M.P.Ed with OSSTET | |
| 5 | Special Educator | | Graduation with B.Ed (Special Education) | |
| 6 | Hostel Warden (Male) Age- 35 to 40 years | | Graduation | |
| 7 | Security Guard | | +2 | |

- Candidates having teaching experience in English Medium Schools, good Spoken English, computer knowledge and not crossed 45 years of age will be preferred.
- Couples will be given preference and provided with rent free accommodation.
- Selected candidates shall have to stay inside the Hostel campus on free of rent. Selected temporary teachers will get free boarding and lodging.
- Interested candidates can send their filled up bio-data to the email address:- thekosalaschool1979@gmail.com on or before 05.02.2024.
- Original Certificates to be produced at the time of interview for verification.
- No TA/DA will be given for attending the interview.
- For any clarification candidates may call to the phone no (given above) from 10.00 A.M. to 2.00 P.M.

Sd./- (Principal)

# ମାଟ୍ରିମୋନିରେ ସ୍ତ୍ରୀଙ୍କ ନାଁରେ ଆକାଉଣ୍ଟ ଖୋଲି ଠକୁଥିଲେ

## ନବମ ଫେଲ୍ ଚତୁର ଠକ ଗିରଫ



- ଯୁବକଙ୍କଠାରୁ ନେଇଥିଲେ ୩.୧୮ ଲକ୍ଷ, ୧.୬୧ ଲକ୍ଷ ଜବତ
- ବିଭିନ୍ନ ମାଟ୍ରିମୋନିଆଲ୍ ଆପ୍‌କୁ ତଥ୍ୟ ମାଗିଲା ପୋଲିସ

ଭୁବନେଶ୍ୱର,୧୯।୧ (ସତ୍ୟଜିତ୍ ରାଉତ)

ଶିକ୍ଷାଗତ ଯୋଗ୍ୟତା ନବମ ଫେଲ୍, ହେଲେ କାମ ଥିଲା ଅତି ଚତୁର। ମାଟ୍ରିମୋନି ଆପ୍‌ରେ ସ୍ତ୍ରୀଙ୍କ ନାଁରେ ଆକାଉଣ୍ଟ ଖୋଲି ପ୍ରୋଫାଇଲ୍‌ରେ ଦେଇଥିଲେ ସୁନ୍ଦରୀ ଯୁବତୀଙ୍କ ଫଟୋ। ବିବାହ ପାଇଁ କନ୍ୟା ଖୋଜୁଥିବା ଯୁବକଙ୍କ ସହ ଚାଟ୍ କରି ଫସାଉଥିଲେ। ନିଜକୁ ଯୁବତୀର ପରିଚୟ ଦେବା ସହ ବିବାହ କରିବାକୁ କହି ଠକୁଥିଲେ। ଏଭଳି ଜଣେ ଯୁବକଙ୍କଠାରୁ ୩.୧୮ ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ପୁରୀ ଜିଲା ସଦର ଥାନା ଅଞ୍ଚଳର ନୃସିଂହ ବିଶ୍ୱାଳ (୩୬)। ତାଙ୍କଠାରୁ ନଗଦ ୧ ଲକ୍ଷ ୬୧ ହଜାର ୧୯୦ ଟଙ୍କା, ୫ଟି ଏଟିଏମ୍ କାର୍ଡ, ୨ଟି ସିମ୍ କାର୍ଡ ଓ ୩ଟି ମୋବାଇଲ ଫୋନ୍ ଜବତ ହୋଇଛି। ଅଭିଯୁକ୍ତ ନୃସିଂହଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେ ବିଚାର ବିଭାଗୀୟ ହାଜତକୁ ଯାଇଛନ୍ତି।

ସୂଚନା ଅନୁଯାୟୀ, ଭୁବନେଶ୍ୱରର ମାନସ ରଞ୍ଜନ ପଣ୍ଡା ବିବାହ ପାଇଁ ଭାରତ ମାଟ୍ରିମୋନି ଆପ୍‌ରେ କନ୍ୟା ଖୋଜୁଥିଲେ। ଏହି ସମୟରେ ଅଭିଯୁକ୍ତ ନୃସିଂହ ତାଙ୍କ ସ୍ତ୍ରୀଙ୍କ ନାଁରେ ଖୋଲିଥିବା ଦୀପା ପ୍ରଧାନ ନାମ୍ନୀ ଆକାଉଣ୍ଟରେ ତାଙ୍କର ନଜର ପଡ଼ିଥିଲା। ଫଟୋ ଓ ପ୍ରୋଫାଇଲ୍ ଦେଖି ମାନସ ତାଙ୍କୁ ବିବାହ ପାଇଁ ପସନ୍ଦ କରିଥିଲେ। ହେଲେ ତାହା ଏକ ନକଲି ଆକାଉଣ୍ଟ ବୋଲି ମାନସ ଅଜ୍ଞ ଥିଲେ। ତେଣୁ ସେ ଗତବର୍ଷ ମେ' ୧୮ରୁ ଉକ୍ତ ଆକାଉଣ୍ଟରେ ଦିଆଯାଇଥିବା ହ୍ୱାଟ୍ସଆପ୍ ନମ୍ବର ଆଣି ଚାଟିଂ କରିଥିଲେ। ମାନସ ଉକ୍ତ ନମ୍ବରରେ ଭଏସ୍ କିମ୍ବା ଭିଡିଓ କଲ୍ କରିବାକୁ ଚାହୁଁଥିଲେ ମଧ ଦୀପା ପରିଚୟରେ ଚାଟିଂ କରୁଥିବା ଅଭିଯୁକ୍ତ ନୃସିଂହ ବିଭିନ୍ନ କଥା କହି ବାରଣ କରୁଥିଲେ। ପରେ ଅଭିଯୁକ୍ତ ପାରିବାରିକ ସମସ୍ୟା କହି ମାନସଙ୍କୁ ଜାଲରେ ଫସାଇଥିଲେ। ପ୍ରଥମେ ବାପା କ୍ୟାନ୍‌ସରରେ ପୀଡ଼ିତ ଥିବା କହିଥିଲେ। ପରବର୍ତ୍ତୀ ସମୟରେ ବାପାଙ୍କ ମୃତ୍ୟୁ ଖବର ଦେବା ସହ ତାଙ୍କ ଗୋଡ଼ ଭାଙ୍ଗି ଯାଇଥିବା ଓ ବ୍ୟାଙ୍କ ଆକାଉଣ୍ଟ ବ୍ଲକ୍ ହୋଇଯାଇଥିବା ଜଣାଇ ସହାୟତା ଲୋଡିଥିଲେ। ଏପରି ବିଭିନ୍ନ ସମସ୍ୟା କହି ମାନସଙ୍କଠାରୁ ସେ ବିଭିନ୍ନ ପର୍ଯ୍ୟାୟରେ ୩ ଲକ୍ଷ ୧୮ ହଜାର ଟଙ୍କା ନେଇଯାଇଥିଲେ। ପରେ ଏହି ଟଙ୍କା ମାନସ ମାଗିବା ପରେ ଅଭିଯୁକ୍ତ ବିଭିନ୍ନ ବାହାନା କାଢ଼ିବା ସହ ପରେ ମୋବାଇଲକୁ ସୁଇଚ୍ ଅଫ୍ କରିଦେଇଥିଲେ। ଏନେଇ ମାନସ ସାଇବର ଥାନାରେ ଏତଲା ଦେଇଥିଲେ। ପୋଲିସ ଗତବର୍ଷ ନଭେମ୍ବର ୧୫ରେ ଏକ ମାମଲା (ନଂ.୧୧୫/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଅଭିଯୁକ୍ତ ନୃସିଂହ ଭାରତ ମାଟ୍ରିମୋନି ଆପ୍ ସହ ଅନ୍ୟାନ୍ୟ ମାଟ୍ରିମୋନିଆଲ୍ ସାଇଟ୍‌ରେ ମଧ ଏଭଳି ଠକେଇ କରିଥିବା ପୋଲିସ ସନ୍ଦେହ କରୁଛି। ତେଣୁ ସେସବୁ ଆପ୍‌କୁ ଚିଠି ଲେଖି ତଥ୍ୟ ମଗାଯାଇଛି। ଏପରିକି ମାନସଙ୍କୁ ରିମାଣ୍ଡରେ ଆଣିବାକୁ ମଧ ପୋଲିସ ଯୋଜନା କରୁଥିବା ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।


## THE KOSALA SCHOOL
An English Medium Residential Public School
(CBSE Affiliation No.1530003) Estd.- 1979, Mob. 7682032632
NUA-KHAIRPALI, P.O.- LARASARA, DIST.- BARGARH- 768027 (ODISHA)
Email- thekosalaschool1979@gmail.com
Mob- 6371537828 / 6371532877 / 6370708544/ 9777706828 / 8598003451

KOSALA ENTRANCE TEST 2024-2025

- Admissions open for classes UKG to Std- IX for Boarders. Very few seats are available from LKG to Std-VIII for Day Scholars.
- Admissions also open for Class-XI in June (We have applied for affiliation)
- Interested candidates are to appear Entrance Test in English, Mathematics, and General Knowledge.
  Entrance Test for **Day Scholars:-** 03/03/2024
  Entrance Test for **Boarders:-** 10/03/2024
- The date of Entrance Test for XI will be declared later.
- Candidates qualified in Entrance Test will get admission strictly on merit basis.
- Enquiry time over phone - 09.00am to 1.00pm on all working days.
- Entrance test timings - 10.30am to 12.30pm, Reporting Time- 09.00am
- Selling of Admission Forms will start from **26th January 2024** onwards.

Sd./- (Principal)







# ମେସ୍‌ରେ ଛାତ୍ରୀଙ୍କ ଆତ୍ମହତ୍ୟା



ମୃତ ସସ୍ମିତା ବେହେରା

ଭଦ୍ରକ,୧୯।୧ (ସନାତନ ରାଉତ)

ଭଦ୍ରକ ଟାଉନ ଥାନା ଅଧୀନ ଜାନୁଗଞ୍ଜସ୍ଥିତ ଏକ ଘରୋଇ ମେସ୍‌ରେ ଜଣେ ଛାତ୍ରୀ ଗୁରୁବାର ରାତିରେ ଫ୍ୟାନ୍‌ରେ ନିଜ ଓଢ଼ଣି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରୀ ହେଲେ ଭଣ୍ଡାରିପୋଖରୀ ଥାନା ଅଧୀନ ସରସଦା ପଞ୍ଚାୟତ କୁରିକଣା ଗାଁର ସସ୍ମିତା ବେହେରା(୨୩)। ସେ ମେସ୍‌ରେ ରହି ଭଦ୍ରକ କଲେଜରେ ପିଜି କରୁଥିଲେ।

ସୂଚନା ଅନୁଯାୟୀ, ସସ୍ମିତା ଗୁରୁବାର ମଧ୍ୟାହ୍ନ ପର୍ଯ୍ୟନ୍ତ ରୁମ୍ କବାଟ ନ ଖୋଲିବାରୁ ସାଙ୍ଗମାନେ ତାଙ୍କ ଫୋନ୍‌କୁ କଲ୍ କରିଥିଲେ ମଧ ସେ ରିସିଭ୍ କରି ନ ଥିଲେ। ସନ୍ଦେହ ହେବାରୁ ମେସ୍ ମାଲିକ ଏ ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ଖବରପାଇ ସସ୍ମିତାଙ୍କ ବାପା ପହଞ୍ଚିବା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କବାଟ ଖୋଲାଯାଇଥିଲା। ଫ୍ୟାନ୍‌ରେ ସସ୍ମିତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୪) ରୁଜୁ କରାଯାଇଛି। ଗୁରୁବାର ରାତି ୯ଟା ବେଳେ ସସ୍ମିତା ମା'ଙ୍କ ସହ ଫୋନ୍‌ରେ କଥା ହୋଇଥିଲେ ବୋଲି ବାପା ଦେବେନ୍ଦ୍ର ବେହେରା କହିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ। ମୃତ ଛାତ୍ରୀଙ୍କ ମୋବାଇଲ ଜବତ ସହ ସେଥିରେ ଥିବା କଲ୍ ହିଷ୍ଟ୍ରି ଓ ସାଙ୍ଗମାନଙ୍କୁ ପଚରାଉଚରା କରି ତଦନ୍ତ କରାଯିବ ବୋଲି ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ କହିଛନ୍ତି।


DADLS-56

ଓଡ଼ିଶା ସରକାର



## ମହାନ ବିପ୍ଳବୀ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ
୨୦ ଜାନୁଆରୀ, ୨୦୨୪

ସକାଳ – ଘ.୮.୩୦ ମିନିଟ ସମୟରେ କଳ୍ପନା ଛକ, ଭୁବନେଶ୍ୱରସ୍ଥିତ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

**ସନ୍ଧ୍ୟା - ଘ.୫.୩୦ ମିନିଟ - ସାଧାରଣ ସଭା ଜୟଦେବ ଭବନ, ଭୁବନେଶ୍ୱର**

ମୁଖ୍ୟ ଅତିଥି – **ଶ୍ରୀ ସମୀର ରଞ୍ଜନ ଦାଶ, ମାନ୍ୟବର ବିଧାୟକ, ନିମାପଡ଼ା**
ସମ୍ମାନନୀୟ ଅତିଥି – **କସ୍ତୁରୀ ମହାପାତ୍ର, ସମ୍ପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ**
ମୁଖ୍ୟବକ୍ତା – **ଅଧ୍ୟାପକ ଶଶାଙ୍କ ଚୂଡ଼ାମଣି, ବିଶିଷ୍ଟ ସାହିତ୍ୟିକ ଓ ସମ୍ପାଦକ**
ଧନ୍ୟବାଦ ଅର୍ପଣ – **ଡାକ୍ତର ବସନ୍ତ ପତି, ସଭାପତି, ଚାଖି ଖୁଣ୍ଟିଆ ସ୍ମୃତି ସମିତି**

**ପଞ୍ଚମ ସାଂସ୍କୃତିକ ଅନୁଷ୍ଠାନ**, ଭୁବନେଶ୍ୱର ଆନୁକୂଲ୍ୟରେ ଭକ୍ତି ସଙ୍ଗୀତ, ଦେବଦାସୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତି, ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

I&PR-15001/13/0275/2324



## ସାଂସଦ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ
### ଜିଲ୍ଲା ପ୍ରଶାସନ ସହଯୋଗରେ
# ମେଗା ନିଯୁକ୍ତି ମେଳା
**ସ୍ଥାନ: ସ୍ପୋର୍ଟସ ଷ୍ଟାଡିୟମ, ଫୁଲବାଣୀ, ଜିଲ୍ଲା- କନ୍ଧମାଳ**
**ତାରିଖ: ୨୧।୧।୨୦୨୪**

ନିଜ ବ୍ଲକ୍ କାର୍ଯ୍ୟାଳୟରେ ଅଗ୍ରୀମ ପଞ୍ଜୀକରଣ କରନ୍ତୁ | ଆସୁଛନ୍ତି ୧୨୦ରୁ ଊର୍ଦ୍ଧ୍ୱ ଜାତୀୟ ତଥା ବହୁରାଷ୍ଟ୍ରୀୟ କମ୍ପାନୀ

*ପ୍ରମୁଖ କମ୍ପାନୀ: କେପିଏଲ୍‌ଆର ମିଲ୍‌ସ, ବେଦାନ୍ତ ଗ୍ରୁପ୍, ସାହି ଗ୍ରୁପ୍, ଜି-୪ ସିକ୍ୟୁରିଟି, ଭେଲାଙ୍କିନି ଇନ୍‌ଫରମେସନ୍ ସିଷ୍ଟମ, ଗୋକଲଦାସ ଏକ୍‌ସପର୍ଟ, ଏସ୍‌ଆଇଏସ୍ ସିକ୍ୟୁରିଟି, ଇଣ୍ଡେଲିରୁଟ୍, କର୍ଲନ ମେଟ୍ରେସ୍, ଏସ୍‌ପି ଆପେରାଲ, କିର୍ଟେକ୍‌ସ ଇଣ୍ଡଷ୍ଟ୍ରିଜ୍, ଟିଏସ୍‌ଏ କର୍ପୋରେସନ୍, ଗ୍ୟାସ୍‌ଟାମ୍ପ ଇଣ୍ଡିଆ, ପେଟିଏମ୍ ଇଣ୍ଡିଆ, ଏୟାରଟେଲ୍ ବ୍ୟାଙ୍କ, ଏସ୍‌ବିଆଇ କାର୍ଡ, ର୍‌ୟାଣ୍ଡଷ୍ଟଡ ଇଣ୍ଡିଆ, କ୍ୱେସ୍ କ୍ରପ୍ ଲିମିଟେଡ୍*

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ରାଜ୍ୟର ଯୁବଗୋଷ୍ଠୀଙ୍କ ବିକାଶ ଓ କର୍ମନିଯୁକ୍ତି ଉପରେ ଗୁରୁତ୍ୱ ଦେଇଆସିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରେରଣାରେ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ, ଜିଲ୍ଲା ପ୍ରଶାସନ ଓ ଭୁବନେଶ୍ୱରସ୍ଥିତ କିଟ୍-କିସ୍‌ର ମିଳିତ ସହଯୋଗରେ ଦ୍ୱିତୀୟ ଥର ପାଇଁ କନ୍ଧମାଳରେ ମେଗା ନିଯୁକ୍ତି ମେଳା ଅନୁଷ୍ଠିତ ହେଉଛି। ଆସନ୍ତା **ଜାନୁଆରୀ ୨୧ ତାରିଖ ରବିବାର ସକାଳ ୯ ଘଣ୍ଟା** ସମୟରେ **ଫୁଲବାଣୀ ସ୍ପୋର୍ଟସ ଷ୍ଟାଡିୟମ**ଠାରେ କନ୍ଧମାଳ ସଂସଦୀୟ କ୍ଷେତ୍ରର **୧୮ରୁ ୩୫ବର୍ଷ** ବୟସ୍କ ସମସ୍ତ ଯୁବକଯୁବତୀ ଭାଇ ଭଉଣୀମାନଙ୍କ ପାଇଁ ଏକ ବୃହତ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଉକ୍ତ ନିଯୁକ୍ତି ମେଳାରେ ୧୨୦ରୁ ଊର୍ଦ୍ଧ୍ୱ ଜାତୀୟ ତଥା ବହୁରାଷ୍ଟ୍ରୀୟ କମ୍ପାନୀ ଓ ବ୍ୟବସାୟ ପ୍ରତିଷ୍ଠାନ ଯୋଗଦେଉଛନ୍ତି। ଏଥିରେ ୨୦ହଜାରରୁ ଊର୍ଦ୍ଧ୍ୱ ଉପଯୁକ୍ତ ପ୍ରାର୍ଥୀ ଯୋଗଦେବେ ଓ ସେମାନଙ୍କ ମଧ୍ୟରୁ ୧୦ ହଜାରରୁ ଊର୍ଦ୍ଧ୍ୱ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବ।

**ସିକ୍ୟୁରିଟି ଗାର୍ଡଠାରୁ ଆରମ୍ଭ କରି ମେଡିକାଲ ସହାୟକ, ମେକାନିକ, ଫିଟର, ୱେଲ୍‌ଡର ସହାୟକ, ଖାଦ୍ୟ ପ୍ରକ୍ରିୟାକରଣ, ଟେକ୍‌ସଟାଇଲ, ନିର୍ମାଣ, ଅଟୋମୋଟିଭ ଇଞ୍ଜିନିୟର, ଡାଟା ଏଣ୍ଟ୍ରି ଅପରେଟର, ଫ୍ୟାକ୍ଟ୍ରି ଅପରେଟର, ଷ୍ଟୋର କିପର, ବୁକ୍ ବାଇଣ୍ଡର, ଡ୍ରାଇଭର, ପ୍ଲମ୍ବର, ଅଫିସ ସହାୟକ, କୁକ୍, ପ୍ରିଣ୍ଟ ଅପରେଟର** ଆଦି ଅନେକ କାର୍ଯ୍ୟରେ ନିଯୁକ୍ତି ପାଇଁ ଏହି ନିଯୁକ୍ତି ମେଳା ଆୟୋଜନ କରାଯାଉଛି। ଏଥି ନିମନ୍ତେ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ୫ମ ପାସ୍‌ରୁ ଆରମ୍ଭ କରି ସ୍ନାତକ, B.Tech, Engineering, MCA, MBA ଓ Law ଥିବା ଏକାନ୍ତ ବାଞ୍ଛନୀୟ। ପ୍ରାର୍ଥୀଙ୍କ ଯୋଗ୍ୟତା ଓ ଅଭିଜ୍ଞତା ଭିତ୍ତିରେ ଚୟନ କରାଯିବ। ମନୋନୀତ ପ୍ରାର୍ଥୀଙ୍କ ମାସିକ ବେତନ ସର୍ବନିମ୍ନ **୧୨ହଜାରରୁ ୪୫ ହଜାର ଟଙ୍କା** ସହ କମ୍ପାନୀଗୁଡ଼ିକ ପକ୍ଷରୁ କର୍ମଚାରୀଙ୍କୁ ମିଳୁଥିବା ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯିବ। କେତେକ କମ୍ପାନୀ ଯୋଗ୍ୟ ପ୍ରାର୍ଥୀଙ୍କୁ ମାସିକ ବେତନ **୮୦ ହଜାର ଟଙ୍କା** ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଏହି ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା ନ କରି **କନ୍ଧମାଳ ସଂସଦୀୟ କ୍ଷେତ୍ରର** ଯୁବକଯୁବତୀମାନେ ହଜାର ହଜାର ସଂଖ୍ୟାରେ ନିଯୁକ୍ତି ମେଳାରେ ଯୋଗଦେବା ନିମନ୍ତେ ଅନୁରୋଧ କରାଯାଉଛି। **ନିଯୁକ୍ତି ମେଳାରେ ଯୋଗଦେବାକୁ ଥିବା ଯୁବକ ଯୁବତୀଙ୍କ ନିମନ୍ତେ ସେମାନଙ୍କ ନିଜ ନିଜ ବ୍ଲକ୍ କାର୍ଯ୍ୟାଳୟଠାରୁ ଫୁଲବାଣୀ ଷ୍ଟାଡିୟମ ପର୍ଯ୍ୟନ୍ତ ମାଗଣାରେ ଯିବା ଆସିବାର ବନ୍ଦୋବସ୍ତ କରାଯାଇଛି। ଏହା ସହିତ ମଧ୍ୟାହ୍ନଭୋଜନର ବ୍ୟବସ୍ଥା ମଧ କରାଯାଇଛି।**

**ଏଥି ନିମନ୍ତେ** କନ୍ଧମାଳ ଜିଲ୍ଲାର ସମସ୍ତ ବ୍ଲକ୍; ବୌଦ୍ଧ ଜିଲ୍ଲାର ବୌଦ୍ଧ, ହରଭଙ୍ଗା ଓ କଣ୍ଟାମାଳ ବ୍ଲକ୍; ନୟାଗଡ଼ ଜିଲ୍ଲାର ଦଶପଲ୍ଲା, ଗଣିଆ ଓ ନୂଆଗାଁ ବ୍ଲକ୍; ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଓ ଜଗନ୍ନାଥପ୍ରସାଦ **ବ୍ଲକ୍‌ର ପ୍ରାର୍ଥୀମାନେ ନିର୍ଦ୍ଧାରିତ ଦିନ ପୂର୍ବରୁ ନିଜନିଜ ବ୍ଲକ୍ କାର୍ଯ୍ୟାଳୟରେ ଅଗ୍ରୀମ ନାମ ପଞ୍ଜୀକରଣ କରିବା ପାଇଁ ବିଶେଷ ଅନୁରୋଧ। ପଞ୍ଜୀକରଣ ସମୟରେ ଆଧାର କାର୍ଡ, ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ପାସ୍‌ପୋର୍ଟ ଫଟୋ ନିତାନ୍ତ ଆବଶ୍ୟକ। ସକାଳ ୮ରୁ ୯ ଘଣ୍ଟା ମଧ୍ୟରେ ସମସ୍ତ ପ୍ରାର୍ଥୀ ନିଯୁକ୍ତି ମେଳାରେ ପହଞ୍ଚିବା ଆବଶ୍ୟକ।**



DSPL - 561

ଆମ ଓଡ଼ିଶା ନବୀନ ଓଡ଼ିଶା



**Financial Incentive Disbursed to MSMEs of Odisha under different Industrial Promotion Policies of the State Government**

| Financial Year | Name of the Policy | Number of MSMEs benefited | Incentive Amount Disbursed |
|---|---|---|---|
| 2022-23 | Odisha MSME Development Policy | 98 | Rs. 19.93 Cr |
| | Odisha Food Processing Policy | 74 | Rs. 19.32 Cr |
| | Industrial Policy Resolution (IPR) | 272 | Rs. 9.09 Cr |
| | Total | 444 | Rs. 48.34 Cr |
| 2023-24 | Odisha MSME Development Policy | 51 | Rs. 16.16 Cr |
| | Odisha Food Processing Policy | 29 | Rs. 25.17 Cr |
| | Industrial Policy Resolution (IPR) | 249 | Rs. 9.51 Cr |
| | Total | 329 | Rs. 50.84 Cr |
| Since 2018-19 FY | Odisha MSME Development Policy | 374 | Rs. 71.3 Cr |
| | Odisha Food Processing Policy | 191 | Rs. 91.65 Cr |
| | Industrial Policy Resolution (IPR) | 1875 | Rs. 101.05 Cr |
| | Total | 2440 | Rs. 264 Cr |

- Application for incentives can be made in online AIM portal (https://odishamsme.nic.in)
- Incentive amount will be directly credited (Direct Benefit Transfer) in Bank Account of beneficiary MSMEs

OIPR-43001/13/0020/2324

# ମହିଳା ହକିରେ ନିରାଶା

## ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିପାରିଲାନି ଭାରତ

ଭୁବନେଶ୍ୱର, ୧୯।୧ (ତପନ ସ୍ୱାଇଁ)

ଭାରତୀୟ ମହିଳା ହକି ପାଇଁ ଶୁକ୍ରବାର ଆସିଛି ଏକ ଦୁଃଖଦ ଖବର। ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିପାରିନାହିଁ ଭାରତୀୟ ମହିଳା ହକି ଦଳ। ରାଞ୍ଚିରେ ଅନୁଷ୍ଠିତ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରେ ଜର୍ମାନୀଠାରୁ ସେମିଫାଇନାଲରେ ଶୁଟ୍‌ଆଉଟରେ ପରାଜିତ ହେବାପରେ ଭାରତ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ଜାପାନ ବିପକ୍ଷ ପ୍ଲେ-ଅଫ୍ ଜିତିବା ନିହାତି ଜରୁରୀ ଥିଲା। ମାତ୍ର ତାହା ସମ୍ଭବ ହୋଇନାହିଁ। ତୃତୀୟ ସ୍ଥାନ ପାଇଁ ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଭାରତ ୦-୧ ଗୋଲରେ ଜାପାନଠାରୁ ପରାସ୍ତ ହୋଇଛି। ଫଳରେ ଭାରତୀୟ ହକିପ୍ରେମୀଙ୍କ ମଧ୍ୟରେ ନିରାଶା ଖେଳି ଯାଇଛି। ମ୍ୟାଚର ୬ଷ୍ଠ ମିନିଟରେ ଜାପାନର ଉରାତା କାନା ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଅବଶିଷ୍ଟ ୫୪ ମିନିଟର ଖେଳରେ ଭାରତ ଗୋଲ ପରିଶୋଧ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ଏହି ଟୁର୍ନାମେଣ୍ଟରୁ ଜର୍ମାନୀ, ଆମେରିକା ଓ ଜାପାନ ଅଲିମ୍ପିକ୍ସ ଯୋଗ୍ୟତା ପାଇଛନ୍ତି। ଲିଗ୍ ପର୍ଯ୍ୟାୟରେ ଆମେରିକାଠାରୁ ହାରିବା ପରେ ଭାରତ ପରବର୍ତ୍ତୀ ୨ଟି ମ୍ୟାଚରେ ଯଥାକ୍ରମେ ନ୍ୟୁଜିଲାଣ୍ଡ ଓ ଇଟାଲୀକୁ ହରାଇ ପୁଲ୍ 'ବି'ରୁ ଦ୍ୱିତୀୟ ଶ୍ରେଣୀୟ ଦଳ ଭାବେ ସେମିଫାଇନାଲରେ ପହଞ୍ଚିଥିଲା। ମାତ୍ର ସେଠାରେ ଭାଗ୍ୟ ସାଥ୍ ନ ଦେବାରୁ ଶୁଟ୍ ଆଉଟ ପର୍ଯ୍ୟାୟରେ ଜର୍ମାନୀଠାରୁ ହାରି ଯାଇଥିଲା।


ଭାରତ ଓ ଜାପାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

### ମହିଳା ଦଳର ଅଲିମ୍ପିକ୍ସ ଇତିହାସ

ଭାରତୀୟ ମହିଳା ହକି ଦଳ ୧୯୮୦ରେ ମସ୍କୋରେ ଅନୁଷ୍ଠିତ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ୪ର୍ଥ ସ୍ଥାନ ଅଧିକାର କରିଥିଲା। ଏହାପରେ ୧୯୮୪, ୧୯୮୮, ୧୯୯୨, ୧୯୯୬, ୨୦୦୦, ୨୦୦୪, ୨୦୦୮ ଓ ୨୦୧୨ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲା। ଦୀର୍ଘ ୩୬ ବର୍ଷ ବ୍ୟବଧାନରେ ଭାରତୀୟ ଦଳ ୨୦୧୬ ରିଓ ଡି ଜେନିରୋ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ସେଠାରେ ଭାରତ ୧୨ଶ ସ୍ଥାନରେ ରହିଥିଲା। ଏହା ପର ଅଲିମ୍ପିକ୍ସ ଅର୍ଥାତ୍ ୨୦୨୦ ଜାପାନ ଅଲିମ୍ପିକ୍ସରେ ଭାରତ ପ୍ରଶଂସନୀୟ ପ୍ରଦର୍ଶନ କରି ୪ର୍ଥ ସ୍ଥାନ ଅଧିକାର କରିଥିଲା। ମାତ୍ର ଏଥର ଭାରତ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ ନ କରିପାରିବା ଅନେକ ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶକ କରିଛି। ମୁଖ୍ୟ କୋଚ୍ ଜାନେକ ସ୍କୁପମାନଙ୍କ ରଣନୀତି ମଧ୍ୟ ଚର୍ଚ୍ଚାକୁ ଆସିଛି।

# ଜର୍ମାନୀ ଚାମ୍ପିୟନ


ଫାଇନାଲରେ ଆମେରିକାକୁ ହରାଇବାପରେ ଉଲ୍ଲସିତ ଜର୍ମାନୀ ଖେଳାଳି।

ରାଞ୍ଚି, ୧୯।୧

ଏଫ୍‌ଆଇଏଚ୍ ମହିଳା ହକି ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରେ ଜର୍ମାନୀ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଏହି ଦଳ ଆମେରିକାକୁ ୨-୦ ଗୋଲରେ ପରାସ୍ତ କରିଛି। ପୂରା ଟୁର୍ନାମେଣ୍ଟରେ ଉତ୍ସାହୀ ପ୍ରଦର୍ଶନ କରି ଆସିଥିବା ଆମେରିକା ଟାଇଟଲ ମୁକାବିଲାରେ କିନ୍ତୁ ଜର୍ମାନୀ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ଫାଇଦାରେ ରହିଥିଲା ଜର୍ମାନୀ। ମ୍ୟାଚର ୩ୟ ମିନିଟରେ ଜେଟେ ଫ୍ଲେସ୍କୁଜ୍ ଏକ ଫିଲ୍ଡ ଗୋଲ ଦେଇ ଜର୍ମାନୀକୁ ଅଗ୍ରଣୀ କରିବା ସହ ଆମେରିକା ଉପରେ ଚାପ ସୃଷ୍ଟି କରିଥିଲେ। ପ୍ରଥମ କ୍ୱାର୍ଟରରେ ଅଗ୍ରଣୀ ରହିଥିବା ଜର୍ମାନୀ ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ପ୍ରାଧାନ୍ୟ ଅବ୍ୟାହତ ରଖିଥିଲା। ୨୦ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ପ୍ରଥମାର୍ଦ୍ଧ ବେଳକୁ ଜର୍ମାନୀର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପରିଣତ କରିଥିଲେ ସୋଞ୍ଜା ଜିମେରମାନ। ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ ଆମେରିକା ଗୋଲ ପରିଶୋଧ ପାଇଁ ବହୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ଫଳରେ ଆମେରିକାର ଟ୍ରଫି ଜିତିବା ସ୍ୱପ୍ନ ଅଧୁରା ରହିଥିଲା। ତେବେ ଏହି ଟୁର୍ନାମେଣ୍ଟରେ ପ୍ରଥମ ୩ ସ୍ଥାନରେ ରହି ଜର୍ମାନୀ, ଆମେରିକା ଓ ଜାପାନ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

# ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ସୁଶ୍ରୀ

ଭୁବନେଶ୍ୱର, ୧୯।୧ (ତପନ ସ୍ୱାଇଁ)

ଓଡ଼ିଶା ସିନିୟର ମହିଳା କ୍ରିକେଟ ଦଳର ତାରକା ଖେଳାଳି ସୁଶ୍ରୀ ଦିବ୍ୟଦର୍ଶିନୀ ନିଜ ଲକ୍ଷ୍ୟ ପଥରେ ଆଉ ଏକପାଦ ଆଗକୁ ବଢ଼ାଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୨୦୨୩-୨୪ ସିଜନ ପାଇଁ ହେବାକୁ ଯାଉଥିବା

## ସିନିୟର ମହିଳା ଆନ୍ତଃ ଜୋନ୍ ଦିନିକିଆ ଟ୍ରଫି

ସିନିୟର ମହିଳା ଆନ୍ତଃ ଜୋନ ଦିନିକିଆ ଟୁର୍ନାମେଣ୍ଟ ପାଇଁ ସୁଶ୍ରୀ ପୂର୍ବାଞ୍ଚଳରେ ସୁଯୋଗ ପାଇଛନ୍ତି। ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିପାରିଲେ ସୁଶ୍ରୀଙ୍କ ପାଇଁ ଜାତୀୟ ଦଳ ଲାଗି ସୁଯୋଗ ସୃଷ୍ଟି ହୋଇପାରିବ। ରାଞ୍ଚିଠାରେ ଗୁରୁବାର ପୂର୍ବାଞ୍ଚଳ ଚୟନ କମିଟି ବୈଠକ ବସି ମନୋନୟନ କରିଥିବା ଦଳରେ ଓଡ଼ିଶାର ସୁଶ୍ରୀ ସ୍ଥାନ ପାଇଛନ୍ତି। ସିନିୟର ମହିଳା ଆନ୍ତଃ ଜୋନ ଦିନିକିଆ ଟୁର୍ନାମେଣ୍ଟ ପାଇଁ ମନୋନୀତ ହୋଇଥିବାରୁ ସୁଶ୍ରୀଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପ୍ରଣବ ପ୍ରକାଶ ଦାସ ଓ ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି। ସୁଶ୍ରୀ ଜାଗୃତି କ୍ରିକେଟ ଏକାଡେମୀରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ।


କୋଚ୍ କ୍ଷୀରୋଦ ବେହେରାଙ୍କ ସହ ସୁଶ୍ରୀ ଦିବ୍ୟଦର୍ଶିନୀ।

# ଟେନିସ୍ ପ୍ରତିଭା ଦେବାଶିଷଙ୍କୁ ଆଉ ଏକ ସଫଳତା

ଭୁବନେଶ୍ୱର, ୧୯।୧ (ତପନ ସ୍ୱାଇଁ)

ରାଜ୍ୟର ପ୍ରତିଭାସମ୍ପନ୍ନ ଟେନିସ ଖେଳାଳି ଦେବାଶିଷ ସାହୁ କ୍ୟାରିୟରରେ ଆଉ ଏକ ବଡ଼ ସଫଳତା ପାଇଛନ୍ତି। କୋଲକାତାରେ ଅନୁଷ୍ଠିତ ଆଇଟିଏଫ୍ ଜୁନିୟର ୱାର୍ଲ୍ଡ ର୍‍ୟାଙ୍କିଙ୍ଗ୍ ଜେ୨୦୦ ଟୁର୍ନାମେଣ୍ଟର ୧୮ ବର୍ଷରୁ କମ୍ ବାଳକ ବର୍ଗ ଡବଲ୍ସରେ ସେ ଚାମ୍ପିୟନ ହୋଇଛନ୍ତି। କାଜାଖସ୍ତାନର ଇଲିୟାସ ମାରାତୁଲି ଏହି ସମ୍ମାନଜନକ ପ୍ରତିଯୋଗିତାରେ ଦେବାଶିଷଙ୍କ ପାର୍ଟନର ଥିଲେ। ଦେବାଶିଷ-ଇଲିୟାସ ଯୋଡ଼ି ସଂଘର୍ଷପୂର୍ଣ୍ଣ ଫାଇନାଲରେ ରୁଷିଆର ରୋମାନ କାର୍ଲାମୋଭ୍ ଓ ମାରାଟ ସାଲ୍‌ଭିଏଭ୍‌ଙ୍କୁ ୬-୪, ୪-୬, ୧୩-୧୧ରେ ପରାସ୍ତ କରିଥିଲେ। ଓଡ଼ିଶାର ପ୍ରଥମ ଖେଳାଳିଭାବେ ଜୁନିୟର ଡେଭିସ କପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ସାରିଥିବା ଦେବାଶିଷ ନିକଟରେ ସମ୍ମାନଜନକ ଏକଲବ୍ୟ ପୁରସ୍କାର ପାଇଥିଲେ। ଏହା ବ୍ୟତୀତ ସେ ଚଳିତ ମାସ ୨୭ରୁ ଆରମ୍ଭ ହେବାକୁ ଯାଉଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ମଧ୍ୟ ଖେଳିବା ପାଇଁ ଚୟନ ହୋଇଛନ୍ତି। ନିଜର ଏହି ସଫଳତା ପାଇଁ ଦେବାଶିଷ ନିଜ ସ୍କୁଲ କିଟ୍, ଓଡ଼ିଶା ଟେନିସ ଆସୋସିଏଶନ ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗକୁ ଶ୍ରେୟ ଦେଇଛନ୍ତି।


ଟ୍ରଫି ସହ ଦେବାଶିଷ ସାହୁ।

# ପ୍ରଥମ ଦିବସରେ ୧୪ ଉଇକେଟର ପତନ

ଭୁବନେଶ୍ୱର, ୧୯।୧ (ତପନ ସ୍ୱାଇଁ)

ଓଡ଼ିଶା ଓ ଜମ୍ମୁ-କଶ୍ମୀର ମଧ୍ୟରେ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଶୁକ୍ରବାର କଟକସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ପିଚ୍ ବୋଲରଙ୍କୁ ସୁହାଇଥିବାରୁ ୧୪ଟି ଉଇକେଟର ପତନ ଘଟିଛି। ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ି ଓଡ଼ିଶା ମାତ୍ର ୧୩୦ ରନକରି ଅଲ୍‌ଆଉଟ ହୋଇଥିବାବେଳେ ପ୍ରଥମ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଜମ୍ମୁ-କଶ୍ମୀର ୪୫ ରନରେ ୪ ଉଇକେଟ ହରାଇଛି। ଫଳରେ ୪ ଦିନ ବିଶିଷ୍ଟ ମ୍ୟାଚରୁ ଫଳାଫଳ ମିଳିବା ଏକପ୍ରକାର ନିଶ୍ଚିତ ହୋଇଛି।

## ରୋହିତଙ୍କୁ ୫ ଉଇକେଟ

ଟସ୍ ଜିତି ଜମ୍ମୁ-କଶ୍ମୀର ଅଧିନାୟକ ଶୁଭମ୍ ଖଜୁରିଆ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଓଡ଼ିଶାର ଆରମ୍ଭ ଭଲ ହୋଇଥିଲା। ଦୁଇ ଓପନର ଅଧିନାୟକ ଶାନ୍ତନୁ ମିଶ୍ର ଓ ଅନୁରାଗ ଷଡ଼ଙ୍ଗୀ ଧୈର୍ଯ୍ୟପୂର୍ଣ୍ଣ ୪୧ ରନ ସଂଗ୍ରହ କରି ଦଳ ପାଇଁ ଦୃଢ଼ ଭିତ୍ତି ସ୍ଥାପନ କରିଥିଲେ। ମାତ୍ର ଏହାପରେ ଜମ୍ମୁ-କଶ୍ମୀର ମିଡିୟମ ଫାଷ୍ଟ ବୋଲର ରୋହିତ ଶର୍ମା ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୨୪ତମ ଓଭରର ଦ୍ୱିତୀୟ ବଲ୍‌ରେ ଅନୁରାଗ (୧୧ ରନ)ଙ୍କୁ ଆଉଟ କରି ରୋହିତ ଓପନିଂ ଯୋଡ଼ି ଭାଙ୍ଗିଥିଲେ। ପରେ ସନ୍ଦୀପ ପଟ୍ଟନାୟକ ଖାତା ଖୋଲି ନ ପାରିବା ଏବଂ ପୂର୍ବ ମ୍ୟାଚରେ ୨୭୭ ରନର ଇନିଂସ ଖେଳିଥିବା ଇନ୍‌ଫର୍ମ ବ୍ୟାଟର ଶୁଭ୍ରାଂଶୁ ସେନାପତି ଏଠାରେ ମାତ୍ର ୪ ରନରେ ଆଉଟ ହେବା ଓଡ଼ିଶାକୁ ଶକ୍ତ ଧକ୍କା ପହଞ୍ଚାଇଥିଲା। ଭଲ ଆରମ୍ଭ ପାଇଥିବା ଶାନ୍ତନୁ ମଧ୍ୟ ଏକାଗ୍ରତା ହରାଇ ୧୦୩ ବଲ୍‌ରୁ ବ୍ୟକ୍ତିଗତ ୨୮ ରନ କରିଥିବାବେଳେ ରୋହିତଙ୍କ ତୃତୀୟ ଶିକାର ହୋଇଥିଲେ। ରାଜେଶ ଧୂପର ୭, କାର୍ତ୍ତିକ ବିଶ୍ୱାଳ ୪, ପ୍ରୟାସ ସିଂ ୪ ଓ ସୂର୍ଯ୍ୟକାନ୍ତ ପ୍ରଧାନ ଡକ୍ (୦)ରେ ଆଉଟ ହେବାରୁ ଓଡ଼ିଶା ଇନିଂସ ୩୫.୫ ଓଭର ବେଳକୁ ୬୭/୮ ହୋଇଯାଇଥିଲା।

## ରଣଜୀ ଟ୍ରଫି

**ଓଡ଼ିଶା:୧୩୦, ଜମ୍ମୁ-କଶ୍ମୀର: ୪୫/୪**

ଫଳରେ ଓଡ଼ିଶା ସ୍କୋର ୧୦୦ ଛୁଇଁବାନେଇ ଆଶଙ୍କା ପ୍ରକାଶ ପାଇଥିଲା। ମାତ୍ର ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ଅର୍ଦ୍ଧଶତକ ହାସଲ କରିବା ସହ ରାଜେଶ ମହାନ୍ତିଙ୍କ ସହ ୯ମ ଉଇକେଟ ଯୋଡ଼ିରେ ୬୨ ରନର ଭାଗୀଦାରି ଗଢ଼ିବାରୁ ଓଡ଼ିଶା ସ୍କୋର ତିନିଅଙ୍କ ଉପରକୁ ଉଠିଥିଲା। ରାଜେଶ ୧୧ ରନ କରିବାକୁ ସକ୍ଷମ ହୋଇଥିବାବେଳେ ପୋଦ୍ଦାର ୫୫ ରନରେ ଆଉଟ ହେବାରୁ ୪୭.୨ ଓଭରରେ ୧୩୦ ରନରେ ଓଡ଼ିଶା ଇନିଂସ ସମାପ୍ତ ହୋଇ ଯାଇଥିଲା। ଜମ୍ମୁ-କଶ୍ମୀର ପକ୍ଷରୁ କ୍ୟାରିୟର ଶ୍ରେଷ୍ଠ ବୋଲିଂ କରି ରୋହିତ ଶର୍ମା ୧୩ ଓଭରରେ ୫ଟି ମେଡେନ ନେଇ ମାତ୍ର ୧୨ ରନ ବିନିମୟରେ ପ୍ରଥମଥରପାଇଁ ୫ ଉଇକେଟ ସଫଳତା ପାଇଥିବାବେଳେ ଉମ୍ରାନ ମଲିକ ଓ ଉମ୍ରାନ ନାଜିର ମିର ୨ଟି ଲେଖାଏ ଉଇକେଟ ନେଇଥିଲେ। ପ୍ରୟାସ ସିଂ ରନ୍‌ଆଉଟ ହୋଇଥିଲେ।

ଓଡ଼ିଶା ପରି ଜମ୍ମୁ-କଶ୍ମୀରର ଆରମ୍ଭ ମଧ୍ୟ ଭଲ ହୋଇଥିଲା। ଦୁଇ ଓପନର ବିଭ୍ରାନ୍ତ ଶର୍ମା ଓ ଶୁଭମ୍ ଖଜୁରିଆ ଓପନିଂ ଯୋଡ଼ିରେ ୩୯ ରନ ସଂଗ୍ରହ କରିଥିଲେ। ମାତ୍ର ପରବର୍ତ୍ତୀ ୬ ରନ ମଧ୍ୟରେ ଦଳ ୪ଟି ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ବିଭ୍ରାନ୍ତ ୧୪, ଶୁଭମ୍ ୨୪, ଅଭିନବ ପୁରୀ ୧ ଓ ଅବଦୁଲ ସମଦ ୧ ରନକରି ଆଉଟ ହୋଇଛନ୍ତି। ଓଡ଼ିଶା ବୋଲରଙ୍କ ମଧ୍ୟରେ ସୁନୀଲ ରାଉଳ ୨ଟି ଏବଂ ରାଜେଶ ମହାନ୍ତି ଓ ସୂର୍ଯ୍ୟକାନ୍ତ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

### ସଂକ୍ଷିପ୍ତ ସ୍କୋର

ଓଡ଼ିଶା ପ୍ରଥମ ଇନିଂସ: ୧୩୦/ଅଲ୍‌ଆଉଟ (ଗୋବିନ୍ଦ ପୋଦ୍ଦାର-୫୫, ଶାନ୍ତନୁ ମିଶ୍ର-୨୮, ରୋହିତ ଶର୍ମା-୫/୧୨, ଉମ୍ରାନ ମଲିକ-୨/୩୪, ଉମ୍ରାନ ନାଜିର ମିର-୨/୨୭)। ଜମ୍ମୁ-କଶ୍ମୀର ପ୍ରଥମ ଇନିଂସ: ୪୫/୪ (ଶୁଭମ୍ ଖଜୁରିଆ-୨୪, ସୁନୀଲ ରାଉଳ-୨/୮, ରାଜେଶ ମହାନ୍ତି-୧/୧୮, ସୂର୍ଯ୍ୟକାନ୍ତ ପ୍ରଧାନ-୧/୧୮)।


ଗୋବିନ୍ଦ ପୋଦ୍ଦାର


ରୋହିତ ଶର୍ମା




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ